ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୯/୨୦୧୮ (୧୬ ପୃଷ୍ଠା) Sambalpur, Friday, November 9/ 2018 | ★★

୧୪ଶ ଭାଗ ୩୨୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ମହିଳା, ପୁରୁଷଙ୍କୁ ସଚେତନ କରିଛି 'ମିଟୁ': ଆୟେଶା

'ମିଟୁ' ଆନ୍ଦୋଳନ ମହିଳା ଓ ପୁରୁଷଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିବା ପ୍ରକାଶ କରିଛନ୍ତି ଅଭିନେତ୍ରୀ ଆୟେଶା ଟୋପ୍ରା ।

୦୨

୧୩ ଆର୍‌ବିଆଇ ଗଭର୍ନରଙ୍କଠାରୁ କେନ୍ଦ୍ର ଅର୍ଥ ମନ୍ତ୍ରୀ ବଡ଼

ରିଜର୍ଭ ବ୍ୟାଙ୍କ ଗଭର୍ନରଙ୍କଠାରୁ ଅର୍ଥମନ୍ତ୍ରୀ ବଡ଼। ତାଙ୍କର ମତକୁ ଗଭର୍ନର ସମ୍ମାନ ଦେଇ କାର୍ଯ୍ୟ କରିବାକୁ ହେବ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ କହିଛନ୍ତି।

ପୁଣି ଶ୍ରୀମନ୍ଦିର ଫଟୋ ଭାଇରାଲ

ପୁରୀ ଅଫିସ,୮।୧୧

ବାରମ୍ବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି ଶ୍ରୀମନ୍ଦିର ଭିତର ଫଟୋ। କେତେବେଳେ ଭକ୍ତ ସେଲ୍‌ଫି ଉଠାଇ ପୋଷ୍ଟ କରୁଛନ୍ତି ତ ଆଉ କେତେବେଳେ ପୋଲିସ କର୍ମଚାରୀ। ଗୁରୁବାର ପୁଣି ଏକ ଭାଇରାଲ ପଦାକୁ ଆସିଛି। କେତେଜଣ ଇସ୍କନ ଭକ୍ତ କୋଇଲି ବୈକୁଣ୍ଠ, କୀର୍ତ୍ତନ ଚକଡ଼ା, ରୋଷଘର ଆଦିର ଫଟୋକୁ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଛନ୍ତି। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ରହିଛି। ହେଲେ ହିତେଶ ସୋନାନୀ ନାମକ ଜଣେ ବ୍ୟକ୍ତିଙ୍କ ଫେସ୍‌ବୁକ ଆକାଉଣ୍ଟରେ ☞ପୃଷ୍ଠା–୪

ବିମୁଦ୍ରୀକରଣକୁ ପୂରିଲା ୨ ବର୍ଷ
ସଫଳତା କମ୍, ବିଫଳତା ବେଶି

୨୩

ଆଜିର ସମ୍ପାଦକୀୟ
ପୁନଃ ଆହ୍ୱାନ

ଆଜିର ମନ୍ତବ୍ୟ

"ବିମୁଦ୍ରୀକରଣ ହେଉଛି ସବୁଠାରୁ ବଡ଼ ବିଫଳ ଅର୍ଥନୈତିକ ଗବେଷଣା ।"
– ଅଜିତ ପାୱାର, ଏନ୍‌ସିପି ନେତା

କିଛି ତଥ୍ୟ

ଚଳିତ ବର୍ଷ ଅକ୍ଟୋବର ୩୧ ସୁଦ୍ଧା ରପ୍ତାନିକାରୀଙ୍କ ୮୨,୭୭୫ କୋଟି ଟଙ୍କାର ଜିଏସ୍‌ଟି ରିଫଣ୍ଡ ପ୍ରଦାନ କରାଯାଇଛି।
– ଅର୍ଥ ମନ୍ତ୍ରଣାଳୟ

NECC NATIONAL EGG CO-ORDINATION COMMITTEE
08.11.2018
Venco66 CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	61	107	117
CTC	61	107	117
DKL	62	109	119
BDK	60	106	116
BLS	60	106	116
ANG	64	111	121

Eggs Retail Price- 50/-Dozen
Issued in the Interest of Consumers
*Conditions Apply

ଭାରତୀୟ ଦଳରେ ବୀରେନ୍ଦ୍ର, ଅମିତ

ବୀରେନ୍ଦ୍ର ଲାକ୍ରା

ଅମିତ ରୋହିଦାସ

ଭୁବନେଶ୍ୱର, ୮।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ହକି ପାଇଁ ବଡ଼ ଖବର। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ହକି ବିଶ୍ୱକପ ପାଇଁ ଗୁରୁବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ବୀରେନ୍ଦ୍ରଙ୍କ ପାଇଁ ଏହା ଦ୍ୱିତୀୟ ବିଶ୍ୱକପ ହେବାକୁ ଯାଉଥିବାବେଳେ ଅମିତଙ୍କ ପାଇଁ ପ୍ରଥମ ଅନୁଭୂତି ସାଉଁଟିବାର ସମୟ ଆସିଯାଇଛି। ହକି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଥିବା ୧୮ ଜଣିଆ ଦଳର ଅଧିନାୟକ ଦାୟିତ୍ୱ ମିଡ୍‌ଫିଲ୍ଡର ମନପ୍ରୀତ ସିଂଙ୍କ ଉପରେ ନ୍ୟସ୍ତ କରାଯାଇଛି। ଚିଙ୍ଗଲେନସାନା ସିଂ କାଙ୍ଗୁଜାମ୍ ଉପଅଧିନାୟକ ମନୋନୀତ ହୋଇଛନ୍ତି। ବୀରେନ୍ଦ୍ର ଓ ଅମିତ ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ଓଡ଼ିଶା ହକି ମହଲରେ ସ୍ୱାଭାବିକ ଭାବେ ଆନନ୍ଦର ଲହରି ଖେଳିଯାଇଛି। ପ୍ରକାଶ ଯୋଗ୍ୟ ଯେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଏବଂ ବିଶ୍ୱକପ କ୍ୟାମ୍ପ ପାଇଁ ଘୋଷିତ ୨୫ ଜଣିଆ କୋର୍ ଗ୍ରୁପ ଖେଳାଳି ତାଲିକାରେ ଜଣେ ହେଲେ ଓଡ଼ିଆ ଖେଳାଳିଙ୍କୁ ସାମିଲ କରାଯାଇ ନ ଥିଲା।

ହକି ବିଶ୍ୱକପ୍

ବୀରେନ୍ଦ୍ର ଆହତ ଥିବା ଦର୍ଶା ଯାଇଥିବାବେଳେ ଅମିତଙ୍କୁ ଅଣଦେଖା କରାଯାଇଥିଲା। ଏହାକୁ ନେଇ ଧରିତ୍ରୀ ସମେତ ଓଡ଼ିଶାର ଅନେକ ଗଣମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ଅମିତ କ୍ୟାମ୍ପରେ ଟ୍ରେନିଂ ନେଉଛନ୍ତି ବୋଲି କହି ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ସମସ୍ତଙ୍କୁ ବିସ୍ମିତ କରିଥିଲେ। ମାତ୍ର ଏସିଆନ ଚାମ୍ପିୟନ୍ସ ଟ୍ରଫି ଦଳରେ ତାଙ୍କୁ ସାମିଲ କରାଯାଇ ନ ଥିଲା। କେବଳ କୋର୍ ଗ୍ରୁପ ଖେଳାଳି ହିଁ ଚୂଡ଼ାନ୍ତ ଦଳରେ ☞ପୃଷ୍ଠା–୪

■ ଦାନ୍ତେୱାଡ଼ାରେ ଲାଲ ଆତଙ୍କ
ବିସ୍ଫୋରଣରେ ୫ ନିହତ

ରାୟପୁର/ମାଲକାନଗିରି, ୮।୧୧(ପି.ଟି./ଡି.ଏନ୍.ଏ.)

ଛତିଶଗଡ଼ର ଦାନ୍ତେୱାଡ଼ା ଜିଲ୍ଲାରେ ପୁଣିଥରେ ରକ୍ତର ହୋଲି ଖେଳିଛନ୍ତି ମାଓବାଦୀ। ସେମାନଙ୍କ ଆକ୍ରମଣରେ ଜଣେ ସିଆଇଏସ୍‌ଏଫ୍ ଯବାନ ଶହୀଦ ହୋଇଥିବାବେଳେ ୪ ସାଧାରଣ ନାଗରିକ ନିହତ ହୋଇଛନ୍ତି। ବିଧାନସଭା ନିର୍ବାଚନକୁ ୪ ଦିନ ବାକି ଥିବାବେଳେ ମାଓବାଦୀମାନେ ଲାଲ ଆତଙ୍କ ଖେଳାଇ ସୁରକ୍ଷା ବଳକୁ ପୁଣି ଚ୍ୟାଲେଞ୍ଜ କରିଛନ୍ତି। ୧୫ ଦିନ ମଧ୍ୟରେ ରାଜ୍ୟରେ ଏହା ହେଉଛି ତୃତୀୟ ମାଓବାଦୀ ଆକ୍ରମଣ। ଛତିଶଗଡ଼ର ମାଓବାଦୀ ପ୍ରଭାବିତ ୧୮ ବିଧାନସଭା ନିର୍ବାଚନମଣ୍ଡଳୀରେ ସୋମବାର ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାନ୍ତେୱାଡ଼ାରୁ ୧୦୦ କି.ମି. ଦୂର ଜଗଦଲପୁର ଜିଲ୍ଲାକୁ ଶୁକ୍ରବାର ଭାଜପା ପାଇଁ ନିର୍ବାଚନ ପ୍ରଚାରରେ ଯିବେ। ସେହିପରି କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ମଧ୍ୟ ବସ୍ତର ଅଞ୍ଚଳକୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ଆସୁଛନ୍ତି। ଏହାର ଅବ୍ୟବହିତ ପୂର୍ବରୁ ମାଓବାଦୀମାନେ ଏ ସମ୍ପର୍କରେ ରେଞ୍ଜର ଗଜେନ୍ଦ୍ର ବେହେରା ପ୍ରମୁଖ ପହଞ୍ଚି ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବାକୁ ସମ୍ପର୍କୀୟ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

ମାଓବାଦୀଙ୍କ ଆକ୍ରମଣରେ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ବସ୍।

୧୫ ଦିନରେ ତୃତୀୟ ଆକ୍ରମଣ

- ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଟାର୍ଗେଟ
- ଆଇଇଡି ବିସ୍ଫୋରଣରେ ଉଡିଗଲା ବସ୍
- ସିଆଇଏସ୍‌ଏଫ୍ ଯବାନ ଶହୀଦ
- ଅନ୍ୟ ୪ ଜଣଙ୍କ ମୃତ୍ୟୁ

ଏ ସମ୍ପର୍କରେ ରେଞ୍ଜର ଗଜେନ୍ଦ୍ର ବେହେରା କହିଛନ୍ତି, ଯଶୋଦା ପାଖକୁ ଯିବା ପାଇଁ ଲୋକମାନଙ୍କୁ ପୂର୍ବରୁ ବାରଣ କରାଯାଇଥିଲା। ଆଇଆଇସି ବିଜୟ କୁମାର ହାଇବ୍ରୋ, ରେଞ୍ଜର ଗଜେନ୍ଦ୍ର ବେହେରା ପ୍ରମୁଖ ଅଧିକାରୀ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ରାଜଧାନୀ ରାୟପୁରରୁ ୪୫୦ କି.ମି. ଦୂରରେ ଆଇଇଡି ବିସ୍ଫୋରଣ କରି ୫ ଜଣଙ୍କ ଜୀବନ ନେଇଛନ୍ତି। ମିଳିଥିବା ସୂଚନାନୁସାରେ, ☞ପୃଷ୍ଠା–୪

■ ଅଧାବାଟରେ ଉଡାନ୍
ବେଫିକର ଏୟାର ଓଡ଼ିଶା

ଝାରସୁଗୁଡ଼ା ଅଫିସ,୮।୧୧

କେନ୍ଦ୍ର ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା ଉଡାନ୍ ଓଡ଼ିଶାରେ ଫେଲ୍ ମାରିଛି। ଓଡ଼ିଶାରେ ପ୍ରଥମ କରି ଆରମ୍ଭ ହୋଇଥିବା କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ ବିମାନ କମ୍ପାନୀ ଏୟାର ଓଡ଼ିଶା ବିଫଳ କରିଛି। ଅକ୍ଟୋବର ୬ରୁ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଆଉ ବିମାନ ଉଡ଼ିନାହିଁ। ବିମାନ ଚଳାଚଳ ପାଇଁ ବାରମ୍ବାର ତାରିଖ ସ୍ଥିର ହେଉଥିଲେ ମଧ୍ୟ ନିର୍ଦ୍ଧାରିତ ଦିନରେ ବିମାନ ଆସୁନାହିଁ। ବୁଧବାର ବିମାନ ଚାଲିବା ପାଇଁ ଏୟାର ଓଡ଼ିଶା ସୂଚନା ଦେଇଥିଲେ ମଧ୍ୟ ବୁଧବାର ଏବଂ ଗୁରୁବାର ବିମାନ ଆସିନାହିଁ। ଫଳରେ ନିରାଶ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଉଦ୍‌ଘାଟନ ପରେ ଭୁବନେଶ୍ୱର–ଝାରସୁଗୁଡ଼ା ଏବଂ ଝାରସୁଗୁଡ଼ା–ରାୟପୁର ରୁଟ୍‌ରେ ମାତ୍ର ୫/୬ ଦିନ ବିମାନ ଚଳାଚଳ କରିଛି। ଏହାପରେ ୩୪ ଦିନ ହେଲା ବିମାନସେବା ବନ୍ଦ ରହିଛି। ବୈଷୟିକ ସମସ୍ୟା ରହିଥିବା ଦର୍ଶାଇ ଏୟାର ଓଡ଼ିଶା ବିମାନ ଚଳାଚଳ ବନ୍ଦ ରଖିଛି। ଅକ୍ଟୋବର ୬ ତାରିଖରୁ ବନ୍ଦ ପଡ଼ିଥିବା ଉଡାନ୍ ସେବା ଅକ୍ଟୋବର ୨୯ ତାରିଖରୁ ଆରମ୍ଭ ହେବ ବୋଲି ଏୟାର ଓଡ଼ିଶା ସୂଚନା ଦେଇଥିଲା। ପରେ ଏହା ନଭେମ୍ବର ୩ ତାରିଖ ଏବଂ ପରେ ୬ ତାରିଖରୁ ବିମାନ ଚାଲିବ ବୋଲି ସୂଚନା ମିଳିଥିଲା। ହେଲେ ନଭେମ୍ବର ୬ରେ ବିମାନ ଆସିବା ଆଶା ମଉଳିଯାଇଥିଲା। ଅନ୍ୟପକ୍ଷରେ ଝାରସୁଗୁଡ଼ାରୁ ଆଉ ବିମାନ ଉଡ଼ିବ କି ନାହିଁ ସେ ବାବଦରେ କେହି ବି କହିପାରୁନାହାନ୍ତି। କାରଣ ବିମାନ ସେବା ଆରମ୍ଭ ନେଇ ଏୟାର ଓଡ଼ିଶା କର୍ତ୍ତୃପକ୍ଷ ଝାରସୁଗୁଡ଼ା ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ କୌଣସି ସୂଚନା ଦେଉନାହାନ୍ତି। କେବଳ ବୈଷୟିକ ସମସ୍ୟା ରହିଥିବା ଦର୍ଶାଇ ବିମାନ ସେବା ବନ୍ଦ ରଖିଛନ୍ତି। ବିମାନସେବା ବନ୍ଦ ପରେ ବିଭିନ୍ନ ରାଜନୈତିକ ଦଳ ଏବଂ ସାମାଜିକ ସଙ୍ଗଠନ ପକ୍ଷରୁ ☞ପୃଷ୍ଠା–୪

ଯୁବକଙ୍କୁ ଦଳିଦେଲା ଯଶୋଦା

ବନ୍ତଳା, ୮।୧୧(ଡି.ଏନ.ଏ.)

ଅନୁଗୋଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟରେ ବାଘୁଣୀ 'ସୁନ୍ଦରୀ'କୁ ଟ୍ରାଙ୍କୁଲାଇଜ କରିବା ପାଇଁ ଚନ୍ଦକାରୁ ଆସିଥିବା କୁମକୀ ହାତୀ ଯଶୋଦା ଆକ୍ରମଣରେ ଗୁରୁବାର ପୁରୁଣାକୋଟ ଗ୍ରାମର ସୁନ୍ଦର ପ୍ରଧାନ (୪୫)ଙ୍କ ମୃତ୍ୟୁ ହୋଇଛି।

ଘଟଣାରୁ ପ୍ରକାଶ, ପୁରୁଣାକୋଟ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖ ନନ୍ଦିନୀ ନାଳ ନିକଟରେ ମାହୁନ୍ତ ଯଶୋଦାକୁ ନେଇ ବାଉଁଶ ଖାଇବା ପାଇଁ ବାନ୍ଧି ଆସିଥିଲେ। ସୁନ୍ଦର ସେହି ନାଳରୁ ମାଛ ମାରିବା ପାଇଁ ଯାଇଥିବା ବେଳେ ଏକ କଦଳି ଗଛ ହାତୀକୁ ଖୁଆଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ହାତୀ ଶୁଣ୍ଡରେ ତାଙ୍କୁ କଚାଡି ଦେବାସହ ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ

ରାଜସ୍ଥାନରେ ଭାଜପା ହାରିବ

■ ଏମ୍‌ପି, ଛତିଶଗଡ଼ରେ କଡ଼ା ଟକ୍କର

ନୂଆଦିଲ୍ଲୀ,୮।୧୧

୫ ରାଜ୍ୟରେ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ସମୀକରଣ ସେତିକି ବଦଳିବାରେ ଲାଗିଛି। ଭାଜପା ଶାସିତ ୩ ରାଜ୍ୟରେ ଏହି ଦଳର ସ୍ଥିତି ଟଳମଳ ଅବସ୍ଥାରେ। ରାଜସ୍ଥାନରେ ଭାଜପା ହରିବ। ମଧ୍ୟପ୍ରଦେଶ (ଏମ୍‌ପି) ଏବଂ ଛତିଶଗଡ଼ରେ ଗୈରିକ ଦଳକୁ କଡ଼ା ଟକ୍କର ଦେବ କଂଗ୍ରେସ। ଇଣ୍ଡିଆ ଟୁଡେର ପଲିଟିକାଲ୍ ଷ୍ଟକ୍ ଏକ୍ସଚେଞ୍ଜ (ପିଏସ୍‌ଇ) ପକ୍ଷରୁ କରାଯାଇଥିବା ସଦ୍ୟ ସର୍ଭେରେ ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଗୈରିକ ଦଳର ଶିବିରରେ ନୈରାଶ୍ୟ ଖେଳିଯାଇଛି। ଏହାସତ୍ତ୍ୱେ ଭାଜପା ୩ ରାଜ୍ୟକୁ ପୁନଃ ଦଖଲ କରିବ ବୋଲି ଦୃଢ଼ୋକ୍ତି ବାଢ଼ିଛି।

ପିଏସ୍‌ଇ ପକ୍ଷରୁ ଗୁରୁବାର ପ୍ରକାଶିତ ସର୍ଭେ ରିପୋର୍ଟ ଅନୁସାରେ ମଧ୍ୟପ୍ରଦେଶରେ ଭାଜପା ପୁନଃ କ୍ଷମତାସୀନ ହେବାର ୫୨% ସମ୍ଭାବନା ରହିଛି। ଏହି ରାଜ୍ୟରେ ଭାଜପାର ୧% ଓ ବିରୋଧୀ କଂଗ୍ରେସର ୩% ଭୋଟ ହାର ବଢ଼ିବ। ସହରାଞ୍ଚଳରେ ଭାଜପାକୁ ବଡ଼ ସଫଳତା ମିଳିବ। କିନ୍ତୁ ଗ୍ରାମାଞ୍ଚଳ ଭୋଟର ଗୈରିକ ଦଳକୁ ପ୍ରତ୍ୟାଖ୍ୟାନ କରିବେ। ଏଥର କଂଗ୍ରେସ–ବିଏସ୍‌ପି ମେଣ୍ଟକୁ କିଛିମାତ୍ରାରେ ସଫଳତା ମିଳିପାରେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଥିଲେ ଦଳ ଆଡ଼କୁ ଅଧିକ ଯୁବ ଭୋଟର ଆକର୍ଷିତ ହୋଇଥାଆନ୍ତେ। ୪୨% ଉତ୍ତରଦାତା ଶିବରାଜ ସିଂ ଚୌହାନଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଚାହୁଁଥିବାବେଳେ ୪୦% ସରକାର ବଦଳାଇବା ସପକ୍ଷରେ ଅଛନ୍ତି। ଏମ୍‌ପି ବିଧାନସଭା ନିର୍ବାଚନରେ ବେକାରି, କୃଷି ସମସ୍ୟା, ଦରଦାମ ବୃଦ୍ଧି, ପାନୀୟ ଜଳ ଆଦି ମୁଖ୍ୟ ପ୍ରସଙ୍ଗ ବୋଲି ୨୯ ସଂସଦୀୟ ଆସନର ୧୧,୭୧୨ ମତଦାତା ଟେଲିଫୋନ୍ ସାକ୍ଷାତ୍‌କାରରେ କହିଛନ୍ତି।

ପଡ଼ୋଶୀ ଛତିଶଗଡ଼ କଥା ଦେଖିଲେ ଏଠାରେ ମୁଖ୍ୟମନ୍ତ୍ରୀ ରମଣ ସିଂ ପୁଣି କ୍ଷମତା ଦଖଲ କରିବା ସମ୍ଭାବନା ୫୫%। ଅଜିତ୍ ଯୋଗୀଙ୍କ ଜନତା କଂଗ୍ରେସ ଛତିଶଗଡ଼ ଏବଂ ବିଏସ୍‌ପି ମେଣ୍ଟ ନିର୍ବାଚନରେ ଭାଜପା ପାଇଁ ସହାୟକ ହେଉଥିବା ଭଳି ମନେହେଉଛି। କାରଣ ଏହି ମେଣ୍ଟ ୭% ଭୋଟ ପାଇବ। ☞ପୃଷ୍ଠା–୪

ଇଣ୍ଡିଆ ଟୁଡେ-ପିଏସ୍‌ଇ ସର୍ଭେ

ଅଶୋକ ଗେହଲଟ

- ତେଲେଙ୍ଗାନାରେ ପୁଣି ଜିତିବେ କେସିଆର୍
- ରାଜସ୍ଥାନରେ ଅଶୋକ ଗେହଲଟ୍ ପ୍ରଥମ ପସନ୍ଦ
- ଶିବରାଜଙ୍କୁ ଚାହାନ୍ତି ୪୨% ମଧ୍ୟପ୍ରଦେଶ ଭୋଟର
- ରମଣ ସିଂଙ୍କ ପୁନଃ କ୍ଷମତା ଦଖଲ ସମ୍ଭାବନା ୫୫%

କେ.ଚନ୍ଦ୍ରଶେଖର ରାଓ

ସଂକ୍ଷେପରେ

କାଲିଫର୍ନିଆରେ ଗୁଳିକାଣ୍ଡ: ୧୨ ନିହତ

ଥାଉଜେଣ୍ଡ ଓକ୍ସ,୮।୧୧(ପି.ଟି.)- ଆମେରିକାର କାଲିଫର୍ନିଆରେ ଏକ ମ୍ୟୁଜିକ୍ ବାର୍‌ରେ ଘଟିଛି ନରସଂହାର। ବୁଧବାର ବିଳମ୍ବିତ ରାତିରେ କଲେଜ ଛାତ୍ରୀଛାତ୍ର ଜମାଥିବା ଏହି ବାର୍‌କୁ ଜଣେ ବନ୍ଧୁକଧାରୀ ପ୍ରବେଶ କରି ଆଖିବୁଜା ଗୁଳିମାଡ଼ କରିଛନ୍ତି। ଏଥିରେ ୧୨ ଜଣ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ପୋଲିସ ଅଫିସର ଅଛନ୍ତି। ଲସ୍ ଏଞ୍ଜେଲସ୍ ଉପକଣ୍ଠରେ ଥିବା ବର୍ଡରଲାଇନ୍ ବାର୍‌ରେ ଆକ୍ରମଣକାରୀଙ୍କ ମୃତଦେହ ମଧ୍ୟ ମିଳିଛି। ତେବେ ପୋଲିସ ଗୁଳିମାଡ଼ରେ ସେ ପ୍ରାଣ ହରାଇଛନ୍ତି କିମ୍ବା ନିଜେ ଗୁଳିକରି ଆତ୍ମହତ୍ୟା କରିଛନ୍ତି, ତାହା ଜଣାପଡ଼ିନାହିଁ। ଏହି ଗୁଳିକାଣ୍ଡରେ ୧୦ରୁ ଉର୍ଦ୍ଧ୍ୱ ମଧ୍ୟ ଆହତ ହୋଇଛନ୍ତି ବୋଲି ଗୁରୁବାର ପୋଲିସ ସୂଚନା ଦେଇଛି। ଏହି ଆକ୍ରମଣର ଉଦ୍ଦେଶ୍ୟ କ'ଣ ଏବଂ ଗୁଳିମାଡ଼କାରୀ କିଏ, ସେ ସମ୍ପର୍କରେ ସ୍ପଷ୍ଟ ହୋଇନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ବୁଧବାର ରାତି ପ୍ରାୟ ୧୧ଟା ୨୦ରେ ବନ୍ଧୁକଧାରୀ ଉକ୍ତ ବାର୍‌କୁ ପ୍ରବେଶ କରି ଗୁଳି ଚଳାଇଥିଲେ।

ଆଡଭାନୀଙ୍କୁ ୯୧

ନୂଆଦିଲ୍ଲୀ,୮।୧୧(ପି.ଟି.)- ବର୍ଷୀୟାନ ଭାଜପା ନେତା ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ ଗୁରୁବାର ୯୧ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଉପଲକ୍ଷେ ତାଙ୍କ ଜନ୍ମଦିନ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ ଅଭିନନ୍ଦନ ଜଣାଇଛନ୍ତି। ଆଡଭାନୀ କେବଳ ଭାରତର ରାଜନୀତିକୁ ପ୍ରଭାବିତ କରିଛନ୍ତି ତାହା ନୁହେଁ, ବରଂ ନିଃସ୍ୱାର୍ଥପର ଭାବେ ଭାଜପାକୁ ସଙ୍ଗଠିତ କରିଛନ୍ତି ବୋଲି ମୋଦି ଟୁଇଟ୍ କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଆଡଭାନୀଙ୍କୁ ଜଣେ ମହାନ୍ ରାଜନେତା ଭାବେ ଅଭିହିତ କରି ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି।

ଜିମ୍ବାୱେରେ ବସ୍ ଦୁର୍ଘଟଣା: ୪୭ ମୃତ

ହାରାରେ,୮।୧୧(ପି.ଟି.)- ଜିମ୍ବାୱେ ରାଜଧାନୀ ହାରାରେ ଏବଂ ପୂର୍ବାଞ୍ଚଳ ସହ ଗୁସାପେ ମଧ୍ୟରେ ଏକ ଜାତୀୟ ରାଜପଥରେ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଦୁଇଟି ବସ୍ ଧକ୍କା ହେବା ଫଳରେ ୪୭ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଦେଶର ସରକାରୀ କଳ ଦ୍ୱାରା ପରିଚାଳିତ ଖବରକାଗଜ 'ହେରାଲ୍ଡ' ରିପୋର୍ଟ ଅନୁଯାୟୀ ଦୁର୍ଘଟଣାସ୍ଥଳର ଚିତ୍ର ଅତି ଭୟଙ୍କର ଥିଲା। ପ୍ରକାଶ ଯେ, ଜିମ୍ବାୱେରେ ଟ୍ରାଫିକ୍ ସମସ୍ୟା ଯୋଗୁ ଦୁର୍ଘଟଣା ଘଟିବା ନିତିଦିନିଆ କଥା। ବର୍ଷ ବର୍ଷ ଧରି ମରାମତି ହେଉ ନ ଥିବାରୁ ରାସ୍ତା ସାରା ଖାଲ ସୃଷ୍ଟି ହୋଇଛି। ତେଣୁ ଅଧିକ ସଂଖ୍ୟାରେ ଦୁର୍ଘଟଣା ଘଟୁଛି।

ଭାରତ ଉପରେ ଡ୍ରାଗନ୍ ଆଖି

ଲୁଟିନେବ ପ୍ରତିରକ୍ଷା ତଥ୍ୟ

ନୂଆଦିଲ୍ଲୀ,୮।୧୧

ୟୁନିଟ୍ ୬୧୩୯୮ର ସାଇବର ଆକ୍ରମଣ ଷଡ଼ଯନ୍ତ୍ର

ଭାରତର ପ୍ରତିରକ୍ଷା ତଥ୍ୟ ଉପରେ ଆଖି ପକାଇଛି ଡ୍ରାଗନ୍। ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ) ପାଇଁ ସାଇବର୍ ତଥ୍ୟ ଚୋରି କରୁଥିବା ସେନାର ୟୁନିଟ୍ ୬୧୩୯୮ ସାଇବର ଆକ୍ରମଣ କରି ଭାରତୀୟ ସେନାର ବହୁ ଗୋପନୀୟ ତଥ୍ୟ ହାତେଇବାକୁ ଷଡ଼ଯନ୍ତ୍ର ରଚିଛି। ଏହି ବିଷୟ ଜଣାପଡ଼ିବା ପରେ ଭାରତର ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ ଆଲର୍ଟ ଜାରି କରାଯାଇଛି।

ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ ମିଳିଥିବା ସୂଚନାନୁସାରେ ଚାଇନାର କୁଖ୍ୟାତ୍ ସାମରିକ ୟୁନିଟ ୬୧୩୯୮ ଭାରତୀୟ ପ୍ରତିରକ୍ଷା ଘାଟିଗୁଡ଼ିକ ଉପରେ କଡ଼ା ନଜର ରଖିଛି। ୬୧୩୯୮ରେ କାର୍ଯ୍ୟରତ ସାଇବର ହ୍ୟାକର୍‌ମାନେ ସାଇବର୍ ଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସେମାନେ ଭୂଅବସ୍ଥିତ ଗୋଇନ୍ଦା ତଥ୍ୟ ସଂଗ୍ରହ, ସାଇବର ସ୍ପେସ୍‌ରୁ ସୂଚନା ଉତ୍ସ ଟ୍ରାକିଂ ବା ଠାବ କରିବା, ଇଣ୍ଟରସେପ୍ସନ (ମଝିରେ ପ୍ରତିରୋଧ କରି ଛଡ଼ାଇନେବା) ଏବଂ ବିଶ୍ୱବ୍ୟାପୀ ଡିଜିଟାଲ ଯୋଗାଯୋଗକୁ ଆୟତ୍ତ କରି ତାକୁ ବୁଝିବା ଭଳି କାମରେ ସେମାନେ ବ୍ୟସ୍ତ ଅଛନ୍ତି। ୟୁନିଟ୍ ୬୧୩୯୮ର ମୁଖ୍ୟାଳୟ ସାଂଘାଇରେ ଅବସ୍ଥିତ। ଏହାର ହ୍ୟାକରମାନେ ଚାଇନା ଗୋଇନ୍ଦା ଅଧିକାରୀଙ୍କ ସହାୟତାରେ ଗୁପ୍ତଚରଗିରି କରୁଥିବା କୁହାଯାଉଛି। ସେମାନେ ବିଦେଶୀ ଶିଳ୍ପ ଓ ସରକାରୀ ସଂସ୍ଥାଗୁଡ଼ିକର ତଥ୍ୟ ଚୋରି କରିବା ପାଇଁ ଏପିଟି ସିଷ୍ଟମ୍‌କୁ ବ୍ୟବହାର କରିଥାନ୍ତି। ୟୁନିଟ୍ ୬୧୩୯୮ ତଥ୍ୟ ଲୁଟ୍ ପାଇଁ ଆଇସ୍ ବ୍ୟାଗ୍, ହିଡେନ୍ ଲିଙ୍କ୍ସ ଏବଂ ଏପିଟି ଭଳି କେତେକ ମାଲୱେର୍ ବ୍ୟବହାର କରୁଛି। ଏଭଳି ମାଲୱେର୍ ଜରିଆରେ ସେମାନେ ଭାରତୀୟ ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ଲୁଟ୍ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି। ଏହା ଆମ ପାଇଁ ଚିନ୍ତାର ବିଷୟ ବୋଲି ପରିଚୟ ଗୋପନ ରଖିବା ସର୍ତ୍ତରେ ଜଣେ ଭାରତୀୟ ଗୋଇନ୍ଦା ଅଧିକାରୀ ଏକ ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ପିଏଲ୍ଏର ଜେନେରାଲ୍ ଷ୍ଟାଫ୍ ଡିପାର୍ଟମେଣ୍ଟକୁ ୟୁନିଟ୍ ୬୧୩୯୮ ନାମରେ ନାମିତ କରାଯାଇଛି। ଏହା ପିଏଲ୍ଏର ପ୍ରତିରକ୍ଷା ସହାୟକ ବଳ। ତେଣୁ ଏହାକୁ ପିଏଲ୍ଏସ୍ଏସ୍ଏଫ୍ କୁହାଯାଏ। ଏଠାରେ ଚାଇନାର ଜାତୀୟ ପ୍ରତିରକ୍ଷା ନାମରେ ସ୍ୱତନ୍ତ୍ର ଫାଇବର ଅପ୍ଟିକ୍ କମ୍ୟୁନିକେଶନ୍ ଭିତ୍ତିଭୂମି ମଧ୍ୟ ରହିଛି। ଏସବୁକୁ ବ୍ୟବହାର କରି ଚାଇନା ପୂର୍ବରୁ ମଧ୍ୟ ଆମେରିକାର କେତେକ ସମ୍ବେଦନଶୀଳ ତଥ୍ୟ ଚୋରି କରିବାରେ ସକ୍ଷମ ହୋଇଥିଲା। ଏବେ ଭାରତୀୟ ପ୍ରତିରକ୍ଷା ବ୍ୟବସ୍ଥା ଉପରେ ଏହି ୟୁନିଟ୍‌ର ନଜର ଥିବାରୁ ଦେଶରେ ସାଇବର ନିରାପତ୍ତାକୁ କଡ଼ାକଡ଼ି କରାଯାଇଛି।

ସିବିଆଇରେ ଅନ୍ତର୍କନ୍ଦଳ

ସିଭିସିଙ୍କ ନିକଟରେ ହାଜର ବର୍ମା

ନୂଆଦିଲ୍ଲୀ, ୮।୧୧(ପି.ଟି.)

ଅସ୍ଥାନା ଆଣିଥିବା ଅଭିଯୋଗ ମିଥ୍ୟା ବୋଲି କହିଲେ ସିବିଆଇ ମୁଖ୍ୟ

ଦୁଇ ମୁଖିଆଙ୍କ ମଧ୍ୟରେ ଅହମିକାର ଲଢ଼େଇ ଯୋଗୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଭିତରି କଥା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଏତିକିବେଳେ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନା ପରସ୍ପର ବିରୋଧରେ ଆଣିଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ କରିଦେଇଛି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)। ଗୁରୁବାର କମିଶନର କେ.ଭି. ଚୌଦ୍‌ରୀଙ୍କ ଆଗରେ ହାଜର ହୋଇ ସଫେଇ ଦେଇଛନ୍ତି ବର୍ମା। ଅପରାହ୍ନରେ ସିଭିସି କାର୍ଯ୍ୟାଳୟରେ ପହଞ୍ଚି ଚୌଦ୍‌ରୀ ଏବଂ ଭିଜିଲାନ୍ସ କମିଶନର ଶରଦ କୁମାରଙ୍କ ନିକଟରେ ହାଜର ହେବା ପରେ ବର୍ମାଙ୍କୁ ୨ ଘଣ୍ଟା ପଚରାଉଚରା କରାଯାଇଥିଲା। କିନ୍ତୁ ତାଙ୍କ ବିରୋଧରେ ଅସ୍ଥାନା ଆଣିଥିବା ଲାଞ୍ଚ ଅଭିଯୋଗ ମିଥ୍ୟା ବୋଲି ବର୍ମା କହିଛନ୍ତି। ଅସ୍ଥାନା ମଧ୍ୟ ସିଭିସିଙ୍କୁ ଭେଟିଥିବା ଅଧିକାରୀମାନେ କହିଛନ୍ତି।

ସିବିଆଇର ନମ୍ବର ୧ ଏବଂ ୨ ଅଫିସର ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିବା ପରେ ବିବାଦ ଘନୀଭୂତ ହେବାରୁ ମାମଲା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଗଲା। ଏହି ଦୁର୍ନୀତି ମାମଲାର ତଦନ୍ତ ଦୁଇସପ୍ତାହ ମଧ୍ୟରେ ଶେଷ କରିବାକୁ ଗତ ଅକ୍ଟୋବର ୨୬ରେ ସିଭିସିକୁ ନିର୍ଦ୍ଦେଶ ଦେଇଥିଲେ ଅଦାଲତ। ବିବାଦ ବଢ଼ିବାରୁ ବର୍ମା ଏବଂ ଅସ୍ଥାନାଙ୍କୁ କାର୍ଯ୍ୟରୁ ନିବୃତ୍ତ କରିବା ଲାଗି ବାଧ୍ୟତାମୂଳକ ଛୁଟିରେ ପଠାଇଦେଇଛନ୍ତି କେନ୍ଦ୍ର ସରକାର। ସିବିଆଇ ମୁଖ୍ୟଙ୍କ ନାଁରେ ଅସ୍ଥାନା ଲାଞ୍ଚ ଅଭିଯୋଗ ଆଣିବା ପରେ ଏହି ମାମଲାର ତଦନ୍ତ କରିଥିବା ସିବିଆଇ ଅଧିକାରୀମାନଙ୍କୁ ନିକଟରେ ଭିଜିଲାନ୍ସ କମିଶନ ପକ୍ଷରୁ ପଚରାଉଚରା କରାଯାଇଥିଲା। ସିବିଆଇର ଇନ୍ସପେକ୍ଟର ପାହ୍ୟାଠାରୁ ଆରମ୍ଭ କରି ଏସ୍‌ପି ପର୍ଯ୍ୟନ୍ତ ଅଧିକାରୀଙ୍କ ବୟାନ ରେକର୍ଡ କରାଯାଇଥିଲା।

ପ୍ରକାଶ ଯେ, ମାଂସ ରପ୍ତାନିକାରୀ ମୋଇନ୍ କୁରେଶୀଙ୍କ ନାଁରେ ଚାଲିଥିବା ମାମଲା ଚପାଇବା ଲାଗି ବ୍ୟବସାୟୀ ସାନା ସତୀଶ ବାବୁ ଏବଂ ମଧ୍ୟସ୍ଥ ମନୋଜ ପ୍ରସାଦ ଓ ସୋମେଶ ପ୍ରସାଦଙ୍କ ଜରିଆରେ ଅସ୍ଥାନାଙ୍କୁ ୨ କୋଟି ଟଙ୍କା ଲାଞ୍ଚ ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ଅକ୍ଟୋବର ୧୫ରେ ତାଙ୍କ ବିରୋଧରେ ମଧ୍ୟ ଏତଲା ହୋଇଥିଲା। ଅଗଷ୍ଟ ୨୪ରେ ଅସ୍ଥାନା ମଧ୍ୟ ବର୍ମାଙ୍କ ନାଁରେ ସମାନ ଅଭିଯୋଗ ଆଣିଥିଲେ। ସାନାଙ୍କୁ ଜେରାରୁ ଆଶ୍ୱସ୍ତି ଦେବା ଲାଗି ବର୍ମା ୨ କୋଟି ଟଙ୍କା ଲାଞ୍ଚ ନେଇଥିବା ସେ ଦର୍ଶାଇଥିଲେ। ଏଭଳି ଆରୋପ ସିବିଆଇର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମହାମେଣ୍ଟ ପାଇଁ ଅଣ୍ଟା ଭିଡ଼ିଲେ ଚନ୍ଦ୍ରାବାବୁ ନାଇଡୁ

ବାଙ୍ଗାଲୋର/କୋଲ୍‌କାତା, ୮।୧୧(ପି.ଟି.)

କୁମାରସ୍ୱାମୀ, ଦେବେଗୌଡ଼ାଙ୍କ ସହ ସାକ୍ଷାତ
ଭାଜପା-ବିରୋଧୀ ମେଣ୍ଟର ନେତୃତ୍ୱ ନେବ କଂଗ୍ରେସ

୨୦ଲୋକ ସଭା ନିର୍ବାଚନରେ ଭାଜପାକୁ ପ୍ରତିହତ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ଅଣ୍ଟା ଭିଡ଼ିଲେଣି। ସମଭାବାପନ୍ନ ଦଳଗୁଡ଼ିକୁ ନେଇ ଭାଜପା-ବିରୋଧୀ ମେଣ୍ଟ କରିବା ଲାଗି ଏବେ ଅଣ୍ଟା ଭିଡ଼ିଛନ୍ତି ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମୁଖ୍ୟ ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ। ଗୁରୁବାର ସେ କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କୁ ସେ ସାକ୍ଷାତ୍ କରିଛନ୍ତି। ଖୁବ୍‌ଶୀଘ୍ର ଆଞ୍ଚଳିକ ଦଳଗୁଡ଼ିକୁ ନେଇ ଏକ ମହାମେଣ୍ଟ ଗଠନ ହେବ ଏବଂ କଂଗ୍ରେସ ଏହାର ନେତୃତ୍ୱ ନେବ ବୋଲି ନାଇଡୁ କହିଛନ୍ତି।

କର୍ନାଟକରେ ୩ ଲୋକ ସଭା ଏବଂ ୨ ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନରେ ଜେଡିଏସ୍-କଂଗ୍ରେସ ମେଣ୍ଟ ଭାଜପାକୁ ବାଜିମାତ୍ ଦେବାର ଦୁଇଦିନ ପରେ ଜେଡିଏସ୍‌ର ଦୁଇ ପ୍ରମୁଖ ନେତା କୁମାରସ୍ୱାମୀ ଏବଂ ଦେବେଗୌଡ଼ାଙ୍କ ସହ ନାଇଡୁଙ୍କ ସାକ୍ଷାତ୍ ହୋଇଛି। ଏହି ବୈଠକକୁ ନେଇ ଏବେ ଜୋର୍ ଧରିଛି ଚର୍ଚ୍ଚା। ବିରୋଧୀ ମେଣ୍ଟ ଗଠନ ଲାଗି ମଞ୍ଚ ପ୍ରସ୍ତୁତ କରି ନାଇଡୁ କହିଛନ୍ତି ଯେ, ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଉପରୁ ଦେଶବାସୀଙ୍କ ଆସ୍ଥା ଟୁଟିଗଲାଣି। ତେଣୁ ଖୁବ୍‌ଶୀଘ୍ର ଆଞ୍ଚଳିକ ଦଳଗୁଡ଼ିକ ହାତ ମିଳାଇବେ। ମେଣ୍ଟ ଗଠନ ଲାଗି ପ୍ରାରମ୍ଭିକ ପର୍ଯ୍ୟାୟ ଆରମ୍ଭ ହୋଇଯାଇଛି। ସବୁକିଛି ସ୍ଥିର ହୋଇଯିବା ପରେ କାର୍ଯ୍ୟକ୍ରମ ବିଷୟରେ ନିଷ୍ପତ୍ତି ଗ୍ରହଣ ହେବ ବୋଲି ନାଇଡୁ ପ୍ରକାଶ କରିଛନ୍ତି।

ଫୁରସତ

କ୍ୟାନ୍‌ସର ସେଲ୍ ନଷ୍ଟ କରିବ କାର୍ବନ ନାନୋମ୍ୟାଟେରିଆଲ୍

ନୂଆଦିଲ୍ଲୀ:

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ରୁରୁକୀର ଗବେଷକମାନେ ଏକ ଫ୍ଲୋରେସେଣ୍ଟ କାର୍ବନ ନାନୋଡଟ୍‌ସ ବିକାଶ କରିଛନ୍ତି। ଏହା କ୍ୟାନ୍‌ସର ଚିହ୍ନଟ କରିବା ସହିତ କ୍ୟାନସର ସେଲ୍‌କୁ ନଷ୍ଟ କରିଦେଇପାରିବ। ଗବେଷଣାର ନେତୃତ୍ୱ ନେଇଥିବା ପି. ଗୋପୀନାଥ କହନ୍ତି, କ୍ୟାନ୍‌ସର ନିରୋଧୀ ଚିକିତ୍ସା ପାଇଁ ଏହି ପଦ୍ଧତିକୁ ବ୍ୟବହାର କରାଯାଇ ପାରିବ। ଉକ୍ତ ଗବେଷଣା ପାଇଁ ଆଇଆଇଟି ଗବେଷକମାନଙ୍କୁ ସହାୟତା କରିଛନ୍ତି ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ (ଏସ୍ଇଆର୍‌ବି), ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍ନୋଲୋଜି (ଡିବିଟି) ଏବଂ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ।

କ୍ୟାନ୍‌ସର ସେଲ୍ ଚିହ୍ନଟ ଏବଂ ନଷ୍ଟ କରିବା ଦୀର୍ଘ ଦଶନ୍ଧି ଧରି ଚିକିତ୍ସା କ୍ଷେତ୍ରରେ ଏକ ଚ୍ୟାଲେଞ୍ଜ ରୂପେ ଉଭା ହୋଇଛି। ତେବେ ଆଇଆଇଟି ଗବେଷକଙ୍କ ଗବେଷଣାମୂଳକ ଫଳାଫଳ କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ଏକ ବିପ୍ଳବ ଆଣିବ ବୋଲି ଗୋପୀନାଥ ପ୍ରକାଶ କରିଛନ୍ତି।

ପଟେଲଙ୍କ ପ୍ରତିମୂର୍ତ୍ତି ପାଇଁ ବ୍ରିଟେନର ଦାନ

ନୂଆଦିଲ୍ଲୀ/ଲଣ୍ଡନ: ଭାରତର ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ବୀରପୁଙ୍ଗବ ତଥା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସର୍ବୋଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ କେନ୍ଦ୍ର ସରକାର ପ୍ରଚୁର ଅର୍ଥ ବ୍ୟୟ କରିଛନ୍ତି। ଅଥଚ ଏହି କାର୍ଯ୍ୟ ପାଇଁ ବ୍ରିଟେନ୍‌ର ଦାନ ପାଖାପାଖି ୧ବିଲିୟନ ପାଉଣ୍ଡ ଷ୍ଟର୍ଲିଂ ବୋଲି ସୂଚନା ମିଳିଛି। ପଟେଲ୍‌ଙ୍କ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତିର ଉଚ୍ଚତା ନ୍ୟୁୟର୍କସ୍ଥିତ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉଚ୍ଚତାର ୨ଗୁଣ। ଦେଶର ଏହି ଗୌରବମୟ ପ୍ରତୀକକୁ ପ୍ରଧାନମନ୍ତ୍ରୀ କିଛିଦିନ ତଳେ ଉଦ୍‌ଘାଟନ କରିଛନ୍ତି। ଷ୍ଟାଚ୍ୟୁ ଅଫ୍ ୟୁନିଟିର ନିର୍ମାଣ କାର୍ଯ୍ୟ ୫୬ ମାସରେ ସମ୍ପନ୍ନ ହୋଇଥିଲା। ଏଥିପାଇଁ ୩୩୦ ମିଲିୟନ ପାଉଣ୍ଡ ଷ୍ଟର୍ଲିଂ ବ୍ୟୟ ହୋଇଥିବା ବେଳେ ବ୍ରିଟେନ୍‌ର କରଦାତାମାନେ ବୈଦେଶିକ ସହାୟତା ସ୍ୱରୂପ ଏଥିପାଇଁ ୧.୧୭ ବିଲିୟନ ପାଉଣ୍ଡ ଷ୍ଟର୍ଲିଂ ଦାନ କରିଥିଲେ ବୋଲି ବ୍ରିଟେନ୍ ସରକାରୀ ସୂତ୍ରରୁ ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଜସ୍ୱ ରାଜ୍ୟର ନର୍ମଦା ତଟରେ ଏହି ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ବେଳେ ଏହି ବିଶାଳ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ପ୍ରକଳ୍ପ କାର୍ଯ୍ୟ ୨୦୧୨ରେ ଆରମ୍ଭ ହୋଇଥିଲା। ବ୍ରିଟେନ୍ ଦାନ କରିଥିବା ଅର୍ଥ ଭାରତକୁ ୨୦୧୩, ୨୦୧୪ ଏବଂ ୨୦୧୫ ଏପରି ୩ଟି ପର୍ଯ୍ୟାୟରେ ପ୍ରଦାନ କରାଯାଇଥିଲା। ବ୍ରିଟେନ୍‌ରୁ ଆର୍ଥିକ ଅନୁଦାନର ପ୍ରବାହ ଘଟିବା ପରେ ଭାରତୀୟ କର୍ତ୍ତୃପକ୍ଷ ଏଥିପାଇଁ ଆଖିବୁଜା ଅର୍ଥ ବ୍ୟୟ କରିଥିଲେ। ଟୋରି ଏମ୍‌ପି ପିଟର ବୋନ୍‌ଙ୍କ କହିବାନୁଯାୟୀ, ବ୍ରିଟେନ୍‌ରୁ ଭାରତ ସହାୟତା ସ୍ୱରୂପ ୧.୧ ବିଲିୟନ୍ ପାଉଣ୍ଡ ଷ୍ଟର୍ଲିଂ ଦାନ କରିଥିବା ବେଳେ ଭାରତ ତହିଁରୁ ୩୩୦ ମିଲିୟନ୍ ଷ୍ଟାଚ୍ୟୁ ପାଇଁ ବ୍ୟୟ କରିବା ସମ୍ପୂର୍ଣ୍ଣ ଅଜ୍ଞାନତାର ପରିଚୟ ବୋଲି କୁହାଯାଇଛି।

ଇତିହାସର ଆଇନାରେ

ନଭେମ୍ବର ୯ର ପ୍ରମୁଖ ଘଟଣା

୧୯୪୭ ନଭେମ୍ବର ୯ରେ ପାକିସ୍ତାନଠାରୁ ଜୁନାଗଡ଼ ଛଡ଼ାଇ ଆଣିଥିଲା ଭାରତ। ବର୍ତ୍ତମାନ ଜୁନାଗଡ଼ ଗୁଜରାଟରେ ଅବସ୍ଥିତ ଏବଂ ଏହା ହେଉଛି ରାଜ୍ୟର ସପ୍ତମ ସର୍ବବୃହତ୍ ସହର। ଦେଶ ବିଭାଜନ ପରେ ଜୁନାଗଡ଼ ସ୍ୱତନ୍ତ୍ର ହୋଇ ରହିଥିଲା। ଭାରତ ଏବଂ ପାକିସ୍ତାନର ସୀମାକୁ ଲାଗିଥିଲେ ସୁଦ୍ଧା ଜୁନାଗଡ଼ର କୌଣସି ନିର୍ଦ୍ଦିଷ୍ଟ ସୀମା ନ ଥିଲା। କିନ୍ତୁ ସେଠାରେ ବିଦ୍ରୋହ ଦେଖାଦେଇଥିଲା।

୧୯୯୪ ନଭେମ୍ବର ୯ରେ ଡାର୍ମଷ୍ଟାଡ୍‌ଟିୟମ୍ ନାମକ ଏକ କେମିକାଲର ଉଦ୍ଭାବନ କରାଯାଇଥିଲା। ଜର୍ମାନୀର ଡାର୍ମଷ୍ଟାଡ୍‌ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ହେଭି ଆଇଅନ୍ ରିସର୍ଚ୍ଚଠାରେ ସିଗାର୍ଡ ହୋଫ୍‌ମ୍ୟାନ୍‌ଙ୍କ ତତ୍ତ୍ୱାବଧାନରେ ପିଟର୍ ଆର୍ମବଷ୍ଟର୍ ଏବଂ ଗଟ୍‌ଫ୍ରାଇଡ୍ ମୁଜେନ୍‌ବର୍ଗ ଏହାକୁ ସୃଷ୍ଟି କରିଥିଲେ। ଡାର୍ମଷ୍ଟାଡ୍‌ଟିୟମ ହେଉଛି ଏକ ସିନ୍ଥେଟିକ୍ ରାସାୟନିକ ତତ୍ତ୍ୱ। ଏହାକୁ 'ଡିଏସ୍' ବିବେଚନା କରାଯାଉଥିବାବେଳେ ଏହାର ଆଟୋମିକ୍ ନମ୍ବର ହେଉଛି ୧୧୦। ଏହା ହେଉଛି ଏକ ଜଟିଳ ରେଡିଓଆକ୍ଟିଭ୍ ସିନ୍ଥେଟିକ ପଦାର୍ଥ।

ସଚେତନ କରିଛି '# ମିଟୁ'

ମୁମ୍ବାଇ: '# ମିଟୁ' ଆନ୍ଦୋଳନ କର୍ମସ୍ଥଳରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଛି ବୋଲି ଅଭିନେତ୍ରୀ ଆୟେଶା ଚୋପ୍ରା ପ୍ରକାଶ କରିଛନ୍ତି। ଯେଉଁ ମହିଳାମାନେ ସେମାନଙ୍କ ପ୍ରତି ହୋଇଥିବା ଯୌନ ଶୋଷଣ ବିରୋଧରେ ମୁହଁ ଖୋଲିଛନ୍ତି ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ତାଙ୍କ କହିବାନୁଯାୟୀ, '# ମିଟୁ' ଆନ୍ଦୋଳ

ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

Srikumar Misra
Entrepreneur

PLEDGE 'PLASTIC-FREE' ODISHA

#PlasticFreeOdisha

ଧରିତ୍ରୀ DHARITRI TEAM

ସଂକ୍ଷେପରେ

୧୦୦ ଯୁକ୍ତ୨ ଛାତ୍ରୀଙ୍କୁ ଦିଆଯିବ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ଭୁବନେଶ୍ୱର, ୮।୧୧(ବ୍ୟୁରୋ): ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯିବ। ୭୮ ଜୁନିୟର କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପାଖାପାଖି ୧୦୦ ଛାତ୍ରୀଙ୍କୁ ଏହି ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଉତ୍କଳ କରାଟେ ସ୍କୁଲର ସମ୍ପାଦକଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ଜଣାଇଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷକ କେତେକ ଜିଲାର ଜୁନିୟର କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୧୦୦ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରିବ। ଏହି ପ୍ରଶିକ୍ଷଣ ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ଦିଆଯିବ।



ବିବାଦ ଶେଷ କରିବାକୁ କୋହଲିଙ୍କ ସଫେଇ

ନୂଆଦିଲ୍ଲୀ, ୮।୧୧(ପି.ଟି.)

ନିଜ ମନ୍ତବ୍ୟ ନେଇ ବିବାଦ ଓ ଝଡ଼ ସୃଷ୍ଟି ହେବାରୁ ଭାରତୀୟ ଅଧିନାୟକ ବିରାଟ କୋହଲି ଏବେ ଭାବମୂର୍ତ୍ତି ସୁଧାରିବାକୁ ଚେଷ୍ଟା କରିଛନ୍ତି। ଏ ସଂକ୍ରାନ୍ତରେସେନିଜରମତରଖିସଫେଇଦେଇଛନ୍ତି ଓ ବିବାଦ ସମାପ୍ତ କରିବାକୁ ପ୍ରୟାସ କରିଛନ୍ତି।

ପ୍ରକୃତରେ ବୁଧବାର ଘଟଣା ଆରମ୍ଭ ହୋଇଥିଲା ଜଣେ ପ୍ରଶଂସକଙ୍କ କମେଣ୍ଟରୁ। ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମରେ କୋହଲି ଏକ ଭିଡିଓରେ ଜଣେ ପ୍ରଶଂସକଙ୍କ ମତ ଉପରେ ପ୍ରତିକ୍ରିୟା ରଖିଥିଲେ। ପ୍ରଶଂସକ ଜଣକ କୋହଲିଙ୍କୁ ଜଣେ ଓଭର ରେଟେଡ୍ ବା ବାସ୍ତବିକତାଠାରୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବ୍ୟାଟ୍ସମ୍ୟାନ ବୋଲି କମେଣ୍ଟରେ ଲେଖିଥିଲେ। କୋହଲିଙ୍କ ବ୍ୟାଟିଂରେ ସେଭଳି କିଛି ଖାସ୍ ନାହିଁ ବୋଲି ବ୍ୟକ୍ତିଗତ ଭାବେ ସେ ଚିନ୍ତା କରନ୍ତି ବୋଲି କହିଥିଲେ। ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଅପେକ୍ଷା ସେ ଇଂଲଣ୍ଡ ଓ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କ ବ୍ୟାଟିଂକୁ ଅଧିକ ଉପଭୋଗ କରିଥା'ନ୍ତି ବୋଲି ପ୍ରଶଂସକ ଜଣକ କମେଣ୍ଟରେ ଉଲ୍ଲେଖ କରିଥିଲେ। ତେବେ ଏହାର ଜବାବରେ ପ୍ରତିକ୍ରିୟା ରଖି କୋହଲି ବେଶ୍ ବିବାଦୀୟ ହୋଇଥିଲେ। ଆପଣ ଭାରତରେ ରହିବା ଉଚିତ ନୁହଁ ଓ ଦେଶ ଛାଡି ଚାଲିଯିବା ସହ



- ପ୍ରଶଂସକଙ୍କୁ କୋହଲିଙ୍କ ପ୍ରତ୍ୟୁତ୍ତର
- ଭାରତୀୟ ଖେଳାଳିଙ୍କୁ ଭଲ ନ ପାଇଲେ ବିଦେଶ ଯାଅ

ଅନ୍ୟସ୍ଥାନରେ ରହିବା ଦରକାର ବୋଲି କୋହଲି ଜବାବ ରଖିଥିଲେ। ଅନ୍ୟ ଦେଶର ଖେଳାଳିଙ୍କୁ ଭଲ ପାଉଥିବା ବେଳେ ଆମ ଦେଶରେ କାହିଁକି ରହୁଛ ବୋଲି କୋହଲି ସମ୍ପୃକ୍ତ ପ୍ରଶଂସକଙ୍କୁ ପ୍ରଶ୍ନ ପଚାରିଥିଲେ। ତମେ ମୋତେ ପସନ୍ଦ ନ କଲେ ମୁଁ କିଛି ଭାବୁ ନାହିଁ। କିନ୍ତୁ ତମେ ଆମ ଦେଶରେ ରହିବା ଉଚିତ ନୁହଁ । ପ୍ରଥମେ ତମେ କେଉଁଟାକୁ ପ୍ରାଥମିକତା ଦେଉଛି ତାହା ସ୍ପଷ୍ଟ କରିବା ଦରକାର ବୋଲି କୋହଲି ଜବାବରେ କହିଥିଲେ। ତେବେ ଏହା ପରେ ସୋସିଆଲ ମିଡିଆରେ କୋହଲି ଜବରଦସ୍ତ ସମାଲୋଚନା ତଥା ଟ୍ରୋଲ୍‌ର ସମ୍ମୁଖୀନ ହୋଇଥିଲେ। ଏପରିକି କୋହଲିଙ୍କ ମନ୍ତବ୍ୟକୁ କ୍ରିକେଟ ଭାଷ୍ୟକାର ହର୍ଷ ଭୋଗ୍‌ଲେ ନାପସନ୍ଦ କରିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ କୋହଲିଙ୍କ ଏତାଦୃଶ ମନ୍ତବ୍ୟକୁ ନାପସନ୍ଦ କରିଛି। କୋହଲି ଦାୟିତ୍ୱହୀନ ମନ୍ତବ୍ୟ ଦେଇଛନ୍ତି ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଆଗକୁ କୋହଲି ବୁଝି ବିଚାରି ମନ୍ତବ୍ୟ ଦେବା ଉଚିତ ବୋଲି ସେ ସତର୍କ କରାଇ ଦେଇଛନ୍ତି। ତେବେ ଏହା କୋହଲିଙ୍କ ବ୍ୟକ୍ତିଗତ ମନ୍ତବ୍ୟ। ଏଥିରେ ବିସିସିଆଇର କୌଣସି ଭୂମିକା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କମେଣ୍ଟରେ ପ୍ରଶଂସକ ଜଣକ 'ଜଣେ ଭାରତୀୟ' ବୋଲି ଉଲ୍ଲେଖ କରିଥିଲେ। ଏହାକୁ ଲୋକଙ୍କ ସାମ୍ନାକୁ ଆଣିବାକୁ ପ୍ରୟାସ କରିଥିଲି। କିଏ କାହାକୁ ପସନ୍ଦ କରିବ ଓ କାହାକୁ ନ କରିବ ତାହା ତା'ର ବ୍ୟକ୍ତିଗତ ସ୍ୱାଧୀନତା। ଏହାକୁ ସେ ମଧ୍ୟ ସମ୍ମାନ କରନ୍ତି ବୋଲି କୋହଲି କହିଛନ୍ତି। ତେବେ ଏହି ଘଟଣାକୁ ଅଧିକ ଗୁରୁତ୍ୱ ନ ଦେଇ ପାର୍ବଣ ଋତୁର ଆନନ୍ଦ ନେବାକୁ କୋହଲି ସମସ୍ତଙ୍କୁ କହିଛନ୍ତି। ଅବଶ୍ୟ ଏହି ଘଟଣାରେ ବିସିସିଆଇ ଅସନ୍ତୋଷ ଜାହିର କରିବା ପରେ କୋହଲି ଏଭଳି ସଫେଇ ଦେବାକୁ ପ୍ରୟାସ କରିଛନ୍ତି ବୋଲି କୁହାଯାଉଛି।

୧୬ରୁ ଯୁକ୍ତ୨ ଫର୍ମ ପୂରଣ

ଭୁବନେଶ୍ୱର, ୮।୧୧(ବ୍ୟୁରୋ)

୨୦୧୯ ଯୁକ୍ତ୨ ବାର୍ଷିକ ପରୀକ୍ଷା ନିମନ୍ତେ ରେଗୁଲାର ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷା ବିଭାଗର ଛାତ୍ରୀଛାତ୍ର ନିଜ କଲେଜକୁ ଯାଇ ଫର୍ମ ପୂରଣ କରିବେ। ପ୍ରାକ୍ଟିକାଲ ପେପରକୁ ଛାଡ଼ି ଫର୍ମ ପୂରଣ ପାଇଁ ସାଧାରଣ ଦେୟ ୫୨୦ ଟଙ୍କା ରହିଛି। ଏହି ଫିକୁ ଛାତ୍ରୀଛାତ୍ରମାନେ ଫର୍ମ ପୂରଣ କଲାବେଳେ କଲେଜରେ ପଇଠ କରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ବୁଧବାର ବିଜ୍ଞପ୍ତି ପ୍ରକାଶ କରିଛି।

ଫର୍ମ ପୂରଣ ୧୬ ତାରିଖରୁ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରାକ୍ଟିକାଲ ପେପର ପିଛା ଅତିରିକ୍ତ ୨୦ ଟଙ୍କା ପଇଠ କରିବାକୁ ହେବ। ଏହି ସମୟ ଭିତରେ ଯଦି କୌଣସି ଛାତ୍ରୀଛାତ୍ର ଫର୍ମ ପୂରଣ ନ କରିବେ ତେବେ ସେମାନେ ୫୦ ଟଙ୍କା ଜରିମାନା ଦେଇ ଆସନ୍ତା ୨୭ରୁ ୩୦ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ। ଯଦି ଉକ୍ତ ସମୟ ମଧ୍ୟରେ କୌଣସି ପିଲା ଫର୍ମ ପୂରଣ କରି ନ ପାରନ୍ତି, ତେବେ ସେମାନେ ଅତିରିକ୍ତ ୩୫୦ ଟଙ୍କା ଜରିମାନା ଦେଇ ଡିସେମ୍ବର ୧ରୁ ୪ ମଧ୍ୟରେ ଫର୍ମ ପୂରଣ କରିପାରିବେ। ସିଏଚ୍‌ଏସ୍‌ଇ ପକ୍ଷରୁ ଏ ସମ୍ପର୍କରେ ସମସ୍ତ ଜୁନିୟର କଲେଜ ଅଧ୍ୟକ୍ଷ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଇଛି। ଯଦି କୌଣସି ଛାତ୍ରୀଛାତ୍ର ଫର୍ମ ପୂରଣ ନ କରନ୍ତି, ତେବେ ସେମାନଙ୍କୁ ପରୀକ୍ଷା ଦେବାକୁ ଅନୁମତି ଦିଆଯିବ ନାହିଁ। ଏଥିପାଇଁ ସିଏଚ୍‌ଏସ୍‌ଇ ଦାୟୀ ରହିବ ନାହିଁ ବୋଲି କହିଛି। ସୂଚନାଯୋଗ୍ୟ, ମାର୍ଚ୍ଚ ପ୍ରଥମ ସପ୍ତାହରେ ଯୁକ୍ତ ୨ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ। କିନ୍ତୁ ଯଦି ଡିସେମ୍ବରରେ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ହୁଏ ତେବେ ମାର୍ଚ୍ଚ ମାସରେ ସାଧାରଣ ନିର୍ବାଚନ ହେବା ସମ୍ଭାବନା ଅଧିକ ରହିଛି। ଗୋଟିଏ ମାସରେ ନିର୍ବାଚନ ଏବଂ ଯୁକ୍ତ ୨ ପରୀକ୍ଷା ପରିଚାଳନାକୁ ନେଇ ଦ୍ୱନ୍ଦ୍ୱ ଉପୁଜିବା ସମ୍ଭାବନା ରହିଛି। ଏ ନେଇ ସିଏଚ୍‌ଏସ୍‌ଇର ଡେପୁଟି ପରୀକ୍ଷା ନିୟନ୍ତ୍ରଣ ପ୍ରବୋଧ କୁମାର ପଣ୍ଡା କୁହନ୍ତି, ନିର୍ବାଚନ ତାରିଖ ଘୋଷଣା ହେଲେ ସେହି ଅନୁସାରେ ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ପ୍ରକାଶ କରାଯିବ।

ଶୀତକୁ ରୋକୁଛି ପ୍ରଦୂଷଣ, ଜଳୀୟବାଷ୍ପ

ଥାଇଲାଣ୍ଡ ଉପକୂଳରେ ଲଘୁଚାପ

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ନଭେମ୍ବର ପ୍ରଥମ ସପ୍ତାହ ଟପିବାକୁ ବସିଲାଣି। ଦେହ ଥରାଇବା ଭଳି ଶୀତ ଅନୁଭୂତ ହେଉନାହିଁ। ସର୍ବନିମ୍ନ ତାପମାତ୍ରା ଆଭ୍ୟନ୍ତରୀଣ ଓଡ଼ିଶାରେ ୧୬ଡିଗ୍ରୀ ରହୁଥିବା ବେଳେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ୨୩ ଡିଗ୍ରୀ ମଧ୍ୟରେ ରହୁଛି। ପାହାନ୍ତିଆ ହାଲକା ଶୀତ ଲାଗୁ ଥିଲେ ମଧ୍ୟ ପ୍ରକୋପ ବଢୁନାହିଁ। ପାଣିପାଗ ବିଶେଷଜ୍ଞଙ୍କ କହିବା କଥା ହେଲା ରାଜ୍ୟରେ ଆକାଶ ଜଳୀୟବାଷ୍ପରେ ଭରି ରହୁଛି। ମେଘ ଖଣ୍ଡ ଦେଖାଦେଉଥିଲେ ମଧ୍ୟ ବର୍ଷା ହେଉ ନାହିଁ। ଏହାଛଡ଼ା ଉତ୍ତର ଭାରତରୁ ପ୍ରଦୂଷିତ ଜଳୀୟବାଷ୍ପ ବାୟୁମଣ୍ଡଳକୁ ଢାଙ୍କିଦେଉଛି। ଏଥିଯୋଗୁ ତାପମାତ୍ରା ତଳକୁ ଖସୁନାହିଁ। ଏଥିସହିତ ଥାଇଲାଣ୍ଡ ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗ ଦେଇ ଗତିକରିବା ସମ୍ଭାବନା ରହିଛି। ଏହା ତାମିଲନାଡୁ କିମ୍ବା ଶ୍ରୀଲଙ୍କା ଆଡ଼କୁ ଯିବା ସମ୍ଭାବନା ରହିଛି। ଯଦି ଏହା ଉର୍ଦ୍ଧ୍ୱମୁହାଁ ହେବ ତେବେ ଆସନ୍ତା ୧୧ ଓ ୧୨ ତାରିଖରେ ରାଜ୍ୟରେ ପାଗ ମେଘୁଆ ରହିବ। ଜଳୀୟବାଷ୍ପ ଅପସରି ନ ଯିବା ଯାଏ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ । ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୩୫.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସର୍ବନିମ୍ନ ୧୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

DSPL - 241

MAKE IN ODISHA Conclave
BHUBANESWAR, 11-15 NOVEMBER, 2018

Welcome
to the Make in Odisha Expo 2018
The largest ever industrial expo of the State

Inauguration by
Shri Naveen Patnaik, Chief Minister
on November 11, 2018 at 6:30 PM
followed by a scintillating cultural programme
Venue: Janata Maidan, Bhubaneswar

Come and Experience:

Odisha Theme pavilion "Deomali"	Virtual Reality	I am Odisha	Kinetic Installation	Cultural Evenings
Mesmerizing projections on the geodesic dome	Witness the future Smart City and the natural beauty of Odisha	Learn about the stories that are shaping Odisha's future	Marvel at the synchronised beauty of 108 spheres	A magical blend of Odisha's heritage and modern art forms

Partner Country: Japan
Industry Partner: FICCI

For more details, please visit:
https://mio.investodisha.gov.in/

Passes for the Expo Inaugural scheduled on November 11 can be collected on a first-come-first-serve basis upon production of valid Government ID during 1000 - 1800 hours, November 8-9, 2018 from:

IPICOL House
Rupali Chowk, Janpath
Bhubaneswar

or

OMC House
Near State Guest House
Bhubaneswar

No entry will be allowed to the venue without the passes on Nov 11
Expo entry will be free to all during Nov 12-15 (without passes) | Visiting Hours: 1100 to 2030 hrs

14005/13/0049/1819

ପତନ ନ ହେବାରେ କିଛି ଗୌରବ ନାହିଁ, ପତନରୁ ଉତ୍‌ଥାନ ହିଁ ପ୍ରକୃତ ଗୌରବ।

- ଗୋଲ୍ଡସ୍ମିଥ୍

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ପ୍ରତୀକ୍
ପରିବାରବର୍ଗ

ମାରୁତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

classified

SALE

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9 5 5 6 2 4 0 2 2 8, 9937292015. email: kttbbsr@gmail.com. D-9047

SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

ସୁନ୍ଦରପଦା ହାଇଟେକ୍ ପ୍ଲାଜା ପାଖରେ ଘରବାରି ପଜେସନ୍ ପ୍ଲଟ sqft.- 1070ରେ plot ମିଳୁଛି। 9348230669. D-64364

Infocity-2 Campus frontରେ BDA yellow-zone plot sale urgent. 9938770157, 7008818182. D-64366

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

1BHK, 2BHK, 3BHK approved flats at Hitech Heaven near Gudiapokhari Square, Bhubaneswar. 9040307584, 9778832554. D-9258

Infocity-2 Campus ପାଖରେ 200' ରୋଡକୁ ଲାଗି ଘରବାରି plot ମିଳୁଅଛି। 9439864322. D-64369

Ready for booking/sale ! Duplex 1900 sqft. on land 1200 sqft. triplex 2800 sqft. on land 1200 sqft. at Saikutir, Santoshi Vihar, Canal Road, Laxmisagar, Bhubaneswar. Contact: Sabat Infrastructure Pvt. Ltd. Plot No.-33/A, BJB Nagar. Mobile. 9861035662, 8270795532. D-58005

3BHK luxurious flats available for booking at BJB Nagar extension area (1.5km. from Kalpana Square) Price-65 lakhs to 72.50 lakhs. Please contact: 9439543532, 9861157958. D-9318

Bhubaneswar KIIT University Jagannath Temple ପାଖରେ road, electricity ବାଉଣ୍ଡାରି ଥାଇ ଘରବାରି plot loanରେ କିଣନ୍ତୁ। 7381338088. D-64368

Gharabari boundary plot infront Krupajal Engineering College Bhubaneswar. 9090899282, 8908805482. D-65053

2000 sqft. plot (10 nos.) at Sankarpur, Vipul Garden backside, Bhubaneswar (Electricity, supply water 30'road). 7381564227. D-65054

Now Matrimonial ads. only on Wednesday & Sunday Book 1 Get 1 FREE

Office, Bank or commercial, 2400 sqft., Plot No.- 661, Bank Chhak, Mahanadivihar, Mobile: 9437226804, 7978603239, 9439826980, 7978316627. D-9239

Bank/ commercial main road, Kalinganagar, BBSR G+1+2= 6000 sqft. 9438556363, 9337718848. D-9298

Construct your building in finished house contact: 9937064680. D-27282

GENERAL

SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64353

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଜନ୍ମଦିନ ଶୁଭେଚ୍ଛା

ପ୍ରତୀକ୍ ପ୍ରୀତମ୍ ପୃଷ୍ଟି

ପ୍ଲଟ୍ ନଂ୧୧୫, ବଡ଼ଗଡ଼ ବ୍ରୀଟ୍ କଲୋନୀ

ଆଜି ତୁମର ପବିତ୍ର ସପ୍ତମ ସ୍ୱନକ୍ଷତ୍ର ଦିବସରେ ଜଗତ ଜନନୀ ମା'ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ଯେ ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ଏବଂ ଚଲାପଥ କୁସୁମିତ, ଦୀର୍ଘାୟୁ ହେଉ। ଶୁଭେଚ୍ଛା ସହ: ଅନାମ ଚରଣ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ଅଙ୍କିତ, ପୂଜା, ବୁଟୁ, ବନ୍ଧୁ ଓ ପରିବାରବର୍ଗ। ଧ-୯୨୯୬

ପ୍ରଥମ ଜନ୍ମଦିନ ଶୁଭେଚ୍ଛା

(ମାରୁତି)

ଆଦିତ୍ୟନାଥ ବେହେରା

ଡେରିକି, ନାଉଗାଁ, ଜଗତ୍‌ସିଂହପୁର

ପିତା- ଭଜମନ ବେହେରା,
ମାତା- କବିତା ବେହେରା

ଶୁଭେଚ୍ଛା ସହ: ଜେଜେବାପା, ମାମୁ, ବନ୍ଧୁ ଓ ପରିବାରବର୍ଗ। ଧ-୬୪୭୩୪

ତରକାରି ହୋଇ ନ ଥିବାରୁ ସ୍ତ୍ରୀଙ୍କୁ ହତ୍ୟା

ବାରିପଦା ଅଫିସ୍,୮ ।୧୧

ତରକାରି ହୋଇ ନ ଥିବାକୁ କେନ୍ଦ୍ରକରି ବୁଧବାର ରାତିରେ ଉତ୍ତ୍ୟକ୍ତ ସ୍ୱାମୀଙ୍କ ଆକ୍ରମଣରେ ଘଟଣାସ୍ଥଳରେ ହିଁ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ଏହାକୁ ନିଜ ଆଖିରେ ଦେଖିଥିବା ୩ ପିଲାଙ୍କଠାରୁ ଖବର ପାଇ ପୋଲିସ ହତ୍ୟାକାରୀ ସ୍ୱାମୀଙ୍କୁ ଗିରଫ କରିଛି। ହେଲେ ମା'କୁ ହରାଇ ୩ ଶିଶୁ ଏକପ୍ରକାର ବେସାହାରା ହୋଇ ପଡିଛନ୍ତି। ଏହି ଘଟଣା ମୟୂରଭଞ୍ଜ ଜିଲ୍ଲା ବାରିପଦା ଟାଉନଥାନା ଅନ୍ତର୍ଗତ ଶୂନଗଡିଆ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ଶୂନଗଡିଆ ଅଞ୍ଚଳର କାର୍ତ୍ତନ ପଡ଼ିଆ ଠାରେ ଶକ୍ତିପଦ ବୈଠା ସ୍ତ୍ରୀ ସଙ୍ଗୀତା ବୈଠାଙ୍କ ସମେତ ତାଙ୍କର ୩ ପିଲା ରହୁଥିଲେ। ମେଡିକାଲରେ ସୁଇପର ଭାବେ କାର୍ଯ୍ୟ କରି ଶକ୍ତିପଦ ନିଜ ପରିବାର ପ୍ରତିପୋଷଣ କରନ୍ତି। ଗତ ବୁଧବାର ସନ୍ଧ୍ୟାରେ ସେ ଘରକୁ ମାଛ ଓ ମାଂସ ଆଣି କାମରେ ପଳାଇଥିଲେ। ଏହାପରେ ରାତିରେ ଘରକୁ ଫେରି ତରକାରି ହୋଇ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ସଙ୍ଗୀତାଙ୍କୁ ପଚାରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ଶକ୍ତିପଦ ଏକ ପଥର ଓ କାଠଫାଳିଆ ସାହାଯ୍ୟରେ ସଙ୍ଗୀତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଉକ୍ତ ସମୟରେ ଘରେ ଥିବା ପିଲାମାନେ ଏହା ଦେଖିଥିବା ବେଳେ ଏନେଇ ସେମାନେ ସଙ୍ଗୀତାଙ୍କ ସାନ ଭଉଣୀ ସୁସ୍ମିତାଙ୍କୁ ଜଣାଇଥିଲେ। ଖବର ପାଇ ବାରିପଦା ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ସଙ୍ଗୀତାଙ୍କ ସାନ ଭଉଣୀ ସୁସ୍ମିତା ମୁଖୀଙ୍କ ଅଭିଯୋଗ କ୍ରମେ ଟାଉନ ପୋଲିସ ମାମଲା (ନଂ ୨୬୪/୧୮) ରୁଜୁ କରି ଶକ୍ତିପଦଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ପୋଲିସ ରକ୍ତ ଲଗା ପଥର ଏବଂ କାଠଫାଳିଆ ଜବତ କରିଛି ବୋଲି ଏହି ମାମଲାରେ ତଦନ୍ତକାରୀ ଅଧିକାରୀ ଦୟାନିଧି ଦାସ ସୂଚନା ଦେଇଛନ୍ତି। ତେବେ ସଙ୍ଗୀତାଙ୍କ ମୃତ୍ୟୁ ଏବଂ ତାଙ୍କ ସ୍ୱାମୀ ଗିରଫ ହେବା ପରେ ସେମାନଙ୍କର ୩ଜଣ ସନ୍ତାନ ଏବେ ବେସାହାରା ହୋଇ ପଡିଛନ୍ତି ।

ପ୍ରଥମ ପୃଷ୍ଠାରୁ...

ପୁଣି ଶ୍ରୀମନ୍ଦିର ...

ଗୁରୁବାର ଶ୍ରୀମନ୍ଦିର ଭିତରର ଏକାଧିକ ଫଟୋ ପୋଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଏଥିରେ ଏକାଧିକ ଇସ୍କନ ଭକ୍ତ ହାତରେ ମାଳି ଗଡାଉଥିବାଫଟୋରହିଛି।ସେହିପରିଶ୍ରୀମନ୍ଦିରଭିତରେସେଲ୍‌ଫିନେବାର ଫଟୋ ମଧ୍ୟ ହିତେଶଙ୍କ ଫେସ୍‌ବୁକ ଆକାଉଣ୍ଟରେ ଅପ୍‌ଲୋଡ ହୋଇଛି।

ଶ୍ରୀମନ୍ଦିର ଚାରିଦ୍ୱାରରେ ପୋଲିସ ମୁତୟନ ରହିଛନ୍ତି। ଭକ୍ତଙ୍କୁ ଯାଞ୍ଚ କରି ଭିତରକୁ ଛାଡୁଛନ୍ତି। ତେବେ ଏମାନେ କିପରି ମୋବାଇଲ ଭିତରକୁ ନେଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଏହି ଘଟଣା ନୁହେଁ, ଏଭଳି ଘଟଣା ବାରମ୍ବାର ଘଟୁଛି। ଗତ ମାସକ ମଧ୍ୟରେ ୩ଟି ଘଟଣା ପଦାକୁ ଆସିଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଭିତର ଫଟୋ ବାରମ୍ବାର ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ଏହାଦ୍ୱାରା ଶ୍ରୀମନ୍ଦିର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଥିଲେ ମଧ୍ୟ ଏହାକୁ ରୋକିବା ଦିଗରେ କାହାର ଆନ୍ତରିକତା ନ ଥିବା ମନେହେଉଛି।

ସୂଚନାଯୋଗ୍ୟ, ପୂର୍ବରୁ ବହୁବାର ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଏପରି କି ଗର୍ଭଗୃହର ଫଟୋ ମଧ୍ୟ ବାହାରେ ବୁଲୁଛି। ନିକଟରେ ଗତମାସ ୮ ତାରିଖରେ ପୁରୀ ସମୁଦ୍ରକୂଳ ଥାନାର ଜଣେ ଏଏସ୍‌ଆଇ ବାଇଶ ପାହାଚରେ ଶ୍ରାଦ୍ଧ ଦେବା ବେଳର ଫଟୋ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏହା ଜଣାପଡିବା ପରେ ପୁରୀ ଏସ୍‌ପି ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ସେହିପରି ଗତ ୪ ତାରିଖରେ ବେଙ୍ଗାଲୁରୁର ମେଘା ଲୁଥ୍ରା ନାମ୍ନୀ ଜଣେ ମହିଳାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଶ୍ରୀମନ୍ଦିରର ଫଟୋ ପୋଷ୍ଟ କରାଯାଇଥିବା ପଦାକୁ ଆସିଥିଲା।

ରାଜସ୍ଥାନରେ ଭାଜପା...

ବିରୋଧୀ ଭୋଟ ବିଭାଜିତ ହେଲେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାଜପା ଓ କଂଗ୍ରେସର ଭୋଟ ବ୍ୟବଧାନ କମିବ। ରମଣ ସିଂଙ୍କ ସ୍ମାର୍ଟଫୋନ୍ ବଣ୍ଟନ ଯୋଜନାରୁ ଭାଜପା ଲାଭବାନ ହେବ। କିନ୍ତୁ ମାଓବାଦୀ ପ୍ରଭାବିତ ବସ୍ତର ଅଞ୍ଚଳରେ ଭାଜପାର ଲୋକପ୍ରିୟତା ହ୍ରାସ ପାଇଥିବା ସର୍ଭେରୁ ଜଣାପଡ଼ିଛି। ତେବେ ଯୋଗୀ, କଂଗ୍ରେସ ନେତା ଭୂପେଶ ଭାଗେଲଙ୍କ ତୁଳନାରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ରମଣ ସିଂ ଆଗରେ ରହିଛନ୍ତି। ନିର୍ବାଚନରେ ବେକାରି ସମସ୍ୟା ମୁଖ୍ୟ ପ୍ରସଙ୍ଗ ବୋଲି ୧୧ ଲୋକ ସଭା ନିର୍ବାଚନମଣ୍ଡଳୀର ୪,୪୮୬ ମତଦାତା ପ୍ରକାଶ କରିଛନ୍ତି।

ହେଲେ ରାଜସ୍ଥାନରେ ବସୁନ୍ଧରା ରାଜେ ସିନ୍ଧିଆ ଆଉ ଥରେ ମୁଖ୍ୟମନ୍ତ୍ରୀ ହେବାର ସମ୍ଭାବନା ୩୫%କୁ ଖସିଛି। କଂଗ୍ରେସ ବସୁନ୍ଧରା ସରକାରଙ୍କୁ ଧୂଳି ଚଟେଇ କ୍ଷମତା ଦଖଲ କରିବ ବୋଲି ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଏଠାରେ କଂଗ୍ରେସ ନେତା ଅଶୋକ ଗେହଲଟ୍‌ଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଅଧିକାଂଶ ମତଦାତା ଦେଖିବାକୁ ଚାହାନ୍ତି। ଭାଜପା ବିରୋଧରେ ନିମ୍ନ ଜାତି ଓ ମୁସଲମାନ ସମ୍ପ୍ରଦାୟର ଭୋଟରଙ୍କ ମଧ୍ୟରେ ବଢ଼ିଚାଲିଥିବା କ୍ରୋଧ ଭାଜପା ସରକାରଙ୍କ ପତନର କାରଣ ସାଜିପାରେ। କାରଣ ଗୈରିକ ଦଳ ତା'ର ପାରମ୍ପରିକ ସହରାଞ୍ଚଳ ଭୋଟରଙ୍କ ଆସ୍ଥା ହରାଇଛି। ରାଜ୍ୟରେ ସରକାର ବିରୋଧୀ ହାୱା ବହୁଥିଲେ ହେଁ ନରେନ୍ଦ୍ର ମୋଦି ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଭାବେ ଏବେ ବି ଭୋଟରଙ୍କ ପ୍ରଥମ ପସନ୍ଦ। ମୁଖ୍ୟମନ୍ତ୍ରୀ ଚେହେରା ବଦଳାଯାଇଥିଲେ ନିର୍ବାଚନ ସମୀକରଣରେ ପରିବର୍ତ୍ତନ ଆସିଥାନ୍ତା। ଭାଜପା ଏବଂ କଂଗ୍ରେସ ମଧ୍ୟରେ ଭୋଟ ହାର ବ୍ୟବଧାନ ୩%ରୁ ୫% ମଧ୍ୟରେ ରହିବ ବୋଲି ଜଣାପଡ଼ିଛି। ୨୫ ଲୋକ ସଭା ଆସନର ୧୦,୧୩୬ ଭୋଟରଙ୍କୁ ନେଇ କରାଯାଇଥିବା ସର୍ଭେରେ ଜଣାପଡ଼ିଛି ଯେ, ବେକାରି ସମସ୍ୟା, କୃଷି ସମସ୍ୟା, ପାନୀୟ ଜଳ, ଦରଦାମ ବୃଦ୍ଧି ରାଜସ୍ଥାନ ମତଦାତାଙ୍କ ପାଇଁ ମୁଖ୍ୟ ପ୍ରସଙ୍ଗ ପାଲଟିଛି। ତେଲେଙ୍ଗାନାରେ ଡିସେମ୍ବର ୭ରେ ଭୋଟଗ୍ରହଣ କରାଯିବ। ଏଠାରେ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ସପକ୍ଷରେ ୭୫% ମତଦାତା ରହିଥିବାରୁ ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ (କେସିଆର୍) ପୁଣିଥରେ କ୍ଷମତା ଦଖଲ କରିପାରନ୍ତି। କାରଣ ଏଠାରେ ସରକାର ସପକ୍ଷରେ ହାୱା ବହୁଛି। କେସିଆର୍ ସବୁ ବର୍ଗର ଭୋଟରଙ୍କଠାରେ ନିଜ ଲୋକପ୍ରିୟତା ବଜାୟ ରଖିପାରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସାମାଜିକ-ମଙ୍ଗଳକାରୀ ଯୋଜନାଗୁଡ଼ିକ କେସିଆର୍‌ଙ୍କ ପାଇଁ ବୋନସ୍ ଭାବେ କାମ କରୁଛି। ସେହିପରି ରାଜ୍ୟ ବିଧାନସଭାକୁ ଆଗୁଆ ଭଙ୍ଗ କରିଦେବା ପଦକ୍ଷେପକୁ କେସିଆର୍‌ଙ୍କ ଏକ ମାଷ୍ଟରଷ୍ଟ୍ରୋକ୍ ଭାବେ ଦେଖୁଛନ୍ତି ଭୋଟର। କଂଗ୍ରେସ ଏବଂ ଟିଡିପି ମଧ୍ୟରେ ସଦ୍ୟ ହୋଇଥିବା ମେଣ୍ଟ ସଫଳ ହେବନାହିଁ ବୋଲି ସର୍ଭେରେ ଜଣାପଡ଼ିଛି। ଅସାଦୁଦ୍ଦିନ ଓୱାଇସିଙ୍କ ଏଆଇଏମ୍‌ଆଇଏମ୍‌ହାଇଦ୍ରାବାଦ ଅଞ୍ଚଳରେ କଂଗ୍ରେସର ଭାଗ୍ୟ ବିଗାଡ଼ିପାରେ। ତେଲେଙ୍ଗାନାର ୧୭ ଲୋକ ସଭା ନିର୍ବାଚନମଣ୍ଡଳୀରେ କରାଯାଇଥିବା ଏହି ସର୍ଭେରେ ୬,୮୭୭ ମତଦାତା ଭାଗନେଇଥିଲେ।

ବିସ୍ଫୋରଣରେ ୫...

ଦାନ୍ତେୱାଡ଼ାର ବୈଲାଡିଲା ଖଣି ଅଞ୍ଚଳରେ ନିର୍ବାଚନ କାର୍ଯ୍ୟ ପାଇଁ ସିଆଇଏସ୍‌ଏଫ୍ ଟିମ୍‌କୁ ଏକ ଘରୋଇ ବସ୍ ପ୍ରଦାନ କରାଯାଇଥିଲା। ଯବାନମାନେ ମାର୍କେଟରୁ ଜିନିଷପତ୍ର କିଣି ଉକ୍ତ ବସ୍‌ରେ ଆକାଶନଗର କ୍ୟାମ୍ପକୁ ଫେରୁଥିଲେ। ସେମାନେ ବଚେଲିର ପାହାଡ଼ିଆ ଅଞ୍ଚଳ ଦେଇ ଆସୁଥିବାବେଳେ କର୍ଭ ନଂ. ୬ ନିକଟରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରିଥିଲେ। ଏଥିରେ ଜଣେ ସିଆଇଏସ୍‌ଏଫ୍ ହେଡ୍ କନ୍‌ଷ୍ଟେବଳ ଡି.ଇ. ମୁଖୋପାଧ୍ୟାୟ ଶହୀଦ ଓ ୨ ଆହତ ହୋଇଛନ୍ତି। ବସ୍ ଡ୍ରାଇଭର ରମେଶ ପାଟ୍‌କର, ହେଲ୍‌ପର ରମେଶ କୁମାର ସାହୁଙ୍କ ସମେତ ସୁଶିଲ ବାନାର୍ଜୀ ଓ ଜୋହନ ନାୟକ ମଧ୍ୟ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମାଓବାଦୀଙ୍କୁ ନିପାତ କରିବା ପାଇଁ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିବା ଦାନ୍ତେୱାଡ଼ା ଏସ୍‌ପି ଅଭିଷେକ ପଲ୍ଲବ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଅକ୍ଟୋବର ୩୦ରେ ଦାନ୍ତେୱାଡ଼ାର ଅରନପୁର ଅଞ୍ଚଳରେ ମାଓବାଦୀଙ୍କ ଆକ୍ରମଣରେ ଦୂରଦର୍ଶନର ଓଡ଼ିଆ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁ ନିହତ ହୋଇଥିବାବେଳେ ୩ ପୋଲିସ କର୍ମୀ ଶହୀଦ ହୋଇଥିଲେ। ଏହାର ୩ ଦିନ ପୂର୍ବରୁ ମାଓବାଦୀମାନେ ବିଜାପୁର ଜିଲାରେ ସିଆର୍‌ପିଏଫ୍‌କୁ ଟାର୍ଗେଟ କରିଥିଲେ। ଏଥିରେ ସୁରକ୍ଷା ବଳର ୪ ଯବାନ ଶହୀଦ ଓ ୨ ଆହତ ହୋଇଥିଲେ। ମାଓବାଦୀମାନେ ଭୋଟ ବର୍ଜନ ପାଇଁ ଆହ୍ୱାନ ଦେଇଥିବାବେଳେ ନିର୍ବାଚନ କରାଯାଉଥିବାରୁ ସେମାନେ ବାରମ୍ବାର ଏପରି ଟାର୍ଗେଟ କରୁଥିବା କୁହାଯାଉଛି। ଅବଶିଷ୍ଟ ୭୨ ଆସନ ପାଇଁ ଆସନ୍ତା ୨୦ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଡିସେମ୍ବର ୧୧ରେ ଭୋଟ ଗଣତି କରାଯିବ।

ଭାରତୀୟ ଦଳରେ ...

ସ୍ଥାନ ପାଇବାର ନିୟମ ଥିବାରୁ ସମ୍ଭବତଃ ଅମିତଙ୍କ ପାଇଁ ସୁଯୋଗ ନ ଥିଲା। ପରେ ବିଶ୍ୱକପ କୋର୍ ଗ୍ରୁପ ତାଲିକାରେ ଅମିତଙ୍କୁ ସାମିଲ କରାଯାଇଥିବା ଆନୁଷ୍ଠାନିକ ଘୋଷଣା ହୋଇଥିଲା। ଇତିମଧ୍ୟରେ ବୀରେନ୍ଦ୍ର ମଧ୍ୟ ସମ୍ପୂର୍ଣ୍ଣ ଫିଟ୍ ହୋଇଛନ୍ତି। ଫଳ ସ୍ୱରୂପ ବିଶ୍ୱକପ ଖେଳାଳି ତାଲିକାରେ ଉଭୟ ବୀରେନ୍ଦ୍ର ଓ ଅମିତଙ୍କୁ ସାମିଲ କରାଯାଇଛି। ବୀରେନ୍ଦ୍ର ପୂର୍ବରୁ ୨୦୧୪ ହକି ବିଶ୍ୱକପ ଖେଳିଥିଲେ। ଆଗାମୀ ହକି ବିଶ୍ୱକପ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ ପର୍ଯ୍ୟନ୍ତ ଚାଲିବ।

ବେଫିକର ଏୟାର...

ଆନ୍ଦୋଳନ କରାଯାଇଥିଲା। ଏ ବାବଦରେ ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ମଧ୍ୟ ଲେଖିଛନ୍ତି। ହେଲେ ଫଳ କିଛି ବି ମିଳିନାହିଁ। ବିମାନ ଚଳାଚଳ ବନ୍ଦ କରିଥିବା ଏୟାର ଓଡ଼ିଶାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। କିନ୍ତୁ କମ୍ପାନୀକୁ କୌଣସି ଫରକ ପଡୁନାହିଁ। ବିମାନ ଚଳାଚଳ ନେଇ ଝାରସୁଗୁଡ଼ା ବିମାନବନ୍ଦର ନିର୍ଦ୍ଦେଶକ ସୁଦୀପ ଚୌହାନଙ୍କୁ ପଚାରିବାରୁ ସେ କହିଲେ, ବିମାନ କେବେଠାରୁ ଚାଲିବ ସେ ବାବଦରେ କୌଣସି ସୂଚନା ମିଳିନାହିଁ।

ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ସୁଧାଂଶୁବାଳା ରାୟ

୧୯୪୦-୧୯୯୫

(କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା)

ସ୍ୱାମୀ: ସ୍ୱର୍ଗତ ସୁଧୀର କୁମାର ରାୟ
ବଗଲଗଡ଼

ଅମରାତ୍ମା ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି: ବନ୍ଧୁ ଓ ପରିବାରବର୍ଗ।

ଧ-୬୪୯୧୦

ତୃତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ

ସ୍ୱର୍ଗତ ଦିବ୍ୟନାରାୟଣ ବାବୁ

(ବରିଷ୍ଠ କଂଗ୍ରେସ ନେତା)

ବିନାଖଣ୍ଡି, ସମ୍ବଲପୁର

ଆବିର୍ଭାବ: ୦୫।୧୨।୧୯୩୭
ତିରୋଧାନ: ୦୯।୧୧।୨୦୧୫

ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିରପାଥେୟ ହେଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମାଁ ସମଲେଇଙ୍କଠାରେ ପ୍ରାର୍ଥନା କରୁଛି। ଶୋକସନ୍ତପ୍ତ: ସ୍ତ୍ରୀ-ସଂଯୁକ୍ତା ବାବୁ, ପୁଅ-ସୌମିକ, ପୁତ୍ରବଧୂ-ପ୍ରତୀକ୍ଷା, ଝିଅ-ସ୍ୱରଲିପି, ଜ୍ୱାଇଁ-ଆନନ୍ଦ ଚନ୍ଦ୍ର ପତି, ନାତୁଣୀ ଅନୁଷ୍ଠା।

ଧ-୭୨୪୬୭

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ସବିତା ମହାନ୍ତି

ସ୍ୱାମୀ- ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି
ସୁକିନ୍ଦା, ମାଛଗାଁ, ଜଗତ୍‌ସିଂହପୁର

ଆବିର୍ଭାବ: ୩୦।୦୫।୧୯୫୪
ତିରୋଧାନ: (ଗୋବର୍ଦ୍ଧନ ପୂଜା) ୨୪।୧୦।୨୦୧୪

ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା, ତୁମେ ଆମକୁ ପବିତ୍ର ଗୋବର୍ଦ୍ଧନ ପୂଜା ଦିନରେ ଛାଡି ଆରପାରିକୁ



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା।
ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ
ନାଶ କରିଦିଏ। - **ସନ୍ଥ କବୀର ଦାସ**

ସଂକ୍ଷେପରେ

ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟ ବୈଠକ

ଭୁବନେଶ୍ୱର, ୮।୧୧(ବ୍ୟୁରୋ): କଟକସ୍ଥିତ ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟର ଚତୁର୍ଥ ପରିଚାଳନା ପରିଷଦ ବୈଠକ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଚିବାଳୟଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ସଂଗ୍ରହାଳୟର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ କଟକ ସହରର ଏକ ଲୋକପ୍ରିୟ ଦର୍ଶନୀୟ ସ୍ଥାନଭାବେ ବିକଶିତ ହୋଇପାରିଛି। ସଂଗ୍ରହାଳୟକୁ ଆସୁଥିବା ଦର୍ଶକମାନଙ୍କ ସଂଖ୍ୟା ବୃଦ୍ଧି ଘଟୁଛି। ଏହି ସଂଗ୍ରହାଳୟ ଆମ ନୌବାଣିଜ୍ୟ ପରମ୍ପରାର ଗୌରବମୟ ସ୍ମୃତି ବହନ କରୁଛି। ଛାତ୍ରଛାତ୍ରମାନଙ୍କୁ ଏ ବାବଦରେ ସଚେତନତା କରିବା ପାଇଁ କଟକର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ନୌବାଣିଜ୍ୟ ସଂଗ୍ରହାଳୟରେ ସୂଚନା ପତ୍ରିକା ବଣ୍ଟନ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସଂଗ୍ରହାଳୟରେ ଥିବା ଏସ୍‌ଏଫ୍‌ଏକ୍ସ ଏବଂ ଆକ୍ୱାରିଅମ ପ୍ରଦର୍ଶନରେ ଆସୁଥିବା ୧୪ ବର୍ଷରୁ କମ୍ ବୟସ୍କ ଛାତ୍ରଛାତ୍ରଙ୍କୁ ଟିକେଟରେ ୫୦ପ୍ରତିଶତ ରିହାତି ମିଳିବ। ଏହାଛଡା ଦିବ୍ୟାଙ୍ଗମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ପରିଦର୍ଶନ ସୁବିଧା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆକ୍ୱାରିଅମ ସମ୍ପ୍ରସାରଣ ଓ ମିରର୍ ମେଜ୍ ପ୍ରତିଷ୍ଠା କରାଯିବ। ଛୁଟିଦିନଗୁଡିକରେ ନୌବାଣିଜ୍ୟ ସଂଗ୍ରହାଳୟର କର୍ମଚାରୀମାନେ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ବର୍ଷକୁ ଅଧିକ ୨୧ଦିନର ଦରମା ଦିଆଯିବ। ଏହାସହ କର୍ମଚାରୀମାନଙ୍କ ଦରମା ପୁନଃନିର୍ଦ୍ଧାରଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ଖବରଦାତା ସମ୍ମିଳନୀରେ ଅତିଥିମାନଙ୍କ ସହ ମନ୍ତ୍ରୀ ଅନନ୍ତ ଦାସ(ବାମରୁ ଦ୍ୱିତୀୟ)।

ଆସନ୍ତା ୧୧ ତାରିଖରୁ ରାଜଧାନୀର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଛି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ। ଏହା ୧୫ ତାରିଖ ଯାଏ ଚାଲିବ। ଏ ନେଇ ରାଜ୍ୟ ସରକାର ପ୍ରସ୍ତୁତି ମଧ୍ୟ ଜୋରଦାର ଚଳାଇଛନ୍ତି। ଏହି କନ୍‌କ୍ଲେଭ ଓଡିଶାର ଶିଳ୍ପାୟନ ଯାତ୍ରାକୁ ତ୍ୱରାନ୍ୱିତ କରିବ। ଯାହାକି ପୂର୍ବରୁ କେବେ ଦେଖିବାକୁ ମିଳି ନାହିଁ। ଗୁରୁବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବ୍ୟବସାୟୀ ଗୋଷ୍ଠୀଙ୍କର ମୁଖ୍ୟଙ୍କୁ ଆମେ ବ୍ୟକ୍ତିଗତ ଭାବେ ନିମନ୍ତ୍ରଣ କରିଛୁ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଏଥିରେ ଯୋଗ ଦେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ଦେଶର ସବୁଠାରୁ ବଡ଼ ବ୍ୟବସାୟିକ ଘଟଣା ହେବ। ଏଥିରେ ଭାରତରୁ ୧୫୦ ଜଣ ଏବଂ ଦେଶ ବାହାରୁ ଏପରି କି ଆମେରିକା, ଫ୍ରାନ୍ସ ଭଳି ଦେଶରୁ ପ୍ରତିନିଧିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ବିଭାଗର ମନ୍ତ୍ରୀ ଓ ସଚିବମାନେ ବ୍ୟକ୍ତିଗତ ସ୍ତରରେ ହେବାକୁ ଥିବା ଆଲୋଚନାରେ ଅଂଶଗ୍ରହଣ କରିବେ। ଏଥିରେ ଭାବର ଆଦାନ ପ୍ରଦାନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ମେକ୍ ଇନ୍ ଓଡିଶା କନ୍‌କ୍ଲେଭ ୨୦୧୮କୁ ସଫଳତାର ସହ ପରିଚାଳନା କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୧୫ଟି ବିଭାଗ ୪ ଦିନ ଧରି ବିଭିନ୍ନ କ୍ଷେତ୍ର ଉପରେ ଅଧିବେଶନ ଆୟୋଜନ କରୁଛନ୍ତି। ଏହି କନ୍‌କ୍ଲେଭ ବ୍ୟବସାୟୀଙ୍କୁ ସେମାନଙ୍କ ନେଟୱର୍କ ବୃଦ୍ଧି ଓ ଅଂଶୀଦାର ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ମନ୍ତ୍ରୀ କହିଛନ୍ତି। ଶିଳ୍ପ ସଚିବ ସାଞ୍ଜୀବ ଚୋପ୍ରା କହିଛନ୍ତି, ବର୍ତ୍ତମାନ ସମଗ୍ର ପୃଥିବୀ ଏକ ବିଶ୍ୱ ଗ୍ରାମରେ ପରିଣତ ହୋଇଛି। ଏହି କନ୍‌କ୍ଲେଭ କେବଳ ବଡ ବଡ ଶିଳ୍ପ ଯଥା ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଶିଳ୍ପ, ରସାୟନ ଶିଳ୍ପ କିମ୍ବା ପେଟ୍ରୋ କେମିକାଲ ଶିଳ୍ପ ମଧ୍ୟରେ ସୀମିତ ରହି ନାହିଁ। ରାଜ୍ୟର ଆର୍ଥିକ ବିକାଶ ଦିଗରେ ମଧ୍ୟ ଏହା ସହାୟକ ହେବ। କେବଳ ପୁଞ୍ଜିନିବେଶ ନୁହେଁ। ରାଜ୍ୟ ବିଷୟରେ ବିଶ୍ୱ ସମୁଦାୟକୁ ଅବଗତ କରାଇବା ଏହାର ଲକ୍ଷ୍ୟ ବୋଲି ସଚିବ କହିଛନ୍ତି। ଓଡିଶା ବାହାରେ ରହୁଥିବା ଲୋକମାନେ ଓଡିଶାକୁ ଭଲ ଭାବରେ ଜାଣିନାହାନ୍ତି। ସୂଚନା ପ୍ରଦାନରେ ଦୂରତ୍ୱ ରହି ଯାଇଛି। ଓଡିଶା ବିଷୟରେ ଅନେକ ଭ୍ରାନ୍ତଧାରଣା ରହିଛି। ଏହାକୁ ଦୂର କରିବାରେ ଏହି କନ୍‌କ୍ଲେଭ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଗତ କନ୍‌କ୍ଲେଭରେ ୨ ଲକ୍ଷ କୋଟିର ବିଭିନ୍ନ କ୍ଷେତ୍ରର ୧୨୪ଟି ପ୍ରସ୍ତାବ ଆସିଥିଲା। ସେଥିରୁ ୬୫ ପ୍ରତିଶତ ପ୍ରସ୍ତାବ କାର୍ଯ୍ୟକାରୀ ହେବା ପାଇଁ ବିଭିନ୍ନ ସ୍ତରରେ ରହିଛି। ନଭେମ୍ବର ୧୨ ତାରିଖରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ଆଲୋଚନା ଚକ୍ରରେ ବିଜ୍‌ନେସ ଲିଡରଶିପ ସବ୍‌ମିଟ୍‌ରେ ମୁକେଶ ଅମ୍ବାନୀ ହେବେ ମୁଖ୍ୟବକ୍ତା।ଏଥିରେ ଆଗାମୀ ପିଢିର ନେତୃତ୍ୱଙ୍କୁ ପ୍ରେରଣା ଦେବା ସକାଶେ ଶିଳ୍ପ କ୍ୟାପଟେନମାନେ ଲିଡରଶିପ ଦିଗ ଉପରେ ଆଲୋଚନା କରିବେ। ଏଥିରେ ସ୍ଥାନୀୟ ଶିଳ୍ପପତି ଓ ଉଦ୍ୟୋଗପତିଙ୍କ ସମେତ ବହୁରାଷ୍ଟ୍ରୀୟ ଓ ସ୍ଥାନୀୟ ଶିଳ୍ପାନୁଷ୍ଠାନର ମୁଖ୍ୟମାନେ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷିତ କରିବା ପାଇଁ ରାଜ୍ୟର ସମୃଦ୍ଧ ସଂସ୍କୃତି ଐତିହ୍ୟକୁ ଦର୍ଶକମାନଙ୍କୁ ପରିଚିତ କରାଇବା ଉଦ୍ଦେଶ୍ୟରେ କୋଷ୍ଟାଲ ଫନ ରନ, ହେରିଟେଜ ୱାକ, ଗଲ୍ଫ ଟୁର୍ନାମେଣ୍ଟ ଏବଂ ଆଦିବାସୀ ସଂଗ୍ରହାଳୟ ଏବଂ କଳାଭୂମି (ଓଡ଼ିଶା ହସ୍ତତନ୍ତ ସଂଗ୍ରହାଳୟ) ପରିଦର୍ଶନ ଭଳି ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଯୋଜନା କରାଯାଇଛି। ନଭେମ୍ବର ୧୨ରେ ପ୍ଲୋନାରୀ ଅଧିବେଶନ ଉଦ୍‌ଘାଟନ ବେଳେ ପ୍ରଖ୍ୟାତ ଓଡିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି ଏବଂ ତାଙ୍କ ଟିମ୍‌ଙ୍କ ଦ୍ୱାରା ରାଜ୍ୟର ଇତିହାସ ଓ ସଂସ୍କୃତି ଉପରେ କଲାତ୍ମକ ଅନୁବାଦ ପ୍ରଦର୍ଶନ ହେବ। ରାଉରକେଲା ଜନ୍ମିତ ଏବଂ ଆମେରିକାର ପ୍ରଖ୍ୟାତ ଫ୍ୟାଶନ ଡିଜାଇନର ବିଭୁ ମହାପାତ୍ର କ୍ରଏଟିଭ ଅର୍ଥନୀତି ଉପରେ ଏକ ଟେଡ୍ ଷ୍ଟାଇଲ ଅଭିଭାଷଣ ପ୍ରଦାନ କରିବେ।

- **ପୁଞ୍ଜିନିବେଶ, ଉଦ୍ୟୋଗୀଙ୍କ ପାଇଁ ସୁଯୋଗ**
- **ବିଜ୍‌ନେସ ଲିଡରଶିପରେ ମୁକେଶ ଅମ୍ବାନୀ ଦେବେ ଅଭିଭାଷଣ**
- **ଶିଳ୍ପ ସହ ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି ହେବ**
- **ଦେଶର ହେବ ପ୍ରଥମ ବୃହତ୍ କନ୍‌କ୍ଲେଭ**
- **ପ୍ରଦର୍ଶିତ ହେବ ସଂସ୍କୃତି, କଳା, ପର୍ଯ୍ୟଟନ**
- **ପ୍ରଥମଥର ପାଇଁ ଓଡ଼ିଶା ସିଏସ୍‌ଆର ପୁରସ୍କାର**

ଏହାଛଡା ଷ୍ଟାର୍ଟଅପ ଟକ୍‌ଏବଂ ଆକାଂକ୍ଷା ଉଦ୍ୟୋଗୀଙ୍କ ପାଇଁ ଏହା ଲକ୍ ପ୍ଲାଟଫର୍ମ ହେବ। ଏଥିରେ ଜାତୀୟ, ଅନ୍ତର୍ଜାତୀୟ ସ୍ତରର ନିବେଶକ, ମେଣ୍ଟର ଓ ଉଦ୍ୟୋଗୀଙ୍କ ସହ ଆଲୋଚନା କରିବାର ସୁଯୋଗ ପାଇବେ। ଟେକ୍ ଟକ୍ କାର୍ଯ୍ୟକ୍ରମରେ ମିସ ୟେଭେତ କନୌଫ ଆମେରିକାର ପ୍ରଗତିଶୀଳ ଟେକ୍ନୋଲୋଜି ଉପରେ ଏକ ଅଭିଭାଷଣ ଦେବେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ଥର ଲାଗି ରାଜ୍ୟରେ ଓଡିଶା ସିଏସଆର ପୁରସ୍କାର ପ୍ରଦାନ କରାଯିବ। ରାଜ୍ୟର ସାମାଜିକ ଓ ଆର୍ଥିକ କ୍ଷେତ୍ରର ବିକାଶ ଦିଗରେ ଓଡିଶାରେ ଥିବା କମ୍ପାନୀଗୁଡିକର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ଦିଆଯିବ। ନଭେମ୍ବର ୧୨ ତାରିଖରେ ୩ଟି ଶ୍ରେଷ୍ଠ କମ୍ପାନୀକୁ ଶ୍ରେଷ୍ଠ ଷ୍ଟଲ୍ ପାଇଁ ପୁରସ୍କୃତ କରାଯିବ। ଏଥିସହିତ ସୋସିଆଲ ମିଡିଆରେ ଆଇ ଆମ ଓଡିଶା ଅଭିଯାନ ସଫଳତା ପୂର୍ବକ ଶେଷ ହେବା ପରେ ଓଡିଶାଭିତ୍ତିକ ୭ ଜଣ ସଫଳ ଉଦ୍ୟୋଗୀ ସେମାନଙ୍କ କେସ୍ ଷ୍ଟଡି ପ୍ରଦାନ କରିବେ। ୩ ଜଣ ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା 'ଓଡିଶା ଗୌରବ' ଭାବେ ସମ୍ମାନିତ କରାଯିବ। ମେକ୍ ଇନ୍ ଓଡିଶା କନ୍‌କ୍ଲେଭରେ ଜାପାନ କଣ୍ଟ୍ରିପାର୍ଟନର ରହିଛି। ନଭେମ୍ବର ୧୨ ତାରିଖରେ ଜାପାନ କମ୍ପାନୀଗୁଡିକ ପାଇଁ ଏକ ସ୍ୱତନ୍ତ୍ର ସେମିନାର ଆୟୋଜନ କରାଯାଇଛି। ଏହି କର୍ମଶାଳାରେ ଜାପାନ କମ୍ପାନୀଗୁଡିକ ଓଡିଶାର ମାନୁଫାକ୍ଚରିଂ କ୍ଷେତ୍ରରେ ରହିଥିବା ନିବେଶ ସୁଯୋଗ ସମ୍ପର୍କରେ ପ୍ରଦର୍ଶନ କରିବେ। ରାଜ୍ୟରେ ପ୍ରଥମ ଥର ପାଇଁ ସ୍ମାର୍ଟ ଓଡିଶା ହାକାଥନ ଆୟୋଜନ କରାଯିବ। ଏଥିପାଇଁ ୨୯୩ ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ସେମାନଙ୍କୁ ୯୩ଟି ଟିମ୍‌ରେ ବିଭକ୍ତ କରାଯାଇଛି। ୩୬ ଘଣ୍ଟିଆ ସ୍ମାର୍ଟ ଓଡିଶା ହାକାଥନ ବିଜେତାଙ୍କୁ ନଭେମ୍ବର ୧୫ରେ ପୁରସ୍କୃତ କରାଯିବ। ଓଡିଶା ଥ୍ରମ ପାଭେଲିୟନ ହେବ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ।

ମଦ ନିଶା ନେଲା ଜୀବନ

ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

ବାମରା,୮।୧୧(ସ୍ୱ.ପ୍ର.)

ରାଜୁ ମାଝି

ମଦ ନିଶାରେ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ଗାଳିଗୁଲଜ, ମାରପିଟରୁ ଜଣଙ୍କ ଜୀବନ ଯାଇଛି। ସ୍ୱାମୀଙ୍କ କାଠଫାଳିଆ ମାଡ଼ରେ ସ୍ତ୍ରୀଙ୍କ ମୃତ ଘଟିଛି। ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ଅଧୀନ ପିଣ୍ଡାପଥର ପଞ୍ଚାୟତ ମହୁଲଛାପଲ କିଷାନପଡ଼ା ଅଞ୍ଚଳରେ ବୁଧବାର ରାତିରେ ଏହି ଘଟଣା ଘଟିଛି। ପୋଲିସ ଅଭିଯୁକ୍ତ ସ୍ୱାମୀ ରାଜୁ ମାଝିଙ୍କୁ ଗ୍ରାମବାସୀଙ୍କ ସହାୟତାରେ ଗିରଫ କରିଛି। ସ୍ତ୍ରୀ ପ୍ରଭାସିନୀଙ୍କ ମୃତଦେହ ଗୋବିନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଦଫା ୪୯୮(ଏ) ଓ ୩୦୨ ଆଇପିସିରେ ନିର୍ଯାତନା ଓ ହତ୍ୟା ମାମଲା (ନଂ.୧୫୧/୧୮) ରୁଜୁ ହୋଇଛି। ରାଜୁ ପ୍ରାୟ ୮ବର୍ଷ ତଳେ ପରମାଣପୁର ଗିରିଜାପଡ଼ାର ପ୍ରଭାସିନୀଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରଠାରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଆସୁଥିଲା। ବୁଧବାର ପ୍ରଭାସିନୀ ନିଜ ସାନ ଯାଆ (ଦିଅରଙ୍କ ସ୍ତ୍ରୀ) ସୁକାନ୍ତି ମାଝିଙ୍କ ସହ ରାଜଗାଙ୍ଗପୁରକୁ ବୁଲିବାକୁ ଯାଇଥିଲେ। ସେଠାରୁ ସେ ମଦ ପିଇ ସନ୍ଧ୍ୟାରେ ଘରକୁ ଫେରିଥିଲେ। ଘରେ ରାଜୁ ମଧ୍ୟ ନିଶାସକ୍ତ ଅବସ୍ଥାରେ ଥିଲେ। ନିଜ ସ୍ତ୍ରୀଙ୍କୁ ମାତାଲ ଅବସ୍ଥାରେ ଘରକୁ ଫେରିବା ଦେଖି ଗାଳିଗୁଲଜ କରିଥିଲେ। ଏଥିରେ ପ୍ରଭାସିନୀ ନିଜ ଦେହରେ କିରୋସିନ ଢାଳି ଆତ୍ମହତ୍ୟା କରିବାକୁ ଉଦ୍ୟତ ହୋଇଥିଲେ। ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ଝାମେଲା ଟୁଟିଥିଲା। ତେବେ ରାତିରେ ପୁଣି ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରାଜୁ ଘରେ ଥିବା ଏକ କାଠଫାଳିଆରେ ପ୍ରଭାସିନୀଙ୍କୁ ନିଷ୍ଠୁର ମାଡ଼ ମାରିଥିଲେ। ପରେ ସେଠାରୁ ଫେରାର ହୋଇଯାଇଥିଲେ। ଗୁରୁବାର ସକାଳେ ଗ୍ରାମବାସୀ ପ୍ରଭାସିନୀଙ୍କୁ ମୃତ ଅବସ୍ଥାରେ ଦେଖି ଗୋବିନ୍ଦପୁର ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ବିଶ୍ୱପତି ପଣ୍ଡା, ଗଡ଼ପୋଷ ଫାଣ୍ଡି ଅଧିକାରୀ ଦେବରାଜ ପ୍ରଧାନ, ଥୋମାସ କେର୍କେଟା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସ୍ୱାମୀ ଓ ସ୍ତ୍ରୀ ଉଭୟେ ପ୍ରତିଦିନ ମଦ୍ୟପାନ କରି ପାଟିତୁଣ୍ଡ କରିଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ସେମାନଙ୍କ ୨ଟି କନ୍ୟା ସନ୍ତାନ ଅଛନ୍ତି।

CLASSIFIED DISPLAY



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହ

ଭଗବାନଙ୍କ ଦୃଷ୍ଟିରେ ଛୋଟ ବୋଲି କିଛି ନାହିଁ। ତୁମ ଦୃଷ୍ଟିରେ ମଧ୍ୟ ସେହିପରି ଛୋଟ ବଡ ଭେଦ ନ ଥାଉ। ଗୋଟିଏ ଶାମୁକା ତିଆରି କଲାବେଳେ ବା ଗୋଟିଏ ସାମ୍ରାଜ୍ୟ ଗଠନ କରିବାରେ ଭଗବାନ ତାଙ୍କର ସମାନ ଦେବଶକ୍ତି ପ୍ରୟୋଗ କରନ୍ତି। ତୁମ ପକ୍ଷରେ ବି, ଜଣେ ଅକ୍ଷମ ଓ ବିଳାସୀ ରାଜା ହେବା ଅପେକ୍ଷା ଗୋଟିଏ ନିପୁଣ ମୋଚି ହେବା ମହତ୍ତର ବ୍ୟାପାର। – ଶ୍ରୀଅରବିନ୍ଦ

ପୁନଃ ଆହ୍ୱାନ

ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ଓ ତଜ୍ଜନିତ କୃଷକମାନଙ୍କ ଦୁର୍ଦ୍ଦଶା କିଛି ନୂଆ କଥା ନୁହେଁ। ରାଜ୍ୟର ତିନିଚତୁର୍ଥାଂଶ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବାବେଳେ ରାଜ୍ୟର ଅର୍ଥନୀତି ପ୍ରକାରାନ୍ତରେ ପ୍ରକୃତିର ମର୍ଜ୍ଜି ଓ ଦୟା ଉପରେ ନିର୍ଭର କରିଥାଏ। ବାସ୍ତବରେ ସବୁଠାରୁ ଅଧିକ ପ୍ରାକୃତିକ ଦୁର୍ବିପାକ ପୀଡ଼ିତ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଅନ୍ୟତମ। ଏପରି କ୍ୱଚିତ୍ ବର୍ଷ ଥିବ ଯେଉଁବର୍ଷ ଓଡ଼ିଶାର ଆଂଶିକ ବା ବ୍ୟାପକ ଅଂଶ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ବିଧ୍ୱସ୍ତ ହୋଇ ନ ଥିବ। ଏମିତି ବି ଅନେକ ଉଦାହରଣ ଅଛି, ଯେତେବେଳେ ଗୋଟିଏ ବର୍ଷରେ ଉଭୟ ବର୍ଷାହୀନତା ଓ ବୃଷ୍ଟିବହୁଳତା ଦ୍ୱାରା ରାଜ୍ୟ କ୍ଷତିଗ୍ରସ୍ତ ହୋଇଛି। ଚଳିତବର୍ଷ ହେଉଛି ତା'ର ଏକ ଉଦାହରଣ। ଉପକୂଳ ଓ ଦକ୍ଷିଣ ଓଡ଼ିଶା ଏବେ ବି ବାତ୍ୟା ତିତ୍‌ଲିର ପରପ୍ରଭାବରୁ ମୁକ୍ତ ହେବାକୁ ସଂଘର୍ଷ କରୁଛନ୍ତି। ଅଥଚ ରାଜ୍ୟର ଅନ୍ୟ କିଛି ଅଂଶରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି।

ଅତୀତରେ ରାଜ୍ୟ ସରକାର ବାତ୍ୟାର ଅବ୍ୟବହିତ ପୂର୍ବରୁ ସମ୍ଭାବ୍ୟ ଅଧିକ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରି ଜୀବନହାନିର ଆଶଙ୍କାକୁ ହ୍ରାସ କରିପାରିଥିଲେ। ଏହା ଘଟିଥିଲା ଫାଇଲିନ୍ ଓ ହୁଦ୍‌ହୁଦ୍ ସମୟରେ। ତତ୍‌ଲ ସମୟରେ ବ ସେପର ପଦକ୍ଷେପ ନଆଯାଇଥିଲା। ତେବେ ମରୁଡ଼ି ସମୟରେ ଏପରି କିଛି ଆଗୁଆ ପଦକ୍ଷେପ ନେବା ସମ୍ଭବ ହୋଇପାରିନି। ମରୁଡ଼ି ପରେ ସରକାର ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ କିଛି ଆର୍ଥିକ ସାହାଯ୍ୟ ଦେଇଥାନ୍ତି। କିନ୍ତୁ ଏହା ସେମାନଙ୍କ ଦୁଃଖ ଦୂର କରିବା ପାଇଁ ଯଥେଷ୍ଟ ହୋଇ ନ ଥାଏ। ମରୁଡ଼ି ବର୍ଷଗୁଡ଼ିକରେ ହଜାର ହଜାର କୃଷିଜୀବୀ ଘରଦ୍ୱାର ଛାଡ଼ି ବାହାର ରାଜ୍ୟକୁ ରୋଜଗାର ଉଦ୍ଦେଶ୍ୟରେ ଚାଲିଯିବାର ଦେଖାଯାଏ। ଏହି ପରିବାରଗୁଡ଼ିକ ସାଧାରଣତଃ ଏକକ ଉପାର୍ଜନକାରୀ ପରିବାର ହୋଇଥାନ୍ତି। ସରକାରଙ୍କ ସାହାଯ୍ୟ ସେମାନଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ପଣା ପରି ହୋଇଥାଏ। ଚଳିତବର୍ଷ ସରକାର ରାଜ୍ୟର ୯ଟି ଜିଲାକୁ ମରୁଡ଼ି ପ୍ରଭାବିତ ବୋଲି ଘୋଷଣା କରିବା ଏକ ସମୟୋଚିତ ପଦକ୍ଷେପ। ବରଗଡ଼, ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାର ୨,୩୩,୧୭୪ ହେକ୍ଟର ଧାନଜମି ମରୁଡ଼ିପୀଡ଼ିତ ବୋଲି ସରକାର ଘୋଷଣା କରିଛନ୍ତି। ଏହିସବୁ ଅଞ୍ଚଳରେ କୃଷି ଉତ୍ପାଦନରେ ୩୩ ପ୍ରତିଶତ କ୍ଷତିହେବ ବୋଲି ଆକଳନ କରାଯାଇଛି। ତେବେ ଚଳିତବର୍ଷ ମରୁଡ଼ି-ପୀଡ଼ିତ ବୋଲି ଘୋଷଣା କରାଯାଇଥିବା ଅଧିକାଂଶ ଜିଲା ରାଜ୍ୟର ସବୁଠାରୁ ଧାନ ଅମଳକାରୀ ଜିଲା ଭାବେ ପରିଚିତ। ରାଜ୍ୟର ମୋଟ ଧାନ ଅମଳର ପ୍ରାୟ ଅଧା ଭାଗ ଏହି ୯ଟି ଜିଲା ଅମଳ କରିଥାନ୍ତି। ବରଗଡ଼, କଳାହାଣ୍ଡି ଓ ବଲାଙ୍ଗୀର ହେଉଛି ସବୁଠାରୁ ଅଧିକ ଧାନ ସଂଗ୍ରହ କରାଯାଉଥିବା ତିନୋଟି ଜିଲା।

ଓଡ଼ିଶାର ବାହାର ରାଜ୍ୟକୁ ଯାଉଥିବା ଅଧିକାଂଶ ଦାଦନ ଶ୍ରମିକ ହେଉଛନ୍ତି ପଶ୍ଚିମ ଓଡ଼ିଶାର। ସବୁଠାରୁ ବେଶି ଶ୍ରମିକ ଯାଇଥାନ୍ତି ବଲାଙ୍ଗୀର ଓ ନୂଆପଡ଼ା ଜିଲାରୁ। ତେଣୁ ରାଜ୍ୟ ସରକାର ମରୁଡ଼ିପୀଡ଼ିତ ଘୋଷଣା କରି ତ୍ୱରିତ ଓ ସମୟଭିତ୍ତିକ ପଦକ୍ଷେପ ନେଇଛନ୍ତି। ସରକାର ଅଣଜଳସେଚିତ ଅଞ୍ଚଳ ପାଇଁ ହେକ୍ଟର ପିଛା ଟ୬,୮୦୦, ଜଳସେଚିତ ଅଞ୍ଚଳ ପାଇଁ ଟ୧୩,୫୦୦ ଏବଂ ସବୁ ଋତୁରେ ଚାଷ ହୋଇପାରୁଥିବା ଦୋଫସଲି ଜମି ପାଇଁ ଟ୧୮,୦୦୦ କ୍ଷତିପୂରଣ ଘୋଷଣା କରିଛନ୍ତି। ୨୦୧୬ ମସିହାରେ ବି ଏପରି ପରିସ୍ଥିତି ଉପୁଜିଥିଲା। ସେତେବେଳେ ସରକାର ଊଣା-ଅଧିକେ ଅନୁରୂପ ସାହାଯ୍ୟ ଘୋଷଣା କରିଥିଲେ। କିନ୍ତୁ ତାହା ଦାଦନ ଶ୍ରମିକ ଭାବେ ଅନ୍ୟ ରାଜ୍ୟକୁ ପଳାୟନ କରିବାରୁ ଗରିବ ଶ୍ରମଜୀବୀ ଲୋକମାନଙ୍କୁ ରୋକିପାରି ନ ଥିଲା। ଗତବର୍ଷ ସମ୍ବଲପୁର ଜିଲାର ଜୁଜୁମୁରା ଓ ଜମନ୍‌କିରା ପରି ବ୍ଲକ୍ ଅଞ୍ଚଳରେ ଏପରି ଘଟଣା କିପରି ବ୍ୟାପକ ଭାବେ ଘଟିଥିଲା, ସେ ବିଷୟରେ ଧରିତ୍ରୀରେ ରିପୋର୍ଟ ପ୍ରକାଶ ପାଇଥିଲା। ସେତେବେଳେ ସରଳ କୃଷକ ଓ ଭାଗଚାଷୀମାନେ ମଧ୍ୟସ୍ଥ ଓ ଦଲାଲମାନଙ୍କ ଦ୍ୱାରା କିପରି ଠକାମିର ଶିକାର ହୋଇଥିଲେ ତାହା ଆମେ ଦେଖିଛୁ। ମରୁଡ଼ି ବର୍ଷଗୁଡ଼ିକରେ ଅନେକ କୃଷକ ଆତ୍ମହତ୍ୟା କରିବାର ମଧ୍ୟ ରିପୋର୍ଟ ପ୍ରକାଶ ପାଇଥାଏ। ଏଥର ପୁଣି ସେପରି ଆହ୍ୱାନ ଆସିଛି। ସମଗ୍ର ପଶ୍ଚିମ ଓଡ଼ିଶା ମରୁଡ଼ି-ପୀଡ଼ିତ ହୋଇଥିବାରୁ ଏହି ଅଞ୍ଚଳଗୁଡ଼ିକରୁ ଗରିବ ଲୋକମାନେ ଦାଦନ ଖଟିବାକୁ ବାହାରକୁ ଯିବାର ସମ୍ଭାବନା ରହିଛି। ଦଲାଲ ଓ ମଧ୍ୟସ୍ଥମାନେ ଏବେ ବି ସକ୍ରିୟ ଅଛନ୍ତି। ଏହା ଏକ ଆବର୍ତ୍ତୀ (ପୁନଃ ପୁନଃ ଘଟୁଥିବା) ଆହ୍ୱାନ, ଯାହାର ମୁକାବିଲା ପାଇଁ ସରକାର ସଚେତନ ରହି ପଦକ୍ଷେପ ନେବା ଆବଶ୍ୟକ।

ଚିରନ୍ତନୀ

ସରଳ ମତି ସହଜ ଗତି
ନ ବୁଝି ଏ ନିଦାଘ ପଥେ
ଯା'ନ୍ତି ଚଳି ବାଳୀ
କି ରୂପରାଶି ଢାଳି।
(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

su|do|ku ସୁ-ଡୋ-କୁ

	9			5	6	A			3					
		3		1		0	8			5				2
	4				B			1	6	D	2	E		
					C							D	7	
0	1	C	3			B	9							A
	6						4							7
		8				3	E	A		2				
B		D		E			6						5	9
	A				5			C	9					6
			0	4	2	7			E				D	
	B	9		7	8				C					
		0	1			9	5		4					
		A	C	6	3			E			B	9		
3		1				D	A	B			7			4
	5				A		7	2	D					

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

3	2	6	1	E	D	9	0	A	4	5	C	8	B	7
5	A	1	C	0	9	E	7	2	B	8	3	4	6	D
0	9	E	6	2	B	8	4	3	7	D	1	C	5	A
8	7	C	A	4	5	B	1	D	2	E	6	0	3	9
D	B	4	3	7	8	6	C	5	A	9	0	E	1	2
7	E	3	0	A	1	C	6	4	5	B	9	2	D	8
4	D	B	9	C	2	0	3	1	6	7	8	5	A	E
1	6	5	D	3	4	2	8	7	C	A	E	B	9	0
2	8	9	B	5	7	D	A	E	0	1	4	6	C	3
C	0	A	E	8	6	5	B	9	D	3	2	7	4	1
9	5	8	4	B	E	7	D	0	3	C	A	1	2	6
B	3	2	8	1	C	A	9	6	E	4	7	D	0	5
6	1	7	2	9	3	4	5	B	8	0	D	A	E	C
A	C	D	5	6	0	1	E	8	9	2	B	3	7	4
E	4	0	7	D	A	3	2	C	1	6	5	9	8	B

ଗତକାଲିର ଉତ୍ତର

ଆଇନର ଶାସନ: କିଛି କଥା, କିଛି ବ୍ୟଥା

ଗିରିଜାଶଙ୍କର ତରାସିଆ

ଦିନ ଥିଲା ଶାସକ ନିଜ ଇଚ୍ଛାରେ ଶାସନ କରୁଥିଲେ। ଏବେ କିନ୍ତୁ ଚାଲିଛି ଆଇନର ଶାସନ। ଏହାର ପରିଭାଷା ବ୍ୟାପକ ହେଲେ ମଧ୍ୟ ପରିସୀମା ଅସ୍ପଷ୍ଟ। କାରଣ ଥିଲାବାଲା ଏବଂ ନ ଥିଲାବାଲା କ'ଣ ସତରେ ଆଇନ ଆଗରେ ସମାନ? ଏହି ପ୍ରଶ୍ନଟି ଏବେ ମୋ ମନରେ ଜଟିଳ ରୂପ ଧାରଣ କରିଛି ଓକିଲାତି ପେସାରେ ପ୍ରାୟ ତେତିଶ ବର୍ଷ ବିତାଇବା ପରେ। ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇ ଖୋଳବର୍ଷ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଭାବେ ନିଷ୍ଠା ଏବଂ ସାଧୁତାର ସହିତ କାର୍ଯ୍ୟ କରିବା ପରେ ଆୟ ବିରୋଧରେ କୌଣସି ଅଭିଯୋଗ ନ ଥାଇ ବିନା ନୋଟିସରେ ଆୟକୁ କାର୍ଯ୍ୟରୁ ଅପସାରିତ କରିବା ସହିତ ଆୟଠାରୁ କନିଷ୍ଠ ଏବଂ ଅପେକ୍ଷାକୃତ ଅନଭିଜ୍ଞ ବ୍ୟକ୍ତିଙ୍କୁ ଆୟ ସ୍ଥାନରେ ନିଯୁକ୍ତି ଦିଆଗଲା। କାହାକୁ ନିଯୁକ୍ତି ଦେବା ନ ଦେବା ସରକାରଙ୍କର ଇଚ୍ଛାଧୀନ ବ୍ୟାପାର। କିନ୍ତୁ ଆୟଠାରୁ ବରିଷ୍ଠ ଏବଂ ଅଭିଜ୍ଞ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଥିଲେ ଆୟର ଅସନ୍ତୋଷ ରହି ନ ଥାନ୍ତା। ବରିଷ୍ଠତାକୁ ସମ୍ମାନ ନ ଦେଇ ଭାରତର ଉଚ୍ଚତମ ନ୍ୟାୟାଳୟର ତତ୍କାଳୀନ ପୂର୍ବତନ ପ୍ରଧାନ ବିଚାରପତି କନିଷ୍ଠ ବିଚାରପତିମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ମକଦ୍ଦମା ବିଚାର କରିବାକୁ ସୁଯୋଗ ଦେଉଥିବାର ଅଭିଯୋଗ କରି ଉଚ୍ଚତମ ନ୍ୟାୟାଳୟର ଚାରିଜଣ ବରିଷ୍ଠ ବିଚାରପତି ଚେଲମେଶ୍ୱର, ରଞ୍ଜନ ଗୋଗୋଇ (ବର୍ତ୍ତମାନର ପ୍ରଧାନ ବିଚାରପତି), ଏମ୍.ବି. ଲୋକୁର ଏବଂ କୁରିଏନ୍ ଜୋସେଫ ୨୦୧୮ ଜାନୁୟାରୀ ୧୨ ତାରିଖରେ ଏକ ଅଭୂତପୂର୍ବ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରି ସେମାନଙ୍କର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଗଣତନ୍ତ୍ରର ସୁରକ୍ଷା ପାଇଁ ଏପରି କରିଥିବା କହିଥିଲେ।

ଆଇନ ଆଗରେ ସମସ୍ତେ ସମାନ ବୋଲି ଭାରତୀୟ ସମ୍ବିଧାନ ଘୋଷଣା କରିଥିଲେ ମଧ୍ୟ ଆଇନକୁ ଫାଙ୍କି ହଜାର ହଜାର କୋଟି ଟଙ୍କା ହଡ଼ପ କରି ବିଜୟ ମାଲ୍ୟାଙ୍କ ପରି ବ୍ୟକ୍ତି ବିଦେଶକୁ ପଳାଇଯାଇ ପାରୁଥିବା ବେଳେ ମାତ୍ର କେତେ ହଜାର ଟଙ୍କା ଋଣ ଶୁଝି ନ ପାରି ଚାଷୀଟିଏ ଆତ୍ମହତ୍ୟା କରୁଛି। ଏହାକୁ କ'ଣ ଆଇନର ସମାନତା ବୋଲି କୁହାଯିବ? ଆମେରିକା ସର୍ବୋଚ୍ଚ ନ୍ୟାୟାଳୟର ଜଣେ ବିଚାରପତି ବ୍ରିନାନ୍ ଏକଦା ମତପୋଷଣ କରିଥିଲେ– Nothing rankles more in human heart than a brooding sense of injustice. ଆଇନର ଉତ୍ସ କୁହାଯାଉଥିବା ମାଗ୍‌ନାକାର୍ଟା ଚୁକ୍ତି ଇଂଲଣ୍ଡରୁ ଜନ୍ମଲାଭ କରିଥିଲା। ନ୍ୟାୟପୂର୍ଣ୍ଣ ତଥା ଶୃଙ୍ଖଳିତ ଜୀବନଯାପନ ନିମନ୍ତେ ଇଂଲଣ୍ଡର ରାଜା ଏବଂ ବ୍ୟାରନ୍‌ଙ୍କ ମଧ୍ୟରେ ତ୍ରୟୋଦଶ

ଜାତୀୟ ଆଇନ ସେବା ଦିବସ ଉପଲକ୍ଷେ

ଶତାବ୍ଦୀରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଲଣ୍ଡନର ପ୍ରସିଦ୍ଧ ଟେମ୍ସ ନଦୀକୂଳରେ ଅବସ୍ଥିତ ରୁନିମେଡ଼େ ମନୋରମ ଉଦ୍ୟାନରେ ୧୨୧୫ ଖ୍ରୀଷ୍ଟାବ୍ଦ ଜୁନ୍ ୧୫ ତାରିଖରେ ଇଂଲଣ୍ଡର ତତ୍କାଳୀନ ସମ୍ରାଟ ଜନ୍ ଐତିହାସିକ ମାଗ୍‌ନାକାର୍ଟା ଚୁକ୍ତିରେ ସ୍ୱାକ୍ଷର କରିଥିଲେ।

୧୯୪୯ ମସିହା ମାର୍ଚ୍ଚରେ ବମ୍ବେ ଉଚ୍ଚ ନ୍ୟାୟାଳୟର ତତ୍କାଳୀନ ବିଚାରପତି ଜଷ୍ଟିସ୍ ଏନ୍.ଏଚ୍. ଭଗବତୀଙ୍କ ଅଧ୍ୟକ୍ଷତାରେ ସ୍ୱଳ୍ପ ଆୟକାରୀ ବ୍ୟକ୍ତି ତଥା ପଛୁଆବର୍ଗ ଲୋକଙ୍କୁ ଆଇନ ସହାୟତା ଯୋଗାଇଦେବା ନିମନ୍ତେ ବମ୍ବେ ସରକାର ଏକ କମିଟି ଗଠନ କଲେ। ଅନୁରୂପଭାବେ ସେହି ସମୟରେ ବଙ୍ଗଳା ସରକାର କଲିକତା ଉଚ୍ଚନ୍ୟାୟାଳୟର ତତ୍କାଳୀନ ମୁଖ୍ୟ ବିଚାରପତି ସାର୍ ଆର୍ଥର ଟ୍ରେଭୋର ହାରିସ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଉଭୟ କମିଟି ନିଜ ନିଜ ରାଜ୍ୟ ସରକାରଙ୍କୁ ସ୍ୱତନ୍ତ୍ରଭାବେ ସେମାନଙ୍କର ସୁପାରିସ ପ୍ରଦାନ କରିଥିଲେ ମଧ୍ୟ ଏହି ରିପୋର୍ଟକୁ ବିଶେଷ ଗୁରୁତ୍ୱ ଦିଆଯାଇ ନ ଥିଲା। ଭାରତୀୟ ବିଚାର ବିଭାଗର ଦୁଇଜଣ ପ୍ରଚଣ୍ଡ ପ୍ରତିଭା ଜଷ୍ଟିସ୍ ପି.ଏନ୍. ଭଗବତୀ ଏବଂ ଜଷ୍ଟିସ ଭି.ଆର୍. କ୍ରିଷ୍ଣା ଆୟାର ଭିନ୍ନ ଭିନ୍ନ ଭାବେ ଆଇନ ସହାୟତା ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ସେମାନଙ୍କର ମୂଲ୍ୟବାନ୍ ପରାମର୍ଶ ଦେଇଥିଲେ। ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶ ଭି.ଆର୍. କ୍ରିଷ୍ଣା ଆୟାର ୧୯୭୩ ମସିହାରେ କରିଥିବା ସୁପାରିସକୁ ଗ୍ରହଣ କରି ତତ୍କାଳୀନ କେନ୍ଦ୍ର ସରକାର ୧୯୭୭ ମସିହା ୪୨ତମ ସମ୍ବିଧାନ ସଂଶୋଧନରେ ଧାରା ୩୯(କ) ସଂଯୋଗ କରାଇ ଗରିବମାନଙ୍କୁ ଆଇନ ସହାୟତା ଯୋଗାଇଦେବା ପାଇଁ ବ୍ୟବସ୍ଥା କଲେ। ସର୍ବୋଚ୍ଚ ନ୍ୟାୟାଳୟର ତଦାନୀନ୍ତନ ବିଚାରପତି ଜଷ୍ଟିସ୍ ଭଗବତୀଙ୍କ ଅଧ୍ୟକ୍ଷତାରେ ୧୯୮୦ ସେପ୍ଟେମ୍ବର ୨୬ ତାରିଖରେ ଏକ କମିଟି ଗଠନ କରାଯାଇଥିଲା। ସମଗ୍ର ଦେଶରେ ମାଗଣା ଆଇନ ସହାୟତା ଏବଂ ଉପଦେଶ ଦେବା ନିମନ୍ତେ ଏହି କମିଟି ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଥିଲା। କମିଟି ସୁପାରିସ ଅନୁଯାୟୀ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଆଇନ ସହାୟତା ଏବଂ ଉପଦେଷ୍ଟା ବୋର୍ଡମାନ ଗଠନ କଲେ। ଜଷ୍ଟିସ୍ ଭଗବତୀଙ୍କ ସୁପାରିସ ଆଧାରରେ ସଂସଦରେ ଆଇନସେବା ପ୍ରାଧିକରଣ ଆଇନ ୧୯୮୭ ଗୃହୀତ ହେବା ପରେ ସେହିବର୍ଷ ଅକ୍ଟୋବର ୧୧ ତାରିଖରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ତେବେ ଏହି ଆଇନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଏଥିରେ କିଛି ସଂଶୋଧନ କରାଯାଇ ପୁନଃ ମହାମହିମ ରାଷ୍ଟ୍ରପତିଙ୍କ ସ୍ୱୀକୃତି ହାସଲ କରିବା ପରେ ଏହା ୧୯୭୫ ନଭେମ୍ବର ୯ ତାରିଖରୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହେଲା ଏବଂ ସେହିବର୍ଷଠାରୁ ପ୍ରତିବର୍ଷ ନଭେମ୍ବର ୯ ତାରିଖକୁ ଜାତୀୟ ଆଇନସେବା ଦିବସ ଭାବେ ପାଳନ କରାଯାଉଛି।

୧୯୮୭ ଆଇନ ସେବା ପ୍ରାଧିକରଣ ଆଇନ ଅନୁଯାୟୀ ତାଲୁକ ସ୍ତରରୁ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ମାଗଣାରେ ଆଇନ ସହାୟତା ଯୋଗାଇ ଦେବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଏହିସବୁ ମାଗଣା ଆଇନସେବା ଯୋଗାଇଦେବା କାର୍ଯ୍ୟରେ କ'ଣ ସବୁ ସ୍ଥଳରେ ଅଭିଜ୍ଞ, ଦକ୍ଷ ଆଇନଜୀବୀଙ୍କୁ ନିଯୁକ୍ତି ଦିଆଯାଉଛି? କେତେକ ସ୍ଥାନରେ ଗ୍ରାମାଞ୍ଚଳରେ ରୋଗୀଟିଏ ସରକାରୀ ଡାକ୍ତରଖାନାରୁ ମାଗଣାରେ ଔଷଧ ଆଣି ରୋଗ ଉପଶମ ନ ହେବା ଏବଂ ଥିଲାବାଲା ପଇସା ଖର୍ଚ୍ଚକରି ବେସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରିବା ପରି ମାଗଣା ଆଇନସେବା ଯୋଗାଇଦେବା ଅବସ୍ଥା ନ ହେଉ। ପରିସଂଖ୍ୟାନ ଦୃଷ୍ଟିରୁ ମାଗଣାରେ ବ୍ୟାପକ ଆଇନ ସେବା ଯୋଗାଇ ଦିଆଯାଉଛି ବୋଲି ଦାବି ନ କରି ଗୁଣାତ୍ମକ ଭାବେ ତାଲୁକ ସ୍ତରରୁ ଉଚ୍ଚତମ ନ୍ୟାୟାଳୟ ପର୍ଯ୍ୟନ୍ତ ଏହି କାର୍ଯ୍ୟରେ ଦକ୍ଷ, ଅଭିଜ୍ଞ ଏବଂ ନିଷ୍ଠାବାନ୍ ଆଇନଜୀବୀଙ୍କୁ ନିୟୋଜିତ କରାଗଲେ ମାଗଣା ଆଇନସେବା ଯୋଗାଇଦେବାର ଲକ୍ଷ୍ୟ ସାଧିତ ହୋଇପାରିବ।

ଦେଶସେବା କରିବା ପାଇଁ ନିର୍ବାଚିତ ହୋଇଥିବା ସାଂସଦ ତଥା ବିଧାୟକମାନେ ଦିନ କେଇଟା ଦାୟିତ୍ୱ ତୁଲାଇବା ପରେ ଜୀବନସାରା ଅବସରକାଳୀନ ଭତ୍ତା ପାଇବାକୁ ଯୋଗ୍ୟ ହେଉଥିଲା ବେଳେ ସ୍ୱଳ୍ପ ପାରିଶ୍ରମିକରେ ଷୋଳବର୍ଷ ଧରି ସରକାରଙ୍କ ପକ୍ଷରୁ ଅଦାଲତରେ ମକଦ୍ଦମା ଲଢ଼ି ପରେ କୌଣସି ଆର୍ଥିକ ସହାୟତା ଏବଂ ପେନ୍‌ସନ୍ ପାଇବାର ସୁଯୋଗ ନ ପାଇ ରୋଗଶଯ୍ୟାରେ ପଡ଼ି ଛଟପଟ ହେଉଥିବା ଆୟ ପରି ନାଗରିକଟିର ଦୁରବସ୍ଥା ଆଇନର ଅସମାନତାର ଶିକାର ହେଉଥିବା ହଜାର ହଜାର ଅସହାୟ ବ୍ୟକ୍ତିଙ୍କର ଏକ ଉଦାହରଣ ମାତ୍ର।

ମୋ– ୯୯୩୭୩୩୪୮୦୦

ବିମୁଦ୍ରୀକରଣ ଓ ତା'ର ପ୍ରଭାବ

ଅରୁଣ ଜେଟ୍‌ଲୀ

ଆଜି ଆମେ ବିମୁଦ୍ରୀକରଣର ଦୁଇବର୍ଷ ପୂରଣ କରୁଛୁ। ଅର୍ଥବ୍ୟବସ୍ଥାକୁ ଔପଚାରିକ କରିବା ଦିଗରେ କେନ୍ଦ୍ର ସରକାର ନେଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୃଙ୍ଖଳା ମଧ୍ୟରୁ ବିମୁଦ୍ରୀକରଣ ଏକ ପ୍ରମୁଖ ପଦକ୍ଷେପ। ସରକାର ପ୍ରଥମେ ଭାରତ ବାହାରେ ଥିବା କଳାଧନକୁ ଟାର୍ଗେଟ୍ କରିଥିଲେ। ଜରିମାନା ଟିକସ ପଇଠ କରି ଏହିସବୁ ସମ୍ପତ୍ତିକୁ ଦେଶ ଭିତରକୁ ଆଣିବା ଲାଗି ସମ୍ପତ୍ତିଧାରକମାନଙ୍କୁ ଜୁହାଯାଇଥିଲା। ଯେଉଁମାନେ ଏହା କରିବାରେ ବିଫଳ ହୋଇଛନ୍ତି ସେମାନଙ୍କୁ କଳାଧନ ଆଇନ ଅଧୀନରେ ଦଣ୍ଡିତ କରାଯାଇଛି। ବିଦେଶରେ ଥିବା ଜମା ଏବଂ ସମ୍ପତ୍ତିର ବିବରଣୀ ଯାହା ସରକାରଙ୍କୁ ମିଳିଲା, ସେସବୁର ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରାଗଲା।

ରିଟର୍ନ ଦାଖଲ କରିବା ଏବଂ ଟିକସ ଆଧାରକୁ ସମ୍ପ୍ରସାରଣ କରିବାର ସୁବିଧା ପ୍ରଦାନ ଲାଗି ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ କ୍ଷେତ୍ରରେ ପ୍ରଯୁକ୍ତିର ଉପଯୋଗ କରାଗଲା। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାଦ୍ୱାରା ସମାଜର ଦୁର୍ବଳ ବର୍ଗର ଲୋକମାନେ ମଧ୍ୟ ଔପଚାରିକ ଅର୍ଥବ୍ୟବସ୍ଥାର ଅଂଶବିଶେଷ ହୋଇପାରିଲେ। ଜନଧନ ଜମାଖାତା ଦ୍ୱାରା ବହୁସଂଖ୍ୟକ ଲୋକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସହ ଯୋଡ଼ିହୋଇ ପାରିଲେ। ଆଧାର ଆଇନ ଦ

ସଂକ୍ଷେପରେ

ଚୋରି ଅଭିଯୋଗ, ୨ ଗିରଫ

ପଦ୍ମପୁର, ୮।୧୧ (ଡି.ଏନ.ଏ): ମୋବାଇଲ ଓ ଟ୍ରାକ୍ଟର ବ୍ୟାଟେରି ଚୋରି ଅଭିଯୋଗରେ ପଦ୍ମପୁର ବ୍ଲକ ବୁଢେନ ଥାନା ପୋଲିସ ୨ଜଣଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଦଲିଗୁଡାର ସୁଦାମ ବରିହା ଓ ସୋନୁ ପ୍ରଧାନ। ଏମାନଙ୍କଠାରୁ ୧୮ଟି ମୋବାଇଲ ଓ ଗୋଟିଏ ଟ୍ରାକ୍ଟର ବ୍ୟାଟେରି ଉଦ୍ଧାର କରାଯାଇଛି । ଗତ ୨୯ତାରିଖ ରାତ୍ରିରେ ବୁଢେନ ଥାନା ଅନ୍ତର୍ଗତ ଦହିତା ଗ୍ରାମର ଗୋବିନ୍ଦ ମେହେରଙ୍କ ମୋବାଇଲ ଦୋକାନରୁ ପ୍ରାୟ ୫୦ଟି ମୋବାଇଲ ଫୋନ ଚୋରି ହୋଇଥିଲା। ସେହିପରି ଗତ ଅଗଷ୍ଟ ୧୩ରେ ଦଲିଗୁଡା ଗ୍ରାମରୁ ୩ଟି ଟ୍ରାକ୍ଟର ବ୍ୟାଟେରି ଚୋରି ହୋଇଥିବା ବୁଢେନ ଥାନାରେ ଅଭିଯୋଗ ହୋଇଥିଲା ।

ବେପରୁଆ ଡ୍ରାଇଭିଂ କାର୍ ଧକ୍କାରେ ଷଣ୍ଢ ମୃତ

ସୋନପୁର,୮।୧୧(ନି.ପ୍ର.)- ବେପରୁଆ ଡ୍ରାଇଭିଂ ପାଇଁ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ସହରର ନଳିନି ଛକଠାରେ ବୁଧବାର ରାତିରେ ଏଭଳି ବେପରୁଆ ଡ୍ରାଇଭିଂ ଯୋଗୁ ଏକ ଷଣ୍ଢର ମୃତ୍ୟୁ ହୋଇଛି । ମାରୁତି ସୁଇଫ୍ଟ ଡିଜାୟାର କାର ନଂ ଓଡି୧୫ଇ-୫୦୬୮ ନଳିନି ଛକ ରାସ୍ତା ପାର୍ଶ୍ୱରେ ଥିବା ଷଣ୍ଢକୁ ଧକ୍କା ଦେବା ପରେ ମ୍ୟୁନିସିପାଲିଟି ଷ୍ଟଲ ଆଡକୁ ମାଡି ଯାଇଥିଲା । ତେବେ ରାତିରେ ଦୋକାନ ବନ୍ଦ ଥିବାରୁ କାହାରି ଜୀବନହାନୀ ହୋଇନାହିଁ। କିନ୍ତୁ ୩ଟି ଦୋକାନର ବାହାରକୁ ଥିବା ଟିଣ ଘର ଭାଙ୍ଗି ଗୁଜି ଯାଇଛି।

ପୋଲିସ, ଦୁଇ ରାଜନେତାଙ୍କୁ ଟାର୍ଗେଟ୍ କଲେ ମନ୍ତ୍ରୀ

ଆନନ୍ଦପୁର, ୮।୧୧(ସ୍ୱ.ପ୍ର.)

ବଦ୍ରି ନାରାୟଣ ପାତ୍ର

କେନ୍ଦୁଝର ଜିଲାରେ ଆଇନଶୃଙ୍ଖଳା ସ୍ଥିତି ଓ ପୋଲିସ କାର୍ଯ୍ୟକଳାପ ନେଇ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ମୁହଁ ଖୋଲିଛନ୍ତି। ଗତ ସେପ୍ଟେମ୍ବର ୧୬ରେ ଘସିପୁରା ଥାନା ଅଧୀନ ୨୦ ନମ୍ବର ଜାତୀୟ ରାଜପଥ ବେଲବାହାଳି ବଜାର ନିକଟରେ ତାଙ୍କ ଗାଡ଼ି ଉପରେ ଆକ୍ରମଣ ଘଟଣା ନେଇ ସେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଟାର୍ଗେଟ କରି ମନ୍ତବ୍ୟ ଦେଇଛନ୍ତି। ଏପରିକି ନିରଞ୍ଜନଙ୍କର ଜଣେ ସମ୍ପର୍କୀୟ ରାଜନେତା ଯେ କି ଏବେ ବିଜେଡିରେ ସାମିଲ ହୋଇଛନ୍ତି, ତାଙ୍କୁ ମଧ୍ୟ ସମାଲୋଚନା କରିବାକୁ ପଛାଇ ନାହାନ୍ତି। ନିରଞ୍ଜନ ଓ ତାଙ୍କ ସମ୍ପର୍କୀୟଙ୍କ ଇଙ୍ଗିତରେ ପୋଲିସ କାର୍ଯ୍ୟ କରୁଥିବା ସେ ଅଭିଯୋଗ କରିଛନ୍ତି। ସେ କହିଥିଲେ ଯେ, ବର୍ତ୍ତମାନ ଘସିପୁରା ନିର୍ବାଚନ ମଣ୍ଡଳୀରେ ଆଇନଶୃଙ୍ଖଳା ସ୍ଥିତି ଏପରି ହୋଇଛି ଯେ ଏଠାରେ ସ୍ୱାଧୀନ ଭାବେ ଚଳିବା ଓ ବଞ୍ଚିବା ସାଧାରଣ ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ନିରଞ୍ଜନଙ୍କ ନିଷ୍ପତ୍ତି ଓ ନିର୍ଦ୍ଦେଶରେ ଥାନାରେ ଏତଲା ରଖାଯାଉଛି। ଏହି ଏତଲା ଖବରକୁ ଏକ ନିର୍ଦ୍ଦିଷ୍ଟ ଚ୍ୟାନେଲ ଓ ଖବରକାଗଜରେ ପ୍ରସାରଣ କରାଯାଉଛି। ଗୁରୁବାର ମନ୍ତ୍ରୀ ପାତ୍ର ଶାଳପଡ଼ାସ୍ଥିତ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ ଉତ୍ସବରେ ଯୋଗଦେବା ପାଇଁ ଆସିଥିବା ଅବସରରେ ରାମଚନ୍ଦ୍ରପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ କିଛି ସମୟ ବିଶ୍ରାମ ନେଇଥିଲେ। ସେଠାରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ତାଙ୍କ ଗାଡ଼ି ଉପରେ ହୋଇଥିବା ଆକ୍ରମଣ ଘଟଣା ନେଇ ଘସିପୁରା ଥାନାରେ ୨୯ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ମାତ୍ର ୪ ଜଣ ଗିରଫ ହୋଇଛନ୍ତି। ଅନ୍ୟମାନେ ସ୍ପଷ୍ଟ ଦିବାଲୋକରେ ଘୂରି ବୁଲୁଛନ୍ତି। ସେମାନଙ୍କୁ ଧରାଯାଉ ନାହିଁ। ଏହି ଘଟଣାର ଦୁଇଦିନ ପରେ ପଦନା ଛକରେ ଏକ ଗଣ୍ଡଗୋଳ ଘଟଣାର ତଦନ୍ତ ପାଇଁ ଯାଉଥିବା ଘସିପୁରା ପୋଲିସ ଉପରେ ଆକ୍ରମଣ ହୋଇଥିଲା। କେତେକ ବ୍ୟକ୍ତିଙ୍କ ସହ ସେଠାରେ ପୋଲିସର ଗଣ୍ଡଗୋଳ ଘଟିଥିଲା। ଏହି ମାମଲାରେ ପ୍ରଭାବଶାଳୀ ଦୁଇ ରାଜନେତାଙ୍କ ଚାପକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତାଙ୍କ ପୁଅ ଦେବାଶିଷ ପାତ୍ରଙ୍କୁ ଏହାପର ଦିନ ଗିରଫ କରିଥିଲା । ସେ ଏବେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ପୁନଶ୍ଚ ଗତ ବୁଧବାର ଘସିପୁରା ଥାନା ଗୁହାଳିଆଠାରେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ଘଟଣାରେ ତାଙ୍କର ଅନ୍ୟ ଜଣେ ପୁଅଙ୍କୁ ଅଭିଯୁକ୍ତ ଦର୍ଶାଇ ମାମଲା ରୁଜୁ କରାଯାଇଛି। ପୋଲିସ ନିରପେକ୍ଷ ଭାବେ ତଦନ୍ତ ନ କରି ପ୍ରକୃତ ଅଭିଯୁକ୍ତଙ୍କୁ ଧରିବା ପରିବର୍ତ୍ତେ ଅନ୍ୟମାନଙ୍କ ପ୍ରରୋଚନାରେ ପଡ଼ି କାର୍ଯ୍ୟ କରୁଥିବାରୁ ଅଞ୍ଚଳର ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ିବାରେ ଲାଗିଛି। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ପରିବାର ଏଠାରେ ହାକିମାତି ଚଳାଇ ପୋଲିସକୁ ପ୍ରଭାବିତ କରି ହିଂସାକୁ ପ୍ରୋତ୍ସାହିତ କରୁଥିବା ମନ୍ତ୍ରୀ କହିଥିଲେ। ଉଲ୍ଲେଖନୀୟ ଯେ, ମନ୍ତ୍ରୀ ପାତ୍ର ଆନନ୍ଦପୁର ଉପଖଣ୍ଡ ଘସିପୁରା ନିର୍ବାଚନ ମଣ୍ଡଳୀର ବିଧାୟକ ରହିଛନ୍ତି। ସେଠାରେ ତାଙ୍କ ଦଳର ସ୍ଥିତି ସୁଦୃଢ଼ ଥିବାରୁ ପ୍ରତିଦ୍ୱନ୍ଦ୍ୱୀ ପକ୍ଷ ହିଂସାକାଣ୍ଡ ଘଟାଇ ଅସ୍ଥିରତା ସୃଷ୍ଟି କରୁଥିବା ମନ୍ତ୍ରୀ କହିଥିଲେ। ବୁଧବାର ଘଟିଥିବା ହିଂସା ଘଟଣା ସମ୍ପର୍କରେ ଆନନ୍ଦପୁର ଏସ୍‌ଡିପିଓ ଦିଲୀପ ବାଗଙ୍କୁ ପଚାରିବାରୁ ମନ୍ତ୍ରୀଙ୍କ ପୁଅ ଦେବପ୍ରିୟ ପାତ୍ରଙ୍କ ମୋବାଇଲ ଟ୍ରାକିଂ ପରେ ଗଣ୍ଡଗୋଳ ବେଳେ ସେଠାରେ ସେ ଉପସ୍ଥିତ ନ ଥିବା ତଦନ୍ତରୁ ଜଣାପଡ଼ିଛି ବୋଲି କହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ରାଜନୈତିକ ହିଂସା ଘଟଣା ବୃଦ୍ଧି ଏକ ଅସ୍ଥିରତାର ବାତାବରଣ ସୃଷ୍ଟି କରୁଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

ଦେବଗଡ଼ ସହରରେ ମା' ମହାଲକ୍ଷ୍ମୀ ପୂଜା

ଦେବଗଡ,୮।୧୧(ସ୍ୱ.ପ୍ର)

ଦେବଗଡ ସହରର ୪ଟି ମଣ୍ଡପରେ ମା' କାଳୀ ଏବଂ ମା' ମହାଲକ୍ଷ୍ମୀଙ୍କ ପୂଜା ପାଳିତ ହେଉଛି। ଅଧିବାସ, କଳସୀ ଯାତ୍ରା ସହ ଯଥାରୀତି ଅନୁସାରେ ପୂଜାକାର୍ଯ୍ୟ ହେବାସହ ଚଳିତବର୍ଷ ସହରର ବିଭିନ୍ନ ସ୍ଥାନରେ ଯଥା କାରଗିଲ ଛକ, ରଜାମୁଣ୍ଡାର ନୂଆଁସାହି, ପ୍ରଧାନପାଟ ଛକ, ଗୁରୁସାହି, ପୁରୁଣାଗଡର ପାର୍ବତୀପୁର ପୂଜା ମଣ୍ଡପଗୁଡିକ ଚଳଚଞ୍ଚଳ ହୋଇ ଉଠିବା ସହ ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଛି। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଏପରିକି ପ୍ରତ୍ୟେକ ମଣ୍ଡପରେ ଅନ୍ନଭୋଗ ସହ ପିଠାଭୋଗ, ଖିରୀ ଭୋଗର ବ୍ୟବସ୍ଥା କରାଯାଇଥିବା ମଧ୍ୟ ଜଣାପଡିଛି। ସେହିପରି କାରଗିଲ ଛକ ମହାଲକ୍ଷ୍ମୀ ପୂଜା କମିଟି ତରଫରୁ ବିଭିନ୍ନ ପ୍ରବେଶପଥରେ ବିଦ୍ୟୁତ୍‌ତୋରଣ ସହ ବିଭିନ୍ନ ରଙ୍ଗୀନ ଆଲୋକମାଳାରେ ଆଚ୍ଛାଦିତ କରାଯାଇଛି। ୯ ଓ ୧୦ ଦୁଇଦିନ ଧରି ରେକର୍ଡଡ୍ୟାନ୍ସ ଏବଂ ୧୨ ରେ ଆକର୍ଷଣୀୟ ଭସାଣି ଯାତ୍ରା ହେବ। ଚଳିତବର୍ଷ କାରଗିଲ ଛକ ମହାଲକ୍ଷ୍ମୀ ପୂଜା କମିଟିର ସୁବ୍ରତ କୁମାର ପାତ୍ର, ରଶ୍ମୀରଞ୍ଜନ ବରାଇ, ମଣ୍ଟୁ ଦ୍ୱିବେଦୀ, ରିଲୁ ମହାପାତ୍ର, ରାଜୀବ ମହାକୁଲ, ପିଣ୍ଟୁ ଦେବ, ସନ୍ତୋଷ ଦେଢୁରୀ, କାଳିଆ ଦ୍ୱିବେଦୀ, ଚିକୁନ ପ୍ରଧାନ, ବିକି ଦେବ, ସୋମ ଶର୍ମା, ପିଣ୍ଟୁ ଦେବ, ଚିନୁ ହାତୀଙ୍କ ସମେତ ଅନ୍ୟମାନେ ଦାୟୀତ୍ୱ ନିର୍ବାହ କରୁଛନ୍ତି।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ: sbi.10027@sbi.co.in

ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ଅନୁଯାୟୀ ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ **"ଯାହା ଯେଉଁଠାରେ ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ନିମ୍ନରେ ପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ଇ-ନିଲାମ କରାଯିବ।

କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା୦୭.୧୨.୨୦୧୮ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ

ଇ-ନିଲାମ ତାରିଖ ଏବଂ ସମୟ :
ତା୧୦.୧୨.୨୦୧୮ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୦୩.୩୦ଘଟିକା ମଧ୍ୟରେ

କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୂର୍ଯ୍ୟଜ୍ୟୋତି ପ୍ରଧାନ, ଇ-ମେଲ: suryajyoti.pradhan@sbi.co.in, ମୋ: ୮୫୯୪୦୦୨୭୦୩

କ୍ରମ ନଂ.	ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା	କାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା	ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ	ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ	ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ
୧.	**ବିଦ୍ୟାଧରପୁର ଏଡିବି /** **ଋଣଗ୍ରହୀତା: ଶ୍ରୀ ଅରୁଣ ସ୍ୱାଇଁ,** ପିତା: ହରିହର ସ୍ୱାଇଁ, ବିଜୁ ପଟ୍ଟନାୟକ ଛକ, ଆର୍.ସି. ପଟ୍ଟନାୟକ ଲେନ୍, ତୁଳସୀପୁର, କଟକ-୭୫୩୦୦୮ / **ଆକାଉଣ୍ଟ ନଂ.: ୩୦୧୭୨୯୯୩୩୮**	**କାମିନ୍‌ଦାର: ଶ୍ରୀମତୀ ରୀତା ବିଶାଲ,** ସ୍ୱାମୀ: ✓ ଗୌର କୃଷ୍ଣ ବିଶାଲ, ଶିବଶ୍ରୀ ହାଉସ୍, ମହାନ୍ତି ପଡ଼ା, କାପ୍ପୁ, ଚାନ୍ଦନୀ ଚୌକ, କଟକ-୭୫୩୦୦୨	**ଶ୍ରୀ ଅରୁଣ ସ୍ୱାଇଁ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କଟକ ସହର ୟୁନିଟ୍ ନଂ. ୮ ଦକ୍ଷିଣ ତୁଳସୀପୁର, ତହସିଲ: କଟକ ସଦର, ଥାନା: ବିଡାନାସୀ, ଜିଲ୍ଲା: କଟକ, ଖାତା ନଂ.: ୧୫, ଅନୁରୂପ ମ୍ୟୁଟେଡେଡ୍ ଖାତା ନଂ.: ୧୬/୮୦, ପ୍ଲଟ୍ ନଂ.: ୩୫୬(ଅଂଶ), ଅନୁରୂପ ମ୍ୟୁଟେଡେଡ୍ ପ୍ଲଟ୍ ନଂ.: ୩୫୬/୧୪୪୯, କ୍ଷେତ୍ର: ଏକର ୦.୦୫୬ଡିସିମିଲି (ଏକର୦.୦୮୦ଡିସିମିଲିରୁ), କିସମ: ଘରବାରି	ଟ.୧,୧୨,୭୯,୬୭୦/- + ୧୫.୦୨.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୫.୦୨.୨୦୧୮	ଟ.୮୦,୩୩,୦୦୦/- / ଟ.୮,୦୩,୩୦୦/- / ଟ.୧,୦୦,୦୦୦/-
୨.	**ନୂଆପାଟଣା ଶାଖା /** **ଋଣଗ୍ରହୀତା: ମେସର୍ସ ଧବଳେଶ୍ୱର ରାଇସ୍ ମିଲ୍, ସ୍ୱତ୍ୱାଧିକାରୀ: ଶ୍ରୀ ସତୀଶ କୁମାର ସାହୁ,** ପିତା: ଶ୍ରୀ ବିଜୟ କୃଷ୍ଣ ସାହୁ, ଗଡ଼ିଝରିଆ, ପୋ: ଭିରୁଡ଼ା, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.: ୩୨୪୬୦୩୭୧୪୨୮, ୩୨୪୫୮୪୦୯୨୩୨**	**କାମିନ୍‌ଦାର: ଶ୍ରୀ ବିଜୟ କୃଷ୍ଣ ସାହୁ,** ପିତା: ✓ ନିତ୍ୟାନନ୍ଦ ସାହୁ, ସା: ବଡ଼ହାଟ, ପୋ/ଜି ଲ୍ଲା: କେନ୍ଦ୍ରାପଡ଼ା	**କ) ଶ୍ରୀ ସତୀଶ କୁମାର ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବ୍‌ଜା ଯାହାର ମୌଜା: ଭିରୁଡ଼ା, ତହସିଲ: ତିରିଡିଆ, ଜିଲ୍ଲା: କଟକ, ଖାତା ନଂ.: ୧୨୮୯/୬୭୮, ପ୍ଲଟ୍ ନଂ.: ୬୭୭୬, କ୍ଷେତ୍ର: ଏକର୦.୩୨ଡିସିମିଲି, ପ୍ଲଟ୍ ନଂ.: ୬୭୭୬/୯୮୩୧, କ୍ଷେତ୍ର: ଏକର୧.୨୦ଡିସିମିଲି, କିସମ: ଘରବାରି **ଖ) ଶ୍ରୀ ସତୀଶ କୁମାର ସାହୁଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା: ବରାଇଲୋ, ତହସିଲ: ତେରାବିଶ, ଜିଲ୍ଲା: କେନ୍ଦ୍ରାପଡ଼ା, ଖାତା ନଂ.: ୧୦୧ (ନୂଆ ଖାତା ନଂ.: ୨୪୪/୯୧), ପ୍ଲଟ୍ ନଂ.: ୫୭୨, କ୍ଷେତ୍ର: ଏକର୦.୫୫୦ଡିସିମିଲି, ଖାତା ନଂ.: ୨୪ (ନୂଆ ଖାତା ନଂ.: ୨୪୪/୯୦), ପ୍ଲଟ୍ ନଂ.: ୫୭୩, କ୍ଷେତ୍ର: ଏକର୦.୬୪୦ଡିସିମିଲି, ଖାତା ନଂ.: ୩ (ନୂଆ ଖାତା ନଂ.: ୨୪୪/୮୨), ପ୍ଲଟ୍ ନଂ.: ୫୭୫, କ୍ଷେତ୍ର: ଏକର୦.୯୬୬ଡିସିମିଲି, କିସମ: ଘରବାରି	ଟ.୧,୨୮,୧୫,୦୬୦/- + ୨୫.୦୨.୨୦୧୪ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୨୫.୦୨.୨୦୧୪	କ) ଟ.୭୯,୧୦,୦୦୦/- ଟ.୭,୯୧,୦୦୦/- ଟ.୧,୦୦,୦୦୦/- ଖ) ଟ.୨୬,୬୩,୦୦୦/- ଟ.୨,୬୬,୩୦୦/- ଟ.୫୦,୦୦୦/-
୩.	**ବାଣିଜ୍ୟିକ ଶାଖା, କଟକ /** **ଋଣଗ୍ରହୀତା: ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ କୁମାର ସାହୁ, ନିର୍ଦ୍ଦେଶକମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀମତୀ ରଞ୍ଜିତା ସାହୁ,** ସମସ୍ତଙ୍କ ଠିକଣା-ସା/ପୋ: ସମପୁର, ଜିଲ୍ଲା: କଟକ, ପିନ୍- ୭୫୪୧୩୦ / **ଆକାଉଣ୍ଟ ନଂ.: ୩୦୭୦୯୯୭୭୬୪୨, ୩୦୭୧୬୭୭୦୦୪୩**	**ଜାମିନ୍‌ଦାରମାନେ:** ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀ ସଞ୍ଜିତ କୁମାର ସାହୁ, ଉଭୟଙ୍କ ଠିକଣା-ସା/ପୋ: ସମପୁର, ଜିଲ୍ଲା: କଟକ, ପିନ୍-୭୫୪୧୩୦	**(କ) ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ଏହାକୁ ପ୍ରତିନିଧିତ୍ୱ କରୁଥିବା ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ କୁମାର ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବ୍‌ଜା ଯାହାର (୧) ମୌଜା: ଅରିଲୋ, ତହସିଲ: କିଶାନନଗର, ଥାନା: କେଶନଗର, ଜିଲ୍ଲା: କଟକ, (i) ଖାତା ନଂ.: ୫୨, ପ୍ଲଟ୍ ନଂ.: ୫୯୬, କ୍ଷେତ୍ର: ଏକର୦.୫୪୦ ଡିସିମିଲି, କିସମ: ଘରବାରି, (ii) ଖାତା ନଂ.: ୪୩୦, ପ୍ଲଟ୍ ନଂ.: ୫୫୯, କ୍ଷେତ୍ର: ଏକର୦.୫୫୦ଡିସିମିଲି, ପ୍ଲଟ୍ ନଂ.: ୫୮୩, କ୍ଷେତ୍ର: ଏକର୦.୫୭୦ଡିସିମିଲି, ପ୍ଲଟ୍ ନଂ.: ୫୯୬, କ୍ଷେତ୍ର: ଏକର୩.୧୫୦ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୪.୨୭୦ଡିସିମିଲି,** କିସମ: ଘରବାରି, (୨) ମୌଜା: ସମପୁର, ତହସିଲ: କିଶାନନଗର, ଥାନା: କେଶନଗର, ଜିଲ୍ଲା: କଟକ, ଖାତା ନଂ.: ୫୪୮, ପ୍ଲଟ୍ ନଂ.: ୬୩୬, କ୍ଷେତ୍ର: ଏକର୦.୧୧୦ ଡିସିମିଲି, ପ୍ଲଟ୍ ନଂ.: ୬୪୦, କ୍ଷେତ୍ର: ଏକର୦.୧୪୦ଡିସିମିଲି, ପ୍ଲଟ୍ ନଂ.: ୬୩୬, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି **(ଖ) ଶ୍ରୀମତୀ ଶାନ୍ତିଲତା ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସମପୁର, ତହସିଲ: କିଶାନନଗର, ଥାନା: କେଶନଗର, ଜିଲ୍ଲା: କଟକ, ଖାତା ନଂ.: ୬୦୮/୧୪, ପ୍ଲଟ୍ ନଂ.: ୬୩୮/୨୦୬୬, କ୍ଷେତ୍ର: ଏକର୦.୦୮୦ ଡିସିମିଲି, କିସମ: ଘରବାରି	ଟ.୨,୩୬,୦୫,୨୯୪/- + ୦୫.୦୫.୨୦୧୪ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୦୫.୦୫.୨୦୧୪	(କ) ଟ.୨,୫୯,୨୫,୦୦୦/- ଟ.୨୫,୯୨,୫୦୦/- ଟ.୧,୦୦,୦୦୦/- (ଖ) ଟ.୧୮,୦୨,୦୦୦/- ଟ.୧,୮୦,୨୦୦/- ଟ.୫୦,୦୦୦/-
୪.	**ମାଲଗୋଦାମ ଶାଖା /** **ଋଣଗ୍ରହୀତା: ମେସର୍ସ ଶ୍ରୀ ବାଲାଜୀ ଜେନେରାଲ୍ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀମତୀ ରେଖା ଅଗ୍ରୱାଲ,** ସ୍ୱାମୀ: ଶ୍ରୀ ବିନୋଦ କୁମାର ଅଗ୍ରୱାଲ, ପ୍ଲଟ୍ ନଂ.: ୧୫୦୩/ବି, ସେକ୍ଟର-୬, ସିଡିଏ, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.: ୩୦୨୪୫୪୦୭୯୧୨**	**ଜାମିନ୍‌ଦାରମାନେ: ୧) ଶ୍ରୀ ମନୋରଞ୍ଜନ ନାୟକ,** ପିତା: ✓ ପ୍ରାଣକୃଷ୍ଣ ନାୟକ, ଠିକଣା-୧: ସା/ପୋ: ପାଇକ ବାରବାଟି, ଥାନା: କାନପୁର, ଭାୟା: ନରସିଂହପୁର, ଜିଲ୍ଲା: କଟକ, ଠିକଣା-୨: ସା: ଷ୍ଟିୱାର୍ଟ ପାଟଣା, ସନତ ନଳିନୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ସେଲୁର ଛକ, ପୋ/ଥାନା: ବିଡାନାସୀ, କଟକ, **୨) ଶ୍ରୀ ବିନୋଦ କୁମାର ଅଗ୍ରୱାଲ,** ପ୍ଲଟ ନଂ.: ବି/୧୫୦୩, ସେକ୍ଟର-୬, ସିଡିଏ, ମର୍କତ ନଗର, କଟକ-୭୫୩୦୧୪	**ଶ୍ରୀ ମନୋରଞ୍ଜନ ନାୟକଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ପାଇକପଡ଼ା ପାଟଣା, ତହସିଲ/ଥାନା: ନରସିଂହପୁର, ଜିଲ୍ଲା: କଟକ, ଖାତା ନଂ.: ୫୭୪/୧୫, ଅନୁରୂପ ପରିବର୍ତ୍ତିତ ଖାତା ନଂ.: ୫୭୪/୪୬୨, ପ୍ଲଟ୍ ନଂ.: ୧୪୦୭/୨୮୮୬, କ୍ଷେତ୍ର: ଏକର୦.୧୯୫ଡିସିମିଲି, କିସମ: ଘରବାରି	ଟ.୨୭,୯୮,୦୦୦/

ଆମକୁ ପାପ କାର୍ଯ୍ୟ କରିବାରେ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।

- ଶଙ୍କରାଚାର୍ଯ୍ୟ

ସଂକ୍ଷେପରେ

ଓଟିଇଟି ପାଇଁ ୧୨ରୁ ଆବେଦନ

ଭୁବନେଶ୍ୱର, ୮।୧୧(ବ୍ୟୁରୋ): ଓଡ଼ିଶା ଟିଚର୍ସ ଇଜିଲିବିଲିଟି ଟେଷ୍ଟ (ଓଟିଇଟି) ପାଇଁ ଆସନ୍ତା ୧୨ ତାରିଖରୁ ଅନ୍‌ଲାଇନ୍‌ରେ ଫର୍ମ ଆବେଦନ ଆରମ୍ଭ ହେବ। ଆବେଦନର ଶେଷ ତାରିଖ ନଭେମ୍ବର ୨୭ ପୂର୍ବାହ୍ନ ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ରହିଛି। ଆଶାୟୀ ଛାତ୍ରଛାତ୍ରୀମାନେ ବୋର୍ଡ ୱେବସାଇଟ୍(www.bseo-disha.ac.in)କୁ ଯାଇ ଫର୍ମ ପୂରଣ କରିପାରିବେ ବୋଲି ଗୁରୁବାର ମାଧ୍ୟମିକ ଶିକ୍ଷା ମୋଡ(ବିଏସ୍‌ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୨ ତାରିଖ ସକାଳ ୮ଟାରୁ ୱେବସାଇଟ୍‌ରେ ଫର୍ମ ଉପଲବ୍ଧ ହେବ। ୨୭ ତାରିଖ ପୂର୍ବାହ୍ନ ୧୧ଟା ୪୫ ମିନିଟ ଯାଏ ୱେବ୍‌ସାଇଟ୍‌ରେ ଫର୍ମ ପୂରଣ ପାଇଁ ଲିଙ୍କ ଉପଲବ୍ଧ ରହିବ। ଅନ୍‌ଲାଇନ୍‌ରେ ଫର୍ମ ଆବେଦନ କରିଥିବା ପ୍ରାର୍ଥୀ ୨୮ ତାରିଖ ସୁଦ୍ଧା ଏସ୍‌ବିଆଇ ଶାଖାରେ ପରୀକ୍ଷା ଫି ପଇଠ କରିପାରିବେ। ପ୍ରକାଶିତ ବିଜ୍ଞପ୍ତିକୁ ପଢ଼ି ଫର୍ମ ପୂରଣ କରିବାକୁ କୁହାଯାଇଛି। ଜଣେ ପିଲା ଚାହିଁଲେ ପେପର-୧ ଏବଂ ପେପର-୨ ପରୀକ୍ଷା ଦେଇପାରିବ। କିନ୍ତୁ ଏଥିପାଇଁ ସେ ଦୁଇଟି ପେପର ପାଇଁ ଉପଲବ୍ଧ ଥିବା ପୃଥକ ପୃଥକ୍ ଫର୍ମ ପୂରଣ କରିବାକୁ ପଡିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

ୱାର୍ଲଡ ଟ୍ରାଭେଲ ମାର୍କେଟରେ 'ଓଡ଼ିଶା ପର୍ଯ୍ୟଟନ'

ଲଣ୍ଡନରେ ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ଓଡ଼ିଶା ହକି ବିଶ୍ୱକପ୍‌ର ଆୟୋଜକ ପାର୍ଟନର 'ଓଡ଼ିଶା ପର୍ଯ୍ୟଟନ' ନିକଟରେ ଲଣ୍ଡନରେ ଅନୁଷ୍ଠିତ ୱାର୍ଲଡ ଟ୍ରାଭେଲ ମାର୍କେଟରେ ଅଂଶଗ୍ରହଣ କରି ସେଠାରେ ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର କରିଛି। ବିଶ୍ୱ ପର୍ଯ୍ୟଟନ ଶିଳ୍ପକୁ ଓଡ଼ିଶା ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଅବଗତ କରାଇବା ସହ ହକି ବିଶ୍ୱକପ୍‌ର ଆକର୍ଷଣ ସମ୍ପର୍କରେ ବିଦେଶୀ ଟୁର୍ ଅପରେଟର ଓ ଟ୍ରାଭେଲ ଏଜେଣ୍ଟମାନଙ୍କୁ କୁହାଯାଇଛି। ନଭେମ୍ବର ୫ରୁ ୭ ତାରିଖ ପର୍ଯ୍ୟନ୍ତ ଏକ୍ସେଲ ଲଣ୍ଡନ ଏକ୍‌ଜିବିଶନ ସେ୍ପସ୍‌ରେ ଆୟୋଜିତ ଏହି ପର୍ଯ୍ୟଟନ ମେଳାରେ ପ୍ରଥମ ଥର ପାଇଁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗଦେଇଥିଲେ। ଏହି ଅବସରରେ ସେ ଅନ୍ତର୍ଜାତୀୟ ଗଣମାଧ୍ୟମକୁ ଓଡ଼ିଶାର ପର୍ଯ୍ୟଟନ ସମ୍ବଳ ଏବଂ ବିଶ୍ୱସ୍ତରରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ କିଭଳି ନିଜର ସ୍ଥିତି ଜାହିର କରୁଛି, ସେ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଅର୍ଚ୍ଚନା ପଟ୍ଟନାୟକ, ସହନିର୍ଦ୍ଦେଶକ ବିଶ୍ୱଜିତ୍ ରାଉତରାୟ ଓ ପର୍ଯ୍ୟଟନ ଅଧିକାରୀ ରତିକାନ୍ତ ପଟ୍ଟନାୟକ ଏହି ୱାର୍ଲଡ ଟ୍ରାଭେଲ ମାର୍କେଟରେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ସେଠାରେ ପୁଞ୍ଜି ନିବେଶକାରୀ ଓ ପର୍ଯ୍ୟଟନ ଅଧିକାରୀମାନଙ୍କ ସହ ବି୨ବି(b2b) ବୈଠକର ଆୟୋଜନ କରାଯାଇଥିଲା। ଟ୍ରାଭେଲ ମାର୍କେଟରେ ନିର୍ମିତ ଓଡ଼ିଶା ପର୍ଯ୍ୟଟନ ଷ୍ଟଲ୍ କୋଣାର୍କ ମନ୍ଦିର ଆକୃତିର ନିର୍ମିତ ହୋଇଥିଲା। ଏହାସହ 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' କ୍ୟାମ୍ପେନ୍‌ର ବ୍ରାଣ୍ଡିଂ ମଧ୍ୟ କରାଯାଇଥିଲା।

ବିମୁଦ୍ରୀକରଣର ଦୁଇବର୍ଷ ପୂର୍ତ୍ତି ପ୍ରସଙ୍ଗ

ଆଜି ଆର୍‌ବିଆଇ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର, ୮।୧୧(ବ୍ୟୁରୋ)

ନିରଞ୍ଜନ ପଟ୍ଟନାୟକ

ବିମୁଦ୍ରୀକରଣର ଦୁଇବର୍ଷ ପୂର୍ତ୍ତି ଅବସରରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଉଭୟ ଭାଜପା ଓ ବିଜେଡିକୁ ସମାଲୋଚନା କରିଛନ୍ତି। ବିଜେଡି ଓ ଭାଜପା ମୁଦ୍ରାର ଦୁଇପାର୍ଶ୍ୱ ବୋଲି ନିରଞ୍ଜନ କହିଛନ୍ତି। ଏହାସହ ଶୁକ୍ରବାର ଏହାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଆର୍‌ବିଆଇ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯିବ ବୋଲି ନିରଞ୍ଜନ ସୂଚନା ଦେଇଛନ୍ତି। ରାତିଅଧିଆ ନିଷ୍ପତ୍ତି ନେବାରେ ଧୁରନ୍ଧର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମୁଦ୍ରୀକରଣକୁ ନଭେମ୍ବର ୮ରେ ଦୁଇ ବର୍ଷ ପୂରଣ ହୋଇଛି। ୨୦୧୬ ନଭେମ୍ବର ୮ରେ ରାତି ଅଧରେ ଏକଚାଟିଆ ନିଷ୍ପତ୍ତି ନେଇ ମୋଦି ୫୦୦ ଓ ୧୦୦୦ଟଙ୍କିଆ ନୋଟ ପ୍ରଚଳନ ବନ୍ଦ କରିଥିଲେ। ଦେଶରେ କଳାଟଙ୍କା କାରବାରକୁ ରୋକିବା, ଜାଲ୍‌ନୋଟ ପ୍ରଚଳନ ବନ୍ଦ କରିବା ଏବଂ ବିଦେଶରେ ଥିବା କଳାଧନ ସ୍ୱଦେଶକୁ ଫେରାଇ ଆଣିବା ଲକ୍ଷ୍ୟରେ ମୋଦି ବିମୁଦ୍ରୀକରଣ କାର୍ଯ୍ୟକାରୀ କରିଥିଲେ। ହେଲେ ତାହା ଶୋଚନୀୟ ଭାବେ ବିଫଳ ହୋଇଥିବା ନିରଞ୍ଜନ ଅଭିଯୋଗ କରିଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ନିରଞ୍ଜନ କହିଛନ୍ତି ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ ହିସାବ ଅନୁଯାୟୀ ବିମୁଦ୍ରୀକରଣ ଘୋଷଣା କରାଯିବା ସମୟରେ ଦେଶରେ ୧୫.୪୧ଲକ୍ଷ କୋଟି ଟଙ୍କାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ପ୍ରଚଳିତ ଥିଲା। ବିମୁଦ୍ରୀକରଣ ପରେ ଆର୍‌ବିଆଇ ନିକଟକୁ ତାହାର ପାଖାପାଖି ୯୯.୩ପ୍ରତିଶତ ଅର୍ଥାତ ୧୫.୩୦ ଲକ୍ଷ କୋଟି ଟଙ୍କାର ନୋଟ୍ ଫେରିଲା। ଅବଶିଷ୍ଟ ୧୦,୭୨୦ କୋଟି ଟଙ୍କାର ଅଯୋଗ୍ୟ ଘୋଷିତ ନୋଟ୍ ଜମା ହୋଇନାହିଁ। ତେବେ ବିମୁଦ୍ରୀକରଣର ୬ ମାସ ପରେ ବିଦେଶୀ ବ୍ୟାଙ୍କଗୁଡ଼ିକରେ ପାଖାପାଖି ୭ ହଜାର କୋଟି ଟଙ୍କା ଜମା କରାଯାଇଥିଲା ଏବଂ ତାହା କଳାଧନ ବୋଲି ଜାଣିବାକୁ ମିଳିଥିଲା ବୋଲି ନିରଞ୍ଜନ କହିଛନ୍ତି।

ସୁନ୍ଦରୀକୁ ନନ୍ଦନକାନନ ମନା।

ସିଜେଡ୍‌ଏ ଚିଠିକୁ ଜେଇ ଅଡୁଆରେ ବନ ବିଭାଗ

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ମଧ୍ୟପ୍ରଦେଶର ବାନ୍ଧବଗଡ଼ରୁ ଆସିଥିବା ସୁନ୍ଦରୀ ବାଘୁଣୀକୁ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ଅଡୁଆରେ ପଡ଼ିଛି। ସୁନ୍ଦରୀକୁ ଜଙ୍ଗଲ ଭିତରେ ରଖିବାରେ ବିଫଳ ହେଉଥିବା ବନ ବିଭାଗ ନନ୍ଦନକାନନରେ ରଖିବାକୁ ନିଷ୍ପତ୍ତି ନେଇଥିଲା। ହେଲେ କେନ୍ଦ୍ର ଚିଡ଼ିଆଖାନା କର୍ତ୍ତୃପକ୍ଷ (ସିଜେଡ୍‌ଏ) ବାଘୁଣୀକୁ ନନ୍ଦନକାନନକୁ ସ୍ଥାନାନ୍ତର କରିବାକୁ ରୋକ୍‌ଠେକ୍ ମନା କରିଦେଇଛି। ଜାତୀୟ ଚିଡିଆଖାନା ନୀତି (ଏନ୍‌ଜେଡପି)ଅନୁଯାୟୀ କୌଣସି ସ୍ୱତନ୍ତ୍ର ପରିସ୍ଥିତି ନ ଉପୁଜିଲେ ବନ୍ୟ ପ୍ରାଣୀଙ୍କୁ ଜଙ୍ଗଲରୁ ସିଧାସଳଖ ଚିଡିଆଖାନାକୁ ନିଆଯାଇ ପାରିବ ନାହିଁ। ଏ ନେଇ ସିଜେଡଏ ମେମ୍ବର ସେକ୍ରେଟାରୀ ଡି.ଏନ. ସିଂ ରାଜ୍ୟ ସରକାରଙ୍କ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ବନ୍ୟପ୍ରାଣୀ) ସନ୍ଦୀପ ତ୍ରିପାଠୀଙ୍କୁ ଚିଠି ଲେଖି ଜଣାଇ ଦେଇଛନ୍ତି। ନ୍ୟାଶନାଲ ଜୁ ପଲିସି–୧୯୯୮ ଅନୁଯାୟୀ ପିଲା ଜନ୍ମ ଦେବାକୁ ଥିବା କିମ୍ବା ନୂତନ ବଂଶବିସ୍ତାର ପାଇଁ ରକ୍ତ ଦେବା ନିମନ୍ତେ ବଣରୁ ନନ୍ଦନକାନନକୁ ବନ୍ୟପ୍ରାଣୀମାନଙ୍କୁ ନିଆଯାଇ ପାରିବ। ଜଣେ ବନ୍ୟପ୍ରାଣୀ କାର୍ଯ୍ୟକର୍ତ୍ତାଙ୍କ ଅଭିଯୋଗ ଆଧାରରେ ସିଜେଡଏ ରାଜ୍ୟ ସରକାରଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି। ଏନଜେଡପିକୁ ଆମୁଳଚୂଳ ଅଧ୍ୟୟନ କରି ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

ଲୁଟ୍ କରିଥିବା କମ୍ପାନୀ ସମ୍ପତ୍ତିରେ କୃଷିରଣ ଛାଡ଼କର: ସଗରିଆ

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ବିଧାୟକ ପଦରୁ ଇସ୍ତଫା ଦେବା ପରେ କୃଷ୍ଣ ସଗରିଆ ଶୁକ୍ରବାର ଖବରଦାତା ସମ୍ମିଳନୀ କରି ନିଜର ପରବର୍ତ୍ତୀ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି। ରାଜ୍ୟସ୍ତରୀୟ ସଙ୍ଗଠନ ସାମାଜିକ ନ୍ୟାୟ ଅଭିଯାନ ପକ୍ଷରୁ ଶନିବାର ଏକ ଆଲୋଚନାଚକ୍ର କରାଯିବା ନେଇ କୃଷ୍ଣ ଘୋଷଣା କରିଛନ୍ତି।

ସଗରିଆ କହିଛନ୍ତି ଯେ, ଓଡ଼ିଶାରେ ତଫସିଲଭୁକ୍ତ ଉପଜାତି(ଏସ୍‌ଟି) ୨୨.୮୫%, ତଫସିଲଭୁକ୍ତଜା.ତି (ଏସ୍‌ସି) ୧୬.୫%, ଅନ୍ୟାନ୍ୟ ପଛୁଆ ବର୍ଗ ୫୨ % ଏବଂ ସଂଖ୍ୟାଲଘୁ ୨.୫ ପ୍ରତିଶତ ବାସ କରନ୍ତି। ହେଲେ ୬ % ସାଧାରଣ ବର୍ଗଙ୍କ ହାତରେ ଶତ ପ୍ରତିଶତ ରାଜନୈତିକ, ୯୦ %ଙ୍କ ଅର୍ଥନୈତିକ ଓ ପ୍ରଶାସନିକ କ୍ଷମତା ରହିଛି। ଭାରତବର୍ଷର ଅନ୍ୟ କୌଣସି ରାଜ୍ୟ ସହ ତୁଳନା କଲେ ସାମାଜିକ ନ୍ୟାୟ କ୍ଷେତ୍ରରେ ଓଡ଼ିଶା ବହୁ ପଛରେ ଥିବା ଜଣାଯାଏ। ତେଣୁ ବହୁଭାଗ ୯୪ %(ଏସ୍‌ସି, ଏସ୍‌ଟି ଏବଂ ଅନ୍ୟାନ୍ୟ ପଛୁଆବର୍ଗ) ପାଇଁ ମୁଖ୍ୟମନ୍ତ୍ରୀ ପଦ ସର୍ବନିମ୍ନ ୧୦ ବର୍ଷ ସଂରକ୍ଷିତ କରାଯାଉ ବୋଲି କୃଷ୍ଣ କହିଛନ୍ତି। ସେହିପରି ଏସ୍‌ସି, ଏସ୍‌ଟି ଛାତ୍ରୀଛାତ୍ରମାନଙ୍କୁ ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୈଷୟିକ ଶିକ୍ଷାରେ ୪୦ % ଏବଂ ଓବିସିଙ୍କୁ ଚାକିରି କ୍ଷେତ୍ରରେ ୨୭ % ସଂରକ୍ଷଣ ବ୍ୟବସ୍ଥା ଦିଆଯାଉ। ରାଜ୍ୟରେ ଖଣିଜ ସମ୍ପଦ ଲୁଟ୍ କରିଥିବା କମ୍ପାନୀ, ପ୍ରଭାବଶାଳୀ ପରିବାରଙ୍କ ସମ୍ପତ୍ତି ବାଜ୍ୟାପ୍ତି କରାଯାଇ କୃଷିରଣ ଛାଡ କରାଯାଉ। ଉପଯୁକ୍ତ ସ୍ଥାୟୀ ରୋଜଗାର ଯୁବତୀ ଯୁବକଙ୍କୁ ନ ଯୋଗାଇବା ପର୍ଯ୍ୟନ୍ତ ସେମାନଙ୍କୁ ବେକାରି ଭତ୍ତା ପ୍ରଦାନ କରାଯାଉ ବୋଲି କୃଷ୍ଣ ଦାବି କରିଛନ୍ତି। ଉପରୋକ୍ତ ସମସ୍ତ ପ୍ରସଙ୍ଗ ସହ କୁନ୍ଦୁଲି ଛାତ୍ରୀଙ୍କ ଗଣବଳାତ୍କାର ଓ ହତ୍ୟା, କଳିଙ୍ଗ ନଗର, ମାଇକଅ ଓ କନ୍ଧମାଳରେ ନିରୀହ ଆଦିବାସୀଙ୍କୁ ନିର୍ମମ ହତ୍ୟାର ସ୍ୱତନ୍ତ୍ର ବିଚାର ବିଭାଗୀୟ ସାନି ତଦନ୍ତ ଜଣେ କାର୍ଯ୍ୟରତ ଜଜ୍‌ଙ୍କ ଦ୍ୱାରା କରାଯାଉ ବୋଲି ସାମାଜିକ ନ୍ୟାୟ ଅଭିଯାନର ସଙ୍ଗଠକ ଅକ୍ଷୟ ମଲ୍ଲିକ ସୂଚନା ଦେଇଛନ୍ତି। ଉକ୍ତ ସମସ୍ତ ପ୍ରସଙ୍ଗରେ ଶନିବାର ବିଶେଷ ଭାବେ ଆଲୋଚନା କରାଯିବ ବୋଲି ଜଣାପଡିଛି।

ରାଜ୍ୟ ରାଜନୀତିରେ ଏପରି ଜାତିଭିତ୍ତିକ ସମୀକରଣ ଗଣତନ୍ତ୍ର ପାଇଁ ବିପଦ ନୁହେଁ କି ବୋଲି ଖବରଦାତାମାନେ କୃଷ୍ଣଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ସେ କହିଥିଲେ ଯେ, ମଣ୍ଡଳ ରାଜନୀତିରୁ ଯୋଗୁ ଅଶୋକ ଗେହଲଟ୍ , ନୀତୀଶ କୁମାର, ରାମବିଳାସ ପାଶ୍ୱାନ, ସିଦ୍ଧାରାମାୟା, ଲାଲୁ ଯାଦବଙ୍କ ଭଳି ନେତା ସୃଷ୍ଟି ହୋଇଛନ୍ତି। ସାମାଜିକ ନ୍ୟାୟ ସମାନ ଅଧିକାରକୁ ବୁଝାଏ, ଘୃଣ୍ୟ ରାଜନୀତିକୁ ନୁହେଁ ବୋଲି କୃଷ୍ଣ କହିଛନ୍ତି।

ଆଜି କ୍ୟାବିନେଟ

ଭୁବନେଶ୍ୱର,୮।୧୧(ବ୍ୟୁରୋ): ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଅପରାହ୍ନ ୫ଟା୪୫ ମିନିଟରେ ସଚିବାଳୟଠାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମୋଟ ୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିବା ସମ୍ଭାବନା ରହିଛି। ତେବେ କେଉଁ ବିଭାଗର ପ୍ରସ୍ତାବକୁ ଅନୁମୋଦନ ମିଳିବ ସେ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ଏଜେଣ୍ଡାକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲା ଗସ୍ତ ୧୦ରେ

ବ୍ରହ୍ମପୁର ଅଫିସ,୮।୧୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୦ ତାରିଖରେ ଗଞ୍ଜାମ ଜିଲା ଗସ୍ତରେ ଆସିବେ। ତାଙ୍କ ନିର୍ବାଚନମଣ୍ଡଳୀର ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଜିଲା ସଦର ମହକୁମା ଛତ୍ରପୁରରେ ନବନିର୍ମିତ ଗଞ୍ଜାମ ଜିଲା ପରିଷଦ ଭବନ ଉଦ୍‌ଘାଟନ ସହ ପ୍ରଥମ ଥର ପରିଷଦ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଛତ୍ରପୁରରେ ବ୍ରହ୍ମପୁର ମହାନଗରର ୨୪ କାର୍ଯ୍ୟକ୍ରମର ଶିଳାନ୍ୟାସ, ଉଦ୍‌ଘାଟନ ଓ ଚିହ୍ନଟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ରାଜୀବ ଆବାସ ଯୋଜନାରେ ବାସଗୃହ ବଣ୍ଟନ କରିବେ। ବ୍ରହ୍ମପୁରର ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ୧୦୧ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି ।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ୍‌ର ଜନ ସଂକଳ୍ପ ଯାତ୍ରା

ଭବାନୀପାଟଣା/କୁନାଗଡ,୮।୧୧ (ଡି.ଏନ.ଏ./ସ୍ୱ.ପ୍ର.)

ନେତାଜୀ ସୁଭାସ ଚନ୍ଦ୍ର ବୋଷଙ୍କ ଦ୍ୱାରା ୨୧ ଅକ୍ଟୋବର ୧୯୪୩ରେ ଗଠିତ ଆଜାଦ ହିନ୍ଦ ସରକାର ଗଠନର ୭୫ ବର୍ଷ ପୂର୍ତ୍ତୀ ଅବସରରେ ସୁଭାସ ଚନ୍ଦ୍ର ବୋଷ ଦ୍ୱାରା ଗଠିତ ରାଜନୈତିକ ଦଳ ଫରୱାର୍ଡ ବ୍ଲକ ରାଜ୍ୟ ବ୍ୟାପୀ ଜନ ସଂକଳ୍ପ ଯାତ୍ରା ଆରମ୍ଭ କରିଛି। ଗତ ୨୧ ତାରିଖରୁ ଭୁବନେଶ୍ୱରରୁ ବାହାରି ଥିବା ଯାତ୍ରା ଗତ ମଙ୍ଗଳବାର ସନ୍ଧ୍ୟାରେ କଳାହାଣ୍ଡି ଜିଲାରେ ପହଞ୍ଚିଛି। ଜିଲାର କେସିଙ୍ଗା, ପାଣ୍ଟିକୁଡିଠାରେ ସଂକଳ୍ପ ଯାତ୍ରାର ବିଭିନ୍ନ ସଭା ସାରି ସନ୍ଧ୍ୟାରେ ଭବାନୀପାଟଣା ସହରରେ ପହଞ୍ଚିଥିଲା । ସହର କଲେଜ ଛକ, ମାଣିକେଶ୍ୱରୀ ଛକ, ନୂଆବସଷ୍ଟାଣ୍ଡଠାରେ ନେତାଜୀଙ୍କ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଉଦ୍‌ବୋଧନ ଦେଇଥିଲେ । ରାଜ୍ୟ କମିଟି ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ କୃଷକ ନେତା ଅନିରୁଦ୍ଧ ମଲ୍ଲିକ, ଯୁବନେତା ଭଗବାନ ସେଠୀ, ଭଗବନା କୁମାର, ନାରାୟଣ ଦାସ, ଧନଞ୍ଜୟ କୁମାର ପ୍ରମୁଖ ଉଦବୋଧନ ଦେଇ ନେତାଜୀଙ୍କ ଆଦର୍ଶ, ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଇଁ ବୈପ୍ଳବିକ ପ୍ରେରଣାର ଉତ୍ସ ଥିଲା ବୋଲି ଉଦବୋଧନ ଦେଇଥିଲେ । ଏହି ଯାତ୍ରା ବୁଧବାର ଜୁନାଗଡଠାରେ ପହଞ୍ଚିବା ପରେ ସହରରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

ସଚିବାଳୟ ସେବା ସଂଘ କାର୍ଯ୍ୟାଳୟରେ ତାଲା

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ସଚିବାଳୟ ସେବା ସଂଘରେ ଗୋଷ୍ଠୀକନ୍ଦଳ, ସଂଘ ପାଣ୍ଠିକୁ ନେଇ ବିବାଦ ଚରମସୀମାରେ ପହଞ୍ଚିଛି। ସଂଘର କାର୍ଯ୍ୟାଳୟ ପରିସରରେ ଥିବା ଟେଣ୍ଟ ହାଉସର ବ୍ୟବହାରକୁ ନେଇ ଏହି ବିବାଦ ଦେଖାଯାଇଥିବା ଜଣାପଡିଛି। ଯାହାଫଳରେ ସଂଘ କାର୍ଯ୍ୟାଳୟରେ ଦୁଇ ସପ୍ତାହରୁ ଅଧିକ ଦିନ ତାଲା ପଡିଛି। ଏହି ତାଲା ପଡିବା ଘଟଣାକୁ ନେଇ ସଂଘ କର୍ମକର୍ତ୍ତା ଏବଂ ସଦସ୍ୟଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

ମିଳିଥିବା ସୂଚନାନୁଯାୟୀ ସଂଘର ସଭାପତି ଏବଂ ସମ୍ପାଦକଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଛି। ସଂଘ କାର୍ଯ୍ୟାଳୟ ପରିସରରେ ଦୀର୍ଘଦିନରୁ ଥିବା ଟେଣ୍ଟ ହାଉସର ବ୍ୟବହାର ଓ ସଂଘ ପାଣ୍ଠିକୁ ନେଇ ବିବାଦ ଉତ୍ତେଜନାର କାରଣ। ସଂଘର ଗୋଟିଏ ଗୋଷ୍ଠୀ କାର୍ଯ୍ୟାଳୟ ପରିସରରେ ନିର୍ଦ୍ଦିଷ୍ଟ ଟେଣ୍ଟ ହାଉସର ବ୍ୟବସାୟକୁ ବିରୋଧ କରୁଛି। ହେଲେ ସଭାପତି ଉକ୍ତ ଟେଣ୍ଟ ହାଉସର କାର୍ଯ୍ୟକୁ ସମର୍ଥନ କରୁଥିବାରୁ ବିବାଦ ଉଗ୍ରରୂପ ଧାରଣ କରିଛି। ତେଣୁ ବାହାରୁ ଯେପରି ଅନ୍ୟ ଟେଣ୍ଟ ହାଉସର ସାମଗ୍ରୀ ଆସି ପାରିବ ନାହିଁ, ସେଥିପାଇଁ ସମ୍ମୁଖ ଫାଟକରେ ତାଲା ପକାଯାଇଛି। ସଂଘର କର୍ମକର୍ତ୍ତା ଓ ସଭ୍ୟ ପଛଦ୍ୱାର ଦେଇ ଯିବା ଆସିବା କରୁଛନ୍ତି। ଅପରପକ୍ଷରେ ସଂଘର ସାଧାରଣ ସମ୍ପାଦକ ଏଥିରୁ କ୍ଷାନ୍ତ ରହିବାକୁ ଓ ତୁରନ୍ତ ତାଲା ଖୋଲିବାକୁ ଏକ ନୋଟିସ ମାଧ୍ୟମରେ ଅନୁରୋଧ କରିଛନ୍ତି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଲେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ରହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଳଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍

ଜ୍ଞାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍‌ବାହାଦୁର ଶାସ୍ତ୍ରୀ

ସଂକ୍ଷେପରେ

ଆମ୍ବୁଲାନ୍ସ-ପିକଅପ୍ ଧକ୍କା, ୪ ଆହତ

ରେଡ଼ାଖୋଲ,୮।୧୧(ଡି.ଏନ.ଏ.)
୫୫ ନମ୍ବର ଜାତୀୟ ରାଜପଥ ଚାରମାଳ ଥାନା ହିନ୍ଦୋଳ ଘାଟି ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ଆମ୍ବୁଲାନ୍ସ ଓ ପିକ୍‌ଅପ ଭ୍ୟାନ ମଧ୍ୟରେ ଧକ୍କା ଘଟିଛି। ପୋଲିସ ସୂତ୍ରନାନୁଯାୟୀ, ଆମ୍ବୁଲାନ୍ସ (ଟିଏନ ୨୩ଏଏଟ ୦୭୪୫)ରେ ତାମିଲନାଡୁ ଭେଲୋର ଅଞ୍ଚଳର ଅକ୍ଷା ଦୁରାଇ(୪୭), ଅନୁନ କୁମାର(୩୨) ଓ ପିକ୍‌ଅପ୍ ଭ୍ୟାନ (ନଂ ଓଡି ୧୭ଏଲ ୮୯୩୨)ରେ ଯାତ୍ରା କରୁଥିବା ବରଗଡ ଜାମୁଡ଼ା ଅଞ୍ଚଳର ତିତ୍ତ ନନ୍ଦ(୨୦), ଚନ୍ଦ୍ର ଶେଖର ବଗର୍ତ୍ତି(୧୬) ଏହି ଦୁର୍ଘଟଣାରେ ଆହତ ହୋଇଛନ୍ତି। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଉଦ୍ଧାର କରି ରେଡ଼ାଖୋଲ ଡାକ୍ତରଖାନାକୁ ଆଣିଥିଲା। ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ ସମ୍ବଲପୁର ଦିଗକୁ ଯାଉଥିଲା। ବରଗଡ଼ରୁ କଟକ ଯାଉଥିବା ଫୁଲ କୋବି ବୋଝେଇ ଭ୍ୟାନ ସହ ହିନ୍ଦୋଳ ଘାଟି ନିକଟରେ ମୁହାଁମୁହିଁ ହୋଇଥିଲା। ପୋଲିସ ଗାଡ଼ିଦ୍ୱୟକୁ ଜବତ କରିଛି। ଏ ନେଇ ଥାନାରେ ଏକ ଦୁର୍ଘଟଣା ମାମଲା (ନଂ ୧୪୨/୧୮) ରୁଜୁ ହୋଇଛି।

୮ ଜୁଆଡ଼ି ଗିରଫ: ୪୭୦୦ ଟଙ୍କା, ମୋବାଇଲ ଜବତ

କୁଚିଣ୍ଡା,୮।୧୧(ଡି.ଏନ.ଏ.)
ସମ୍ବଲପୁର ଜିଲା କୁଚିଣ୍ଡା ଥାନା ମନ୍ତ୍ରିମୁଣ୍ଡା ଖେଳପଡ଼ିଆରେ ବୁଧବାର ରାତିରେ ଜୁଆ ଖେଳ ଚାଲିଥିବାବେଳେ ପୋଲିସ ଅତର୍କିତ ଚଢ଼ାଉ କରି ୮ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ନଗଦ ୪୭୦୦ଟଙ୍କା ଏବଂ ଗୋଟିଏ ମୋବାଇଲ ଜବତ ହୋଇଛି। ଗିରପ ଅଭିଯୁକ୍ତମାନେ ହେଲେ ଧନୁଡ଼ିହି ଗ୍ରାମର ପ୍ରତାପ ରୋହିଦାସ, ଶଙ୍କର ସାହୁ, ଜାଲିବାହାଲ ଗ୍ରାମର କଳାକାର ରୋହିଦାସ, ଉସତ ଧାନ, ଖାଡ଼ି ବାଗ, ତେଲିତିଲେଇମାଲ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାଗ, ମନ୍ତ୍ରିମୁଣ୍ଡା ଗ୍ରାମର ବୁଢ଼ା ମାଝୀ, ରାମଝାଲି ଗ୍ରାମର ଜୟପ୍ରକାଶ ବନଛୁର। ଏ ନେଇ ଥାନାରେ ୩ ଓପିଜି ଆକ୍ଟରେ ଏକ ମାମଲା ରୁଜୁ ହୋଇଛି।

ଧନ୍ୱନ୍ତରୀ ଜୟନ୍ତୀ ପାଳିତ

ପଡ଼ିଆବାହାଲ,୮।୧୧(ଡି.ଏନ.ଏ.)
ସ୍ଥାନୀୟ କେଶରା ଐଷଧାଳୟଠାରେ ଗୁରୁବାର ବୈଦ୍ୟ ଭଗବାନ ଧନ୍ୱନ୍ତରୀ ଦେବୀଙ୍କ ଜନ୍ମ ଜୟନ୍ତୀ ଏବଂ ପୂଜା ଉତ୍ସବ ପାଳିତ ହୋଇଯାଇଛି। ରାଧାମୋହନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଶ୍ରୀକାନ୍ତ କୁମାରଙ୍କ ପୌରହିତ୍ୟରେ ପୂଜା କାର୍ଯ୍ୟ କରାଯାଇଛି। ରାତିରେ ଝାରମୁଣ୍ଡା ଗ୍ରାମର କୁଷ୍ଠଗୁରୁ ଦଳ ଓ ଭାଗବତ ଦଳ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ଡା. ବିରଞ୍ଚି ନାରାୟଣ କର, ଡା. କୈଳାଶ ତ୍ରିପାଠୀ, ଡା. ସିଂ, ଡା. ଅବିନାଶ ସାହୁଙ୍କ ସମେତ ବହୁ ବୈଦ୍ୟ ଓ ଆୟୁର୍ବେଦ ପ୍ରେମୀ ଉତ୍ସବରେ ଯୋଗ ଦେଇଥିଲେ। ଆୟୁର୍ବେଦର ଲୋକପ୍ରିୟତା ଉପରେ ବୈଦ୍ୟ ଏବଂ ଡାକ୍ତରମାନେ ଆଲୋଚନା କରି ବିଲୁପ୍ତ ପ୍ରାୟ ଔଷଧୀୟ ବୃକ୍ଷର ସୁରକ୍ଷା ଦିଗ ପ୍ରତି ପଦକ୍ଷେପ ନିଆଯିବାକୁ କହିଥିଲେ।

ବୋଲେରୋ ଧକ୍କାରେ ଯୁବକ ମୃତ

କୁଚିଣ୍ଡା,୮।୧୧(ଡି.ଏନ.ଏ.)
ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ଶିରିଡଗ୍ରାମ ରାସ୍ତାରେ ଏକ ବୋଲେରୋ ଧକ୍କାରେ ସେହି ଗ୍ରାମର ବୁଲୁ ବେହେରା (୨୪) ପ୍ରାଣ ହରାଇଛନ୍ତି। ରାତି ପ୍ରାୟ ୭ଟାରେ ବୁଲୁ ରାସ୍ତାରେ ଚାଲିକରି ଯାଉଥିବା ବେଳେ ବୋଲେରୋଟି ତାଙ୍କୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲା। ଫଳରେ ମୁଣ୍ଡ ଏବଂ ଛାତିରେ ଗଭୀର ଆଘାତ ଲାଗି ବୁଲୁଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ଏନଏଚ-୪୯ ରାସ୍ତା ଅବରୋଧ କରିଥିଲେ । କୁଚିଣ୍ଡା ଥାନାଧିକାରୀ ପ୍ରକାଶ କର୍ଣ୍ଣ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଅବ୍ୟାହତ ରହିଥିଲା।

ଚନ୍ଦନୀମାଲରେ ନିଆରା ଢଙ୍ଗରେ ଦୀପାବଳି ପାଳିତ

କୁଚିଣ୍ଡା,୮।୧୧(ଡି.ଏନ.ଏ.)
ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ୍ ଚନ୍ଦନୀମାଲ ଗ୍ରାମରେ ନିଆରା ଢଙ୍ଗରେ ଦୀପାବଳୀ ପାଳିତ ହୋଇଛି। ଗ୍ରାମବାସୀମାନେ ବାଣ ନ ଫୁଟାଇ କବିତା ପାଠ, ନୃତ୍ୟଗୀତ ଏବଂ ଦୀପ ଜାଳି ଦୀପାବଳୀ ଉତ୍ସବକୁ ପାଳନ କରିଛନ୍ତି। ଚନ୍ଦନୀମାଲଠାରେ ୩ ଦିନ ଧରି ଆୟୋଜିତ ହେଉଥିବା ଧନ୍ୱନ୍ତରୀ ପୂଜାର ଗତ ୭ ତରିଖ ଅନ୍ତିମ ସନ୍ଧ୍ୟାରେ କବି ଏବଂ କଳାକାରଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେଥିରେ କବିତା ପାଠ ଏବଂ କଳାକାରଙ୍କ ଦ୍ୱାରା ନୃତ୍ୟ, ଗୀତ କରାଯାଇଥିଲା। ଏହାପରେ ସମସ୍ତେ ଗ୍ରାମବାସୀଙ୍କ ସହ ମିଶି ଦୀପ ପ୍ରଜ୍ଜ୍ୱଳନ କରିଥିଲେ। ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ବାଣ ନ ଫୁଟାଇବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଅତିଥି ଭାବେ ସମ୍ବାଦିକ ଗଗନ ଶର୍ମା, କୁଟୁରାବୁଆଁ କଲେଜର ଅଧ୍ୟକ୍ଷ ସୁବାଷ ନାୟକ ଯୋଗଦେଇ ଦୀପାବଳୀର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଶେଷରେ ସମସ୍ତ କବି ଓ କଳାକାରମାନଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କବି ସୁସ୍ମିତା ପଟେଲ ଆୟୋଜନ କରିଥିଲେ। କବି କଲ୍ୟାଣୀ ପଟେଲ, ସୁଶୀଲ ମହାକୁଳ ପରିଚାଳନା କରିଥିଲେ।

ଅସହ୍ୟ ହେଲାଣି ହାତୀଙ୍କ ଜ୍ୱାଳା

ପଡ଼ିଆବାହାଲ,୮।୧୧(ଡି.ଏନ.ଏ.)
ଦୈବ ଦୁର୍ବିପାକ ଚଳିତବର୍ଷ ଚାଷୀଙ୍କ ଆଖିରୁ ନିଦ ହଜାଇ ଦେଇଥିବାବେଳେ ହାତୀଙ୍କ ଉପଦ୍ରବ ଅସହ୍ୟ ପରିସ୍ଥିତି ସୃଷ୍ଟି କରିଛି। ବର୍ଷ ପ୍ରାରମ୍ଭରେ ଭଲ ବର୍ଷା ଦେଖି ଚାଷୀ କ୍ଷେତ ଆଡ଼କୁ ମୁହାଁଇଥିଲା। ହେଲେ ପରବର୍ତ୍ତୀ ସମୟରେ ଅନିୟମିତ ବର୍ଷା ଓ ରୋଗ, ପୋକ ଚାଷୀଙ୍କୁ ନାକେଦମ କରିଥିଲା। ଧାନଗଛ ଯୁବାବସ୍ଥାରେ ପହଞ୍ଚିବା ବେଳକୁ ବର୍ଷା ବନ୍ଦ ହୋଇଯାଇଥିଲା। ଚାଷୀ ଖର୍ଚ୍ଚାନ୍ତ ହୋଇ ପାଣିମଡ଼ାଇ ଚାଷ ବଞ୍ଚାଇଲେ। ବର୍ତ୍ତମାନ ହାତୀପଲ ସେସବୁକୁ ଦଳି ଚକଟି ନଷ୍ଟ କରିଚାଲିଛନ୍ତି। ସଦାପାଲି, ଭଣ୍ଡାରିମାଲ, ଝରଝରୀ, ବଡ଼ସାହି ଆଦି ଅଞ୍ଚଳରେ ହାତୀ ଦଳଦଳ ହୋଇ ଅମଳ ହେବାକୁ ଥିବା ଧାନ ଓ ଅନ୍ୟାନ୍ୟ ଫସଲ ଖାଇ, ମାଡି ଛାରଖାର୍ କରୁଛନ୍ତି। ବନ ବିଭାଗ କିନ୍ତୁ ନିରୁପାୟ ହୋଇ ହାତ ବାନ୍ଧି ବସି ରହିଛି। ଅଭିଯୋଗ ପରେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଘଟଣାସ୍ଥଳକୁ ନ ଆସିବା ଚାଷୀଙ୍କୁ ହତାଶ କରିଛି। ଭଣ୍ଡାରିମାଳ ଗ୍ରାମର ପ୍ରେମାନନ୍ଦ ସାହୁଙ୍କ ୨ ଏକର ସ୍ୱର୍ଣ୍ଣଧାନ,

ହାତୀଙ୍କ ଉପଦ୍ରବରେ କ୍ଷତିଗ୍ରସ୍ତ ଧାନ ଫସଲ।

- ଏକର ଏକର ଧାନ ଫସଲ ନଷ୍ଟ
- ବନ ବିଭାଗ ହାତବାନ୍ଧି ବସି ରହିଛି
- ଚାଷୀଙ୍କୁ କ୍ଷୟକ୍ଷତି ଚିନ୍ତା ଘାରିଛି

ସୁନୀଲ ବାରିକଙ୍କ ୪ ଏକର ଓ ରାଜେନ୍ଦ୍ର ବାରିକ, ରାଜେନ୍ଦ୍ର ପଧାନ, ଭକ୍ତରାମ ସାହୁ, ବାଞ୍ଛନପୁରର ଜୟନାରାୟଣ ଭୋଇ, ମନବୋଧ ଭୋଇ, ସଦାପାଲିର ସପନେ, ସୁନ୍ଦର, ଝରଟରଗାଁର ଦିନ, ସୁରେଶ, ଭଣ୍ଡାରିମାଳ ସଞ୍ଜୁ ଛତର, ବଜରୁମ ରାଇ, ବସୋହିରର ଲୋକେଶ ବାଗ ପ୍ରମୁଖଙ୍କ ଧାନ ଫସଲ ହାତୀଙ୍କ ଉପଦ୍ରବରେ କ୍ଷତି ହୋଇଛି। ରାଜସ୍ୱ ଓ ବନ ବିଭାଗ ମିଳିତଭାବେ କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇ ନ ଦେଲେ କ୍ଷତିଗ୍ରସ୍ତ ଚାଷୀମାନେ ଜୀବନ ହାରିବା ଭଳି ଚରମ ପଦକ୍ଷେପ ନେବେ, ଆଶଙ୍କା ଦେଖାଦେଇଛି।

ଜିଲା କଂଗ୍ରେସରେ ଶୋକସଭା

ସମ୍ବଲପୁର, ୮।୧୧(ବ୍ୟୁରୋ)
ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଗୁରୁବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁଙ୍କ ସଭାପତିତ୍ୱରେ ସଭା ହୋଇଥିଲା। କଂଗ୍ରେସର ବରିଷ୍ଠ ନେତା ନୀଳମାଧବ ପଣ୍ଡାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ପଣ୍ଡା ଡଙ୍ଗରପଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ଭାବେ ୩୦ବର୍ଷ ଧରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ଉଦାହରଣ ସୃଷ୍ଟି କରିଥିଲେ। ସେ ରାଜନେତା ସହ ସାମାଜିକ କର୍ମୀ, ଶିକ୍ଷା ସଙ୍ଗଠକ ଆଦି କାର୍ଯ୍ୟରେ ନିଜକୁ ବ୍ରତୀ ରଖିଥିଲେ। ତେଣୁ ସେ ବହୁବିଧ ପ୍ରତିଭାର ଅଧିକାରୀ ଥିଲେ ବୋଲି କଂଗ୍ରେସ କର୍ମୀ ଓ ନେତାମାନେ ନୀଳମାଧବଙ୍କ ସ୍ମୃତିଚାରଣ କରି ମତବ୍ୟକ୍ତ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ରାଜକିଶୋର ଦାଶ, ରାଜୀବ ଗାନ୍ଧୀ, ପଞ୍ଚାୟତିରାଜ ସଙ୍ଗଠନ ଅଧ୍ୟକ୍ଷ ଆସଫ ଅଲ୍ଲି ଖାନ୍, ପିସିସି ସମ୍ପାଦିକା ସୁରେଖା ସାହୁ, ଜିଲା କଂଗ୍ରେସ କମିଟି ଉପସଭାପତି ନିରଞ୍ଜନ ତ୍ରିପାଠି ଓ ବିଜୟ୍ ଭୁୟାଁ, ସାଧାରଣ ସମ୍ପାଦକ ତ୍ରିଲୋଚନ ପୁରୋହିତ, ନଗର କମିଟି ସଭାପତି ଲାଲମୋହନ ସାଠିଆ, ଜୟରାମ ବନିଆଁ, ଜିଲା କଂଗ୍ରେସ କୋଷାଧ୍ୟକ୍ଷ ଆଦିତ୍ୟ ନାଥ, ସମ୍ପାଦକ ସରୋଜ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

ଜାମୁଯୋରୀରେ କାଳୀପୂଜା

ନାକଟିଦେଉଳ,୮।୧୧(ଡି.ଏନ.ଏ.)
ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜାମୁଯୋରା ଗ୍ରାମର ଉପରସାହିସ୍ଥିତ ଜୀବନଜ୍ୟୋତି ଯୁବକ ସଂଘ ପକ୍ଷରୁ ଚଳିତବର୍ଷ କାଳୀ ପୂଜା ଧୁମଧାମ୍‌ରେ ଆୟୋଜିତ ହୋଇଛି। ବୁଧବାର ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ଟିକିରା ନଦୀରୁ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ ପହଞ୍ଚିବା ପରେ ବୈଦିକ ରାତିରେ ପୂଜା ଓ ହୋମ କାର୍ଯ୍ୟ ହୋଇଥିଲା। କାଳୀପୂଜା ପାଇଁ ପୂଜା ମଣ୍ଡପକୁ ରଙ୍ଗିନ ଆଲୋକମାଳାରେ ସଜାଯାଇଛି। ଗ୍ରାମର କାନ୍ତାରୁ ମାଝି ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପ୍ରତ୍ୟହ ଚଣ୍ଡିପାଠ ସହ ନାମ ସଂକୀର୍ତ୍ତନ ଚାଲିଛି। ସନ୍ଧ୍ୟାରେ ପୂଜାମଣ୍ଡପରେ ଭକ୍ତମାନଙ୍କର ଭିଡ ପରିଲକ୍ଷିତ ହେଉଛି। ୯ ତାରିଖରେ ପୂର୍ଣ୍ଣାହୁତି, ୧୦ରେ ଭସାଣି ହେବ। ପୂଜାକମିଟି ପକ୍ଷରୁ ସୂଚୀତ କରାଯାଇଛି। ଶୁକ୍ରବାର କମିଟି ପକ୍ଷରୁ ଅପେରା ତପସ୍ୱିନୀ ପରିବେଷିତ ହେବ। ପୂଜାରେ ଜାମୁଯୋରା ଗ୍ରାମ ସରପଞ୍ଚ ଅଜିତ ପ୍ରଧାନ, ସୁଂଧାଶୁ ଶେଖର ବେହେରା, ଅଧାର ପ୍ରଧାନ, ରଞ୍ଜିତ ସାହୁ, ଜଳନ୍ଧର ଅମାତଙ୍କ ସମେତ ଯୁବକ ସଂଘର ସମସ୍ତ ସଦସ୍ୟ ଓ ଗ୍ରାମବାସୀମାନେ ସହଯୋଗ କରୁଛନ୍ତି।

୨୫ ବର୍ଷରେ କାଳୀପୂଜା, ଜ୍ୟୋତିବିହାର ଚଳଚଞ୍ଚଳ

ଜ୍ୟୋତିବିହାରରେ କାଳୀ ପୂଜା।

ବୁର୍ଲା,୮।୧୧(ଡି.ଏନ.ଏ.)
ସମ୍ବଲପୁର ଜିଲା ବୁର୍ଲା ଜ୍ୟୋତି ବିହାରରେ କାଳୀ ପୂଜା ୨୫ ବର୍ଷରେ ପଦାର୍ପଣ କରିଥିବା ବେଳେ ଚଳିତବର୍ଷ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଛି। ସୀତାକାନ୍ତ ଧର ସପତ୍ନିକ କର୍ତ୍ତା ହୋଇଛନ୍ତି। ସୁସଜ୍ଜିତ ରଙ୍ଗୀନ ଆଲୋକମାଳାରେ ପୂଜା ମଣ୍ଡପ ମୁଖରିତ ହୋଇଉଠିଛି। ମା'କାଳୀଙ୍କ ମୃଣ୍ମୟୀ ପ୍ରତିମା ବିଧିମୁତାବକ ପୂଜାର୍ଚ୍ଚନା ପୂର୍ବକ ପ୍ରତ୍ୟହ ଚଣ୍ଡୀପାଠ, ହବନ, ଆରତୀ, ପୁଷ୍ପାଞ୍ଜଳି ପଣ୍ଡିତ ସଚିତାନନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନରେ କରାଯାଉଛି। ସନ୍ଧ୍ୟାରେ ଭଜନ, କୀର୍ତ୍ତନ, ମେଲୋଡି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକଙ୍କ ଗହଳି ଜମୁଛି। ମୋଟାମୋଟି ଭାବେ ମା'ଙ୍କ ପୂଜାରେ ଜ୍ୟୋତିବିହାର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ପୂଜା କମିଟି ସଭାପତି ଅଧ୍ୟାପକ ଶରତ କୁମାର ଷଡ଼ଙ୍ଗୀ, ସମ୍ପାଦକ ପ୍ରଭାତ କୁମାର ହୋତାଙ୍କ ପରିଚାଳନାରେ ଜ୍ୟୋତିବିହାର ବାସୀଙ୍କ ସହଯୋଗରେ ସୁରୁଖୁରୁରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହେଉଛି।

ତନ୍ତ୍ର ସାଧନା ପାଇଁ ସ୍ତ୍ରୀଙ୍କୁ ବଳି ଘଟଣା

ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦାବିରେ ଜିଲାପାଳ, ଏସ୍‌ପିଙ୍କୁ ପତ୍ର

ନାକଟିଦେଉଳ,୮।୧୧(ଡି.ଏନ.ଏ)
ସମ୍ବଲପୁର ଜିଲା ନାକଟିଦେଉଳ ଥାନା ହିତସରା ଗ୍ରାମରେ ଗତ ୨୯ ତାରିଖରେ ତନ୍ତ୍ର ସାଧନା ପାଇଁ ନିଜ ପତ୍ନୀଙ୍କୁ ବଳିଦେବା ଘଟଣାରେ ହତ୍ୟାକାରୀ ଅଭିଯୁକ୍ତ ଚଗଲା ସେଠାଙ୍କୁ କଠୋର ଦଣ୍ଡ ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ତନ୍ତ୍ର ସାଧନାରେ ସିଦ୍ଧି ପ୍ରାପ୍ତ ପାଇଁ ଚଗଲା ସ୍ତ୍ରୀ ସୁଲୋଚନାଙ୍କୁ ୨୯ ତାରିଖରେ ହତ୍ୟା କରିଥିଲା। ଗତ ୨ ତାରିଖ ସନ୍ଧ୍ୟାରେ ଗ୍ରାମ ନିକଟସ୍ଥ ରତାଖଣ୍ଡି ଜଙ୍ଗଲରୁ ସୁଲୋଚନାଙ୍କ ଗଳିତ ମୃତଦେହ ଠାବ ହୋଇଥିଲା। ଏହା ଏକ ଗର୍ହିତ ଅପରାଧ ହୋଇଥିବାରୁ ଆଇନ ଅନୁସାରେ କଠୋର ଦଣ୍ଡବିଧାନ କରାଯିବାକୁ ବାଟଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚ ବେଦମତୀ କିଷାନଙ୍କ ନେତୃତ୍ୱରେ ବାଲ୍ଲିକ କିସାନ, କରୁଣାକର ସାହୁ, ସୁରେଶ କିସାନଙ୍କ ସମେତ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ପତ୍ର ସମ୍ବଲପୁର ଜିଲାପାଳ, ଏସ୍‌ପି, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, ରେଡ଼ାଖୋଲ ଏସ୍‌ଡିପିଓ, ନାକଟିଦେଉଳ ଥାନା ଅଧିକାରୀଙ୍କୁ ପ୍ରେରଣ କରାଯାଇଛି।

ପ୍ରଶାସନିକ ଅଧିକାରୀଙ୍କୁ ଦୀପାବଳି ଶୁଭେଚ୍ଛା

ବାମରା,୮।୧୧(ସ୍ୱ.ପ୍ର.)
ଅଖିଳ ଭାରତୀୟ ମାରୱାଡ଼ି ସମାଜ ବାମରା ଶାଖା ପକ୍ଷରୁ ଅଞ୍ଚଳର ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଦୀପାବଳୀ ଶୁଭକାମନା ଦିଆଯିବା ସହ ସାମାଜିକ କାର୍ଯ୍ୟରେ ପ୍ରଶାସନର ସହାୟତା ଲୋଡ଼ାଯାଇଛି। ଶାଖା ସଦସ୍ୟମାନେ ଏ ନେଇ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାଏକ, ବାମରା ତହସିଲଦାର ମନୋଜ ମେହେର, ବିଡିଓ ସୁଶିଲ କୁଜୁର, ଥାନା ଅଧିକାରୀ ବିଶ୍ୱପତି ପଣ୍ଡା, ସିଡିପିଓ ମେହରୁନ ନିଶା ବେଗମ, ଫିଏନବି ଶାଖା ପରିଚାଳକ ସାଧୁ ତିର୍କି ଓ ସରପଞ୍ଚ ମିନାକ୍ଷୀ ମାଝୀଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ସମାଜ କାର୍ଯ୍ୟରେ ପ୍ରଶାସନିକ ସହଭାଗିତା ନେଇ ଆଲୋଚନା କରିଥିଲେ । ଶାଖା ସଭାପତି ଅନୁଭବ ଲାଠ, କୋଷାଧ୍ୟକ୍ଷ ଗୋପାଳ ଅଗ୍ରୱାଲ, ସଚିବ ବିଷ୍ଣୁ ଅଗ୍ରୱାଲ, ପ୍ରାନ୍ତିୟ ସଦସ୍ୟ ଜେକେ ଲାଠ, ଉପାଧ୍ୟକ୍ଷ ଦୀପକ ଖଣ୍ଡେଲୱାଲ, ବବି ବିନ୍ଦଲ, ପିଣ୍ଟୁ ଅଗ୍ରୱାଲ, ଦିଲୀପ ଅଗ୍ରୱାଲ, ଶିବୁ ଅଗ୍ରୱାଲ, ସଞ୍ଜୁ ଅଗ୍ରୱାଲ, ସଞ୍ଜୁ ଖଣ୍ଡେଲୱାଲ, ସଞ୍ଜୟ ଖଣ୍ଡେଲୱାଲ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ଅନିଲ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

ପଡିଆବାହାଲ,୮।୧୧(ଡି.ଏନ.ଏ.)
ଦୀପାବଳି ଅବସରରେ ଯୁଯୁମୁରା ବ୍ଲକ ଡଙ୍ଗରପଡ଼ାସ୍ଥିତ ଜୟ ମା' ପୀତାବଳି କ୍ଲବ ଆନୁକୂଲ୍ୟରେ ୮ଟି ଦଳକୁ ନେଇ ଆୟୋଜିତ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ କାଣିବନ୍ଦଳି ଦଳକୁ ୦-୧ ଗୋଲରେ ହରାଇ ଖରସନମାଲ ଦଳ ଟ୍ରଫି ବିଜେତା ହୋଇଛି। କ୍ରୀଡ଼ାବିତ ଗୋପାଳ ପଣ୍ଡା, ସମାଜସେବୀ ଦିଲୀପ କୁମାର ପଣ୍ଡା, ସ୍ୱର୍ଗତ ଅନାଲ ବାରିକ ମା' ସମଲେଶ୍ୱରୀଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ବିଜେଡି ନେତା ଦେବେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ଡା. ରାଜାରାମ ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଓ ଦେବାନନ୍ଦ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ମୋହନ ପୁରୋହିତ, ସୁବ୍ରତ ସାହୁ, ଅର୍ଜୁନ ପ୍ରଧାନ, ସଞ୍ଜୟ ନାଏକ, ପ୍ରତାପ କୁମାର ନାଏକ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। କିଶୋର ପଣ୍ଡା, ତରଣୀ ଡନସନା, ରାଜାରାମ ଓରାମ ଓ ବରୁଣ ଓରାମ ରେଫରୀ ଦାୟିତ୍ୱ ନିର୍ବାହ କରିଥିଲେ।

ପୁରସ୍କାର ରାଶି ସହ ଅତିଥିଙ୍କ ଗହଣରେ ବିଜେତା ଦଳର ଖେଳାଳିମାନେ।

ପଲିଥିନ କାରବାର ନେଇ ଚଢାଉବେଳେ ଉତ୍ତେଜନା, ହାତାହାତି

ସମ୍ବଲପୁର, ୮।୧୧(ବ୍ୟୁରୋ)
ସମ୍ବଲପୁର ମହନାଗର ନିଗମ ପକ୍ଷରୁ ବ୍ୟବସାୟୀକ ପେଣ୍ଠସ୍ଥଳୀ କ୍ଷେତରାଜପୁରରେ ଗୁରୁବାର ପଲିଥିନ କାରବାର ନେଇ ଚଢାଉ କରାଯାଇଥିଲା। ନିଗମର ଏନଫ୍ରୋର୍ସମେଣ୍ଟ କର୍ମଚାରୀମାନେ ଏକ ଦୋକନରୁ ୨ କେଜି ପଲିଥିନ ଜବତ କରିବାପରେ କିନ୍ତୁ ଉତ୍ତେଜନା ପ୍ରକାଶ ପାଇଥିଲା। ଚଢାଉକୁ ବିରୋଧ କରି କ୍ଷେତରାଜପୁର ବ୍ୟବସାୟୀକ ସଂଘ ରାସ୍ତାକୁ ଓହ୍ଲାଇଥିଲା। ରାସ୍ତା ଉପରେ ଛିଡ଼ା ହୋଇ ସଂଘର ସଦସ୍ୟମାନେ ହୋହାଲ୍ଲା କରିଥିଲେ। ମହାନଗର କର୍ମଚାରୀଙ୍କୁ ଅଟକ ରଖିଥିଲେ। ସେମାନେ ନିଶାଦ୍ରବ୍ୟ ସେବନ କରି ଆସିଥିବା ଅଭିଯୋଗ କରିଥି

ଭଗବାନଙ୍କ ଉପରେ ବିଶ୍ୱାସ ନ ରଖିଲେ ତାଙ୍କର କିଛି କ୍ଷତି ହୁଏ ନାହିଁ, କ୍ଷତି ହୁଏ ଆମର।

-ଚାର୍ଲି ମୁଙ୍ଗର୍

ସଂକ୍ଷେପରେ

ସିଗାରେଟ୍ ଧୁଆଁକୁ ନେଇ ଗଣ୍ଡଗୋଳ

ବୁର୍ଲା,୮।୧୧(ଡି.ଏନ.ଏ.)
ବୁର୍ଲା ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କେତେକ ଛାତ୍ର ନିକଟସ୍ଥ ଏକ ଢାବାରେ ଖିଆପିଆ କରୁଥିବାବେଳେ ସିଗାରେଟ୍ ଧୁଆଁକୁ ନେଇ ଗଣ୍ଡଗୋଳ ହୋଇଥିଲା। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିବା ପରେ ଛାତ୍ରମାନେ ଛତ୍ରଭଙ୍ଗ ଦେଇଥିଲେ।
ଘଟଣାରୁ ପ୍ରକାଶ, ଭିସୁଟର କେତେକ ଛାତ୍ର ନିକଟସ୍ଥ ଏକ ଢାବାକୁ ବିଳମ୍ବିତ ରାତିରେ ଖାଇବାକୁ ଯାଇଥିଲେ। ସେଠାରେ ତୃତୀୟବର୍ଷ ଜଣେ ଛାତ୍ର ସିଗାଟେ୍ ପିଇ ଧୂଆଁ ଜଣେ ଚତୁର୍ଥବର୍ଷ ଛାତ୍ର ବିରୋଧ କରିଥିଲେ। ଉଭୟଙ୍କ ମଧ୍ୟରେ କଥା କଟାକଟିରୁ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏ ନେଇ ଥାନାରେ କୌଣସି ମାମଲା ହୋଇନଥିବା ଆଇଆଇସି ମାନସ ପ୍ରଧାନ କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥଗିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ସହର ଭିତରେ ବେଧଡକ ପଶୁଛି ମାଲବୋଝେଇ ଟ୍ରକ୍,

ନୀରବ ଦ୍ରଷ୍ଟା ସାଜିଛି ପ୍ରଶାସନ

ଦେବଗଡ,୮।୧୧(ସ୍ୱ.ପ୍ର)

ଦେବଗଡ ସହରର ରୂପରେଖ ଦିନକୁଦିନ ବଦଳୁଥିବାବେଳେ ଅହେତୁକ ଜନସଂଖ୍ୟା, ବଡବଡ କୋଠା ସାଙ୍ଗକୁ ଯାନବାହାନ ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ଦୀର୍ଘବର୍ଷ ଧରି ଟ୍ରାଫିକ ବ୍ୟବସ୍ଥା ମଧ୍ୟ ବେହାଲ ହୋଇପଡିଥିବାବେଳେ ସହର ଭିତରେ ଭାରିଯାନ ତଥା ସିମେଣ୍ଟ ଏବଂ ଲୁହାଛଡ ବୋଝେଇ ଟ୍ରକ, ଛୋଟବଡ ପରିବା ବୋଝେଇ ଟ୍ରକ, ଏହିପରି ଅନେକ ଗାଡି ସହର ଭିତରକୁ ନ ପୁରାଇବା ପାଇଁ ପ୍ରଶାସନ ତରଫରୁ କଟକଣା ରହିଛି। ଏହି ପରିପ୍ରେକ୍ଷୀରେ ବ୍ୟସ୍ତବହୁଳ ଟ୍ରାଫିକ ଛକରୁ ଧରି କଲେଜ ରୋଡ ପର୍ଯ୍ୟନ୍ତ ସହରର କେତେକ ପ୍ରତିଷ୍ଠିତ ବ୍ୟବସାୟୀ ପୋଲିସ ଏବଂ ଆରଟିଓ ଅଫିସର ଠିକା କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ବେଧଡକ ଭାବେ ନିଜ ଦୋକାନ ସାମଗ୍ରୀ ଲୋଡିଂ ଏବଂ ଅନ୍‌ଲୋଡିଂ କରିବା ପାଇଁ ବଡବଡ ଟ୍ରକକୁ ଟାଉନ ଭିତରକୁ ଅନାଧିକାର ପ୍ରବେଶ କରାଉଥିବା ଚର୍ଚ୍ଚା ହେଉଛି। ଫଳରେ ସକାଳୁ ସ୍କୁଲ, କଲେଜ ଏବଂ ଅଫିସ କାର୍ଯ୍ୟ ସମୟରେ ଛାତ୍ରୀଛାତ୍ର ତଥା ପଥଚାରୀ ଧୂଆଁ ଏବଂ ଧୂଳିମୟ ପରିବେଶ ଯୋଗୁ ଅଣନିଶ୍ୱାସୀ ହୋଇପଡୁଛନ୍ତି। ଏଥିପାଇଁ ପୋଲିସ ଏବଂ ପୌର ପରିଷଦ କର୍ତ୍ତୃପକ୍ଷ ଜାଣିଶୁଣି ମଧ୍ୟ କୌଣସି ପଦକ୍ଷେପ ନେଉନାହାନ୍ତି। ଏପରିକି ପ୍ରତ୍ୟେକ ଛକରେ ପୋଲିସ କଡା ଡିଉଟି ଥାଇ ମଧ୍ୟ ଏହା କିପରି ସମ୍ଭବପର ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତେବେ ସହରରେ ଏହା ଏକ ନିତିଦିନିଆ ଘଟଣା ହୋଇଯାଇଥିବାରୁ ଜିଲାପାଳ ଏ ସମ୍ପର୍କରେ କିଛି ଠୋସ୍ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ଦେବଗଡ ସହର ଭିତରକୁ ଟ୍ରକ୍ ପଶିଛି।

ତିଲେଇବଣି ପୋଷ୍ଟ ଅଫିସରେ ତାଲା, ଗ୍ରାହକ ହଇରାଣ

ଦେବଗଡ,୮।୧୧(ସ୍ୱ.ପ୍ର)

ଜିଲାର ତିଲେଇବଣି ବ୍ଲକ ସଦର ମହକୁମାରେ ଥିବା ଡାକଘର କାର୍ଯ୍ୟାଳୟ ଗୁରୁବାର ବନ୍ଦଥିବା ଦେଖିବାକୁ ମିଳିଥିଲା ଏପରିକି ମୁଖ୍ୟ କବାଟରେ ତାଲା ମରାଯାଇଥିବା ଜଣାପଡିଛି। ଫଳରେ ପୋଷ୍ଟାଲ କାମ ପାଇଁ ଦୂରଦୂରାନ୍ତରୁ ଆସୁଥିବା ଗ୍ରାହକ ନାନା ହଇରାଣ ହରକତ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ସେଠାରେ କୌଣସି କର୍ମଚାରୀଙ୍କ ଦେଖାଦର୍ଶନ ମିଳି ନ ଥିବାବେଳେ ଡାକଘର ଖୋଲିବା କିମ୍ବା ବନ୍ଦ କରିବାର କୌଣସି ସୂଚନା ମଧ୍ୟ ଦିଆଯାଇ ନ ଥିବାରୁ ଲୋକେ ଭ୍ରମରେ ପଡୁଥିବା ଜଣାପଡିଛି। ତେବେ କେଉଁ କାରଣରୁ ଉକ୍ତ ଡାକଘର ବନ୍ଦ ରହିଛି ତାହା ସନ୍ଦେହ ଘେରରେ ରହିଛି । ଏ ସମ୍ପର୍କରେ ପୋଷ୍ଟାଲ ଇନ୍ସପେକ୍ଟର ରମେଶ ପ୍ରଧାନଙ୍କୁ ପଚାରିବାରୁ ସେ ଟ୍ରେନିଂରେ ଅଛନ୍ତି। କଣ ହୋଇଛି ବୁଝିକି କହିବି ବୋଲି କହିଥିଲେ । ତେବେ ସେ ଯାହା ହେଉନା କାହିଁକି ଅଫିସ ବନ୍ଦ ଥିଲେ ମଧ୍ୟ ଅଫିସ ସମୟରେ ଯିଏ ହେଲେ କର୍ମଚାରୀ ସେଠାରେ ରହି ଲୋକଙ୍କୁ ସେବା ଯୋଗାଇବା କଥା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ତିଲେଇବଣି ବ୍ଲକ ସଦର ମହକୁମାରେ ଥିବା ଡାକଘର ବନ୍ଦ ଅଛି।

ବାଣ ନୁହେଁ ହସ ଫୁଟାଇବା କାର୍ଯ୍ୟକ୍ରମ

ସମ୍ବଲପୁର,୮।୧୧(ବ୍ୟୁରୋ)

ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ବାଣ ନୁହେଁ, ଆସ ଆମେ ହସ ଫୁଟାଇବା କାର୍ଯ୍ୟକ୍ରମ ଧନକଉଡା ବାଳିକା ଆଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। ଅନ୍ତେବାସୀଙ୍କ ମଧ୍ୟରେ ପୁଚି ଖେଳ, ସଙ୍ଗୀତ, ମ୍ୟୁଜିକାଲ ଚେୟାର ଓ ଜିଲାପିଖିଆ ଆଦି ପ୍ରତିଯୋଗିତା ହୋଇଥିଲା। ସମ୍ବଲପୁର ଜିଲା ଓକିଲ ସଂଘ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦୀପ ବହିଦାର ମୁଖ୍ୟ ଅତିଥି, ସମ୍ବଲପୁର ପ୍ରେସ କ୍ଲବ ସାଧାରଣ ସମ୍ପାଦକ ଭବାନୀଶଙ୍କର ଭୋଇ, ଖବରଦାତା ରାଜାରାମ ପାଢୀ, ବ୍ରଜମୋହନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସୋଭନ ପଟ୍ଟନାୟକ, ସମୀର ହୋତା, ସ୍ୱରୂପ ପଟ୍ଟନାୟକ, ସୁରେଶ ସାନବଡ଼ ଓ କୁନ୍ଦନ ପ୍ରଧାନ ପରିଚାଳନା କରିଥିଲେ। ଗୀତରେ ସ୍ମୃତିରେଖା ମେଣ୍ଡଲି ଓ ପ୍ରିୟଙ୍କା ତାଣ୍ଡି ଯୁଗ୍ମ ପ୍ରଥମ, ମୈଥିଲି ପ୍ରଧାନ ଓ ଅର୍ଚ୍ଚନା ଖମାରୀ ଯୁଗ୍ମ ଦ୍ୱିତୀୟ, ଲକ୍ଷ୍ମୀ ଲାକଡ଼ା ଓ ରିଙ୍କି ବରାଲ ଯୁଗ୍ମ ତୃତୀୟ ହୋଇଥିଲେ। ସୁଭଦ୍ର ଛିଣ୍ଡା, ସୋନାଲି ବାଗ, ଅନିକା ଜୁଆଡି, ଗାୟତ୍ରୀ ସାହୁ, ମନ୍ଦାକିନୀ ଖଡ଼ିଆ, ମାନିନୀ ନାଥ, ପଦ୍ମିନୀ ଖଡ଼ିଆ, କବିତା ମୁଣ୍ଡା ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିଲେ। ସ୍ୱାଭିମାନ ସମ୍ବଲପୁର ସଂଯୋଜକ ଶିଶିର ରଞ୍ଜନ ବହିଦାର, ପ୍ରକଳ୍ପ ପ୍ରଭାରୀ ଦେବନ୍ତ ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ପଙ୍କଜ ପଶାୟତ, ବିକି ସିଂ, ଚମନ୍ ବିଶ୍ୱକର୍ମା, ମନୋଜ କଣ୍ଢା, ସ୍ୱାଧୀନ ଭୋଇ, ସୁଶାନ୍ତ ରାଉତ, ରିଙ୍କୁ ପଶାୟତ ପ୍ରମୁଖ ସହଯୋଗ କରିଥିଲେ।

'ବାଣ ନୁହେଁ ହସ' ଧନକଉଡା ବାଳିକା ଆଶ୍ରମ ଅନ୍ତେବାସୀଙ୍କ ମଧ୍ୟରେ ଜିଲାପି ଖିଆ ପ୍ରତିଯୋଗିତା ।

ଦୀପାବଳିରେ ବିଜୁଳିର ଲୁଚକାଳି ଖେଳ

ସମ୍ବଲପୁର,୮।୧୧(ବ୍ୟୁରୋ)

ପବିତ୍ର ଦୀପାବଳୀ ତିଥିରେ ସମ୍ବଲପୁର ସହରର ବିଭିନ୍ନ ଅଞ୍ଚଳ ଅନ୍ଧାରରେ ରହିଥିଲା। ବ୍ୟବସାୟୀ ପ୍ରତିଷ୍ଠାନ ସମେତ ଜନସାଧାରଣ ନିଜ ଘରକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରିଥିଲେ। କିନ୍ତୁ ପରିତାପ ବିଷୟ ଯେ, ବୁଧବାର ସନ୍ଧ୍ୟା ସାଢ଼େ ୫ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଥିଲା। ଏହାପରେ କିଛି ସମୟ ପାଇଁ ବିଦ୍ୟୁତ ଆସିବା ପରେ ଜନସାଧାରଣଙ୍କ ମନରେ ଖୁସି ଅନୁଭତ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା। ଏ ନେଇ ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ଗୁରୁବାର ଏକ ପ୍ରେସ ବିବୃତାରେ କହିଛନ୍ତି ଯେ, ବିଦ୍ୟୁତ୍ ଯୋଗାଣ ସଂସ୍ଥା ଦାୟିତ୍ୱହୀନ ଅଟେ। ସନ୍ଧ୍ୟା ସମୟରେ ଜାଣିଶୁଣି ବିଦ୍ୟୁତ୍ କାଟ୍ କରୁଛନ୍ତି।

ଜୁଆଖେଳ ଉପରେ ଚଢ଼ାଉ, ୧୯ ଗିରଫ

ବୁର୍ଲା,୮।୧୧(ଡି.ଏନ୍.ଏ.)

ଜୁଆଖେଳ ଚାଲିଥିବାବେଳେ ବୁର୍ଲା ପୋଲିସ ଦୁଇଟି ସ୍ଥାନରେ ଚଢ଼ାଉ କରି ୧୯ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ନଗଦ ୨୬୮୦ ଟଙ୍କା ସହ ୧୫୬ ପତା ତାସ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗାନ୍ଧୀ ମହାନ୍ତି, ସନ୍ତୋଷ ମହାରଣା, ଆଶୁ ପାତ୍ର, ଭଗବାନ ମହାରଣା, ଗୁନା ସାହୁ, ବୁଟୁ ନାଗ, କୁମାର ବେହେରା, ଶୁକ୍ରୁ ସୁନା, ହରିଶଙ୍କର ମେହେର, ବିଜୁ ପାତ୍ର (୪୦), କାର୍ତ୍ତିକ ଦାସ, ବାବୁଲୁ ଦୀପ, ପ୍ରଶାନ୍ତ ନାଏକ, ଅସିତ କଲେତ, ପୃଥ୍ୱୀରାଜ ଡୁଙ୍ଗୁରି, ବିହାରୀଲାଲ ଷଣ୍ଢ, ବେନାର୍ଡ ମୁଣ୍ଡୁଓ୍ୱେର, ରାହୁଲ ନାଏକ, ଶୈଲେସ କୁମାର। ଏ ନେଇ ବୁର୍ଲା ଥାନାରେ ୨ଟି ପୃଥକ ମାମଲା (ନଂ. ୪୫୨/୧୮, ୪୫୩/୧୮) ରୁଜୁ ହୋଇଛି।

ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀଙ୍କ ଜୟନ୍ତୀ ପାଳିତ

ସମ୍ବଲପୁର,୮।୧୧(ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀଙ୍କ ଜୟନ୍ତୀ ଗୁରୁବାର ରାତିରେ ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭା କକ୍ଷରେ ପାଳିତ ହୋଇଯାଇଛି। ସ୍ମୃତି ସମିତି ସଭ୍ୟ ହେମନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମାରୋହ ହୋଇଥିଲା। ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ କବି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ସାମାଜିକ କର୍ମୀ ଭାଗବତ ପ୍ରସାଦ ନନ୍ଦ ଧନ୍ୟବାଦ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀ ବହୁମୁଖି ପ୍ରତିଭାର ଅଧିକାରୀ ଥିଲେ। ସେ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, କ୍ରୀଡ଼ା ଆଦିରେ ସିଦ୍ଧହସ୍ତ ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

ଗୁରୁବାର ସ୍ୱାଧିନତା ସଂଗ୍ରାମୀ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀଙ୍କ ଜୟନ୍ତୀ ସଭାରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ସାମାଜିକ କର୍ମୀଙ୍କ ପରଲୋକ, ଡଙ୍ଗରପଡ଼ା ଗାଁ ଶୋକାକୁଳ

ସମ୍ବଲପୁର,୮।୧୧(ବ୍ୟୁରୋ)

ବର୍ଷୀୟାନ କଂଗ୍ରେସ ନେତା ତଥା ସାମାଜିକ କର୍ମୀ ନୀଳମାଧବ ପଣ୍ଡାଙ୍କ ୯୨ ବର୍ଷ ବୟସରେ ପରଲୋକ ହୋଇଛି। ଗତ ୫ମାସ ହେବ ସେ ବାର୍ଦ୍ଧକ୍ୟଜନିତ କାରଣରୁ ସମ୍ବଲପୁର ସାକ୍ଷୀପଡ଼ାସ୍ଥିତ ପୁତ୍ରଙ୍କ ବାସଭବନରେ ରହୁଥିଲେ। ବୁଧବାର ଅପରାହ୍ନ ପ୍ରାୟ ୨ଟା ସମୟରେ ତାଙ୍କର ପରଲୋକ ହୋଇଥିଲା। ତାଙ୍କ ମରଶରୀରକୁ ଜନ୍ମ ମାଟି ସମ୍ବଲପୁର ଜିଲା ଡଙ୍ଗରପଡ଼ା ଗାଁକୁ ନିଆଯାଇଥିଲା। ସେଠାରେ ଶୋକାକୁଳ ପରିବେଶରେ ତାଙ୍କ ଅନ୍ତିମଯାତ୍ରା ହୋଇଥିଲା। ଗ୍ରାମର ଶତାଧିକ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ଜ୍ୟେଷ୍ଠ ପୁତ୍ର ଦିଲୀପ ମୁଖାଗ୍ନୀ ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଝିଅ ପଙ୍କଜିନୀ ନାୟକ, ପୁଅ ପ୍ରଦୀପ, ସଞ୍ଜୀବ, ରାଜୀବ ଓ ମନୋଜ ସମେତ ପୁତ୍ରବୋଧୂ, ନାତୁଣି, ନାତି ଉପସ୍ଥିତ ଥିଲେ। ନୀଳମାଧବ ଶିକ୍ଷକତା ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। ଏହାପରେ ସେ ସାମାଜିକ କାର୍ଯ୍ୟରେ ନିଜକୁ ସକ୍ରିୟ ରଖିଥିଲେ। ସ୍ୱାଧୀନତା ପରବର୍ତ୍ତୀ କଂଗ୍ରେସରେ ଯୋଗଦେଇ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିଲେ। ୧୯୬୦ ମସିହାରୁ ତିନି ଦଶନ୍ଧି ଧରି ସେ ଡଙ୍ଗରପଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ଥିଲେ। ଏହା ପରେ ଯୁଯୁମୁରା ବ୍ଲକର ଉପାଧକ୍ଷ, ସମ୍ବଲପୁର ଜିଲା ଉନ୍ନୟନ ବ୍ୟାଙ୍କର ଉପାଧକ୍ଷ, ଡଙ୍ଗରପଡ଼ା ଜିଲା ସମବାୟ ସମିତି ସଭାପତି ଭାବେ କାର୍ଯ୍ୟ କରି ଖ୍ୟାତିଅର୍ଜନ କରିଥିଲେ। ଏତଦ୍‌ବ୍ୟତୀତ ଡଙ୍ଗରପଡ଼ା ଆଞ୍ଚଳିକ ହାଇସ୍କୁଲ, ପଧାନପାଲି ହାଇସ୍କୁଲ, ପଡ଼ିଆବାହାଲ ଜୟଦୁର୍ଗା କଲେଜ, କୁଲୁଣ୍ଡି ସରକାରୀ ଶାରୀରିକ ଶିକ୍ଷା କଲେଜ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ସମ୍ବଲପୁର ଜିଲାରେ ଶିକ୍ଷା, କୃଷି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟ କରିଥିଲେ। ଡଙ୍ଗରପଡ଼ା ଜଗନ୍ନାଥ ମନ୍ଦିର, ମହାଦେବ ମନ୍ଦିର, ହନୁମାନ ମନ୍ଦିର ସହ ଅନେକ ଜଳାଶୟ ନିର୍ମାଣରେ ତାଙ୍କ ଯୋଗଦାନ ଉଲ୍ଲେଖନୀୟ ଥିଲା।

ନୀଳମାଧବ ପଣ୍ଡା ।

ରେଳବାଇ ନିରାପତ୍ତା କର୍ମଚାରୀ ପୁରସ୍କୃତ

ସମ୍ବଲପୁର,୮।୧୧(ବ୍ୟୁରୋ)

ସମ୍ବଲପୁର ରେଳମଣ୍ଡଳ ମେକାନିକ୍ ବିଭାଗ ଟିଟିଲାଗଡ଼ ଷ୍ଟେଶନରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଗୁରୁବାର ପୁରସ୍କୃତ କରାଯାଇଛି। ମଣ୍ଡଳ ରେଳପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ପ୍ରମାଣପତ୍ର ଓ ନଗଦ ରାଶି ଦେଇ ମୁକେଶ ସିନ୍ଦୁରଙ୍କୁ ପୁରସ୍କୃତ କରିଥିଲେ। ସେ ନିରାପତ୍ତା ପ୍ରତି ସଜାଗ ରହିବା ସହ ରେଳ ଚଳାଚଳ ନିୟମକୁ ଠିକ୍ ଭାବେ ତୁଲାଇଥିଲେ।

ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ଗୁରୁବାର କର୍ମଚାରୀ ମୁକେଶ ସିନ୍ଦୁରଙ୍କୁ ପୁରସ୍କୃତ କରୁଛନ୍ତି ।

ଫଟୋରେ ଖବର

ସମ୍ବଲପୁର ଗୁରୁଦ୍ୱାରାରେ ଭକ୍ତମାନେ ଦୀପାବଳି ତୀଥିରେ ଦୀପ ଜଳାଉଛନ୍ତି (ବାମ) । ସମ୍ବଲପୁରରେ ଦୀପାବଳି ତୀଥିରେ ଝୁରୁଝୁରିର ମଜା ନେଉଛନ୍ତି ବାଳିକା, ବାଳକ ଓ ମହିଳାମାନେ ।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ପ୍ରଭାବ

ବାଣ ବିକ୍ରି ୪୦ ପ୍ରତିଶତ କମିଲା

ସମ୍ବଲପୁର,୮।୧୧(ବ୍ୟୁରୋ)

ଚଳିତବର୍ଷ ସମ୍ବଲପୁରରେ ବାଣ ବଜାରରେ ମାନ୍ଦାବସ୍ଥା ଦେଖାଦେଇଛି। ବାଣ ବିକ୍ରି ଓ ଏହାର ନିରାପତ୍ତା ଦିଗ ପ୍ରତି ସୁପ୍ରିମକୋର୍ଟ ଜାରିକରିଥିବା ନିର୍ଦ୍ଦେଶର ଏହା ପ୍ରଭାବ ବୋଲି ସାଧାରଣରେ କୁହାଯାଉଛି। ସହରରେ ବାଣ ବିକ୍ରି ୪୦ ପ୍ରତିଶତକୁ ଖସିଆସିଥିବା ଜଣାପଡ଼ିଛି। ବାଣ ଫୁଟାଇବା ଧାର୍ଯ୍ୟ ସମୟ ରାତି ୧୦ଟା ଧାର୍ଯ୍ୟ କରାଯାଇଥିବାରୁ ଲୋକେ ବାଣ କିଣିବାରୁ ବଞ୍ଚିତ ହୋଇଛନ୍ତି। ତେବେ ଅନେକ ସ୍ଥାନରେ ରାତି ୧୦ଟାପରେ ମଧ୍ୟ ବାଣ ଫୁଟାଯାଇଥିଲା। ପୋଲିସ ପକ୍ଷରୁ ଏ ନେଇ ଚଢାଉ ହୋଇଥିଲା। ଏଥିରେ ୩ ବାଣ ବ୍ୟବସାୟୀ ଗିରଫ ହୋଇଥିବା ଜଣାଯାଇଛି।

ଭବାନିପାଲିରେ ଗିରି ଗୋବର୍ଦ୍ଧନ ପୂଜା

ମାନେଶ୍ୱର,୮।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଭବାନୀପାଲିରେ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ସକାଳେ କଳସ ଯାତ୍ରା ହୋଇଥିଲା। ପରେ ପୂଜାମଣ୍ଡପରେ ସ୍ଥାପନା କରାଯାଇଥିଲା। ରାହାସ ବିହାରି ସେଠ ଓ ତାଙ୍କ ସହଧର୍ମିଣୀ ଚନ୍ଦ୍ରମା କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ସୀତାକାନ୍ତ ପାଣିଗ୍ରାହୀ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଅପରାହ୍ନରେ ନାମ କୀର୍ତ୍ତନ ଓ ସନ୍ଧ୍ୟାରେ କୃଷ୍ଣଗୁରୁ ଓ ରାତିରେ ନାଟକ ମଞ୍ଚସ୍ଥ ହୋଇଥିଲା। ନିରଞ୍ଜନ ପଣ୍ଡା, ଜିତେନ୍ଦ୍ର ନାୟକ, ସୌରଭ ସ୍ୱାଇଁ, ଶ୍ରୀକାନ୍ତ ପ୍ରଧାନ, ପ୍ରକାଶ ନାୟକ, ଶୁଭାଶୀଷ ମିର୍ଦ୍ଧା, ସୁବୋଧ ବାରିକ, ଆକାଶ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

ସଂକ୍ଷେପରେ

ଦୀପ ନିଆଁରୁ ଜଳିଗଲା ୩ ବଖରା

ଖୁଣ୍ଟା,୮।୧୧(ଡି.ଏନ୍.ଏ.): ଖୁଣ୍ଟା ଥାନା ଅଧୀନ ଯଦୁଘେରା ଗ୍ରାମରେ ଦୀପାବଳି ଦୀପରୁ ନିଆଁ ଲାଗି ଜଣେ ବ୍ୟକ୍ତିଙ୍କ ୩ ବଖରା ଜଳିଯାଇଛି। ବୁଧବାର ସନ୍ଧ୍ୟାରେ ଯଦୁଘେରା ଗ୍ରାମର ବିଦ୍ୟାଧର ମହାପାତ୍ରଙ୍କ ଠାକୁର ଘରେ ଦିପ ଜଳାଯାଇଥିଲା । ତେବେ କୋଣସି କାରଣରୁ ଉକ୍ତ ଦୀପର ନିଆଁ ଘରେ ଥିବା ଆସବାବପତ୍ରରେ ଲାଗିଯାଇଥିଲାବେଳେ ଅନ୍ୟ ବଖରାଗୁଡିକୁ ବ୍ୟାପି ଯାଇଥିଲା। ଖୁଣ୍ଟା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।ତେବେ ଘରଟି ଆଜବେଷ୍ଟ ଛାଉଣୀ ହୋଇଥିବା ବେଳେ ବିଭିନ୍ନ ଆସବାପତ୍ର ଜଳି ଯାଇଛି ।

କୋଇଲା ଖାଦାନରେ ଶ୍ରମିକ ମୃତ

ଉତ୍ତୋଜନା, ଦିନତମାମ ଖଣି ବନ୍ଦ

ବ୍ରଜରାଜନଗର,୮।୧୧(ଡି.ଏନ୍.ଏ.)

ବ୍ରଜରାଜନଗର ମହାନଦୀ କୋଇଲା କମ୍ପାନୀ ହୀରାକୁଦ ବୁନ୍ଦିଆ ମାଇନ୍ସର ଭୂତଳ ଖଣିରେ ଗୁରୁବାର ପୂର୍ବାହ୍ନ ୯ରୁ ୧୦ଟା ମଧ୍ୟରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଦାନବନ୍ଧୁ କାଞ୍ଜି (୪୨)। ସେ ତାଳଚେରରୁ ବଦଳି ହୋଇ ଆସି ୨୦୦୬ ମସିହାରୁ ଏଠାରେ କାମ କରୁଥିଲେ। ଏଠାରେ ସେ ଏକାକୀ ରହୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବାପରେ ସମସ୍ତ ଶ୍ରମିକ ସଙ୍ଗଠନର ନେତାମାନେ ଘଟଣାସ୍ଥଳରେ ପହଞ୍ଚି ଖାଦାନ ବନ୍ଦ କରିବା ସହ ପରିବହନ ମଧ୍ୟ ବନ୍ଦ କରିଦେଇଥିଲେ। ଫଳରେ ଦିନତମାମ ଖଣି ବନ୍ଦ ହୋଇଯାଇଥିଲା।

■ଖଣି ଅଧିକାରୀଙ୍କୁ ଉଦ୍ୟୁକ୍ତ ଶ୍ରମିକଙ୍କ ଆକ୍ରମଣ

ଖଣି ପଦାଧିକାରୀ ଆର୍.ସି. ଗୁପ୍ତା ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଶ୍ରମିକମାନେ ସଂଘବଦ୍ଧ ହୋଇ ତାଙ୍କୁ ଆକ୍ରମଣ କରି କ୍ଷତାକ୍ତ କରିଥିଲେ। ବୁନ୍ଦିଆ ଖଣିରେ ୧୯୮୦ରୁ ଆଜିପର୍ଯ୍ୟନ୍ତ କାହାର ମୃତ୍ୟୁ ହୋଇ ନ ଥିଲା। ପରିଚାଳନାଗତ ତ୍ରୁଟି ଯୋଗୁ ଦାନବନ୍ଧୁଙ୍କ ଜୀବନ ଗଲା ବୋଲି ଶ୍ରମିକମାନେ ଅଭିଯୋଗ କରିଥିଲେ। ନିୟମ ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଓ ପରିବାରର ଜଣେ ସଦସ୍ୟଙ୍କୁ ତାଙ୍କ ଜନ୍ମସ୍ଥାନ ତାଳଚେରରେ ନିଯୁକ୍ତି ଯୋଗାଇ ଦେବାକୁ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଦାବି କରିଥିଲେ। ଶ୍ରମିକମାନଙ୍କ କହିବା ଅନୁଯାୟୀ, ଦାନବନ୍ଧୁ ସକାଳ ୯ଟାରେ ହାଜିରା ପକାଇ ଭୂତଳ କୋଇଲା ଖଣି ଭିତରକୁ ଯାଇଥିଲେ। ସେ ବେଲ୍ଟ ସଫା କରୁଥିବା ସମୟରେ ତାହା ଚାଲୁ ହୋଇଯାଇଥିଲା। ଫଳରେ ଦାନବନ୍ଧୁ ବେଲ୍ଟରେ ଲାଗିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

ଅନ୍ୟପକ୍ଷରେ ଦାନବନ୍ଧୁଙ୍କ ମୃତ୍ୟୁକୁ ନେଇ ସହରର ସାମାଜିକ କର୍ମୀ ତପନ କୁମାର ସ୍ୱାଇଁ ବ୍ରଜରାଜନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଖଣି ସୁରକ୍ଷା ଅଧିକାରୀ, ଜେନେରାଲ ମ୍ୟାନେଜର ଏବଂ ମ୍ୟାନେଜର (ଅପରେଶନ)ଙ୍କ ସମେତ ଅନ୍ୟ ପଦାଧିକାରୀଙ୍କୁ ସେ ଏଥିରେ ପକ୍ଷଭୁକ୍ତ କରିଛନ୍ତି। ଦାନବନ୍ଧୁ ଯେଉଁଠାରେ କାମ କରୁଥିଲେ ସେଠାରେ ଏକାଧିକ ଶ୍ରମିକ ନିୟୋଜିତ ହେବା କଥା। ହେଲେ କମ୍ପାନୀର ଖର୍ଚ୍ଚକାଟ କରିବାକୁ ଯାଇ ଉଚ୍ଚ ପଦାଧିକାରୀମାନେ ଶ୍ରମିକମାନଙ୍କ ଜୀବନ ସହ ଖେଳୁଛନ୍ତି ବୋଲି ସ୍ୱାଇଁ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ପ୍ରଶାସନ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ କର୍ତ୍ତୃପକ୍ଷଙ୍କ ଚେତା ପଶିବ ଓ ଶ୍ରମିକମାନଙ୍କ ଧନଜୀବନ ସୁରକ୍ଷିତ ରହିବ ବୋଲି ସେ ପ୍ରକାଶ କରିଛନ୍ତି।

ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଫଟା ମୃଦଙ୍ଗକୁ ଜଡ଼ା ଗାୟକ,
ତହିଁ କାଣୀ ଦାରୀ ନାଚୁଛି;
ଅପୁଅ। ରାଜାକୁ କେମ୍ପେଇ ପାତର,
ଯାହା ଇଚ୍ଛା ତାହା ସବୁ କୁଝୁଛି ।

ଅଯୋଗ୍ୟ ବ୍ୟକ୍ତି କୌଣସି କାର୍ଯ୍ୟକୁ ଠିକ୍ ଢଙ୍ଗରେ କରିପାରି ନ ଥାନ୍ତି। ମନଇଚ୍ଛା କାର୍ଯ୍ୟ କରିବସିବା ଫଳରେ ନାନା ବିଶୃଙ୍ଖଳା ଜାତ ହୋଇଥାଏ। ପ୍ରଶାସନ ଅବ୍ୟବସ୍ଥିତ ଢଙ୍ଗରେ ଚାଲିଲେ ଏହାର ପରିଣତି ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

ଫଟା ରସିକ,
କଖାରୁ ଫୁଲକୁ ପାରୁଡ଼ା ପୋକ ।

ରସିକପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ । କଖାରୁ ଫୁଲ ଓ ପାରୁଡ଼ା ପୋକ ନିଜ ନିଜ କ୍ଷେତ୍ରରେ ନିକୃଷ୍ଟ ହେବା ଭଳି ରସିକିଆପଣ ଦେଖାଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୂନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଉଗଡମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ରେଭେନ୍ସା ଇକୋନୋମିକ୍ସ ଆଲୁମ୍ନିର ବାର୍ଷିକ ସମ୍ମିଳନୀ ୧୧ରେ

କଟକ ଅଫିସ, ୮।୧୧: ରେଭେନ୍ସା ବିଶ୍ୱବିଦ୍ୟାଳୟ ଇକୋନୋମିକ୍ସ ଆଲୁମିନି ଆସୋସିଏଶନର ୫ମ ବାର୍ଷିକ ସମ୍ମିଳନୀ ଆସନ୍ତା ୧୧ ତାରିଖ ପୂର୍ବାହ୍ନ ୧୦ଟାରେ ବିଭାଗର ସଦାନନ୍ଦ ସିନ୍ହା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏଥିରେ ଅର୍ଥଶାସ୍ତ୍ର ବିଭାଗର ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପକ, ବର୍ତ୍ତମାନ କାର୍ଯ୍ୟରତ ଅଧ୍ୟାପକ ଓ ଗବେଷକମାନେ ଯୋଗଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ। ପୂର୍ବରୁ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଅର୍ଥଶାସ୍ତ୍ର ବିଭାଗରେ ଦୁଇଟି ଗବେଷଣା ବୃତ୍ତି ଆରମ୍ଭ କରାଯାଇଥିବାବେଳେ ରେଭେନ୍ସା ଅର୍ଥନୀତି ବିଭାଗର ପ୍ରଥମ ସ୍ନାତକୋତ୍ତର ବ୍ୟାଚ୍‌ର ଛାତ୍ର ସ୍ୱର୍ଗତ ସଦାନନ୍ଦ ସିନ୍ହାଙ୍କ ପରିବାର ତରଫରୁ ଏକ ଅତ୍ୟାଧୁନିକ ସମ୍ମିଳନୀ କକ୍ଷର ପ୍ରତିଷ୍ଠା କରାଯାଇଛି। ତେବେ ବିଭାଗ ପକ୍ଷରୁ ବିଦ୍ୟାର୍ଥୀମାନଙ୍କ ପାଇଁ ସାଧନ କେନ୍ଦ୍ର, ମେଧାବୃତ୍ତି, କର୍ମଶାଳା, ରାଜ୍ୟର ଆର୍ଥିକ ପରାମର୍ଶ କେନ୍ଦ୍ର ସ୍ଥାପନ ଆଦି ଲକ୍ଷ୍ୟ ରଖାଯାଇଥିବାରୁ ଏ ନେଇ ଆଗାମୀ ସମ୍ମିଳନୀ ବେଶ୍ ଗୁରୁତ୍ୱ ବହନ କରିବ ବୋଲି ଆସୋସିଏଶନ ସମ୍ପାଦକ ଡ. ତିଉରଞ୍ଜନ ନାୟକ କହିଛନ୍ତି। ତେଣୁ ସମ୍ମିଳନୀରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ଯୋଗଦେବାକୁ ଆସୋସିଏଶନ ପକ୍ଷରୁ ନିବେଦନ କରାଯାଇଛି।

ନିଯୁକ୍ତି ରାଜନୀତି: ପିଏସ୍‌ୟୁ ସମ୍ମୁଖରେ ବିଜେଡିର ବିକ୍ଷୋଭ

ଭୁବନେଶ୍ୱର,୮।୧୧(ଷ୍ଟୁରୋ)

ଓଡ଼ିଶାରୁ ବିପୁଳ ଖଣିଜ ସମ୍ପଦ ଉତ୍ତୋଳନ କରି ମଧ୍ୟ କେନ୍ଦ୍ର ଅନୁରୂପ ନିଯୁକ୍ତି ସୁଯୋଗ ଯୁବତୀଯୁବକଙ୍କୁ ଯୋଗାଇନାହିଁ । କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବର୍ଷକୁ ୨ କୋଟି ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ସେହି ନ୍ୟାୟରେ ୪ ବର୍ଷ ୬ ମାସ ପରେ ୯ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବା କଥା। ପରିସଂଖ୍ୟାନ ଦୃଷ୍ଟିରୁ ପ୍ରାୟ ୩୬ ଲକ୍ଷ ଚାକିରି ଓଡ଼ିଶା ଭାଗରେ ପଡିବା କଥା। ହେଲେ ତାହା ଯୋଗାଇବାରେ କେନ୍ଦ୍ର ବିଫଳ ହୋଇଥିବା ଅଭିଯୋଗ କରିଛି ବିଜେଡି। ଏହାର ପ୍ରତିବାଦରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ କ୍ଷେତ୍ର ମଧ୍ୟରେ ଆସୁଥିବା ପବ୍ଲିକ ସେକ୍ଟର ୟୁନିଟ୍ (ପିଏସ୍‌ୟୁ) ସମ୍ମୁଖରେ ବିଜେଡି ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ବିକ୍ଷୋଭରେ ଛାତ୍ର ଏବଂ ଯୁବ ବିଜେଡି ପକ୍ଷରୁ ଦଳର ଶତାଧିକ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ରାଜଧାନୀରେ ଆୟୋଜିତ ପ୍ରତିବାଦ ସଭାରେ ଯୋଗଦେଇ ବିଧାୟକ ସଞ୍ଜୟ ଦାସବର୍ମା କହିଛନ୍ତି ଯେ, ବିମୁଦ୍ରୀକରଣ ଯୋଗୁ ଦେଶ କୋଟି କୋଟି ନିଯୁକ୍ତି ସୁଯୋଗ ହରାଇଛି। ଓଡ଼ିଶାରେ ଶିଳ୍ପର ପ୍ରଗତି ପାଇଁ ଶିଳ୍ପ କରିଡର୍‌ର ଆବଶ୍ୟକତା ରହିଛି। କିନ୍ତୁ କେନ୍ଦ୍ର ସରକାର ରାଜ୍ୟକୁ ତାହା ଯୋଗାଇ ପାରିନାହିଁ। ରାଜ୍ୟରେ ୩୦ରୁ ଊର୍ଦ୍ଧ୍ୱ କେନ୍ଦ୍ରୀୟ ପିଏସ୍‌ୟୁ ସଂସ୍ଥା ଥିଲାବେଳେ ଓଡ଼ିଆ ଯୁବତୀଯୁବକଙ୍କ ସେଥିରେ ନିଯୁକ୍ତି ସୁଯୋଗ ନାହିଁ। ସେହିପରି ବିଜେଡି ଛାତ୍ର-ଯୁବ ସଙ୍ଗଠନ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡା ସମାଲୋଚନା କରାଯାଇଛି। ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ କହିଛନ୍ତି ଯେ, ବିଗତ ୪ ବର୍ଷରେ କେତେ ଓଡ଼ିଆଙ୍କୁ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାରେ ନିଯୁକ୍ତି ମିଳିଛି, ତାହାର ତାଲିକା କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିପାରିବେ କି। ଯେଉଁ ପରିମାଣ ରାଜସ୍ୱ ଓଡ଼ିଶାରୁ କେନ୍ଦ୍ର ନେଉଛି, ସେହି ଅନୁପାତରେ ବିଭିନ୍ନ ଯୋଜନାରେ ଅନୁଦାନ ଆସୁନାହିଁ କାହିଁକି। ଯେଉଁ ଦିନଠାରୁ ଏନ୍‌ଡିଏ ସରକାର ଆସିଛି, ରାଜ୍ୟ ସରକାରଙ୍କ ପ୍ରାୟ ୮ଟି ଯୋଜନାକୁ ବନ୍ଦ କରାଯାଇଛି। ଦୁଇ ଡଜନରୁ ଅଧିକ ଯୋଜନାରେ ଅନୁଦାନ ହ୍ରାସ ପାଇଛି। ରୋଜଗାର ମାଗୁଥିବା ଯୁବକଙ୍କୁ ପକୁଡି ବିକିବାକୁ କହି ଯୁବବର୍ଗଙ୍କୁ କେନ୍ଦ୍ର ସରକାର ଠକି ଥିବା ଚିନ୍ମୟ କହିଛନ୍ତି। ବିଜେଡି ପକ୍ଷରୁ ଏମ୍‌ସିଏଲ୍, ଆଇଓସିଏଲ୍ , ପୂର୍ବତଟ-ରେଲୱେ ଏବଂ ନାଲ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ବିଜେଡିର ଆନ୍ଦୋଳନ ଡାକରାକୁ କେନ୍ଦ୍ରରେ ନେତୃତ୍ୱାଧୀନ ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି। ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ରାଜ୍ୟ ସରକାର ଶିଳ୍ପମାରଣ ନୀତି ଅବଲମ୍ବନ କରିଛନ୍ତି। ବିଜେଡି ଦେଇଥିବା ଲକ୍ଷ ଲକ୍ଷ ନିର୍ବାଚନୀ ପ୍ରତିଶ୍ରୁତି କୁଆଡେ ଗଲା।

Govt. of India
Office of the Principal Chief Commissioner of Income Tax, Odisha Region Aayakar Bhawan, Rajaswa Vihar, Bhubaneswar-751007
TENDER CALL NOTICE
Dated, Bhubaneswar the 8th November, 2018

The Principal Chief Commissioner of Income Tax, Bhubaneswar invites sealed quotations from reputed Parties engaged in the business of printing and publishing books in Bhubaneswar for printing Information Hand Book and Table Calendar-2019 for the Income Tax Department, Odisha Region. The quotations in sealed covers should be submitted to the undersigned latest by 22.11.2018 (04.00 PM), as per the format in the tender document available with the ACIT(Hqrs.) (Admn. & Vig.), O/o. Pr. CCIT, Bhubaneswar which can also downloaded from the Departmental Website: www.incometaxindia.gov.in. Interested parties may collect the sample and other information from the undersigned on any working day of the Income Tax Department from 9th November, 2018 onwards between 10.30 A.M to 04.00 PM.

Sd./- (Arijit Chakraborty)
Assistant Commissioner of Income Tax (Hqrs.) (Admn & Vig.)
Office of the Pr. Chief Commissioner of Income Tax, Odisha, Aayakarbhawan, RajaswaVihar Bhubaneswar-754007,
Tel. No.: 0674-2589466, Mobile No.: 08902198290

OFFICE OF THE EXECUTIVE ENGINEER
RWSS DIVISION, KEONJHAR
INVITATION FOR BIDS
Eerwss22keonjhar@gmail.com
Identification No. 30 RWSS/KJR 2018-19

No. 980-O: The Executive Engineer, RWSS Division, Keonjhar on behalf of Governor of Odisha, invites percentage rate bids in conformity with detailed tender call notice to be eventually drawn in P-1 contract of Govt. of Odisha for the following works from the eligible contractors, registered with State Govt. & contractor of equivalent Grade / class registered with Central Govt. / Railways for execution of following works. The bidders may submit bids for any or all of the following works having experience in similar type of work.

1.	Nature of work	:	External Electrification for Rural Piped Water Schemes in Keonjhar Dist.
2.	No. of tenders	:	3 (Three)
3.	Cost of tender	:	Rs.4000.00 per each
4.	Value of work	:	Rs.5.15 lakhs to Rs.6.37 lakhs
5.	Class of contractor	:	H.T Licence holder
6.	Last date and time of sale & receipt of tender paper	:	Upto 4.00 PM of 20.11.2018
7.	Date & time of opening of tender	:	At 4.30 PM of 20.11.2018
8.	Time of completion of work	:	(As mentioned in DTCN)

Sd./- Executive Engineer,
25023/11/0016/1819 **RWSS, Keonjhar**

Divisional Engineer Telecom, Telecom Project,
At.: Bamper, P.O: Ghutur, Keonjhar-2,
Cell No: 9437960944
No: DSK/Q-33/53 Dated at Keonjhar, 08.11.2018
NOTICE

Notice is issued to **Shri Naresh Kumar Mahakud, Asst Telecom Technician**, office of the Divisional Engineer Telecom, Telecom Project, Keonjhar, son of Shri Chitrasen Mahakud, Village- Dhaladhi, PO/PS- Champua, Dist. Keonjhar for his long unauthorized absence from his place of duty without permission or sufficient cause.

It is hereby notified that Shri Naresh Kumar Mahakud who was working as Asst Telecom Technician is found absent in his appointed place of work since 26.10.2013 without permission or sufficient cause.

Accordingly he was asked to resume in his duty in his available address, but to no avail.

Thereby this notice is issued through daily newspaper for his information to resume his duty on or before 29.11.2018 positively failing which appropriate major departmental action would be initiated against him under provision of Rules for violating Rule-5 of BSNL conduct, Disciplinary and Appeal Rules 2006.

Sd./- DET, Telecom Project, Keonjhar

OFFICE OF THE CHIEF DISTRICT MEDICAL cum PUBLIC HEALTH OFFICER, CUTTACK
Department of Health & Family Welfare, Government of Odisha
Phone/Fax: 0671-2300777
Adv. No.- 13944 Date: 06.11.2018
Tender Call Notice for Procurement of Drugs, Equipments, Instruments & Consumables

Sealed tenders are invited from the registered Manufacturer / Authorized Dealer / Authorized Supplier / agencies having valid Drug License certificate, valid GSTIN, PAN clearance for the supply of Drugs, Equipments, Instruments & Consumables to the Office of the CDMO, Cuttack. The tenders shall be received by the undersigned by Speed Post / Courier during the office hour on or before 22.11.2018 by 2.30PM. Any application received beyond the stipulated date & time will not be entertained. The quotations will be opened on 22.11.2018 at 3.30PM. Interested firms / agencies should submit their offer price in the prescribed format in a separate sealed envelope. The details of the tender along with the application form and other terms & conditions are available in the website www.cuttack.nic.in.

The authority reserves the right to cancel / reject all or any tender without assigning any reason thereof.

Sd./- Chief District Medical cum Public Health Officer, Cuttack

GOVERNMENT OF ODISHA
STEEL & MINES DEPARTMENT
DIRECTORATE OF GEOLOGY, ODISHA
BHU-BIGYAN BHAWAN, BHUBANESWAR-751001
Phone : 06742392374, Fax : 06742391776
E-mail : directorgeology_odisha@yahoo.in
AUCTION SALE NOTICE

No.09-G: Sealed quotations are invited for disposal of un-serviceable store articles such as G.I. Bucket, G.I. Water Drum, Steel Folding Table, Steel Folding Chair, Camp Cot, Measuring Tapes, Durry, Tarpaulins, Kabuli Pal Tents, Swiss Cottage Tents etc. relating to Prospecting store (Hqrs.) on as is where is basis, in the office premises of Directorate of Geology, Odisha; Bhubaneswar, by auction.

The intending bidders may inspect the articles stored inside the prospecting store for making their own assessment on any working day between **11.00AM to 4.00PM, till 04.12.2018**.

The Auction bid document shall be available on payment of Rs 118.00 (Rupees one hundred eighteen) only in cash at the cash counter of this Directorate from **13.11.2018 to 04.12.2018 up to 4.00PM** or can be downloaded from the Govt. Website **http://www.orissaminerals.gov.in** and submit along with a non-refundable auction fee of Rs. 118/- (Rupees one hundred eighteen) including GST of Rs.18.00 @18%, in shape of DD/ Pay Order drawn on any Scheduled/ Nationalized Bank in favour of Director of Geology, Odisha payable at Bhubaneswar.

Last date of receipt of the Bids : 05.12.2018 up-to 4.00PM
The date of opening of the Bids : 07.12.2018 at 11.30AM.
30003/11/0003/1819 **DIRECTOR OF GEOLOGY, ODISHA**

OFFICE OF THE EXECUTIVE ENGINEER
Rayagada (R&B) Division No-I, Rayagada, Pin – 765001
Phone/Fax:(06856)222149, e-Mail: eepwd765001@gmail.com
Quotation Call Notice No. RC(R&B) RGD : 09/2018-19 Dated 05.11.2018
No.: 813-B **No. 4589 Dated.05.11.2018**

1. The Executive Engineer, Rayagada (R&B) Division No-I, Rayagada on behalf of Governor of Odisha invites Sealed quotation in prescribed schedule from the interested reputed Travel Agencies/Tour Operators or private individuals having valid GSTIN and PAN in the name of the firm for providing 1 (One) No. AC / Non-AC bolero or a similar type Diesel driven vehicle having sitting capacity not more than ten including driver, which shall conform to the Terms and conditions of Detailed Quotation Call Notice for the use in the following offices on Monthly rent basis for individual offices.

Sl. No.	Vehicle Use in the Office	Security Deposit
1	Office of the Superintending Engineer, Rayagada (R&B) Circle, Rayagada	Rs.5000/-
2	Office of the Executive Engineer, Rayagada (R&B) Division No.-I, Rayagada	Rs.5000/-

2. The Detailed quotation call notice containing specifications, all other term and conditions can be obtained from the office of the Executive Engineer, Rayagada (R&B) Division on payment of Rs. 100/- (Rupees One hundred) only from 11.00 hours of dt.15.11.2018 to 16.30 hours of dt. 30.11.2018.
3. Quotationers will be provided individually for each vehicle for the above offices.
4. The quotation completed in all respect should be delivered in the tender box having quotation No. RC(R&B)RGD-09/2018-19.
5. The quotation received shall be opened at 11.00 AM of 01.12.2018 in the office of the Executive Engineer, Rayagada (R&B) Division No-I at Rayagada.
6. A sum of Rs 5000/- (Rupees five thousand) only shall be deposited by the intending bidders in shape of Term Deposit Receipt drawn in favour of the Executive Engineer, Rayagada (R&B) Division No-I, Rayagada payable at Rayagada and submitted along with the tender as security deposit. After completion of tender process, the amount will be refunded to unsuccessful bidders.
7. The other details can be seen in the Detailed Quotation call notice.
8. The authority reserves the right to accept or cancel the above quotation without assigning any reason thereof.

Executive Engineer
34040/11/0041/1819 **Rayagada (R&B) Division No-I**

BERHAMPUR MUNICIPAL CORPORATION
No. 18321/X1-H2-3/2018 Date: 06.11.18
TENDER CALL NOTICE

No. 334-C: Sealed tenders are invited to reach by Speed Post / Registered Post only from advertising Firms / Company for **"Auction of Advertisement space and cleaning of solar powered Bus stop"**. The detailed terms & conditions are available at our office webstie **www.berhampur.gov.in**. The last date of receipt of tenders in this office by **17.11.2018, 5.00 PM** and will be opened on **19.11.2018 at 11.00 AM** in the office of undersigned.

The authority reserves the right to accept or reject any tender without assigning any reason thereof.

Sd./- Commissioner
13035/11/0146/1819 **Berhampur Municipal Corporation**

INTEGRATED TRIBAL DEVELOPMENT AGENCY, NABARANGPUR
No. 5893/2018 **Date: 06.11.2018**
e-Procurement Notice
Bid Identification No.ITDANBG-03/18-19

Bids are invited from the eligible Contractors for Construction of Class Room, Staff Quarter, Dining Hall, Community Center, Hostel Building, Check Dam (12 Nos. of projects) through e-tender process. The details of the tender are available in the website: **https://tendersodisha.gov.in** from 15.00 hours of 06.11.2018 to 17.00 hours of 22.11.2018 for online bidding. The bids received online shall be opened on 11.00 hours of 28.11.2018 in this office. The original bid security, Demand Draft towards cost of bid, GST Certificate and affidavit in original shall be submiteed in this office on or before 17.00 hours of 27.11.2018 by Regd. Post / Speed Post only during office hours.

Sd./- P.A., ITDA, Nabarangpur

OFFICE OF THE NAC, DHARAMGARH
Ph. No. 06672 - 242037
E-mail: nacdharmagarh@gmail.com
No. 1650/NAC(DHM) Dated: 06.11.2018
"E" PROCUREMENT NOTICE
BID IDENTIFICATION No.:- DHARAMGARH/ NAC/01/2018-19

Bid documents consisting of specification the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tenderorissa.gov.in**.

1.	Nature of the work	: Civil construction work as per DTCN
2.	No. of works	: 22 Nos.
3.	Estimated cost	: Rs.1,00,000/- to Rs.7,50,000/-
4.	Period of completion	: As per DTCN
5.	Date & time of availability of bid documents in the portal	: From 10.00 hour of 12.11.2018 to 17.00 hour of 22.11.2018
6.	Last date / time for receipt of bids in the portal	: 21.11.2018, 17.00 hrs.
7.	Last date of submission of hard copies only via Regd. Post / Speed Post (Not through in private courier / by in hand)	: 24.11.2018 upto 17.00 hrs.
8.	Bids received online shall be opened	: 26.11.2018 at 11.00 hour on
9.	Name & address of the officer inviting bid	: Executive Officer, Dharamgarh NAC
10.	Any addendum / corrigendum /cancellation of tender also be seen only in the portal	
	Further details can be seen from the procurement portal	www.tenderorissa.gov.in

Sd./- Executive Officer
Dharamgarh NAC

JAWAHAR NAVODAYA VIDYALAYA, NAYAGARH
At: Nabaghanapur, Dist.: Nayagarh, PIN: 752070, Phone: 06753 - 253266
TENDER NOTICE No.04/2018-19

Sealed tenders are invited from the registered and reputed firms for supply of 1. Electrical and Plumbing items, 2. Window glass and Labour charge for fixing of window glass, 3. Vegetable, 4. Sports items, 5. Laboratory items to Jawahar Navodaya Vidyalaya, Nabaghanapur, Nayagarh. The tender forms with all particulars and list of items can be obtained from the office of the undersigned on all working days w.e.f. **10.11.2018** to **27.11.2018** between **9.00 AM to 01.00 PM** on payment of Rs.200/- (non-refundable) for each item. The details can also be downloaded from the Vidyalaya website **www.jnvnayagarh.in** and the cost of the tender paper is to be remitted in shape of bank draft in favour of Principal JNV, Nayagarh, payable at Nayagarh or deposit in the Vidyalaya account and enclose the bank draft / counter foil along with the sealed tender. Last date and time for submission of sealed tender in the tender box kept at Office of the JNV, Nayagarh is at **10.30 AM** on **28.11.2018**. The vidyalaya purchase advisory sub committee meeting will be held on **28.11.2018** at **11.00 AM** in the chamber of the undersigned for opening and finalisation of the tenders. The Chairman PASC reserves the right to reject the tender in whole or in part without assigning any reason thereof. Any dispute in this regard will fall under Nayagarh jurisdiction only.

Sd./- Principal, JNV, Nayagarh

DIRECTORATE OF MEDICAL EDUCATION & TRAINING ODISHA
WALK-IN-INTERVIEW FOR JUNIOR RESIDENTS
No. 15411 Dt.06.11.2018

No.551-E: Elligible candidates are invited to Walk-in-Interview for recruitment for the posts of Junior Residents in Govt. Medical Colleges on contractual / deployment basis. The details of Posts, Mode of Selection, Remuneration, Qualifications etc. is available in the website of DMET, Odisha i.e. **www.dmetodisha.gov.in** in recruitment to Govt. Medical Colleges section.

10016/11/0

ମହିଳା ଟି୨୦ ବିଶ୍ୱକପ୍

ନିର୍ମଳ କୁମାର ମିଶ୍ର

ICC WOMEN'S WORLD T20 WEST INDIES 2018

ମହିଳା ଟି୨୦ ବିଶ୍ୱକପ୍‌ର ଷଷ୍ଠ ସଂସ୍କରଣ ଏଥର ୱେଷ୍ଟଇଣ୍ଡିଜରେ ଖେଳାଯିବ। ଶୁକ୍ରବାରଠାରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ଗତଥରର ଚାମ୍ପିୟନ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟଥର ପାଇଁ ଏହି ମେଗା ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହେବେ। ବିଶ୍ୱକପ୍‌ରେ ୩ଥର ଚାମ୍ପିୟନ ହୋଇ ଅଷ୍ଟ୍ରେଲିଆ ସଫଳତମ ଦଳ ସାବ୍ୟସ୍ତ ହୋଇଛି। ଏଥିରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ତେବେ ଏଥର ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ପୂର୍ବ ବିଫଳତାକୁ ପଛରେ ପକାଇ ବାଜି ମାରିବା ଲକ୍ଷ୍ୟରେ ରହିଛି..

ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ମହିଳା ଟି୨୦ ବିଶ୍ୱକପ୍। ବିଶ୍ୱକପ୍‌ର ଷଷ୍ଠ ସଂସ୍କରଣ ୱେଷ୍ଟଇଣ୍ଡିଜଠାରେ ଖେଳାଯିବ। ଚଳିତ ମାସ ୯ ତାରିଖରେ ଆରମ୍ଭ ହୋଇ ଏହା ୨୪ ତାରିଖରେ ଶେଷ ହେବ। ୧୫ ଦିନ ଧରି ଚାଲିବାକୁଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ୨୪ ତାରିଖରେ ଖେଳାଯିବ। ପ୍ରତି ୨ବର୍ଷରେ ଥରେ ଖେଳାଯାଉଥିବା ଏହି ମହିଳା ଟି୨୦ ବିଶ୍ୱକପ୍ ୨୦୦୯ରେ ପ୍ରଥମ ଥର ପାଇଁ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଥର ପାଇଁ ୱେଷ୍ଟଇଣ୍ଡିଜ ବିଶ୍ୱକପ୍ ଏଥର ଆୟୋଜନ କରିବାକୁ ଯାଉଛି। ଆଇସିସି ଦ୍ୱାରା ମଧ୍ୟ ଏହି ମେଗା ଆୟୋଜନ ହେବାକୁ ଅନୁମୋଦିତ ହୋଇଛି। ଆଇସିସି ଏବଂ ଡବ୍ଲୁଆଇସିବିର ମିଳିତ ଆୟୋଜନରେ ଏହା ଖେଳାଯିବ। ମିଳିତ ବାର୍ଷିକ କନ୍‌ଫରେନ୍ସରେ ୨୦୧୩ରେ ଏହି ମେଗା ଇଭେଣ୍ଟ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୧୫ ମସିହାରେ ଆଇସିସି ଏହି ମହିଳା ବିଶ୍ୱକପ୍ ପାଇଁ ତାରିଖ ଘୋଷଣା କରିଥିଲା। ଏହା ପରେ ୨୦୧୭ ମସିହା ଫେବ୍ରୁୟାରୀ ମାସରେ ଆଇସିସିର ବାର୍ଷିକ କାର୍ଯ୍ୟକାରିଣୀ ବୈଠକରେ ପୁରୁଷ ବିଶ୍ୱକପ୍ ପରି ଏଥିରେ ମଧ୍ୟ ଅମ୍ପାୟର ଡିସିସନ୍ ରିଭ୍ୟୁ ସିଷ୍ଟମକୁ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହିଳା କ୍ରିକେଟକୁ ଅଧିକ ଲୋକାଭିମୁଖୀ ଓ ଏହାକୁ ସୁଦୂରପ୍ରସାରୀ କରିବା ଆଇସିସିର ଏହି ଅଭିନବ ପ୍ରୟାସକୁ ସ୍ୱାଗତ କରାଯାଇଛି। ସମସ୍ତ ଅନୁବନ୍ଧିତ ଦେଶ ମଧ୍ୟ ଆଇସିସିର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ମହିଳା କ୍ରିକେଟ ପ୍ରେମୀମାନଙ୍କ ଦ୍ୱାରା ଏହା ଆଦୃତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି କୁହାଯାଇଛି। ବିଶ୍ୱକପ୍‌ର ଏହି ସଂସ୍କରଣରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ। ଏହି ଟୁର୍ନାମେଣ୍ଟରେ ମୋଟ ୨୩ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ଗ୍ରୁପ ପର୍ଯ୍ୟାୟ ଏବଂ ନକ ଆଉଟ୍ ଏମିତି ଦୁଇଟି ପର୍ଯ୍ୟାୟ ଭିତ୍ତିରେ ଏହି ଟୁର୍ନାମେଣ୍ଟ ଖେଳାଯିବ।

ଏହି ମେଗା ଇଭେଣ୍ଟରେ ମୋଟ ୧୦ଟି ଦେଶ ଅଂଶଗ୍ରହଣ କରିବେ। ଆଇସିସି ଟି-୨୦ ମହିଳା ର‍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ସ୍ଥାନରେ ଥିବା ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ, ବାଂଲାଦେଶ ଏବଂ ଆୟର୍ଲାଣ୍ଡ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେହିପରି ଚଳିତ ବର୍ଷ ଜୁଲାଇ ମାସରେ ନେଦରଲାଣ୍ଡରେ ଅନୁଷ୍ଠିତ କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ବାଂଲାଦେଶ ଏବଂ ଆୟର୍ଲାଣ୍ଡ ଏହି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। ଗ୍ରୁପ୍ 'ଏ' ରେ ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ଏବଂ ବାଂଲାଦେଶ ସ୍ଥାନ ପାଇଥିବା ବେଳେ ଗ୍ରୁପ ବି'ରେ ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଏବଂ ଆୟର୍ଲାଣ୍ଡ ସ୍ଥାନ ପାଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୬ରେ ଭାରତରେ ଏହି ବିଶ୍ୱକପ୍‌ର ଗତ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ଏହି ପଞ୍ଚମ ସଂସ୍କରଣରେ ୱେଷ୍ଟଇଣ୍ଡିଜ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୮ ଉଇକେଟ୍‌ରେ ହରାଇ ପ୍ରଥମ ଥର ପାଇଁ ଟାଇଟଲ ହାସଲ କରିଥିଲା। ପୂର୍ବରୁ ୨୦୦୯ ମସିହାରୁ ଆରମ୍ଭ ହୋଇଥିବା ଏହି ଟି-୨୦ ବିଶ୍ୱକପରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ସର୍ବାଧିକ ୩ଥର ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛି। ୨୦୦୯ ମସିହାରେ ଇଂଲଣ୍ଡ ଚାମ୍ପିୟନ ହୋଇଥିବା ବେଳେ ୨୦୧୦, ୨୦୧୨, ୨୦୧୪ ମସିହାରେ ଅଷ୍ଟ୍ରେଲିଆ ଟାଇଟଲ ଜିତିଛି। ସେହିପରି ୨୦୧୬ରେ ୱେଷ୍ଟଇଣ୍ଡିଜ ବାଜି ମାରିଥିଲା। ତେବେ ଏହି ୫ଟି ଯାକ ସଂସ୍କରଣରେ ଭାରତର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ରହିନାହିଁ। ବିଶ୍ୱକପ୍‌ର ମ୍ୟାଚଗୁଡିକ ୱେଷ୍ଟଇଣ୍ଡିଜର ୩ଟି ମୁଖ୍ୟ ରେଫରିଙ୍କୁ ନିୟୋଜିତ କରାଯାଇଛି। ସେମିଫାଇନାଲକୁ ଉଠିବ।

ଭାରତର କାର୍ଯ୍ୟସୂଚୀ

ମ୍ୟାଚ୍ ନଂ	ତାରିଖ	ମ୍ୟାଚ	ଭେନ୍ୟୁ
୧	୯.୧୧.୨୦୧୮	ଭାରତ- ନ୍ୟୁଜିଲାଣ୍ଡ	ଗୁୟାନା
୨	୧୧.୧୧.୨୦୧୮	ଭାରତ-ପାକିସ୍ତାନ	ଗୁୟାନା
୩	୧୫.୧୧.୨୦୧୮	ଭାରତ-ଆୟର୍ଲାଣ୍ଡ	ଗୁୟାନା
୪	୧୭.୧୧.୨୦୧୮	ଭାରତ-ଅଷ୍ଟ୍ରେଲିଆ	ଗୁୟାନା

ଗ୍ରୁପ୍ ଏ: ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ୍ ଓ ବାଂଲାଦେଶ।
ଗ୍ରୁପ୍ ବି: ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଆୟର୍ଲାଣ୍ଡ।

ଭାରତୀୟ ଦଳ

ହରମନପ୍ରୀତ୍ କୌର (ଅଧିନାୟିକା), ଦୀପ୍ତି ଶର୍ମା, ପୂଜା ବସ୍ତ୍ରାକର, ସ୍ମୃତି ମନ୍ଧାନା,(ଉପ-ଅଧିନାୟିକା),ତାନ୍ୟା ଭାଟିଆ (ଉଇକେଟ କିପର), ଅନୁଜା ପାଟିଲ, ମିଥାଲି ରାଜ, ପୁନମ ଯାଦବ, ଅରୁନ୍ଧତୀ ରେଡୀ, ଜେମିମା ରୋଡ୍ରିଗୁଏଜ, ରାଧା ଯାଦବ, ବେଦା କ୍ରିଷ୍ଣାମୂର୍ତ୍ତି, ଏକତା ବିଷ୍ଟ, ଡି. ହେମଲତା, ମାନସୀ ଯୋଶୀ।

ଭାରତ ପକ୍ଷରୁ ଏକମାତ୍ର ଅମ୍ପାୟର ରୂପେ ନୀତୀନ ମେନନ୍ ମ୍ୟାଚ୍ ପରିଚାଳନା କରିବେ ବୋଲି ଆଇସିସି ପକ୍ଷରୁ ଘୋଷଣା କରାଯାଇଛି।

୨୦୧୬ରେ ଭାରତରେ ଅନୁଷ୍ଠିତ ହୋଇଥିବା ଏହାର ୫ମ ସଂସ୍କରଣ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ସହିତ ଏକା ସଙ୍ଗେ ବିଭିନ୍ନ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ୱେଷ୍ଟଇଣ୍ଡିଜ ଅଷ୍ଟ୍ରେଲିଆକୁ ଫାଇନାଲରେ ହରାଇ ତାର ପ୍ରଥମ ଟାଇଟଲ ହାସଲ କରିଥିଲା। ୱେଷ୍ଟଇଣ୍ଡିଜର ଷ୍ଟାଫେନ୍ ଟେଲର୍ ୬ଟି ମ୍ୟାଚ୍‌ରୁ ୨୪୬ ରନ୍ (୨ଟି ଅର୍ଦ୍ଧଶତକ) କରିବା ସହିତ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ହେବା ସହିତ ଲେଗ୍ କାସପେରେକ୍ ୫ଟି ମ୍ୟାଚ ଖେଳି ୯ଟି ଉଇକେଟ୍ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଭାରତର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ନ ଥିଲା। ଭାରତ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେବା ସହିତ ୪ଟି ମ୍ୟାଚ ଖେଳି ମାତ୍ର ୨ ପଏଣ୍ଟ ସହିତ ଗ୍ରୁପ 'ବି'ର ୪ର୍ଥ ସ୍ଥାନରେ ରହିଥିଲା। ଭାରତ ଏକମାତ୍ର ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ୭୨ ରନ୍‌ରେ ଜିତିଥିବା ବେଳେ ଡକୱର୍ଥ ଲୁଇସ୍ ନିୟମରେ ପାକିସ୍ତାନଠାରୁ ୨ରନ୍‌ରେ ହାରିଥିଲା। ଇଂଲଣ୍ଡଠାରୁ ୨ ଉଇକେଟ୍‌ରେ ପରାସ୍ତ ହେବା ସହିତ ଚମ୍ପିୟନ ୱେଷ୍ଟଇଣ୍ଡିଜଠାରୁ ମାତ୍ର ୩ ରନ୍‌ରେ ପରାସ୍ତ ହୋଇଥିଲା। ଭାରତୀୟ ମହିଳା ଦଳ ୩ଟି ନିଶ୍ଚିତ ଜିତିବା ମ୍ୟାଚ୍‌କୁ ଅଳ୍ପ ବ୍ୟବଧାନରେ ହାରିବା ଯୋଗୁ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ମାତ୍ର ଦଳ ପକ୍ଷରୁ ହରମନ୍‌ପ୍ରୀତ୍ କୌର, ଏକତା ବିଷ୍ଟ, ମିଥାଲି ରାଜ, ବେଦା କ୍ରିଷ୍ଣମୂର୍ତ୍ତିଙ୍କ ପ୍ରଦର୍ଶନ ବେଶ୍ ସନ୍ତୋଷଜନକ ରହିଥିଲା।

ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ପାଇଁ ବିସିସିଆଇ ପକ୍ଷରୁ ଭାରତୀୟ ଦଳ ଘୋଷଣା କରାଯାଇଛି। ବିସିସିଆଇର କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧୁରୀ ଏବଂ ଚୟନକର୍ତ୍ତାମାନଙ୍କ ଦ୍ୱାରା ହରମନ୍‌ପ୍ରୀତ୍ କୌରଙ୍କ ଅଧିନାୟକତ୍ୱରେ ୧୫ଜଣିଆ ଦଳ ଘୋଷଣା କରାଯାଇଛି। ବ୍ୟାଟିଂ, ଉଭୟ ପେସ୍ ଏବଂ ସ୍ପିନ ବୋଲିଂକୁ ଦୃଷ୍ଟିରେ ରଖି ଏକ ସନ୍ତୁଳିତ ଦଳ ଗଠନ କରାଯାଇଛି। ଚଳିତ ୬ଷ୍ଠ ସଂସ୍କରଣରେ ଭାରତ ଭଲ ପ୍ରଦର୍ଶନ କରି ଟାଇଟଲ ହାସଲ କରିବାକୁ ପ୍ରୟାସ କରିବ ବୋଲି ଆଶା କରାଯାଇଛି। ଭାରତ ତା'ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ, ପାକିସ୍ତାନ, ଆୟର୍ଲାଣ୍ଡ ଓ ଅଷ୍ଟ୍ରେଲିଆକୁ ଭେଟିବ। ଗ୍ରୁପ୍ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରି ଶ୍ରେଷ୍ଠ ଦୁଇଟି ସ୍ଥାନରେ ରହିଲେ ଭାରତ ଷ୍ଟାଡିୟମରେ ଖେଳାଯିବ। ଗୁୟାନା ନ୍ୟାଶନାଲ ଷ୍ଟାଡିୟମରେ ମୋଟ ୧୧ଟି ମ୍ୟାଚ୍ ଖେଳାଯିବ। ସେହିପରି ଡାରେନ୍ ସାମି ଷ୍ଟାଡିୟମରେ ୯ଟି ମ୍ୟାଚ ଏବଂ ସାର ଭିଭିଆନ ରିଚାର୍ଡ ଷ୍ଟାଡିୟମ୍‌ରେ ୩ଟି ମ୍ୟାଚ୍ ଆୟୋଜନ ହେବ। ଏଥିପାଇଁ ଆଇସିସି ପକ୍ଷରୁ ୧୨ଜଣିଆ ଅମ୍ପାୟର ତାଲିକା ଘୋଷଣା କରାଯାଇଛି। ୨ଜଣ ମ୍ୟାଚ୍ ରେଫରିଙ୍କୁ ନିୟୋଜିତ କରାଯାଇଛି। ସେମିଫାଇନାଲକୁ ଉଠିବ।

ମାରାଥନ- ଏକ ବୈପ୍ଲବିକ ଜୀବନଶୈଳୀ

ସୌଭାଗ୍ୟ କୁମାର ରଥ

Running Marathon

ଶୀତ ଋତୁ ଆସିଲାଣି । ସକାଳୁ ମଧ୍ୟ କାକର ପଡିଲାଣି । ହାଲୁକା କୁହୁଡିର ଚାଦର ଦେହକୁ ଏକ ଶୀତଳ ଅନୁଭୂତି ପ୍ରଦାନ କରିଛି । ଗଳି ରାସ୍ତାରେ, ଛାତ ଉପରେ ବ୍ୟାଡମିଣ୍ଟନ, କ୍ୟାରମ୍ ଖେଳର ଆସର ଜମିବ । ଶୀତୁଆ ସକାଳ ଲାଗି ଏବେ ମାରାଥନର ମଧ୍ୟ ଅନେକ ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି । ଏହା ଫେବ୍ରୁୟାରୀ ଶେଷ ପର୍ଯ୍ୟନ୍ତ ଭାରତର ବିଭିନ୍ନ ସହରରେ ଅନୁଷ୍ଠିତ ହେବ...

ଖ୍ରୀଷ୍ଟପୂର୍ବ ୪୯୦ରେ ପର୍ସିଆ (ଆଧୁନିକ ଇରାନ) ଗ୍ରୀସ୍ ଆକ୍ରମଣ କରିଥିଲା। ଗ୍ରୀସ୍ ସେନା ପର୍ସିଆ ସେନାକୁ ମାରାଥନ ସହର ନିକଟରେ ଅଟକାଇଥିଲା। ଏହି ଯୁଦ୍ଧରେ ପର୍ସିଆ ପରାସ୍ତ ହୋଇଥିଲା। ବିଜୟର ବାର୍ତ୍ତା ନେଇ ଯୁଦ୍ଧ କ୍ଷେତ୍ରରୁ ଦୌଡି ଦୌଡି ଫିଡିପିଡେସ୍ ନାମକ ସୈନିକ ଆସିଥିଲେ ଗ୍ରୀସ୍‌ର ରାଜଧାନୀ ଏଥେନ୍ସକୁ। ମାରାଥନ ସହରରୁ ଏଥେନ୍ସର ଦୂରତା ପ୍ରାୟ ୨୬ ମାଇଲ ବା ୪୨.୧୯୫ କି.ମି. ଥିଲା। ତେବେ ଉତ୍କଣ୍ଠିତ ଗ୍ରାମବାସୀଙ୍କୁ ଏହି ଖୁସି ଖବର ଜଣାଇବାର ଅଳ୍ପ ସମୟ ପରେ ଫିଡିପିଡେସଙ୍କର ମୃତ୍ୟୁ ଘଟିଥିଲା। ଏହି ବୀର ସୈନିକଙ୍କ ସ୍ମୃତି ରକ୍ଷାକରି ଗ୍ରୀସ୍‌ରେ ତା' ପରବର୍ତ୍ତୀରୁ ବାର୍ଷିକ କ୍ରୀଡ଼ା ଉତ୍ସବ ଅଲିମ୍ପିକ୍ସରେ ମାରାଥନ ପ୍ରତିଯୋଗିତାକୁ ସାମିଲ କରାଯାଇଥିଲା। ପ୍ରଥମ ମାରାଥନ ପ୍ରତିଯୋଗିତାରେ ୨୫ଜଣ ଭାଗ ନେଇଥିବା ବେଳେ ଏଥିରେ ସ୍ପିରିଡିନ୍ ନାମକ ଜଣେ ଡାକକର୍ମଚାରୀ ବିଜୟୀ ହୋଇଥିଲେ। ସେହିବର୍ଷଠାରୁ ଗ୍ରୀସ୍‌ରେ ଏହି କ୍ରୀଡ଼ା ଆୟୋଜନ ହୋଇଆସୁଛି।

ଆଧୁନିକ ଯୁଗରେ ମଧ୍ୟ ମାରାଥନ ଦୌଡକୁ ଅଲିମ୍ପିକ୍ସରେ ସାମିଲ କରାଯାଇଛି।

ମାରାଥନକୁ ଲୋକାଭିମୁଖୀ କରିବା ପାଇଁ ଆଜିକାଲି ପୃଥିବୀର ବିଭିନ୍ନ ସହରରେ ଅଲଗା ଅଲଗା ଉପାୟରେ ଏହା ଅନୁଷ୍ଠିତ ହେଉଛି। ଆମ ଦେଶରେ ମଧ୍ୟ ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ, ପୁଣେ, ବେଙ୍ଗାଲୁରୁ, ହାଇଦ୍ରାବାଦରେ ମାରାଥନ ଅତି ଉତ୍ସାହରେ ଅନୁଷ୍ଠିତ ହେଉଛି। ଏପରି କି ସମୁଦ୍ରପଉନର ୧୧,୫୦୦ ଫୁଟ୍ ଉଚ୍ଚ ଲଦାଖରେ ପୃଥିବୀର ସର୍ବୋଚ୍ଚ ମାରାଥନ, ମହାରାଷ୍ଟ୍ରର ସତାରାଠାରେ ରାତ୍ରିକାଳୀନ ମାରାଥନ, କାବେରୀ ନଦୀ କୂଳେ କୂଳେ ନଦୀ-ମାରାଥନ, ନୀଳଗିରି ଏବଂ ମହାବଳେଶ୍ୱର ଦୁର୍ଗମ ରାସ୍ତାରେ ହିଲ୍-ମାରାଥନ, ରାଜସ୍ଥାନର ଜୟପୁରଠାରେ ଗ୍ରୀଷ୍ମକାଳୀନ ମାରାଥନ ଆୟୋଜନ କରି ମାରାଥନକୁ ନୂଆ ରୂପ ଦେବାରେ କରାଯାଉଥିବା ପ୍ରୟାସ ବେଶ୍ ସଫଳ ହୋଇଛି। ଏହି ମାରାଥନଗୁଡିକ ଅଧିକ ରୋମାଞ୍ଚକ ଓ ଆହ୍ୱାନପୂର୍ଣ୍ଣ ହୋଇପାରୁଛି।

ଏଥିରେ ଦେଶ ବିଦେଶରୁ ହଜାର ହଜାର ଧାବକ ଅଂଶଗ୍ରହଣ କରୁଛନ୍ତି। ମାରାଥନର ବିବିଧତା ଗୋଟିଏ ସହରର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହେଉଛି। ପଶ୍ଚିମ ଓ ଦକ୍ଷିଣ ଭାରତର ବିଭିନ୍ନ ସହରରେ ପ୍ରାୟ ପ୍ରତ୍ୟେକ ସପ୍ତାହରେ ମାରାଥନ ଅନୁଷ୍ଠିତ ହେଉଥିବା ବେଳେ ଆମ ସ୍ମାର୍ଟ ସହର ଭୁବନେଶ୍ୱରରେ କେବଳ ହାଫ୍ ମାରାଥନ (୨୧ କି.ମି.) ଏବଂ ଅଳ୍ପ ଦୂରତାବିଶିଷ୍ଟ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

ଅଧିକାଂଶ ମାରାଥନ ବଡ଼ ଓ ଛୋଟ ଅନୁଷ୍ଠାନ ତଥା କମ୍ପାନୀମାନେ ଆୟୋଜନ କରିଥାନ୍ତି। ଏଥିରେ ଆବାଳ ବୃଦ୍ଧ ବନିତା ଅଂଶଗ୍ରହଣ କରିଥାନ୍ତି। ତେବେ ୪୨ କି.ମି. ଦୌଡିବା ଏତେ ସହଜ ନୁହଁ। ସେଥିପାଇଁ ଦୀର୍ଘଦିନର ଅଭ୍ୟାସ ଦରକାର। ଆମ ମଧ୍ୟରୁ ଅଧିକାଂଶ ଲୋକ ଗୋଟିଏ କିଲୋମିଟର ବି ଦୌଡିପାରିବେ ନାହିଁ। ତେଣୁ ମାରାଥନ ପାଇଁ ଦୌଡକୁ ଏକ ଅଭ୍ୟାସରେ ପରିଣତ କରିବାକୁ ହେବ। ଧୀରେ ଧୀରେ ୫ ମିନିଟ୍, ୧୦ ମିନିଟ, ୩୦ ମିନିଟ, ୧ ଘଣ୍ଟା ଓ ତଦୂର୍ଦ୍ଧ୍ୱ ସମୟ ଦୌଡିବା ଅଭ୍ୟାସ ଦ୍ୱାରା ହିଁ ସମ୍ଭବ। ଶୀତର ସକାଳ ଏଥିପାଇଁ ପ୍ରକୃଷ୍ଟ। ସେହି ବେଗରେ ମାରାଥନ ଦୌଡିବା ଉଚିତ, ଯେଉଁଥିରେ ଜଣେ ଲୋକ ଧଇଁସଇଁ ହେବନି ଓ କଥା ମଧ୍ୟ କହିପାରୁଥିବେ।

ସପ୍ତାହେ ଅଭ୍ୟାସ କଲେ ନିଜର ପ୍ରକୃତ ବେଗ ଜଣେ ନିଜେ ଜାଣିପାରିବ। ଏଥିପାଇଁ ହାଲୁକା ସୂତାବସ୍ତ୍ର ଏବଂ ରବର ଜୋତା ପିନ୍ଧି ପଡିଆ କିମ୍ବା ରାସ୍ତାରେ ବାହାରିଯିବା ଉଚିତ୍। ଏକୁଟିଆ କିମ୍ବା ଛୋଟ ଦଳରେ ଦୌଡିଲେ ଧ୍ୟାନ କେବଳ ଦୌଡ ଉପରେ ସ୍ଥିର ରହିବ। ଏଥିପାଇଁ ବୟସ, ଓଜନ କିମ୍ବା ଲିଙ୍ଗଗତ କୌଣସି ବାଧା ରହିବା ଉଚିତ୍ ନୁହଁ। କାରଣ ସମସ୍ତଙ୍କ ଶରୀର ବୟସଗତ ତଥା ଜୀବନଶୈଳୀଗତ ରୋଗ ଏକ ସାଧାରଣ ସମସ୍ୟା ରୂପେ ଦେଖା ଗଲାଣି। ହାତ ପାହାନ୍ତାରେ ପାଣି, ଖାଦ୍ୟ, ଗାଡ଼ି ଓ ଆରାମ ମିଳୁପାରୁଥିବାରୁ ଆଉ କାହାକୁ ଝାଳ ବୁହାଇବାକୁ ପଡିବ ନାହିଁ। ତେବେ ଶରୀର ପ୍ରତି ଦୈନିକ ସାମାନ୍ୟ ଧ୍ୟାନ ଦେଲେ ଜୀବନ ନୀରୋଗ ଓ ସୁଖୀ ହୋଇପାରିବ। ଅନେକ ଲୋକଙ୍କୁ ୪୦ ବର୍ଷ ପରେ ଡାକ୍ତରୀ ପରାମର୍ଶ ଅନୁଯାୟୀ ଉଚ୍ଚ ରକ୍ତଚାପ, ମଧୁମେହ, କୋଲେଷ୍ଟରଲ, ଥାଇରଏଡ ପ୍ରଭୃତି ରୋଗର ନିଦାନ ସ୍ୱରୂପ ଅଳ୍ପ ଚାଲିବାକୁ ବାଧ କରାଯାଉଛି। ଆମେ ଯଦି ବେଳହୁଁ ସାବଧାନ ହେବା, ତେବେ ଏସବୁ ରୋଗ ପାଖ ମାଡିବ ନାହିଁ। ଏହାର ଏକ ସରଳ ଉପାୟ ହେଲା- ଦୌଡିବା, ଧୀରେ ଧୀରେ ଦୌଡିବା, ସବୁଦିନ ଦୌଡିବା। କାରଣ ଏହା ନିଃ ଶୁଳ୍କ ଓ ଅତ୍ୟନ୍ତ ଲାଭଦାୟକ, ଏଥିରେ ଆଣ୍ଠୁ ବା ଦେହ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡିବ ନାହିଁ।

ତେବେ ଏଠି ପ୍ରଶ୍ନ ଉଠେ ଯେ, ଆମେ ଦୌଡବା ଯାଏଁ ଠିକ୍ ଅଛି। ମାରାଥନ ପ୍ରତିଯୋଗିତାରେ ଭାଗନେବା କାହିଁକି? ଏହାର ସରଳ ଉତ୍ତର ହେଲା ମାରାଥନ ପାଇଁ ପ୍ରସ୍ତୁତି ୩ ମାସ ଆଗରୁ ଆରମ୍ଭ ହୁଏ। ନିଜକୁ ନିଜେ ଆହ୍ୱାନ ଦେଇ ଧୀରେ ଧୀରେ ଆମେ ୫ କି.ମି. ବା ୧୦ କି.ମି. ଦୂରତାର ଲକ୍ଷ୍ୟ ହାସଲ କରିପାରିବା। ଏହି ପ୍ରତିଯୋଗିତାରେ ଆଜିକାଲି ଅନେକ ଲୋକ ଅଂଶଗ୍ରହଣ କଲେଣି। ପ୍ରତ୍ୟେକ ବ୍ୟକ୍ତି ଯିଏ, ଧାର୍ଯ୍ୟ ସମୟ ମଧ୍ୟରେ ମାରାଥନ ଦୂରତା ଅତିକ୍ରମ କରନ୍ତି, ସେମାନେ ଜଣେ ଜଣେ ବିଜେତା। କାରଣ ମାରାଥନର କଷ୍ଟସାଧ୍ୟ ଦୌଡ ପରେ ଏକ ଅନନ୍ୟ ଆତ୍ମସନ୍ତୋଷ ମିଳିଥାଏ। ତେବେ ଏ ଶୀତ ଋତୁରେ ଆମେ ଏକ ମାରାଥନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜେ ନୀରୋଗ ରହିବାକୁ ପ୍ରୟାସ କରିବା।

ହାଇ ଥ୍ରିଙ୍କିଙ୍ଗ୍

ଟିମ୍ ଇଣ୍ଡିଆର ରାଜା ଯିଏ ଥିଲା
ଦେଖୁଥା ଫକୀର ସାଜି
ଆହୁଜା ମାଇକ୍ ପରି ବାକୁଥିଲା
ଫମ୍ପା ଶବ୍ଦ ତା'ର ଆଜି
ବାରଟି ମ୍ୟାଚ୍‌ରେ ପାଞ୍ଚି
ଦୁଇଶ ବାଉନ ଆଭରେଜ୍‌ରେ ସେମ୍
ରନ୍ କରିଛି ଗର୍ଜି ।।।୧

ହକି ଉଦ୍‌ଘାଟନୀ ସମାରୋହ ପାଇଁ
ଆଠଶହ କଳାକାର
ଏ.ଆର. ରହମାନ ନେତା ମନ୍ତ୍ରୀ ଯନ୍ତ୍ରୀ
ହିରୋଇନ୍ ପୁଣି ହିରୋ
ହକି ୱାର୍ଲ୍ଡ କପ୍ ଜ୍ୱର
ଶହେଚାରି ଡିଗ୍ରୀ ଭାଇରାଲ ବାସେ
ରାଜ୍ୟ ରାଜଧାନୀ ମୋର ।।।୨

କ୍ରିକେଟ ପରିକା ନ୍ୟାଶନାଲ କ୍ରୀଡ଼ା
ହକି ପପୁଲାର ହେବ
ରାଇଜର କ୍ରୀଡ଼ା

ସଂକ୍ଷେପରେ

ଆର୍‌ବିଆଇ- କେନ୍ଦ୍ର ବିବାଦ
ଅର୍ଥ ମନ୍ତ୍ରୀଙ୍କୁ ଗଭର୍ନର ଅଣଦେଖା କରିପାରିବେନି: ମନମୋହନ ସିଂ

ନୂଆଦିଲ୍ଲୀ,୮-୧୧: ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ରିଜର୍ଭ ବ୍ୟାଙ୍କର ବିବାଦ ଉପରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଡ.ମନମୋହନ ସିଂ ସରକାରଙ୍କ ସପକ୍ଷରେ ମତପ୍ରକାଶ କରିଛନ୍ତି। କେନ୍ଦ୍ର ଅର୍ଥ ମନ୍ତ୍ରୀ ସର୍ବଦା ବଡ଼, ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ତାଙ୍କୁ ଅଣଦେଖା କରିପାରିବେନି ବୋଲି ସେ ମତ ଦେଇଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କକୁ ତାଙ୍କ କଥା ଶୁଣିବାକୁ ହେବ ବୋଲି ସେ କହିଛନ୍ତି। ନିଜ କନ୍ୟା ଦାମନ ସିଂଙ୍କ ଦ୍ୱାରା ଲିଖିତ ପୁସ୍ତକ' ଷ୍ଟ୍ରିକ୍‌ଲି ପର୍ସନାଲ:ମନମୋହନ ଆଣ୍ଡ୍ ଗୁରଶରଣ'ର ଉନ୍ମୋଚନ ଉତ୍ସବରେ ଯୋଗ ଦେଇ ସେ କହିଛନ୍ତି ଯେ, ସର୍ବଦା ଦେବା ନେବାର ନୀତି ଆପଣାଇବାକୁ ପଡିବ। ଯେକୌଣସି ନିଷ୍ପତ୍ତି ନେବା ପୂର୍ବରୁ ସରକାରଙ୍କୁ ଆଗୁଆ କହିବାକୁ ହେବ ଏବଂ ତାଙ୍କର ବିଶ୍ୱାସ ଅର୍ଜନ କରିବାକୁ ହେବ। ରିଜର୍ଭ ବ୍ୟାଙ୍କର ଗଭର୍ନର କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କଠାରୁ ବଡ଼ ନୁହନ୍ତି। ଅର୍ଥମନ୍ତ୍ରୀ ଚାହୁଁଥିଲେ ଏହାକୁ ଗଭର୍ନର ମନା କରିପାରିବେନି। ସରକାରଙ୍କ ଇଚ୍ଛାକୁ ନ ମାନିଲେ ତାଙ୍କୁ ନିଜ ପଦରୁ ଇସ୍ତଫା ଦେବାକୁ ପଡିବ। ସେ ଗଭର୍ନର ଥିବା ବେଳେ କେନ୍ଦ୍ର ସରକାରଙ୍କ ସହ ତାଙ୍କର କଥୋପକଥନକୁ ଉକ୍ତ ପୁସ୍ତକରେ ଉଲ୍ଲେଖ କରାଯାଇଛି। ସରକାରଙ୍କ ସହ ମତଭେଦ କାରଣରୁ ଡ.ସିଂ ଥରେ ଇସ୍ତଫା ଦେବାକୁ ଚିନ୍ତା କରିଥିଲେ ବୋଲି ବହିରେ ଉଲ୍ଲେଖ କରାଯାଇଛି।

ଦେଶ ହିତରେ ମତଭେଦ ଦୂର ହେଉ:ପାନଗାରିୟା

ନୂଆଦିଲ୍ଲୀ,୮-୧୧: ରାଷ୍ଟ୍ର ହିତରେ ଉଭୟ କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କ ନରମ ମନୋଭାବ ପୋଷଣ କରନ୍ତୁ ଏବଂ ମତଭେଦକୁ ଦୂର କରନ୍ତୁ ବୋଲି ନୀତି ଆୟୋଗର ପୂର୍ବତନ ଉପାଧକ୍ଷ ଅରବିନ୍ଦ ପାନଗାରିୟା କହିଛନ୍ତି। ସେ କହିଛନ୍ତି ଯେ, ଆଇନଗତ ଭାବେ ଆମେରିକାର ଫେଡେରାଲ ବ୍ୟାଙ୍କ ତୁଳନାରେ ଭାରତୀୟ ରିଜର୍ଭ ବ୍ୟାଙ୍କ କମ୍ ସ୍ୱାଧୀନ। ତେବେ ପ୍ରଭାବ ଦୃଷ୍ଟିରୁ ଦେଖିଲେ ଦୁହେଁ ସମାନ ସ୍ତରରେ ରହିଛନ୍ତି। ତେବେ ଦେଶ ହିତରେ ମତଭେଦକୁ ତୁରନ୍ତ ଦୂର କରି ଏକାଠି କାମ କରିବାକୁ ହେବ ବୋଲି ସେ କହିଛନ୍ତି।

ସିପେଟ ସିଏସ୍‌ଟିଏସ୍ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

ଭୁବନେଶ୍ୱର, ୮-୧୧: ସିପେଟ୍ ସିଏସ୍‌ଟିଏସ୍ ପକ୍ଷରୁ ରାଷ୍ଟ୍ରିୟ ଏକତା ଦିବସ ପାଳିତ ହୋଇ ଯାଇଛି। ସ୍ଥାନୀୟ ମଞ୍ଚନାଥଦେବ ହାଇସ୍କୁଲର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିପେଟ୍ ସିଏସ୍‌ଟିଏସ୍‌ର କେନ୍ଦ୍ର ପରିଚାଳିକା ସୁଶ୍ରୀ ନିହାରିକା ପରିଡା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଲ୍ କୁମାର ପରିଡା, ସିପେଟ୍ ସିଏସ୍‌ଟିଏସ୍‌ର ଗ୍ୱାଲିୟର କେନ୍ଦ୍ର ପ୍ରଭାରୀ ସଞ୍ଜୟ କୁମାର ଚୌଧୁରୀ, କର୍ପୋରେଟର ନିର୍ମଳ ଚନ୍ଦ୍ର ରାଉତ ଏବଂ ଜୟନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର,୮-୧୧: ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଇଛି। ଚଳିତ ବର୍ଷ ଦେଶ ଗଠନ ଲାଗି ଦୁର୍ନୀତିର ମୂଲୋତ୍ପାଟନ ଥିମ୍‌ରେ ଏହି ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପ୍ରଧାନଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ।

ୟୁକୋ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ଭୁବନେଶ୍ୱର,୮-୧୧: ୟୁକୋ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇ ଯାଇଛି। ସଭାପତି ପ୍ରଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ସ୍ଥିତିରେ ବ୍ୟାଙ୍କ କର୍ମଚାରୀଙ୍କ ଡିଏ, ପେନଶନ ପୁନଃ ନିର୍ଦ୍ଧାରଣ, ପରିବାର ପେନଶନ, ସର୍ବୋଚ୍ଚ ନ୍ୟାୟାଳୟରେ ଥିବା ମାମଲା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଏଥିରେ ସଂଘର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ଅବସରରେ ସ୍ୱରୂପ ଚନ୍ଦ୍ର ଦାସ, ବି.କେ ଦାଶ, ମହେନ୍ଦ୍ର ପଟ୍ଟନାୟକ, ରାଜେନ୍ଦ୍ର ନାଥ ରାଉତ, ଇ.ଇଶ୍ୱରୀ ପ୍ରଶାଦ, ଗୋକୁଳ ଦାସ ପ୍ରମୁଖ ଅଂଶ ଉପସ୍ଥିତ ଥିଲେ।

ଆସନ୍ତାବର୍ଷ ଟେସ୍‌ଲା କମ୍ପାନୀ ଭାରତରେ ଆଂଶିକ ଭାବେ ପ୍ରବେଶ କରିବ। ଉତ୍ତର ଆମେରିକା, ଚାଇନା ଏବଂ ୟୁରୋପ ବଜାର ପରେ ଅନ୍ୟ ଦେଶରେ କମ୍ପାନୀର ବିସ୍ତାର ପାଇଁ ନିର୍ଦ୍ଦେଶ ଦିଆଯାଇଛି।
– ଏଲନ ମସ୍କ, ସିଇଓ, ଟେସ୍‌ଲା ମୋଟର୍ସ

ଚାଇନା ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହୋଇଛି। କ୍ଷୁଦ୍ର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାର ସେମାନଙ୍କ ପାଇଁ ଟିକସ କୋହଳ କରିବେ। ଏହାଛଡା ସେମାନଙ୍କୁ ଅଧିକ ପାଣ୍ଠି ଯୋଗାଇ ଦିଆଯିବ।
–ସି. ଜିନପିଙ୍ଗ, ରାଷ୍ଟ୍ରପତି, ଚାଇନା

ବିମୁଦ୍ରୀକରଣକୁ ପୂରିଲା ୨ ବର୍ଷ

ସଫଳତା କମ୍, ବିଫଳତା ବେଶି

ନୂଆଦିଲ୍ଲୀ,୮–୧୧

ଗୁରୁବାର ବିମୁଦ୍ରୀକରଣକୁ ୨ ବର୍ଷ ପୂରିଲା। ଦେଶବାସୀ ଏଥିଯୋଗୁ କ'ଣ ପାଇଲେ ଅବା ହରେଇଲେ ତାହା ସମୟ କହିବ। ତେବେ ବିମୁଦ୍ରୀକରଣର ଦ୍ୱିତୀୟ ବର୍ଷ ପାଳନ ଅବସରରେ ହିସାବ କଲେ ସଫଳତା କମ୍ ବିଫଳତା ଅଧିକ ବୋଲି ଜଣାପଡୁଛି। ଦୁଇ ବର୍ଷ ପୂର୍ବେ ଆଜିର ଦିନରେ କେନ୍ଦ୍ର ସରକାର ଏହାକୁ ଘୋଷଣା କରିଥିଲେ। ଏହାଦ୍ୱାରା ଦେଶର ଅର୍ଥନୀତିରୁ କଳାଧନ ଦୂରେଇ ଯିବ, ଆତଙ୍କବାଦୀଙ୍କୁ ମିଳୁଥିବା ଟଙ୍କା ଆସିବା ବନ୍ଦ ହୋଇଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାହା ଯୁକ୍ତି ବାଢ଼ିଥିଲେ, ତାହା ସଫଳ ହୋଇ ନାହିଁ। ଆଜି ମଧ୍ୟ କଳାଧନ ସୃଷ୍ଟି ହୋଇଚାଲିଛି ଏବଂ ଟେରର ଫଣ୍ଡିଂ ବା ଆତଙ୍କବାଦୀଙ୍କୁ ଯଥାରୀତି ଅର୍ଥ ମିଳୁଛି। ଫଳସ୍ୱରୂପ ଜମ୍ମୁ-କଶ୍ମୀରରେ ପଥରଫିଙ୍ଗିବା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ଦ୍ୱିଗୁଣିତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ରିଜର୍ଭ ବ୍ୟାଙ୍କର ତଥ୍ୟରୁ ଜଣାପଡେ ଯେ, ବିମୁଦ୍ରୀକରଣ ପରେ ୯୯.୩% ଅଚଳ ନୋଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରି ଆସିଛି। ଅର୍ଥାତ୍ ସ୍ୱଳ୍ପ ପରିମାଣ ଜାଲ୍ ନୋଟ୍, କଳାଧନ ଫେରିନି। ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତି ଯୋଗୁ ଦେଶରେ ନଗଦ ଅର୍ଥ ସଙ୍କଟ ସୃଷ୍ଟି ହେଲା। ଲୋକେ ନିଜର ସଞ୍ଚିତ ଅର୍ଥ ଜମା କରିବାକୁ ଘଣ୍ଟା ଘଣ୍ଟା ଧରି ଭୋକ ଉପାସରେ ବ୍ୟାଙ୍କ ଆଗରେ ଧାଡିବାନ୍ଧି ଛିଡା ହେବାକୁ ବାଧ ହେଲେ। କାମଧନ୍ଦା ବନ୍ଦ ହୋଇଗଲା। କାରଖାନା, ଉଦ୍ୟୋଗ ଜଗତ ସ୍ଥାଣୁ ପାଲଟିଲା। ଫଳସ୍ୱରୂପ ଜିଡିପି ବା ଆର୍ଥିକ ଅଭିବୃଦ୍ଧି ୧.୫% ହ୍ରାସ ପାଇଲା। ବିମୁଦ୍ରୀକରଣ ପ୍ରଭାବରେ କ୍ଷୁଦ୍ର ଶିଳ୍ପ, ଛୋଟ ଉଦ୍ୟୋଗ ଅଚାନକ ବନ୍ଦ ହେଲା। ଏହି ସମୟରେ ପ୍ରାୟ ୧୧୫ ଜଣଙ୍କ ମୃତ୍ୟୁ ହେଲା। ବିବାହ, ବ୍ରତ, ଯାନିଯାତ ସବୁ ବନ୍ଦ ହୋଇଗଲା। ଲୋକେ ତ୍ରାହି ତ୍ରାହି ଡାକିଲେ। ନଗଦ ଅର୍ଥ ସଙ୍କଟ ଦୂର କରିବାକୁ କେନ୍ଦ୍ର ସରକାର ନୂଆ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ବଜାରକୁ ଛାଡିଲେ। ଏହି ନୂଆ ନୋଟ୍ ପାଇଁ ଏଟିଏମ୍‌ଗୁଡିକୁ ସଜଡା ନ ଯିବାରୁ ଲୋକେ ତାହା ମଧ୍ୟ ପାଇବାରେ ଅସୁବିଧା ଭୋଗିଲେ। ନୂଆ ନୋଟ୍ ପାଇଁ ମଧ୍ୟ ବ୍ୟାଙ୍କରେ ଲମ୍ବାଧାଡି ଦେଖିବାକୁ ମିଳିଲା। ସରକାର କଳାଧନ ସୃଷ୍ଟିକୁ ବନ୍ଦ କରିବା ପାଇଁ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦେଲେ। କିନ୍ତୁ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନ କଲେ। ଏହାକୁ ବହୁ ଅର୍ଥନୀତିଜ୍ଞ ସମାଲୋଚନା କଲେ। କାରଣ କଳାଧନ ମହଜୁଦକାରୀଙ୍କୁ ବଡ଼ ନୋଟ୍ ରଖିବା ସୁବିଧା ହେବ ବୋଲି ସେମାନେ ଯୁକ୍ତି ଦର୍ଶାଇଲେ। ବିମୁଦ୍ରୀକରଣକୁ ସଫଳ କରିବାକୁ ଯାଇ ନୂଆ ନୋଟ୍ ଛାପିବା ତଥା ଏହାକୁ ବ୍ୟାଙ୍କରେ ପହଞ୍ଚାଇବା ପାଇଁ ରିଜର୍ଭ ବ୍ୟାଙ୍କ ପ୍ରାୟ ୧୩ ହଜାର କୋଟି ଟଙ୍କା ବ୍ୟୟ କଲା। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି ପକ୍ଷରୁ କୁହାଯାଇଛି ଯେ, ବିମୁଦ୍ରୀକରଣ ପରେ ୧୫ ଲକ୍ଷ କର୍ମଚାରୀ ନିଯୁକ୍ତି ହରାଇଲେ।

ଅନ୍ୟପକ୍ଷରେ ବିମୁଦ୍ରୀକରଣ ସଫଳ ହୋଇଛି ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଯୁକ୍ତି ଦର୍ଶାଇଛନ୍ତି। ସେ କହିଛନ୍ତି ଯେ, ଖାଦ୍ୟ ପଦାର୍ଥ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦର ହ୍ରାସ ପାଇବା ଯୋଗୁ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ମନି ଲଣ୍ଡରିଂ ପ୍ରାୟତଃ ହ୍ରାସ ପାଇଛି ଏବଂ ଏହା ଉପରେ ସରକାର ତୀକ୍ଷ୍ଣ ନଜର ରଖିପାରୁଛନ୍ତି। ବିମୁଦ୍ରୀକରଣର ଦୁଇ ବର୍ଷ ପରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏହାର ସଫଳତା ସମ୍ପର୍କରେ ଜଣାଇଛନ୍ତି। ବିମୁଦ୍ରୀକରଣ ଜରିଆରେ ନଗଦକୁ ଜବତ କରିବା ନୁହେଁ ବରଂ ଏହାକୁ ଦେଶର ଅର୍ଥନୀତିରେ ସାମିଲ କରିବା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ ଥିଲା। ଦେଶର ଅର୍ଥନୀତିକୁ ଠିକ୍ ରାସ୍ତାରେ ଆଣିବା ଲାଗି ସରକାର ନେଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭିତରେ ଏହା ଅନ୍ୟତମ ଥିଲା। ନଗଦ ଅର୍ଥକୁ ଜବତ କରିବା ବଦଳରେ ଅଧିକ ଟିକସ ଆଦାୟ ସରକାରଙ୍କ ଉଦ୍ଦେଶ୍ୟ ଥିଲା। ବିମୁଦ୍ରୀକରଣ ପରେ ଟିକସ ଫାଙ୍କିବା ଏବେ କଷ୍ଟକର ହୋଇପଡିଛି ବୋଲି ସେ କହିଛନ୍ତି। ଲୋକେ ଘରେ ସାଇତି ରଖିଥିବା ଟଙ୍କାକୁ ବ୍ୟାଙ୍କରେ ଜମା କରିବାକୁ ବାଧ ହେଲେ। ଫଳସ୍ୱରୂପ ୧୭.୪୨ ଲକ୍ଷ ସନ୍ଦେହଜନକ ଆକାଉଣ୍ଟ ସମ୍ପର୍କରେ ସରକାର ଜାଣିପାରିଲେ। ବ୍ୟାଙ୍କରେ ବଡ଼ ସଂଖ୍ୟାରେ ଟଙ୍କା ଜମା ହେବା କାରଣରୁ ସେମାନେ ଅଧିକ ମାତ୍ରାରେ ଋଣ ଦେବାକୁ ଅର୍ଥ ପାଇଲେ। ଖାଲି ଏତିକି ନୁହେଁ ଏଥିଯୋଗୁ ଦେଶରେ ଡିଜିଟାଲ ଅର୍ଥନୀତିକୁ ପ୍ରୋତ୍ସାହନ ମିଳିଛି। ଆର୍ଥିକ ବର୍ଷ ୨୦୧୮-୧୯(୩୧ ଅକ୍ଟୋବର, ୨୦୧୮ ପର୍ଯ୍ୟନ୍ତ) ଗତ ବର୍ଷ ଅପେକ୍ଷା ୨୦.୨% ଅଧିକ ଆୟକର ଆଦାୟ ହୋଇଛି। ସେହିପରି କର୍ପୋରେଟ୍ ଟିକସ ଆଦାୟ ମଧ୍ୟ ୧୯.୫% ବଢ଼ିଛି। ଅନ୍ୟପକ୍ଷରେ ୨୦୧୪ରେ ପ୍ରତ୍ୟକ୍ଷ ଟିକସ ଆଦାୟ ୬.୬% ଏବଂ ୨୦୧୫ରେ ଏହା ୯% ଥିଲା। ଦେଶ ଏବେ ଡିଜିଟାଲ ଆଡକୁ ଅଗ୍ରସର ହେଉଥିବାରୁ କଳାଧନ ସୃଷ୍ଟି ହେବା ମାତ୍ରେ ସରକାର ତୁରନ୍ତ ଏହା ଜାଣିପାରୁଛନ୍ତି।

କେଉଁ କ୍ଷେତ୍ରରେ କ'ଣ ପ୍ରଭାବ...

ବିମୁଦ୍ରୀକରଣକୁ ଏହା ମଧ୍ୟରେ ଦୁଇ ବର୍ଷ ପୂରଣ ହୋଇଛି। ଏହା ସଫଳତା ଏବଂ ବିଫଳତାକୁ ନେଇ ଅନେକ ତର୍କ ବିତର୍କ ଦେଖା ଦେଇଥିଲା। ବଜାର ସ୍ଥିତିରେ ଏବେ ସୁଧାର ଆସିଥିବା ବେଳେ ଗତ ଦୁଇ ବର୍ଷ ମଧ୍ୟରେ ବିମୁଦ୍ରୀକରଣ ପରେ ପ୍ରଭାବ ତଥା ପରିବର୍ତ୍ତନ କ'ଣ ରହିଛି ସେ ସମ୍ପର୍କରେ କିଛି ତଥ୍ୟ...

୫ଲକ୍ଷ ଜାଲ ନୋଟ ଧରାପଡ଼ିଛି

ରିଜର୍ଭ ବ୍ୟାଙ୍କ ତଥ୍ୟ ମୁତାବକ ୨୦୧୭-୧୮ରେ ବ୍ୟାଙ୍କ ବ୍ୟବସ୍ଥାରେ ୫,୨୨,୭୮୩ ମୂଲ୍ୟର ଜାଲ ନୋଟ ଧରା ପଡିଛି। ୨୦୧୬-୧୭ରେ ଧରା ପଡିଥିବା ଜାଲ ନୋଟ୍ ପରିମାଣ ୪.୩% ଥିବା ବେଳେ ଏହା ୨୦୧୭-୧୮ରେ ୩୬.୧%କୁ ବୃଦ୍ଧି ଘଟିଛି।

ଡିଜିଟାଲ ନେଣଦେଣ ଧାରା

ବିମୁଦ୍ରୀକରଣ ପରେ ଡିଜିଟାଲ କାରବାରରେ ବିଶେଷ ପରିବର୍ତ୍ତନ ଦେଖା ଯାଇଛି।୨୦୧୮ ସେପ୍ଟେମ୍ବର ସୁଦ୍ଧା ଭୀମ ଆପ୍ଲିକେଶନର ଆଣ୍ଡ୍ରଏଡ ଭର୍ସନ ୩.୫୫ କୋଟି ଡାଉନଲୋଡ ଟପିଥିଲା। ଏହି ସମୟରେ ଆଇଓଏସ ପ୍ଲାଟଫର୍ମରେ ଏହା ୧୭ ଲକ୍ଷ ରହିଥିଲା। ୨୦୧୮ ଅକ୍ଟୋବର ତଥ୍ୟ ମୁତାବକ ଭୀମ ଆପରେ ୧୮.୨୭ ଲକ୍ଷ ନେଣଦେଣ ଦ୍ୱାରା ୮,୨୦୬ କୋଟି କାରବାର ହୋଇଛି।

ରୂପେ କାର୍ଡ

୨୦୧୨ ରେ ରୂପେ ଏକ ସ୍ୱଦେଶୀ କାର୍ଡ ଭାବେ ବଜାରକୁ ଆସିଥିଲା। ଏହାକୁ ନ୍ୟାଶନାଲ ପେମେଣ୍ଟ କାଉନସିଲ ଅଫ ଇଣ୍ଡିଆ(ଏନ୍‌ପିସିଆଇ) ପକ୍ଷରୁ ପ୍ରସ୍ତୁତ କରାଯାଇଥିଲା। ଏହା ଦ୍ୱାରା ଆମେରିକାର ମାଷ୍ଟରକାର୍ଡ ଏବଂ ଭିଜା କାର୍ଡର ବଜାର ଅଂଶରେ ହ୍ରାସ ହୋଇଛି। ଏହି କାର୍ଡ ବିଦେଶୀ କମ୍ପାନୀଙ୍କ ସହ କଡା ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବିଶେଷ ଭାବେ ସକ୍ଷମ ହୋଇଛି।

ୟୁପିଆଇର ଆବୃତି

୧୦ ବର୍ଷ ତଳେ ଦେଶରେ ୧ କୋଟି ୪୦ ଲକ୍ଷ ଡେବିଟ କାର୍ଡ ରହିଥିଲା। ଏହା ବର୍ତ୍ତମାନ ୧୦୦ କୋଟି ଛୁଇଁଛି। ସେହିଭଳି ଏନପିସିଆଇ ନିଜର ଏକ ଅଲଗା ପେମେଣ୍ଟ ସିଷ୍ଟମ ୟୁପିଆଇ ଆଣିଛି। ଚଳିତ ବର୍ଷ ଅଗଷ୍ଟ ମାସରେ ୩୧ କୋଟି ୩୦ ଲକ୍ଷ ଥର ଏହି ମୋଡରେ ଟ୍ରାଞ୍ଜାକଶନ ହୋଇଛି। ଏହା ଏକ କୋ-ବ୍ରାଣ୍ଡେଡ ଇଞ୍ଜିନ ଅଏଲ ହୋଇଥିବା ବେଳେ ହୋଣ୍ଡା ଦୁଇଚକିଆ ଯାନ ଲାଗି ବିଶେଷ ଭାବେ ଉପକାରୀ ସାବ୍ୟସ୍ତ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ହୋଣ୍ଡା ପାଇଁ ଗ୍ରାହକ ସନ୍ତୁଷ୍ଟି ଏକ ପ୍ରମୁଖ ଉପାଦାନ ବୋଲି କମ୍ପାନୀର ଗ୍ରାହକ ସେବା ବରିଷ୍ଠ ଉପସଭାପତି ପ୍ରଦୀପ କୁମାର ପାଣ୍ଡେ ସୂଚନା ଦେଇଛନ୍ତି। ଏଭଳି ଏକ ସହଭାଗିତା ବିଶେଷ ଭାବେ ଲାଭକାରୀ ହେବ ବୋଲି ମ୍ୟାକ୍ ଲୁବ୍ରିକାଣ୍ଟର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଭି.ଆନନ୍ଦ ସୂଚନା ଦେଇଛନ୍ତି।



ହୋଇଛି। ଏହାର ଲୋକପ୍ରିୟତା ବୃଦ୍ଧି ହେଉଥିବା ଦେଖାଯାଇଛି।

ଟିକସ ଚୋରି ଉପରେ କାର୍ଯ୍ୟାନୁଷ୍ଠାନ

୨୦୧୭-୧୮ ଆୟକର ରିଟର୍ନ ତଥ୍ୟ ମୁତାବକ ଏଥିରେ ୭୧% ବୃଦ୍ଧି ଘଟି ୫.୪୨ କୋଟିକୁ ବଢିଛି।୨୦୧୭ ଅଗଷ୍ଟରେ ଏହା ୩.୧୭ କୋଟି ରହିଥିଲା। ୨୦୧୭-୧୮ରେ ଟିକସ ସଂଗ୍ରହରେ ବୃଦ୍ଧି ଘଟି ୧୦.୦୩ ଲକ୍ଷ କୋଟି ଛୁଇଁଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ତଥ୍ୟ ପ୍ରଦାନ କରିଛି।

ଏବେବି ଦେଖିବାକୁ ମିଳୁଛି ପ୍ରଭାବ

ବିମୁଦ୍ରୀକରଣ ଭଳି ବିପର୍ଯ୍ୟୟର ପ୍ରଭାବ ଏବେ ସୁଦ୍ଧା ଦେଖିବାକୁ ମିଳୁଛି। ଏହାର ପ୍ରଭାବ ସ୍ପଷ୍ଟ ହୋଇଛି ଏବଂ ଦେଶର ପ୍ରତ୍ୟେକ ବ୍ୟକ୍ତି ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ତ୍ରୁଟିପୂର୍ଣ୍ଣ ଢଙ୍ଗରେ ଓ ଠିକ୍ ଭାବେ ବିଚାର ନ କରି କେନ୍ଦ୍ର ସରକାର ଏହାକୁ ଲାଗୁ କଲେ।
-ମନମୋହନ ସିଂ,ପୂର୍ବତନ ପ୍ରଧାନମନ୍ତ୍ରୀ

ବିମୁଦ୍ରୀକରଣ ଏକ ବିପର୍ଯ୍ୟୟ

ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିମୁଦ୍ରୀକରଣକୁ ଏକ ବିପର୍ଯ୍ୟୟ ସହ ତୁଳନା କରିଛନ୍ତି। ସରକାର ଏହାକୁ ଘୋଷଣା କରିବା ଦିନଠାରୁ ସେ ଏହାକୁ ଦେଶ ପାଇଁ କଳାଦିନ ବୋଲି କହିଆସୁଛନ୍ତି। ଯାହା ସତ ହୋଇଛି।
- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

ଭାବିଚିନ୍ତି ଷଡ଼ଯନ୍ତ୍ର ହୋଇଥିଲା

କେନ୍ଦ୍ର ସରକାର ବହୁ ଭାବିଚିନ୍ତି ଏଭଳି ଏକ ଷଡ଼ଯନ୍ତ୍ର କରିଛନ୍ତି। ସୁଟ୍-ବୁଟ୍‌ର ବନ୍ଧୁମାନଙ୍କ କଳାଧନକୁ ସରକାର ଏହାଦ୍ୱାରା ଧଳା କରିଦେଲେ। ଏହାକୁ ବଡ଼ ଦୁର୍ନୀତି ଛଡ଼ା ଅନ୍ୟ କିଛି କୁହାଯାଇପାରିବ ନାହିଁ। ବିମୁଦ୍ରୀକରଣରୁ ଆମକୁ କିଛି ଫାଇଦା ମିଳିନାହିଁ।
- ରାହୁଲ ଗାନ୍ଧୀ, କଂଗ୍ରେସ ଅଧକ୍ଷ

ଦେଶବିରୋଧୀଙ୍କ ମେରୁଦଣ୍ଡ ଭାଙ୍ଗିଛି

ବିମୁଦ୍ରୀକରଣ ଯୋଗୁ ଦେଶବିରୋଧୀଙ୍କ ମେରୁଦଣ୍ଡ ଭାଙ୍ଗିଛି। ଏଥିଯୋଗୁ ଆତଙ୍କବାଦକୁ ମିଳୁଥିବା ପାଣ୍ଠି ଆସିବା ବନ୍ଦ ହୋଇଛି।
- ମୁକ୍ତାର ଆବାସ ନକଭି, କେନ୍ଦ୍ର ମନ୍ତ୍ରୀ

ଅର୍ଥନୀତି ପାଇଁ ଗଭୀର କ୍ଷତ

ବିମୁଦ୍ରୀକରଣକୁ ଦେଶର ଅର୍ଥନୀତି ପ୍ରତି ଏକ ଗଭୀର କ୍ଷତ। ଏହି ନିଷ୍ପତ୍ତି କାହିଁକି ନିଆଗଲା ତାହା ଦୁଇ ବର୍ଷ ପରେ ମଧ୍ୟ ଜଣାପଡିଲାନି ବୋଲି ସେ କହିଛନ୍ତି।
- ଅରବିନ୍ଦ କେଜରିୱାଲ, ମୁଖ୍ୟମନ୍ତ୍ରୀ ଦିଲ୍ଲୀ

ଅର୍

ବର୍ତ୍ତମାନର ଭାରତୀୟ ପୁରୁଷ କ୍ରିକେଟ ଦଳ କେତେଦୂର ଶକ୍ତିଶାଳୀ ତାହା ଲୋକେ ବିଚାର କରିବେ ।

–ରବି ଶାସ୍ତ୍ରୀ, କୋଚ୍

କ୍ରିକେଟ ଅଷ୍ଟ୍ରେଲିଆରେ ଦେଖା ଦେଇଥିବା ଅନ୍ତଃ କନ୍ଦଳ ପ୍ରତି ଧ୍ୟାନ ନ ଦେଇ ଖେଳାଳିମାନେ ଖେଳରେ ମନୋନିବେଶ କରନ୍ତୁ ।

–ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲିଆ ଦିନିକିଆ ଅଧିନାୟକ

ସଂକ୍ଷେପରେ

ସୌରଭଙ୍କୁ ସ୍ୱର୍ଣ୍ଣ

କୁଏତ ସିଟି,୮।୧୧(ପି.ଟି.): ଭାରତର ଯୁବ ଶୁଟିଂ ସେନସେଶନ ସୌରଭ ଚୌଧାରୀ ଚଳିତ ସିଜନରେ ଚମହାର ପ୍ରଦର୍ଶନ ଜାରି ରଖି ୪ ମାସ ମଧ୍ୟରେ ୪ର୍ଥ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଠାରେ ଚାଲିଥିବା ଏସିଆନ ଏୟାରଗନ ଚାମ୍ପିୟନଶିପ୍‌ରେ ଗୁରୁବାର ଅନୁଷ୍ଠିତ ୧୦ ମିଟର ପିସ୍ତଲ ଜୁନିୟର ପୁରୁଷ ଇଭେଣ୍ଟରେ ସୌରଭ ଶୀର୍ଷ ସଫଳତା ପାଇଛନ୍ତି। ୧୬ ବର୍ଷୀୟ ଅନ୍ୟ ଭାରତୀୟ ଶୁଟର ଅର୍ଜୁନ ସିଂ ଚିମା ଓ ଅନମୋଲ ଜୈନଙ୍କ ସହ ମିଶି ସର୍ବାଧିକ ୧୭୩୧ ପଏଣ୍ଟ ହାସଲ କରି ଦଳଗତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ବ୍ୟକ୍ତିଗତ ଇଭେଣ୍ଟରେ ୨୩୯.୮ ପଏଣ୍ଟ ସ୍କୋର କରିଥିଲେ। ଫଳରେ ଚଳିତ ପ୍ରତିଯୋଗିତାରେ ସେ ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିପୂର୍ବରୁ କୃଷକଙ୍କ ପୁଅ ଏସିଆନ୍ ଗେମ୍ସ (ଅଗଷ୍ଟ), ବିଶ୍ୱ ଶୁଟିଂ ଚାମ୍ପିୟନଶିପ (ସେପ୍ଟେମ୍ବର) ଓ ଯୁଥ ଅଲିମ୍ପିକ୍ ଗେମ୍ସ (ଅକ୍ଟୋବର)ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବ୍ୟକ୍ତିଗତ ୧୦ ମି. ଏୟାରଗନ ଇଭେଣ୍ଟରେ ଅର୍ଜୁନ (୨୩୭.୬) ରୌପ୍ୟ ପଦକ ଅର୍ଜନ କରିଛନ୍ତି। ତାଙ୍କ ପଛକୁ ଚାଇନିଜ ତାଇପେ ହୁଆଙ୍ଗ ୟୁଇ ତେ (୨୧୮.୦) ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି। ଅନ୍ୟ ଭାରତୀୟ ଶୁଟର ଅନମୋଲ ୧୯୫.୧ ସ୍କୋର ସହ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ରହିଛନ୍ତି।

ଭାରତ ବିପକ୍ଷ ଟି୨୦ରୁ ଷ୍ଟାର୍କ, ଲିଓନ ବାଦ୍

ମେଲବର୍ନ,୮।୧୧: ଆଗାମୀ ଭାରତ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍ ଲାଗି ଗୁରୁବାର କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ୧୩ ଜଣିଆ ଅଷ୍ଟ୍ରେଲିଆ ଦଳ ଘୋଷିତ ହୋଇଯାଇଛି। ଏହି ଦଳରୁ ଘାତକ ପେସର ମିଚେଲ ଷ୍ଟାର୍କ, ଅଲରାଉଣ୍ଡର ମିଚେଲ ମାର୍ଶ ଓ ସ୍ପିନର ନାଥନ ଲିଓନ ବାଦ୍ ପଡ଼ିଛନ୍ତି। ଭେଟେରାନ ଦ୍ରୁତ ବୋଲର ପିଟର ସିଡ୍‌ଲ ମଧ୍ୟ ଦଳରେ ସ୍ଥାନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏମାନଙ୍କୁ ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ପ୍ରସ୍ତୁତ କରିବା ପାଇଁ ଦଳରୁ ବାଦ୍ ଦିଆଯାଇଛି। ସମସ୍ତ ଖେଳାଳି ଘରୋଇ ଟୁର୍ନାମେଣ୍ଟ ଶେଫିଲ୍ଡ ଶିଲ୍ଡରେ ଖେଳିବେ। ଷ୍ଟାର୍କଙ୍କ ବଦଳରେ ଜାସନ ବେହେନଡ୍ରଫ ଖେଳିବେ। ତାଙ୍କ ସହ ନାଥନ କୁଲ୍ଟରନାଇଲ, ବିଲି ଷ୍ଟାନଲେକ ଓ ମାର୍କସ ଷ୍ଟୋଇନିସ ଦଳର ପେସ ବିଭାଗ ସମ୍ଭାଳିବେ। ଦ. ଆଫ୍ରିକା ବିପକ୍ଷରେ ଏକ ମାତ୍ର ଟି୨୦ ମ୍ୟାଚ୍ ଚଳିତ ମାସ ୧୭ ତାରିଖରେ ଗୋଲ୍ଡ କୋଷ୍ଟଠାରେ ଖେଳାଯିବ।

ଅଷ୍ଟ୍ରେଲିଆ ଦଳ: ଆରୋନ ଫିଞ୍ଚ(ଅଧିନାୟକ), ଆଲେକ୍ସ କାରେ, ଆଷ୍ଟୋନ ଆଗର, ଜାସନ ବେହେନଡ୍ରଫ, ନାଥନ କୁଲ୍ଟରନାଇଲ, କ୍ରିସ ଲିନ, ଗ୍ଲେନ ମ୍ୟାକ୍ସୱେଲ, ବେନ ମ୍ୟାକଡରମଟ, ଡାର୍ସି ଶର୍ଟ, ବିଲି ଷ୍ଟାନଲେକ, ମାର୍କସ ଷ୍ଟୋଇନିସ, ଆଣ୍ଡ୍ରୁ ଟାଏ ଓ ଆଡାମ ଝମ୍ପା।

ଇଣ୍ଡିଆନ୍ ସୁପରଲିଗରେ ଗୁରୁବାର ଏଫ୍‌ସି ଗୋଆ ଓ ଦିଲ୍ଲୀ ଡାଇନାମସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ରାଜ୍ୟ ସିପକ୍‌ଟାକ୍ର ସଂଘରେ ବିବାଦ

- ସହଦେବ-ମନୋଜଙ୍କ କଳିକୁ ନେଇ ଚର୍ଚ୍ଚା
- ୧୦ରେ ସଂଘ ବିରୋଧରେ ବୈଠକ
- ଗଠନ ହୋଇପାରେ ସମାନ୍ତରାଳ ସଂଘ

କଟକ ଅଫିସ,୮।୧୧

ରାଜ୍ୟ ସିପକଟାକ୍ର ଆସୋସିଏଶନରେ ପୁର୍ନବାର ବିବାଦ ଦେଖାଦେଇଛି। ପୂର୍ବରୁ ସଂଘରେ ବିଭିନ୍ନ କାରଣରୁ ଫାଟ ସୃଷ୍ଟି ହୋଇଛି ବୋଲି ଚର୍ଚ୍ଚା ହେଉଥିବା ବେଳେ ଏବେ ନେଇ ସଂଘର କିଛି ସଦସ୍ୟ ଏକଜୁଟ ହେବାକୁ ଯୋଜନା କରିଛନ୍ତି। ସମାନ୍ତରାଳ ଭାବେ ଅନ୍ୟ ଏକ ସଂଘ ଗଢ଼ି ଉଠିବ ବୋଲି ଚର୍ଚ୍ଚା ମଧ୍ୟ ହେଉଛି। ସଂଘର ପୂର୍ବତନ ସମ୍ପାଦକ ସହଦେବ ରାଉତଙ୍କ ନେତୃତ୍ୱରେ ଆସନ୍ତା ୧୦ ତାରିଖରେ କଟକର ଗଡ଼ଗଡେଶ୍ୱର ମନ୍ଦିର ସଭାଗୃହରେ ବୈଠକ ଡକାଯିବ। ସାମ୍ପ୍ରତିକ ପରିସ୍ଥିତିରେ ସଂଘର ବିଭିନ୍ନ ପଦପଦବୀରେ ଥିବା କର୍ମକର୍ତ୍ତା ମନୋମୁଖୀ କାର୍ଯ୍ୟ କରିବା ସହ ରାଜ୍ୟ ଦଳ ଚୟନରେ ଅନିୟମିତତା ହେଉଛି ବୋଲି ସହଦେବ ଅଭିଯୋଗ ଉଠାଇଛନ୍ତି। ଏହାର ପ୍ରତିବାଦରେ ଏହି ସଭା ଡକାଯିବ ବୋଲି ସହଦେବ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସଂଘ ସମ୍ପାଦକ ମନୋଜ ପଟ୍ଟନାୟକ ଏହାକୁ ମତିଭ୍ରମ ହୋଇଛି ବୋଲି ଆକ୍ଷେପ କରିବା ସହ ଅର୍ଥ ରୋଜଗାର ଲାଳସାରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଆସୋସିଏଶନ ଉପରେ ଆଧିପତ୍ୟ ଜମାଉଛନ୍ତି ବୋଲି ମନୋଜ କହିଥିଲେ। ଆସନ୍ତା ବୈଠକ ପରେ ସଂଘର ଏହି ବିବାଦ ବଡ଼ ରୂପ ନେଇପାରେ ବୋଲି କିଛି ସଂଗଠକ ମତ ଦେଇଛନ୍ତି। ଏହାଛଡ଼ା ପୂର୍ବତନ ସମ୍ପାଦକ ସହଦେବ ଓ ବର୍ତ୍ତମାନର ସମ୍ପାଦକ ମନୋଜଙ୍କ ଏହି କଳି ବହୁ ପୁରୁଣା ହୋଇଥିବା ବେଳେ ଏହାକୁ ନେଇ ଅନେକ ସମୟରେ ବିଭିନ୍ନ ଚର୍ଚ୍ଚା ମଧ୍ୟ ଜୋର ଧରୁଛି।

୧୯୯୯ ରେ ଓଡ଼ିଶାରେ ସିପକ୍‌ଟାକ୍ର ଖେଳ ପ୍ରବେଶ କରିଥିଲା। ମଣିପୁରରେ ଚାଲିଥିବା ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ରାଜ୍ୟ ଦଳ ଅଂଶ ଗ୍ରହଣ କରିବା ବେଳେ ଏହି ଖେଳ ସମ୍ପର୍କରେ ସେଠାରେ ସମ୍ୟକ ସୂଚନା ପାଇଥିଲା। ପରେ ବାରବାଟୀ ଷ୍ଟାଡିୟମ ପରିସରରେ ଏହି ଖେଳ ଆରମ୍ଭ ହୋଇଥିଲା। ଏବେ ଭାରତୀୟ ସିପ୍‌କଟାକ୍ର କ୍ରୀଡ଼ାରେ ଓଡ଼ିଶାର ସ୍ଥାନ ଉପରେ ରହିଛି। ଲଗାତାର କିଛି ବର୍ଷ ହେବ ଜାତୀୟ ଚାମ୍ପିୟନଶିପ ଗୁଡ଼ିକରେ ଓଡ଼ିଶା ନିଶ୍ଚିତ ଭାବେ ପଦକ ବିଜୟୀ ହେଉଛି। ହେଲେ ଓଡ଼ିଶାରେ ସିପକଟାକ୍ର ଖେଳ ଆରମ୍ଭ କରିବା କ୍ଷେତ୍ରରେ ପୂର୍ବତନ ସମ୍ପାଦକ ସହଦେବଙ୍କ ଭୂମିକା ବିଶେଷଭାବେ ରହିଛି ବୋଲି କୁହାଯାଏ। ଖେଳ ଆରମ୍ଭ କରିବାଠାରୁ ବିଭିନ୍ନ ଜିଲାରେ ସଂଘ ଗଢ଼ିବା, ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ମାନଙ୍କରେ ଏହି ଖେଳ ପ୍ରଚଳନ କରିବା କ୍ଷେତ୍ରରେ ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ବହୁ ଉଦ୍ୟମ କରିଥିଲେ। ମାତ୍ର ଗତ ୨୦୧୬ରେ ସହଦେବ ସମ୍ପାଦକ ପଦବୀରୁ ବାଦ୍ ପଡ଼ି ଉପଦେଷ୍ଟା ଭାବେ ରହିଥିଲେ। ଏହି ସମୟରେ କିଛି ମହିଳା ଖେଳାଳିଙ୍କ ଠାରୁ ଅର୍ଥ ଆଦାୟ କରୁଛନ୍ତି ବୋଲି ଅଭିଯୋଗରେ ସହଦେବ ସଂଘରୁ ବିଦା ହୋଇଥିଲେ। ସେତେବେଳେ ମଧ୍ୟ ସହଦେବ–ମନୋଜଙ୍କ କଳିକୁ ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ସହଦେବଙ୍କ ଅଭିଯୋଗ ଅନୁଯାୟୀ, ମୋ ବିରୋଧରେ ଚକ୍ରାନ୍ତ କରି ସଂଘରୁ ବିଦା କରାଯାଇଛି। ଏବେ ପଦବୀରେ ରହିବା ପରେ ଜିଲା ସଂଘ ଗୁଡ଼ିକୁ ନଜର ଦିଆଯାଉନି। ଖେଳାଳି ଚୟନ ସଠିକ ଭାବେ କରାଯିବା ବଦଳରେ ବୟସ୍କ ଖେଳାଳିମାନଙ୍କୁ ପଇସା ନିଆଯାଇ ଦଳରେ ରଖାଯାଉଛି। ଯାହାକୁ ନେଇ ଆସନ୍ତା ୧୦ରେ ବୈଠକ ଡକାଯାଇଛି। ମନୋଜଙ୍କ କହିବା ଅନୁଯାୟୀ, ସଂଘର ନାମ ବ୍ୟବହାର କରି ଟଙ୍କା ଆଦାୟ କରିବା ମନୋବୃତ୍ତିରେ ରହୁଥିବା କିଛି ବ୍ୟକ୍ତି ଏପରି ଭିତ୍ତିହୀନ ଅଭିଯୋଗ ଉଠାଉଛନ୍ତି। ରାଜ୍ୟ ଭଲ ଏବେ ଖେଳୁଛି, ଆଗାମୀ ଦିନରେ କିପରି ଭଲ ଖେଳିବ ସେ ଦିଗରେ ଚିନ୍ତା କରାଯାଉ ।

ଶ୍ରୀଲଙ୍କା ସମ୍ମୁଖରେ ୪୬୨ ବିଜୟ ଲକ୍ଷ୍ୟ

ଗାଲେ (ଶ୍ରୀଲଙ୍କା), ୮।୧୧ (ଏଏଫ୍‌ପି)

କିଟନ ଜେନିଙ୍ଗ୍ସଙ୍କ ଶତକ ସହାୟତାରେ ଇଂଲଣ୍ଡ ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ୪୬୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ବିଶେଷ କରି ଗାଲେସ୍ଥିତ ଲୋ–ସ୍କୋରିଂ ପିଚ୍‌ରେ ଏହା ହାସଲ କରିବା କଷ୍ଟକର ବ୍ୟାପାର। ଶ୍ରୀଲଙ୍କାର କୌଶଳପୂର୍ଣ୍ଣ ସ୍ପିନ୍ ଆକ୍ରମଣ ବିରୋଧରେ ଜେନିଙ୍ଗ୍ସ ଏକ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିଲେ। ସେ ୧୪୬ ରନ କରି ଅପରାଜିତ ରହିଥିଲେ। ପ୍ରଥମ ଇନିଂସରେ ୧୩୯ ରନ ଅଗ୍ରଣୀ ଲାଭ କରିଥିବା ଇଂଲଣ୍ଡ ତୃତୀୟ ଦିବସରେ ୬ ଉଇକେଟ ବିନିମୟରେ ୩୨୨ ରନ କରି ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଗୁରୁବାର ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ୭ ଓଭର ଖେଳି ବିନା କୌଣସି ଉଇକେଟରେ ୧୫ ରନ କରିଛି। ଦିମୁଥ କରୁଣାରତ୍ନେ ୭ ଏବଂ କୌଶଲ୍ ସିଲ୍‌ଭା ୮ରନ ସହ ଅପରାଜିତ ରହିଛନ୍ତି।

ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ: ୩୪୨/ଅଲଆଉଟ।

ଶ୍ରୀଲଙ୍କା ପ୍ରଥମ ଇନିଂସ : ୨୦୩

ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୨୨/୬, ଘୋଷଣା (କିଟନ ଜେନିଙ୍ଗ୍ସ–୧୪୬*, ବେନ୍ ଷ୍ଟୋକ୍ସ–୬୨, ବେନ୍ ଫୋକ୍ସ–୩୭, ରଙ୍ଗନା ହେରାଥ–୨/୫୯, ଦିଲରୁୱାନ ପେରେରା–୨/୯୪)।

ଫାଷ୍ଟ ବୋଲରଙ୍କୁ ବିଶ୍ରାମ ପ୍ରସ୍ତାବକୁ ସମର୍ଥନ ମିଳି ନପାରେ

ନୂଆଦିଲ୍ଲୀ, ୮।୧୧ (ପି.ଟି.)

ଆଇପିଏଲ

ଆସନ୍ତା ବିଶ୍ୱକପ୍‌ରେ ଖେଳିବାକୁ ଥିବା ଫାଷ୍ଟ ବୋଲରମାନଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରୁ ବିଶ୍ରାମ ଦେବା ଲାଗି ଭାରତୀୟ କ୍ରିକେଟ ଅଧିନାୟକ ଦେଇଥିବା ପ୍ରସ୍ତାବକୁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ସମ୍ଭବତଃ ଗ୍ରହଣ କରିବେ ନାହିଁ। ନିକଟରେ ପ୍ରଶାସକ କମିଟି (ସିଓଏ) ସହିତ ଭାରତୀୟ ଅଧିନାୟକଙ୍କ ଏକ ବୈଠକ ବସିଥିଲା। ବିଶ୍ୱକପ୍ ପାଇଁ ବିଶେଷ କରି ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଓ ଭୁବନେଶ୍ୱର କୁମାରଙ୍କୁ ତାଜା ରଖିବା ଲାଗି ସମଗ୍ର ଆଇପିଏଲରୁ ବିଶ୍ରାମ ଦେବା ଲାଗି କୋହଲି ପ୍ରସ୍ତାବ ଦେଇଥିଲେ। ହେଲେ ତାଙ୍କର ଏହି ପ୍ରସ୍ତାବ ପ୍ରତି ଯଥେଷ୍ଟ ବୋର୍ଡ ଅଫିସିଆଲମାନଙ୍କ ସମର୍ଥନ ନ ଥିଲା, ବରଂ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଏଥିରେ ରାଜି ହେବେ ନାହିଁ ବୋଲି ସେମାନେ ଦର୍ଶାଇଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ ଆସନ୍ତା ବର୍ଷ ମାର୍ଚ୍ଚ ୧୯ରୁ ମେ ୧୯ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାର ୧୫ ଦିନ ବ୍ୟବଧାନରେ ଭାରତ ଏହାର ପ୍ରଥମ ବିଶ୍ୱକପ୍ ମ୍ୟାଚ ଜୁନ୍ ୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ଏଣୁ ଭାରତୀୟ ପେସ୍ ବୋଲରମାନେ ଯଥେଷ୍ଟ ବିଶ୍ରାମ ପାଇବେ ନାହିଁ ବୋଲି ଜଣେ ସିନିୟର ଅଫିସିଆଲ ପ୍ରକାଶ କରିଛନ୍ତି। ଏହି ବୈଠକରେ ସୀମିତ ଓଭର ଫର୍ମାଟ ଉପଅଧିନାୟକ ରୋହିତ ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ସେ କିନ୍ତୁ ଭିନ୍ନ ମତ ପୋଷଣ କରିଥିଲେ। ସିଓଏ ମୁଖ୍ୟ ବିନୋଦ ରାୟ କୋହଲିଙ୍କ ପ୍ରସ୍ତାବ ସମ୍ପର୍କରେ ରୋହିତଙ୍କୁ ପଚାରିଲେ। ଜବାବରେ ସେ କହିଥିଲେ ଯଦି ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେ–ଅଫ୍ କିମ୍ବା ଫାଇନାଲରେ ପ୍ରବେଶ କରେ ଏବଂ ବୁମ୍‌ରା ଯଦି ଫିଟ୍ ଥାଆନ୍ତି ତେବେ ତାଙ୍କୁ ଆମେ ବିଶ୍ରାମ ଦେଇ ପାରିବୁ ନାହିଁ।

ବୋଲ୍ଟଙ୍କ ହ୍ୟାଟ୍ରିକ: ଜିତିଲା ନ୍ୟୁଜିଲାଣ୍ଡ

ଆବୁଧାବି,୮।୧୧(ଏଏଫ୍‌ପି)

ନ୍ୟୁଜିଲାଣ୍ଡର ୩ୟ ପେସର ଭାବେ ଟ୍ରେଣ୍ଟ ବୋଲ୍ଟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍‌ରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ତାଙ୍କ ଘାତକ ବୋଲିଂ ବଳରେ ପାକିସ୍ତାନ ବିପକ୍ଷ ଚଳିତ ସିରିଜରେ ନ୍ୟୁଜିଲାଣ୍ଡ ଦଳ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଏଠାରେ ବୁଧବାର ଖେଳାଯାଇଥିବା ପ୍ରଥମ ଦିନିକିଆକୁ ନ୍ୟୁଜିଲାଣ୍ଡ ୪୭ ରନ୍ ବ୍ୟବଧାନରେ ଜିତି ନେଇଛି। ୨୬୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ପାକ୍ ଦଳ ମାତ୍ର ୮ ରନ୍ ମଧ୍ୟରେ ଫଖର ଜାମନ, ବାବର ଆଜମ ଓ ମହମ୍ମଦ ହାଫିଜଙ୍କୁ ମ୍ୟାଚ୍‌ର ୩ୟ ଓଭରରେ ବୋଲ୍ଟ ଆଉଟ୍ କରିଥିଲେ। ଘରୋଇ ଦଳ ୨୧୯ ରନ୍‌ରେ ସୀମିତ ରହିଥିଲା। ପାକିସ୍ତାନ ବିପକ୍ଷରେ ଏହା ନ୍ୟୁଜିଲାଣ୍ଡର କ୍ରମାଗତ ୧୨ତମ ଦିନିକିଆ ବିଜୟ। ଗତ ୨୦୧୪ ଡିସେମ୍ବରଠାରୁ ନ୍ୟୁଜିଲାଣ୍ଡ କଦାପି ପାକିସ୍ତାନ ଠାରୁ ପରାସ୍ତ ହୋଇନାହିଁ। ଭେଟେରାନ ବ୍ୟାଟ୍ସମ୍ୟାନ ରସ ଟେଲରଙ୍କ ୮୦ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ ଲାଥମଙ୍କ ୬୮ ରନ୍ ଯୋଗୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଦଳ ଧାର୍ଯ୍ୟ ୫୦ ଓଭରରେ ୯ ଉଇକେଟ ହରାଇ ୨୬୬ ରନ୍ କରିଥିଲା। ଜବାବରେ ପାକିସ୍ତାନ ୮୫ ରନ୍ ମଧ୍ୟରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଅଧିନାୟକ ସରଫାଜ ଅହମ୍ମଦ(୬୪) ଓ ଇମାଦ ୱାସିମ (୫୦)ଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ଯୋଗୁ ପାକିସ୍ତାନ ଦଳ ୨୦୦ ରନ୍ ଅତିକ୍ରମ କରିପାରିଥିଲା।

ଅଲ୍ ଇଣ୍ଡିଆ ଫୁଟବଲ ପ୍ରତିଯୋଗିତା

ଟିଟିଲାଗଡ଼, ୮।୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ବୀର ହନୁମାନ ବ୍ୟାୟାମ ଶାଳା ପକ୍ଷରୁ ଆୟୋଜିତ ଅଲଇଣ୍ଡିଆ ଫୁଟବଲ ପ୍ରତିଯୋଗିତାର ଗୁରୁବାର ଦ୍ୱିତୀୟ ଦିବସର ମ୍ୟାଚରେ ପଦମପୁର ୩–୧ଗୋଲରେ ନାଲକୋକୁ ପରାଜିତ କରିଛି। ପଦମପୁର ପକ୍ଷରୁ ଦୁର୍ଯ୍ୟ ବାଗ, ବିଘ୍ନ ପ୍ରଧାନ ଏବଂ ମୁକେଶ ଭୋଇ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ନାଲକୋ ପକ୍ଷରୁ ବିଭୁ ମାରାଣ୍ଡି ଏକମାତ୍ର ଗୋଲ କରିଥିଲେ। ଆଜିର ମ୍ୟାଚରେ ମୁଖ୍ୟଅତିଥି ଓମଭେଲି ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଦୀପକ ସାହୁ ତଥା ବିଜେଡି ରାଜ୍ୟ ପରିଷଦ ସଦସ୍ୟ ପ୍ରମୋଦ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ମ୍ୟାଚର ଉଦ୍‌ଘାଟନୀ ଦିବସରେ ଜଗଦଲପୁର ସମଲପୁରକୁ ୧–୦ ଗୋଲରେ ପରାଜିତ କରିଥିଲା। ସାମାଜିକ କର୍ମୀ ଶମ୍ଭୁପ୍ରସାଦ ସାହୁ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ରେଫରି ନବିନ ନନ୍ଦ, ଛବି ନାୟକ, ଚଞ୍ଚଳ ମାଝୀ, ରାଜେଶ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ଆୟୋଜକ ଅନୁଷ୍ଠାନର ଦିଲୀପ ବାଗ, ରୁଟୁ ବାଗ, ବବ୍ଲୁ ରତେଇ, ରତନ ହାତି, ରବି ବାଗ, ମୁନା ବାରିକ, ତପନ ହେର୍ଣ୍ଣା, ଦିଲୀପ ବେହେରା, ଏମଡି ଖାଲିଦ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି।

ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ: ପଏଣ୍ଟ ଭାଗ କଲା ଭାରତ

ୟାନଗୋନ(ମାଇନମାର),୮।୧୧(ପି.ଟି.)

ଏଠାରେ ଚାଲିଥିବା ୨୦୨୦ ଏଏଫ୍‌ସି ମହିଳା ଫୁଟ୍‌ବଲ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ସିନିୟର ମହିଳା ଫୁଟ୍‌ବଲ ଦଳ ଡ୍ର' ସହ ଅଭିଯାନ ଆରମ୍ଭ କରିଛି। ଗୁରୁବାର ଖେଳାଯାଇଥିବା ନେପାଳ ବିପକ୍ଷ ମ୍ୟାଚ୍‌ରୁ ଭାରତ ୧–୧ ଗୋଲରେ ବରାବର ରଖି ପଏଣ୍ଟ ଭାଗ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ନେପାଳ ଅପେକ୍ଷା ଭାରତୀୟ ଦଳ ଅଧିକ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲା। କିନ୍ତୁ ଡିଫେଣ୍ଡର ସ୍ୱିଟି ଦେବୀଙ୍କୁ ଆହତ ସମସ୍ୟା କାରଣରୁ ମ୍ୟାଚ୍‌ର ୮ମ ମିନିଟ୍‌ରେ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ଏହାର ଫାଇଦା ଉଠାଇ ପ୍ରତିପକ୍ଷ ଦଳର ଅଧିନାୟିକା ନିରୁ ଥାପା ଗୋଲ ଦେଇଥିଲେ। ଏହାର ତୁରନ୍ତ ଜବାବ ଦେବା ଲାଗି ଭାରତୀୟ ଦଳ ପକ୍ଷରୁ ସଞ୍ଜୁ, ଅଞ୍ଜୁ ତାମାଙ୍ଗ ଓ ବାଲା ଦେବୀ ପ୍ରୟାସ କରିଥିଲେ। ମାତ୍ର କେହି ସଫଳ ହୋଇପାରି ନ ଥିଲେ। ୨୯ତମ ମିନିଟ୍‌ରେ ବାଲାଙ୍କ ସ୍ଥାନରେ ଆସିଥିବା କମଲା ଦେବୀ ମ୍ୟାଚ୍‌କୁ ସମାନ ଘରକୁ ଆଣିଥିଲେ। ଦ୍ୱିତୀୟାର୍ଦ୍ଧରେ କମଲା ଅଳ୍ପକେ ନିଶ୍ଚିତ ଗୋଲ ହାତଛଡ଼ା କରିଥିଲେ। ତାଙ୍କ ବ୍ୟତୀତ ଗୋଲକିପର ଆଦିତି ଚୌହ୍ୱାନଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତୀୟ ଦଳ ପଏଣ୍ଟ ଭାଗ କରିପାରିଛି।

ଅଂଶୁମାନ ମେମୋରିଆଲ୍ ମହିଳା କ୍ରିକେଟ୍: ଯାଜପୁର ଚାମ୍ପିୟନ

ଧର୍ମଶାଳା, ୮।୧୧(ଡି.ଏନ୍.ଏ)

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଅଂଶୁମାନ୍ ମେମୋରିଆଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ମହିଳା କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ଫାଇନାଲ ମ୍ୟାଚ୍ ଶେଷ ହୋଇଛି। ଫାଇନାଲ ମ୍ୟାଚ୍‌ରେ କଟକ ଏକାଦଶକୁ ୯ ଉଇକେଟରେ ହରାଇ ମେରିନୋ ମହିଳା ଏକାଦଶ ଯାଜପୁର ଚାମ୍ପିୟନ ହୋଇଛି। କଟକ ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ଉଇକେଟ ହରାଇ ୧୧୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମଧୁସ୍ମିତା ବେହେରା ୩୬ ବଲ୍‌ରେ ୨୮ ରନ୍ ଓ ସ

ମୋ ନାସା କର୍କଟ ଅସ୍ତ୍ରୋପଚାର ସଫଳ ହୋଇଥିବାରୁ ମୁଁ ବର୍ତ୍ତମାନ ବ୍ୟାଡ୍‌ମିଣ୍ଟରୁ ଅବସର କଥା ଚିନ୍ତା କରୁନି ।

–ଲି' ଚୋଙ୍ଗ୍ ୱି, ମାଲେସିଆ ବ୍ୟାଡ୍‌ମିଣ୍ଟନ ଖେଳାଳି

ଭାରତ ବିପକ୍ଷ ଟେଷ୍ଟ ସିରିଜ ବେଳକୁ ମୁଁ ଇଞ୍ଜୁରୀ ମୁକ୍ତ ହୋଇଯାଇଥିବି ବୋଲି ମୋର ଦୃଢ଼ ବିଶ୍ୱାସ ।

–ଉସ୍‌ମାନ ଖ୍ୱାଜା, ଅଷ୍ଟ୍ରେଲୀୟ ଓପନର

ହକି ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷିତ

ଅଧିନାୟକ ମନପ୍ରୀତ ସିଂ।

ଭୁବନେଶ୍ୱର, (କ୍ରୀଡ଼ା ପ୍ରତିନିଧି), ରାଉରକେଲା ଅଫିସ,୮।୧୧

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଯାଉଥିବା ହକି ପୁରୁଷ ବିଶ୍ୱକପ୍ ଲାଗି ଗୁରୁବାର ହକି ଇଣ୍ଡିଆ ପକ୍ଷରୁ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳରେ ଚିଙ୍ଗଲେନ୍‌ସାନା ସିଂ କାଙ୍ଗୁଜାମ ଉପ ଅଧିନାୟକ ଭାର ତୁଲାଇବେ। ଦଳରେ ଦୁଇ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ। ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଥିବା ଓଡ଼ିଶାର ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ର ଜାତୀୟ ଦଳକୁ ଫେରିଛନ୍ତି। ଯୁବ ଓଡ଼ିଆ ଖେଳାଳି ଅମିତ ରୋହିଦାସ, ସୁରେନ୍ଦ୍ର କୁମାର, କୋଠାଜିତ ସିଂ ଓ ୨୦୧୬ ଜୁନିୟର ବିଶ୍ୱକପ୍ ଚାମ୍ପିୟନ ହରମନପ୍ରୀତ ସିଂ ଓ ବରୁନ କୁମାରଙ୍କ ସହ ବୀରେନ୍ଦ୍ର ଦଳର ଡିଫେନ୍ସ ଭାଗ ସମ୍ଭାଳିବେ। ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଚାମ୍ପିୟନ ଭାରତୀୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନପ୍ରୀତ ସିଂ ମିଡ୍‌ଫିଲ୍ଡ ବିଭାଗର ନେତୃତ୍ୱ ନେବେ। ଏହି ବିଭାଗରେ ଅଭିଜ୍ଞ ଚିଙ୍ଗଲେନସାନାଙ୍କ ସମେତ ଯୁବ ଖେଳାଳି ସୁମିତ, ନୀଳକାନ୍ତ ଶର୍ମା ଓ ହାର୍ଦ୍ଦିକ ସିଂ ରହିଛନ୍ତି। ସେହିଭଳି ଭାରତୀୟ ଦଳର ଆକ୍ରମଣ ଦାୟିତ୍ୱରେ ଆକାଶଦୀପ ସିଂ, ଦିଲପ୍ରୀତ ସିଂ, ଲଳିତ ଉପାଧ୍ୟାୟ ଓ ଜୁନିୟର ବିଶ୍ୱକପ୍ ଚାମ୍ପିୟନ ଦଳର ସଦସ୍ୟ ମନଦୀପ ସିଂ ଓ ସିମରନଜିତ ସିଂ ରହିବେ। ଭାରତୀୟ ଦଳ ଗ୍ରୁପ ସି'ରେ ବିଶ୍ୱର ୩ ନମ୍ବର ର‍ୟାଙ୍କିଙ୍ଗପ୍ରାପ୍ତ ବେଲଜିୟମ ସମେତ କାନାଡା ଓ ଦକ୍ଷିଣ ଆଫ୍ରିକା ସହ ସ୍ଥାନ ପାଇଛି। ଘରୋଇ ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ଦ. ଆଫ୍ରିକାକୁ ଭେଟିବ। ଗ୍ରୁପର ଶୀର୍ଷ ସ୍ଥାନ ହାସଲ କରିଥିବା ଦଳ ସିଧାସଳଖ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବ। ଅନ୍ୟ ଦଳଗୁଡ଼ିକୁ କ୍ରସ ଓଭର ପର୍ଯ୍ୟାୟର ସମ୍ମୁଖୀନ ହେବାକୁ ପଡ଼ିବ। ''ହକି ବିଶ୍ୱକପ୍ ପାଇଁ ଉପଲବ୍ଧ ଥିବା ଖେଳାଳିଙ୍କ ମଧ୍ୟରୁ ଆମେ ଶ୍ରେଷ୍ଠ କମ୍ବିନେଶନ ଦେଖି ଦଳ ଚୟନ କରିଛୁ। ୩୪ କୋର ଗ୍ରୁପ୍‌ରୁ ୧୮ ଜଣଙ୍କୁ ଚୟନ କରିବା ଲାଗି ଆମେ କେତେକ କଠିନ ନିଷ୍ପତ୍ତି ନେଇଛୁ। ଅନ୍ତିମ ୧୮ ଜଣିଆ ଦଳରେ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ସ୍ଥାନ ମିଳିଛି। ଫର୍ମ ଓ ଫିଟ୍‌ନେସକୁ ଦୃଷ୍ଟିରେ ରଖି ଏମାନଙ୍କୁ ଚୟନ କରାଯାଇଛି। ମୁଁ ନିଶ୍ଚିତ ଯେ, ଏହି ଭାରତୀୟ ଦଳ ଲଢୁଆ ପ୍ରଦର୍ଶନ କରିବ'' ବୋଲି ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି।

ବୀରେନ୍ଦ୍ର ସେଲ ହକି ଏକାଡେମି ଛାତ୍ର ହୋଇଥିବା ବେଳେ ଅମିତ ହେଉଛନ୍ତି ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ ଛାତ୍ର। ସେ ବିଭିନ୍ନ ସମୟରେ କୋଚ୍ ବିଜୟ ଲାକ୍ରା ଓ ଅମୂଲ୍ୟ ବିହାରୀଙ୍କ ଠାରୁ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିବା ବେଳେ ତାଙ୍କ ଚୟନ ନେଇ ମିଲଟନ ବିଲୁଙ୍ଗ, ଅମୂଲ୍ୟ ବେହେରା, ପିଟର ସୋରେନ ଓ ଫ୍ଲୋରେସିଆ ଏକ୍କା ପ୍ରମୁଖ ସନ୍ତୋଷ ପ୍ରକାଶ କରିଛନ୍ତି। ଅଲିମ୍ପିଆନ ବୀରେନ୍ଦ୍ର ରାଜୁକାନ୍ତ ସାଇନି ଓ ପିଟର ତିର୍କୀଙ୍କ ଭଳି ଦକ୍ଷ କୋଚ୍‌ଙ୍କ ଠାରୁ ତାଲିମ ପାଇଥିବା ବେଳେ ତାଙ୍କ ସଫଳତା ନେଇ ରାଉରକେଲାରେ ଆଶା ସଞ୍ଚାର ହୋଇଛି। ଉଭୟ ଖେଳାଳିଙ୍କୁ ଭେଟେରାନ ହକି ଖେଳାଳି ତଥା ଓଡ଼ିଶା ହକି ପ୍ରେମୀଙ୍କ ଆଶା ରହିଛି।

ଭାରତୀୟ ଦଳ

- ଗୋଲକିପର: ପି.ଆର. ଶ୍ରୀଜେଶ ଓ କ୍ରିଷନ ବାହାଦୁର ପାଠକ।
- ଡିଫେଣ୍ଡର: ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା, ବରୁନ କୁମାର, କୋଠାଜିତ ସିଂ ଖାଡାଙ୍ଗବାମ, ସୁରେନ୍ଦ୍ର କୁମାର ଓ ଅମିତ ରୋହିଦାସ।
- ମିଡ୍‌ଫିଲ୍ଡର: ମନପ୍ରୀତ ସିଂ (ଅଧିନାୟକ), ଚିଙ୍ଗଲେନସାନା ସିଂ କାଙ୍ଗୁଜାମ (ଉପଅଧିନାୟକ), ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ ଓ ସୁମିତ।
- ଫରୱାର୍ଡ: ଆକାଶଦୀପ ସିଂ, ମନଦୀପ ସିଂ, ଦିଲପ୍ରୀତ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ସିମରନଜିତ ସିଂ।

ଦିଲୀପ, ଲାଜରୁସ୍‌ଙ୍କ ପରେ ବୀରେନ୍ଦ୍ର ଲାକ୍ରା

ଦିଲୀପ ଟିର୍କୀ

ଭୁବନେଶ୍ୱର, ୮।୧୧(କ୍ରୀଡ଼ା ପ୍ରତିନିଧି) ହକି ବିଶ୍ୱକପର ୧୪ତମ ସଂସ୍କରଣ ପାଇଁ ଗୁରୁବାର ଘୋଷିତ ୧୮ ଜଣିଆ ଖେଳାଳି ତାଲିକାରେ ଓଡ଼ିଶାର ୨ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ। ଦୀର୍ଘ ୧୨ ବର୍ଷ ବ୍ୟବଧାନରେ ଭାରତୀୟ ହକି ବିଶ୍ୱକପ ଦଳରେ ଏକାଧିକ ଖେଳାଳି ସାମିଲ ହେବାର ସୁଯୋଗ ପାଇଛନ୍ତି। ପୂର୍ବରୁ ୨୦୦୬ରେ ଏହା ହୋଇଥିଲା। ପଦ୍ମଶ୍ରୀ ଦିଲୀପ ଟିର୍କୀ ଓ ଲାଜରୁସ ବାର୍ଲାଙ୍କ ପରେ ତୃତୀୟ ଓଡ଼ିଆ ଖେଳାଳି ଭାବେ ବୀରେନ୍ଦ୍ର ଏକାଧିକ ବିଶ୍ୱକପରେ ଖେଳିବାକୁ ଯାଉଛନ୍ତି।

ହକି ବିଶ୍ୱକପ ୧୯୭୧ ମସିହାରୁ ଆରମ୍ଭ ହୋଇଥିଲେ ହେଁ ଓଡ଼ିଶା ଖେଳାଳିଙ୍କ ପ୍ରତିନିଧିତ୍ୱ ୧୯୯୮ରେ ଆରମ୍ଭ ହୋଇଥିଲା। ଅର୍ଥାତ୍ ୮ଟି ସଂସ୍କରଣ ପରେ ଭାରତ ପକ୍ଷରୁ କୌଣସି ଓଡ଼ିଶା ଖେଳାଳି ପ୍ରତିନିଧିତ୍ୱ କରିବାର ଗୌରବ ପାଇଥିଲେ। ନେଦରଲାଣ୍ଡର ଉଟ୍ରେଚ୍‌ଠାରେ ଅନୁଷ୍ଠିତ ଏହି ବିଶ୍ୱକପରେ ୨ ଜଣ ଓଡ଼ିଆ ଖେଳାଳି ଦିଲୀପ ଟିର୍କୀ ଓ ଲାଜରୁସ ବାର୍ଲା ଭାରତ ପକ୍ଷରୁ ଖେଳିଥିଲେ। ଏହି ବିଶ୍ୱକପରେ ୧୨ ଦଳ ମଧ୍ୟରେ ଭାରତ ୯ମ ସ୍ଥାନରେ ରହିଥିଲା। ୨୦୦୨ କୁଆଲାଲମ୍ପୁର ବିଶ୍ୱକପରେ ମଧ୍ୟ ଖେଳିବାର ସୁଯୋଗ ପାଇଥିଲେ ଦିଲୀପ ଓ ଲାଜରୁସ। ଏଥିରେ ଭାରତ ୧୬ ଦଳ ମଧ୍ୟରେ ୧୦ମ ସ୍ଥାନ ପାଇଥିଲା। ୨୦୦୬ରେ ଜର୍ମାନୀର ମନଚେନ୍‌ଗ୍ଲାଡ୍‌ବ୍ୟାକ୍‌ଠାରେ ଅନୁଷ୍ଠିତ ବିଶ୍ୱକପରେ ଜଣେ ଓଡ଼ିଆ ଖେଳାଳିଙ୍କ ଉପରେ ଅଧିନାୟକ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ସେ ଅନୁଷ୍ଠିତ ବିଶ୍ୱକପରେ ବୀରେନ୍ଦ୍ର ଲାକ୍ରା ଖେଳିଥିଲେ। ଏଥିରେ ଭାରତ ୯ମ ସ୍ଥାନ ଅଧିକାର କରିଥିଲା। ରେକର୍ଡ ଦେଖିଲେ ଏହା ପୂର୍ବରୁ ୨୦୦୬ରେ ଏକାଧିକ ଓଡ଼ିଆ ଖେଳାଳି ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏବେ ୧୨ ବର୍ଷ ପରେ ତାହାର ପୁନରାବୃତ୍ତି ଘଟାଇ ୨ ଜଣ ଖେଳାଳି ଏହି ସୁଯୋଗ ପାଇଛନ୍ତି। ହକି ମହାକୁମ୍ଭ ଏଥର ଘରୋଇ ପରିବେଶରେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଥିବାରୁ ଭାରତ ପୂର୍ବ ୫ ସଂସ୍କରଣ ତୁଳନାରେ ଉନ୍ନତ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ୨୦୧୪ରେ ବୀରେନ୍ଦ୍ର ବିଶ୍ୱକପ୍ ଖେଳିବାର ଅଭିଜ୍ଞତା ରଖିଥିବାରୁ ଏଥର ଦ୍ୱିତୀୟ ଥରପାଇଁ ଏହି ମହାକୁମ୍ଭରେ ନିଜ ଯାଦୁ ଦେଖାଇବାର ସୁଯୋଗ ପାଇଛନ୍ତି। ଅନ୍ୟ ପକ୍ଷରେ ନିଜ ଦକ୍ଷତା ଦ୍ୱାରା ଚୟନକର୍ତ୍ତାଙ୍କୁ ପ୍ରଭାବିତ କରି ପାରିଥିବା ଅମିତ ଏଥର ପ୍ରଥମଥର ପାଇଁ ବିଶ୍ୱକପର ଅନୁଭୂତି ଲାଭ କରିବେ। କଳିଙ୍ଗ ଷ୍ଟାଡିୟମ ଘରୋଇ ପଡ଼ିଆ ହୋଇଥିବାରୁ ଉଭୟ ବୀରେନ୍ଦ୍ର ଓ ଅମିତ ଦର୍ଶକଙ୍କ ସମର୍ଥନ ଲାଭ କରିବା ସହ ଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି ଓଡ଼ିଶା ହକି ପ୍ରେମୀଙ୍କ ଆଶା ରହିଛି।

ଲାଜରୁସ ବାର୍ଲା

ଏକାଧିକ ବିଶ୍ୱକପ୍ ଖେଳିବାରେ ଓଡ଼ିଆ

ଥିଲେ ଦିଲୀପ ଟିର୍କୀ। ଏହି ବିଶ୍ୱକପରେ ଦିଲୀପ, ଇଗ୍ନେସ ଟିର୍କୀ ଓ ପ୍ରବୋଧ ଟିର୍କୀ ଭାରତ ପକ୍ଷରୁ ଖେଳିଥିଲେ। ଏଥିରେ ଭାରତ ୧୨ ଦଳ ମଧ୍ୟରେ ୧୧ତମ ସ୍ଥାନ ପାଇଥିଲା। ୨୦୧୦ ବିଶ୍ୱକପ ନୂଆଦିଲ୍ଲୀରେ ହୋଇଥିବାବେଳେ ଜଣେ ହେଲେ ଓଡ଼ିଆ ଖେଳାଳି ଜାତୀୟ ଦଳ ପକ୍ଷରୁ ଖେଳିବା ସୁଯୋଗ ପାଇ ନ ଥିଲେ। ୨୦୧୪ ନେଦରଲାଣ୍ଡର ଦି ହଗ୍‌ଠାରେ ଅନୁଷ୍ଠିତ ବିଶ୍ୱକପରେ ବୀରେନ୍ଦ୍ର ଲାକ୍ରା ଖେଳିଥିଲେ। ଏଥିରେ ଭାରତ ୯ମ ସ୍ଥାନ ଅଧିକାର କରିଥିଲା। ରେକର୍ଡ ଦେଖିଲେ ଏହା ପୂର୍ବରୁ ୨୦୦୬ରେ ଏକାଧିକ ଓଡ଼ିଆ ଖେଳାଳି ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏବେ ୧୨ ବର୍ଷ ପରେ ତାହାର ପୁନରାବୃତ୍ତି ଘଟାଇ ୨ ଜଣ ଖେଳାଳି ଏହି ସୁଯୋଗ ପାଇଛନ୍ତି। ହକି ମହାକୁମ୍ଭ ଏଥର ଘରୋଇ ପରିବେଶରେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଥିବାରୁ ଭାରତ ପୂର୍ବ ୫ ସଂସ୍କରଣ ତୁଳନାରେ ଉନ୍ନତ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ୨୦୧୪ରେ ବୀରେନ୍ଦ୍ର ବିଶ୍ୱକପ୍ ଖେଳିବାର ଅଭିଜ୍ଞତା ରଖିଥିବାରୁ ଏଥର ଦ୍ୱିତୀୟ ଥରପାଇଁ ଏହି ମହାକୁମ୍ଭରେ ନିଜ ଯାଦୁ ଦେଖାଇବାର ସୁଯୋଗ ପାଇଛନ୍ତି। ଅନ୍ୟ ପକ୍ଷରେ ନିଜ ଦକ୍ଷତା ଦ୍ୱାରା ଚୟନକର୍ତ୍ତାଙ୍କୁ ପ୍ରଭାବିତ କରି ପାରିଥିବା ଅମିତ ଏଥର ପ୍ରଥମଥର ପାଇଁ ବିଶ୍ୱକପର ଅନୁଭୂତି ଲାଭ କରିବେ। କଳିଙ୍ଗ ଷ୍ଟାଡିୟମ ଘରୋଇ ପଡ଼ିଆ ହୋଇଥିବାରୁ ଉଭୟ ବୀରେନ୍ଦ୍ର ଓ ଅମିତ ଦର୍ଶକଙ୍କ ସମର୍ଥନ ଲାଭ କରିବା ସହ ଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି ଓଡ଼ିଶା ହକି ପ୍ରେମୀଙ୍କ ଆଶା ରହିଛି।

ସଂକ୍ଷେପରେ

ପାକିସ୍ତାନ ଦଳର ଅଂଶଗ୍ରହଣ ନେଇ ସନ୍ଦେହ

କରାଚୀ, ୮।୧୧ (ପି.ଟି.)-ଆର୍ଥିକ ସଙ୍କଟ ଯୋଗୁ ଆଗାମି ହକି ବିଶ୍ୱକପ୍‌ରେ ପାକିସ୍ତାନ ଦଳର ଅଂଶଗ୍ରହଣ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଭୁବନେଶ୍ୱରରେ ଏହି ମେଗା ଇଭେଣ୍ଟ ନଭେମ୍ବର ୨୮ରୁ ଖେଳାଯିବ। ଏଥିଲାଗି ଦଳ ପଠାଇବା ଏବଂ ଖେଳାଳିମାନଙ୍କୁ ସେମାନଙ୍କ ବକେୟା ପାଉଣା ଦେବା ଉଦ୍ଦେଶ୍ୟରେ ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍) ପାକିସ୍ତାନ କ୍ରିକେଟ ଆସୋସିଏଶନଠାରୁ ଋଣ ଆକାରରେ ଆର୍ଥିକ ସହାୟତା ଲୋଡିଥିଲା। ମାତ୍ର ପିସିବି ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଛି। ଖବର ଅନୁସାରେ ପାକିସ୍ତାନ ହକି ଦଳର ନୂଆ ମୁଖ୍ୟ କୋଚ୍ ତୌକିର ଦର୍ ଓ ମ୍ୟାନେଜର ହସନ ସର୍ଦ୍ଦାର ପିସିବି ଚେୟାରମାନ ଏହେସାନ ମନିଙ୍କ ସହିତ ଆର୍ଥିକ ଋଣ ନେଇ କଥାବାର୍ତ୍ତା ହୋଇଥିଲେ। ମନି ସେମାନଙ୍କୁ କହିଥିଲେ ୨୦୦୦ ପ୍ରାରମ୍ଭରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ତୌକିର ଜିଆଙ୍କ କାର୍ଯ୍ୟକାଳ ସମୟରେ ପିଏଚ୍‌ଏଫ୍ କ୍ରିକେଟ ବୋର୍ଡଠାରୁ ନେଇଥିବା ଋଣ ଏପର୍ଯ୍ୟନ୍ତ ପରିଶୋଧ କରିପାରିନି। ଯଦି ପୁଣି ଋଣ ପ୍ରଦାନ କରାଯାଉଛି ତେବେ ଆମ୍ଭମାନଙ୍କୁ ଅଡିଟର ଓ ଆର୍ଥିକ ପରାମର୍ଶଦାତାମାନଙ୍କ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିବ। ମନି ଅନ୍ୟପକ୍ଷରେ ପ୍ରତିଶ୍ରୁତି ଦେଇ କହିଥିଲେ ସେ ସରକାରଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରିବେ ଏବଂ ପ୍ରାୟୋଜକ ଯୋଗାଡ଼ କରିବାରେ ସହାୟତା କରିବେ। ଆର୍ଥିକ ସଙ୍କଟ ଯୋଗୁ ବିଶ୍ୱକପ୍‌ରେ ଜାତୀୟ ଦଳର ଅଂଶଗ୍ରହଣ ନେଇ ଅନିଶ୍ଚିତତା ଦେଖା ଦେଇଛି ବୋଲି ପିଏଚ୍‌ଏଫ୍ ସମ୍ପାଦକ ଶାହବାଜ ଅହମ୍ମଦ ମଧ ପ୍ରକାଶ କରିଛନ୍ତି। ସେ କହିଛନ୍ତି ହକି ଫେଡେରେଶନକୁ ୮ ନିୟୁତ ପାକିସ୍ତାନୀ ଟଙ୍କା ମଞ୍ଜୁର କରିବା ଲାଗି ବାରମ୍ବାର ସରକାରଙ୍କୁ ଅନୁରୋଧ କରାଯାଇଥିଲେ ହେଁ ଏପର୍ଯ୍ୟନ୍ତ ପ୍ରତ୍ୟୁତ୍ତର ମିଳିନାହିଁ।

ଅନ୍ ଲାଇନ୍ କ୍ରେତାଙ୍କୁ ଟିକେଟ ବଣ୍ଟନ ଆରମ୍ଭ

ଭୁବନେଶ୍ୱର, ୮।୧୧ (ସ୍ପୋର୍ଟ୍ସ ବ୍ୟୁରୋ): ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ପୁରୁଷ ହକି ବିଶ୍ୱକପ୍‌ର ଟିକେଟ ବିକ୍ରି ଜୋରଦାର ଚାଲିଛି। ଷ୍ଟାଡିୟମର ବକ୍ସ ଅଫିସ୍ ଭୁବନେଶ୍ୱର ଓ କଟକର ବିଭିନ୍ନ ଆଉଟ୍‌ଲେଟ୍‌ରେ ଟିକେଟ କ୍ରୟ କରିବାକୁ ପ୍ରଶଂସକମାନଙ୍କ ମଧ୍ୟ ପ୍ରବଳ ଉତ୍ସାହ ଓ ପ୍ରତିଯୋଗିତା ଦେଖିବାକୁ ମିଳିଛି। ଗତ ୫ ତାରିଖରୁ ଆଉଟଲେଟ୍‌ରେ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ୨୦ ଦିନ ବାକିଥିବା ବେଳେ ଟିକେଟ ବିକ୍ରିରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି ବୋଲି ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ତେବେ ଯେଉଁମାନେ ଅନ୍ ଲାଇନ୍ ଟିକେଟ କ୍ରୟ କରିଥିଲେ ସେମାନେ ଭାଉଚର ଦେଖାଇ ପ୍ରକୃତ ଟିକେଟ ସଂଗ୍ରହ କରିପାରିବେ। ଏହି ଅନ୍ ଲାଇନ୍ ଟିକେଟ ବିମୋଚନ ପ୍ରକ୍ରିୟା ଗୁରୁବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ୪ ନମ୍ବର ଗେଟ୍‌ରେ ପ୍ରଶଂସକମାନେ ପ୍ରତ୍ୟେକ ଦିନ ୧୦ଟାରୁ ୫ଟା ମଧ୍ୟରେ ଟିକେଟ ସଂଗ୍ରହ କରିପାରିବେ। ତେବେ ଯେଉଁ ପ୍ରଶଂସକମାନେ ଅନ୍ ଲାଇନ୍ ଟିକେଟ କ୍ରୟ କରିଥିଲେ ସେମାନେ ୪ ନମ୍ବର ଗେଟ୍ ସ୍ଥିତ ବକ୍ସ ଅଫିସ୍‌କୁ ସାଥିରେ ସେମାନଙ୍କର ଭାଉଚର ଆଣିବା ଆବଶ୍ୟକ ବୋଲି ହକି ଇଣ୍ଡିଆ ସଧାରଣ ସମ୍ପାଦକ ରାଜିନ୍ଦର ସିଂ କହିଛନ୍ତି। ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ବିଶ୍ୱର ୩ ନମ୍ବର ଦଳ ବେଲଜିୟମ ଓ ୧୧ ନମ୍ବର ଦଳ କାନାଡ଼ା ପରସ୍ପରକୁ ଭେଟିବେ। ଉଦ୍‌ଘାଟନୀ ଦିବସରେ ଆୟୋଜକ ଭାରତ ମଧ୍ୟ ଅଭିଯାନ ଆରମ୍ଭ କରିବ। ବିଶ୍ୱକପ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବିଶ୍ୱର ୧୫ ନମ୍ବର ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଅଭିଯାନ ଆରମ୍ଭ କରିବ।

କ୍ୱାର୍ଟରରେ ଶ୍ରୀକାନ୍ତ, ସିନ୍ଧୁ

ଫୁଝୁ(ଚାଇନା),୮।୧୧(ପି.ଟି.)- ଭାରତୀୟ ଶଟଲର କିଡାମ୍ବି ଶ୍ରୀକାନ୍ତ ଓ ପି. ଭି. ସିନ୍ଧୁ ଏଠାରେ ଚାଲିଥିବା ଚାଇନା ଓପନ ୱାର୍ଲ୍ଡ ଟୁର ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ସିନ୍ଧୁ ୨୧-୧୨, ୨୧-୧୫ ଗେମ୍‌ରେ ଥାଇଲାଣ୍ଡ ବୁସାନାନ ଓଙ୍ଗବାମରୁଙ୍ଗଫାନଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ଖେଳାଳି ଶ୍ରୀକାନ୍ତ ଇଣ୍ଡୋନେସିଆର ଟମି ସୁଗିଆର୍ଟୋଙ୍କୁ ୩ ଗେମ୍ ବିଶିଷ୍ଟ ମୁକାବିଲାରେ ହରାଇ ଦେଇଛନ୍ତି। ପୂର୍ବତନ ଶୀର୍ଷ ର‍ୟାଙ୍କଧାରୀ ଭାରତୀୟ ଖେଳାଳି ୧୦-୨୧, ୨୧-୧୯, ୨୧-୯ ଗେମ୍‌ରେ ମ୍ୟାଚ୍‌କୁ ଜିତି ନେଇଛନ୍ତି।

ବୀରେନ୍ଦ୍ର ଲାକ୍ରା

ସୁନ୍ଦରଗଡ଼ ଜିଲା ଲାଚଡ଼ାରେ ଏକ ଆଦିବାସୀ ପରିବାରରେ ଜନ୍ମ ନେଇ ବୀରେନ୍ଦ୍ର ଜଣେ ଶ୍ରେଷ୍ଠ ଡିଫେଣ୍ଡର ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ୨୮ ବର୍ଷୀୟ ବୀରେନ୍ଦ୍ର ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ବଡ଼ ଭାଇ ବିମଲ ଓ ଭଉଣୀ ଅସୁନ୍ତା ଭାରତ ପାଇଁ ଖେଳି ବେଶ୍ ସଫଳତା ହାସଲ କରିଥିଲେ। ଅସୁନ୍ତା ଭାରତୀୟ ମହିଳା ଦଳର ନେତୃତ୍ୱ ମଧ୍ୟ ନେଇଥିଲେ। ରାଉରକେଲ ଷ୍ଟିଲ ପ୍ଲାଣ୍ଟର ସେଲ ହକି ଏକାଡେମୀରୁ ବୀରେନ୍ଦ୍ର କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୭ରେ ସେ ପ୍ରଥମଥର ପାଇଁ ଭାରତୀୟ ଜୁନିୟର ଦଳରେ ସାମିଲ ହୋଇଥିଲେ। ୨୦୧୧ରେ ସେ ଦକ୍ଷିଣ ଆଫ୍ରିକାରେ ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍ ଟ୍ରଫିରେ ଭାରତ ପାଇଁ ଖେଳିଥିଲେ। ପୁଣି ୨୦୧୨ରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ତେବେ ସେ ଏହା ପୂର୍ବରୁ ୨୦୦୯ରେ ସିଙ୍ଗାପୁରରେ ଭାରତ ପାଇଁ ଜୁନିୟର ବିଶ୍ୱକପ୍ ଖେଳିଥିଲେ। ଏହି ବର୍ଷ ସେ ସିଡନୀରେ ଅନୁଷ୍ଠିତ ଯୁଥ ଅଲିମ୍ପିକ୍ସରେ ମଧ୍ୟ ଭାରତ ପାଇଁ ପଡିଆକୁ ଓହ୍ଲାଇଥିଲେ। ସେହିପରି ୨୦୧୦ରେ ଢାକାରେ ଖେଳାଯାଇଥିବା ସାପ୍ ଗେମ୍ସରେ ମଧ୍ୟ ଭାରତ ପାଇଁ ପ୍ରତିନିଧିତ୍ୱ କରି ସଫଳତା ହାସଲ କରିଥିଲେ।

ବୀରେନ୍ଦ୍ର ୨୦୧୪ ଏସିଆନ ଗେମ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୮ରେ ବ୍ରେଡାରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫିରେ ସେ ରୌପ୍ୟ ପଦକ ଜିତିଥିଲେ। ୨୦୧୪ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସେ ରୌପ୍ୟ ପଦକ ଜିତିଥିଲେ। ସ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୯/୨୦୧୮ Sambalpur, Friday, November 9/ 2018

ସଂକ୍ଷେପରେ

ରାତି ୧୧ଟା ପର୍ଯ୍ୟନ୍ତ ବାଣ ଫୁଟିଲା

■ଟ୍ରକ୍‌ରେ ନିଆଁ ଲାଗିଲା

ବରଗଡ଼ ଅଫିସ ୮।୧୧-ଦୀପାବଳିରେ ବାଣ ଫୁଟାଇବା ନେଇ ଜିଲା ପୋଲିସ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଥିଲା । ରାତ୍ରି ୮ଟାରୁ ୧୦ଟା ମଧ୍ୟରେ ବାଣ ଫୁଟାଇବା ପାଇଁ ପୂର୍ବରୁ ସୂଚନା ଦିଆଯାଇଥିଲା । ମାତ୍ର ଜିଲା ପୋଲିସ ପ୍ରଶାସନର ଏହି ନିଷ୍ପତ୍ତିକୁ ବରଗଡ଼ ସହରରେ ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଥିଲା। ରାତ୍ରି ୧୧ଟାରେ ମଧ୍ୟ ଖୋଦ୍ ଏସ୍‌ପି ଅଫିସ ସମ୍ମୁଖ, ଲେଙ୍ଗୁ ମିଶ୍ର ଛକରୁ ଲମ୍ବାବିଲ୍‌ଡ଼ିଂ ରାସ୍ତା ଓ ବିଭିନ୍ନ ଅଞ୍ଚଳରେ ଲୋକେ ବାଣ, ଆତସବାଜି ଫୁଟାଉଥିଲେ । ଖବର ପାଇ ପୋଲିସ ମଧ୍ୟ ସମ୍ପୃକ୍ତ ଅଞ୍ଚଳକୁ ପହଞ୍ଚି ବାଣ ଜବତ କରିଥିଲା । ଅନ୍ୟପଟେ ବିଳମ୍ବିତ ରାତ୍ରିରେ ସହରର ଭଟଲି ଛକ ନିକଟରେ ବାଣ ଫୁଟି ରାସ୍ତାକଡ଼ରେ ଥିବା ଏକ ଟ୍ରକ୍‌ରେ ନିଆଁ ଲାଗିଯିବାରୁ ଜଳି ଉଠିଥିଲା । ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନେ ସେଠାକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । କେବଳ ଟ୍ରକ୍ ଉପରେ ରହିଥିବା ତାରପୋଲିନ ପୋଡ଼ିଥିଲା ଏବଂ ବିଶେଷ କ୍ଷତି ହୋଇ ନ ଥିବା ବରଗଡ଼ ଅଗ୍ନିଶମ କେନ୍ଦ୍ର ସୂତ୍ରରୁ ସୂଚନା ମିଳିଛି ।

ଛତରଦାଣ୍ଡି ସଂରକ୍ଷିତ ଜଙ୍ଗଲରେ ମାଓବାଦୀ କ୍ୟାମ୍ପ ଠାବ

କଣ୍ଟାବାଞ୍ଜି, ୮।୧୧ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଉପାନ୍ତ ଟୁରେକେଲା ଥାନା ଅଧୀନ ଛତରଦାଣ୍ଡି ସଂରକ୍ଷିତ ଜଙ୍ଗଲରେ ମାଓବାଦୀ କ୍ୟାମ୍ପ ଠାବ ହୋଇଛି । ବଲାଙ୍ଗୀର ପୋଲିସ, ଡିଭିଏଫ୍ ଏବଂ ସିଆରପିଏଫ୍‌ର ୧୭୯ ବାଟାଲିୟନ ଯବାନମାନଙ୍କ ମିଳିତ ଚଢ଼ାଉ ବେଳେ ଏହି କ୍ୟାମ୍ପ ଠାବ ହୋଇଥିବା ବଲାଙ୍ଗୀର ଏସ୍‌ପି କେ. ଶିବା.ସୁବ୍ରମଣି କହିଛନ୍ତି । ଏହି କ୍ୟାମ୍ପରୁ ମାଓବାଦୀଙ୍କ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି । ତେବେ କ୍ୟାମ୍ପ ଠାବ ହୋଇଥିଲେ ମଧ୍ୟ ପୋଲିସ କୌଣସି ମାଓବାଦୀଙ୍କୁ କାବୁ କରିପାରି ନାହିଁ।

ଗୁରୁବାର ଟୁରେକେଲା ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ସୁବ୍ରମଣି ଏବଂ ସିଆରପିଏଫ୍ କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୋର୍ଯ୍ୟା କହିଛନ୍ତି, ଛତରଦାଣ୍ଡି ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ରହିଥିବା ନେଇ ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏଭଳି ଖବର ପାଇବା ପରେ ବଲାଙ୍ଗୀର ପୋଲିସ, ଡିଭିଏଫ୍ ଏବଂ ସିଆରପିଏଫ୍ ବାଟାଲିଅନ ପକ୍ଷରୁ

ଖବରଦାତା ସମ୍ମିଳନୀରେ ବଲାଙ୍ଗୀର ଏସ୍‌ପି ଓ ସିଆରପିଏଫ୍ କମାଣ୍ଡାଣ୍ଟ (ବାମ)। ଛତରଦାଣ୍ଡି ମାଓବାଦୀ କ୍ୟାମ୍ପରୁ ପୋଲିସ ଜବତ କରିଥିବା ବିଭିନ୍ନ ସାମଗ୍ରୀ ।

■୨ ଦିନ ହେଲା ଚାଲିଛି କୋମ୍ବିଂ

■ମାଓବାଦୀ ସାମଗ୍ରୀ ଜବତ

ଛତରଦାଣ୍ଡି ଜଙ୍ଗଲରେ ମିଳିତ କୋମ୍ବିଂ ଅପରେଶନ୍ ଆରମ୍ଭ କରାଯାଇଥିଲା । ଗତ ଦୁଇଦିନ ଧରି ଏହି ଅପରେଶନ୍ ଚାଲିଥିଲା । ଯବାନମାନେ ମାଓବାଦୀ କ୍ୟାମ୍ପ ଠାବ କରିଥିଲେ । ତେବେ ପୋଲିସର କୋମ୍ବିଂ ଅପରେଶନ୍ ସମ୍ପର୍କରେ ଆଗୁଆ ଖବର ପାଇ ମାଓବାଦୀମାନେ ସେଠାରୁ ଖସି ପଳାଇବାରେ ସଫଳ ହୋଇଛନ୍ତି। କ୍ୟାମ୍ପରୁ ପୋଲିସ ଅଲିଭ୍ ଗ୍ରୀନ ଡ୍ରେସ, କିଟ୍ ବ୍ୟାଗ, ପାଣି ଜାର, ବ୍ଲାଙ୍କେଟ୍, ବିଭିନ୍ନ ପ୍ରକାର ଔଷଧ, ରନ୍ଧନ ସାମଗ୍ରୀ, ଏକ ରେଡିଓ, ସୋଲାର ପ୍ଲେଟ, ପୋଷ୍ଟର ବ୍ୟାନର, କିଛି ଖାତା ବହି ଓ ପତ୍ରିକା ଜବତ ହୋଇଛି । କ୍ୟାମ୍ପ ଠାବ ହେବା ଏବଂ ସେଠାରୁ ମାଓବାଦୀଙ୍କ ବ୍ୟବହୃତ ବିଭିନ୍ନ ସାମଗ୍ରୀ ମିଳିବା ପରେ କୋମ୍ବିଂକୁ ଜୋରଦାର କରାଯାଇଥିବା ଏସପି ସୁବ୍ରମଣି ସୂଚନା ଦେଇଛନ୍ତି ।

ଗତ ମେ ୧୨ ତାରିଖ ରାତିରେ ବଲାଙ୍ଗୀର ଜିଲା ବେଲପଡା ଥାନା ଡୁଡୁକାମାଲ ଗାଁ ନିକଟସ୍ଥ ବେନ୍ଦେର ସଂରକ୍ଷିତ ଜଙ୍ଗଲ ପାଦଦେଶ ଡୁଡୁକାମାଲ ଗାଁରେ ମାଓବାଦୀ-ପୋଲିସ ଗୁଳି ବିନିମୟ ହୋଇଥିଲା । ଏହି ଘଟଣାରେ ବରଗଡ-ବଲାଙ୍ଗୀର-ମହାସମୁଦ ଡିଭିଜନ୍‌ର ଦୁଇ ହାର୍ଡକୋର କ୍ୟାଡର ମାଓବାଦୀ ସଞ୍ଜୀବ ଓ ରାକେଶ ନିହିତ ହୋଇଥିଲେ । ଏହାର କିଛିଦିନ ପରେ ପୁଣି ଥରେ ମାଓବାଦୀମାନେ ବଲାଙ୍ଗୀର ଜିଲାରେ ସଙ୍ଗଠିତ ହେଉଥିବା ସୂଚନା ମିଳିବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଏହାପରେ କୋମ୍ବିଂ ଅପରେଶନ୍‌କୁ ଜୋରଦାର କରାଯାଇଛି । ଛତିଶଗଡ ନିର୍ବାଚନକୁ ଆଖି ଆଗରେ ରଖି ପୋଲିସ ମାଓବାଦୀଙ୍କ ଗତିବିଧି ଉପରେ ସତର୍କ ଦୃଷ୍ଟି ରଖିଥିବା ଖବର ମିଳିଛି ।

କୁଆରୁ ମା'ପୁଅଙ୍କ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ

ବିବାହ ପାଇଁ ଜିଦ୍ ଧରିବା କାଳହେଲା

ନୂଆଗାଁ,୮।୧୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ବାରିଲେପଟା ପଞ୍ଚାୟତର ଗୁଡୁଗୁଡା ଟେୟଁଟୋଲିର ଏକ କୁଆରୁ ମା' ଓ ଶିଶୁପୁତ୍ରଙ୍କ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ ହୋଇଛି। ଉଭୟଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ଗୁରୁବାର ପୋଲିସ ଅଭିଯୁକ୍ତ ଇନସେଣ୍ଟ ଏକ୍କା (୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଇନସେଣ୍ଟ ଉଭୟଙ୍କୁ ହତ୍ୟାକରି କୂଅରେ ପିଙ୍ଗି ଦେଇଥିବା ସ୍ୱୀକାର କରିଛନ୍ତି। ଗତ ୩୧ ତାରିଖରେ ଟେୟଁଟୋଲିର ଚିଡା ତିର୍କୀଙ୍କ ଝିଅ ଫୁଲମତୀ ଓ ତାଙ୍କ ୬ମାସର ଶିଶୁପୁତ୍ରଙ୍କ ମୃତଦେହକୁ ବିଶ୍ରା ଥାନା ପୋଲିସ ଏକ କୂଅରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ପରେ ତଦନ୍ତ ଆରମ୍ଭ କରିଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ହିଁ ଜାଣି ପାରିଥିଲା। ତଥାପି ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଏକ

■ଯୁବକ ଗିରଫ, କୋର୍ଟ ଚାଲାଣ

ହତ୍ୟାକାଣ୍ଡ ବୋଲି ପୋଲିସ ନିଶ୍ଚିତ ହୋଇଥିଲା। ଏ ନେଇ ବିଶ୍ରା ଥାନାରେ ଏକ ହତ୍ୟା ମାମଲା (ନଂ. ୯୨/୨୦୧୮) ରୁଜୁ କରି ପୋଲିସ ତଦନ୍ତକୁ ଆଗକୁ ବଢ଼ାଇଥିଲା। ଘଟଣାସ୍ଥଳର ସ୍ଥିତି ଓ ଫୁଲମତୀଙ୍କ ଫୋନ୍ କଲକୁ ଯାଞ୍ଚ କରି ପୋଲିସ ଇନ୍‌ସେଣ୍ଟ ଏକ୍କାଙ୍କୁ ତାଙ୍କ ଘର ବିଶ୍ରା ଥାନା ଅନ୍ତର୍ଗତ ହତ୍ତୁଣ୍ଡୁ ଅଞ୍ଚଳରୁ ଗୁରୁବାର ଗିରଫ କରିଥିଲା।

ପୋଲିସର ସୂଚନାମୁତାବକ ଫୁଲମତୀ ଓ ଇନସେଣ୍ଟଙ୍କ ମଧ୍ୟରେ ଗତ କିଛିମାସ ହେବ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଫୁଲମତୀ ଇନସେଣ୍ଟଙ୍କ ଘରକୁ ଯାଇ ସ୍ୱାମୀ-ସ୍ତ୍ରୀ ଭଳି ରହୁଥିଲେ। ଏହାପରେ ବି ଫୁଲମତୀ ଇନ୍‌ସେଣ୍ଟଙ୍କୁ ସାମାଜିକ ରୀତିନୀତି ଅନୁଯାୟୀ ବିବାହ କରିବାକୁ ଚାହୁଁ ଥିଲେ। ହେଲେ ଫୁଲମତୀଙ୍କ କଥାକୁ ଇନ୍‌ସେଣ୍ଟ ଗ୍ରହଣ କରୁ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅଧିକାଂଶ ଥର କଳହ ଲାଗିଥିଲା। ଗାଁରେ ବି ଏ ନେଇ ବୈଠକ ବସିଥିଲା । ହେଲେ ଉକ୍ତ ବିବାଦର କୌଣସି ସ୍ଥାୟୀ ସମାଧାନ ହୋଇପାରି ନ ଥିଲା । ଗତ ୬ମାସ ତଳେ ଫୁଲମତୀ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ପୁଅ ଜନ୍ମ ପରେ ବି ଫୁଲମତୀ ଇନସେଣ୍ଟଙ୍କୁ ବାରମ୍ବାର ବିବାହ ପାଇଁ କହି ଆସୁଥିଲେ। ହେଲେ ଇନସେଣ୍ଟ ଏହାକୁ ଭ୍ରୁକ୍ଷେପ ନ କରି ଓଲଟା ଶିଶୁପୁତ୍ର ତାଙ୍କର ନୁହେଁ ବୋଲି କହିଥିଲେ। ଏହାକୁ ନେଇ ତିକ୍ତତା ବଢିଥିଲା। ଫଳରେ ଫୁଲମତୀ ବାପ ଘରକୁ ଆସି ରହୁଥିଲେ। ହେଲେ ଗତ ମାସ ୨୬ ତାରିଖ ରାତି ପ୍ରାୟ ସାଢ଼େ ୯ଟାରେ ଇନସେଣ୍ଟ ଫୁଲମତୀଙ୍କୁ ଫୋନ କରିଥିଲେ। ଫୁଲମତୀ ନିଜ ଶିଶୁପୁତ୍ରକୁ ଧରି ଫୋନ୍‌ରେ କଥା ହୋଇ ଘରୁ ବାହାରକୁ ବାହାରିଥିଲେ। ହେଲେ ପୂର୍ବରୁ ପ୍ରସ୍ତୁତି ଥିବା ଇନସେଣ୍ଟ ଫୁଲମତୀ ଓ ତାଙ୍କ ୬ମାସର ଶିଶୁଙ୍କୁ ତଣ୍ଟିଚିପି ହତ୍ୟା କରିଥିଲେ । ଏହା ପରେ ଉଭୟଙ୍କୁ ପାଖରେ ଥିବା କୂଅରେ ଫିଙ୍ଗି ଦେଇଥିଲେ ବୋଲି ବିଶ୍ରା ଥାନା ଅଧିକାରୀ ବିକାଶ ରଞ୍ଜନ ସ୍ୱାଇଁ କହିଛନ୍ତି ।

ବିଦ୍ୟୁତ୍ ତାର ଲାଗି ଜଣେ ମୃତ

ପଦ୍ମପୁର,୮।୧୧(ଡି.ଏନ.ଏ.)-ପଦ୍ମପୁର ସହରରେ ଥିବା ସୀତାରାମ ଲଜ୍‌ରେ ସଫେଇ କରୁଥିବା ବେଳେ ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ରୋହିତ ବାଗ (୨୫)। ଖବର ପାଇ ପଦ୍ମପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ଏହି ଖବର ପ୍ରସାରିତ ହେବା ପରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ କ୍ଷତିପୂରଣ ପାଇଁ ପରିବାର ଲୋକେ ଦାବି କରିଥିଲେ । ଲଜ୍ ମାଲିକ କ୍ଷତିପୂରଣ ଦେବା ପାଇଁ ରାଜି ହେବାରୁ ଉତ୍ତେଜନା ଥମିଥିଲା । ଏ ନେଇ ପଦ୍ମପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୪/୧୮) ରୁଜୁ ହୋଇଛି ।

ବିଦ୍ୟୁତ୍ ସଂସ୍ପର୍ଶରେ ଛାତ୍ରଙ୍କ ଜୀବନ ଗଲା

ବସ୍ତା,୮।୧୧(ସ୍ୱ.ପ୍ର)

ବାଲେଶ୍ୱର ଜିଲା ରାସଗୋବିନ୍ଦପୁର ବ୍ଲକ ଗଡ଼ିଘାଟି ପଞ୍ଚାୟତ ବ୍ରହ୍ମପୁରା ଗ୍ରାମରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏହି ଗ୍ରାମର ସୁଧାଂଶୁ ଶେଖର ପ୍ରଧାନଙ୍କ ଏକମାତ୍ର ପୁଅ ତଥା ଅମର୍ଦ୍ଦା ରାଧାଗୋବିନ୍ଦ ଆଞ୍ଚଳିକ ମହାବିଦ୍ୟାଳୟରେ ଛାତ୍ର ସରୋଜ (୧୭) ଘରେ ଥିବା ଟେବୁଲଫ୍ୟାନ୍ ଚଳାଇବାକୁ ବିଦ୍ୟୁତ ବୋର୍ଡ଼ରେ ପ୍ଲଗ ଦେଉଥିବା ବେଳେ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ। ପରେ ସେ ଗୁରୁତର ହୋଇପଡ଼ି ଥିବାବେଳେ ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବସ୍ତା ଡାକ୍ତରଖାନାକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏକମାତ୍ର ପୁତ୍ରର ଏଭଳି ଆକସ୍ମିକ ମୃତ୍ୟୁରେ ପରିବାରଲୋକେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡ଼ିଛନ୍ତି। ସରୋଜଙ୍କ ମୃତ୍ୟୁରେ ବ୍ରହ୍ମପୁରା ସମେତ ଗଡ଼ିଘାଟି ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

୧୨ରେ ଛତିଶଗଡ଼ ବିଧାନସଭା ନିର୍ବାଚନ

ଓଡ଼ିଶା ସୀମାନ୍ତରେ ହାଇଆଲର୍ଟ

ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ଖରିଆରୋଡ ସହର ମୁଣ୍ଡରେ ପୋଲିସ ଯାତ୍ରୀମାନଙ୍କୁ ଯାଞ୍ଚ କରୁଛି।

ନୂଆପଡା ଅଫିସ,୮।୧୧

ପଡୋଶୀ ଛତିଶଗଡ଼ ବିଧାନସଭା ନିର୍ବାଚନକୁ ଆଗକୁ ମାତ୍ର ୩ ଦିନ ବାକି ଥିବାବେଳେ ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ଯେମିତି ମଦ, ଟଙ୍କା କି ଅନ୍ୟାନ୍ୟ ସାମଗ୍ରୀ ଚାଲାଣ ନ ହୁଏ ସେଥିପ୍ରତି ନଜର ରଖିଛି ଜିଲା ପୋଲିସ । ଦୁଇ ରାଜ୍ୟର ସୀମାନ୍ତକୁ ସିଲ କରାଯାଇ ହାଇଆଲର୍ଟ ଜାରି କରାଯାଇଛି । ନୂଆପଡା ଜିଲାର ସୀମାନ୍ତରେ ଥିବା ୫ଟି ଥାନା ଅଞ୍ଚଳକୁ ସିଲ କରାଯାଇ ୨୪ ଘଣ୍ଟା ତନଖି ଚାଲିଛି ।

ନୂଆପଡା ଜିଲାର ସିନାପାଲି, ଧରମବନ୍ଧା, ନୂଆପଡା, ବେଲଗୁଜୁରୀ, ଜୋଙ୍କ ଥାନା ଅଞ୍ଚଳ ଛତିଶଗଡ ସୀମାକୁ ଲାଗି ରହିଛି । ଆସନ୍ତା ୧୨ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ଛତିଶଗଡ

■ନୂଆପଡ଼ାର ୫ ଥାନା ଅଞ୍ଚଳ ସିଲ

■ମଦ, ଟଙ୍କା, ମାଓବାଦୀଙ୍କୁ ଟାର୍ଗେଟ

ବିଧାନସଭା ନିର୍ବାଚନ ଯେତିକି ଯେତିକି ପାଖେଇ ଆସୁଛି ସୀମାନ୍ତ ଅଞ୍ଚଳ ସରଗରମ ହୋଇଉଠିଛି। ନିର୍ବାଚନର ବାତାବରଣ ଦେଖିବା ସହ ନିଜ ସମ୍ପର୍କୀୟଙ୍କୁ ବିଭିନ୍ନ ପ୍ରକାର ସହଯୋଗ କରିବାର ଆଳରେ ପ୍ରତିଦିନ ଏଠାରୁ ଶତାଧିକ ଗାଡି ମୋଟର ଯାତାୟାତ କରୁଛି । ଟଙ୍କା, ମଦ କି ଅସାମାଜିକ ବ୍ୟକ୍ତି ଏବଂ ମାଓବାଦୀଙ୍କ ଗତିବିଧିକୁ ନିୟନ୍ତ୍ରଣରେ ରଖିବାକୁ ନୂଆପଡା ଜିଲା ପୋଲିସ ଆଗତୁରା ସତର୍କତା ଅବଲମ୍ବନ କରିଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ପି ସ୍ଥିତ ପରମାର ସୀମାନ୍ତରେ ଥିବା ଥାନା ଅଞ୍ଚଳକୁ ପୋଲିସବଳ ଲଗାଇ ସିଲ କରିଛନ୍ତି । ଯବାନମାନେ ସବୁବେଳେ ପଇଁତରା ମାରୁଛନ୍ତି । ପ୍ରତିଦିନ ସକାଳେ ସନ୍ଧ୍ୟାରେ ସ୍ୱତନ୍ତ୍ର ସ୍ୱାଡ ତନଖି କରୁଛନ୍ତି। ଏହା ଉପରେ ପଡୋଶୀ ବାଗବାହାରା ତହସିଲଦାର ରାମଖିଲାବନ ବର୍ମାଙ୍କୁ ଯୋଗାଯୋଗ କରିବାରେ ଆମେ ବିଶେଷ କରି ମଦ ଏବଂ ଟଙ୍କା ଚାଲାଣ ଉପରେ ନଜର ରଖିଛୁ। ସେଥିପାଇଁ ସେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ପ୍ରକାଶ କରିଛନ୍ତି । ନୂଆପଡା ଏସ୍‌ଡିପିଓ ବିଦ୍ୟୁତ ଚନ୍ଦ୍ର ପଣ୍ଡା କହିଛନ୍ତି ସୀମାନ୍ତ ଅଞ୍ଚଳ ସିଲ ହୋଇଛି। ଯେକୌଣସି ପ୍ରକାର ଅସାମାଜିକ କାର୍ଯ୍ୟକଳାପକୁ ଓଡିଶାର ନୂଆପଡା ଜିଲା ପୋଲିସ ତୀକ୍ଷ୍ଣ ନଜର ରଖିଛି ବୋଲି ସେ କହିଛନ୍ତି । ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ପୋଲିସ ସେତିକି ସତର୍କତା ଅବଲମ୍ବନ କରୁଥିବା ସେ କହିଛନ୍ତି ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

ସଂକ୍ଷେପରେ

ବାରପାହାଡରେ ଗୋବର୍ଦ୍ଧନ ପୂଜା

ଭଟଲି,୮।୧୧(ଡି.ଏନ.ଏ): ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ନଳିଚୁଆଁ ସ୍ଥିତ ବାରପାହାଡ଼ରେ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଛି। ଏହି ଅବସରରେ ପାହାଡର ଶୀର୍ଷରେ ଥିବା ପୂଜାସ୍ଥଳୀରେ ହୋମଯଜ୍ଞ ହୋଇଥିଲା । ଏଥିରେ ପଣ୍ଡିତ ପିଣ୍ଟୁ ମହାପାତ୍ର ପୂଜା କାର୍ଯ୍ୟ କରିଥିବାବେଳେ ସନ୍ତୋଷ କୁମାର ବାରିକ, ତ୍ରିଲୋଚନ ବାରିକ ଏବଂ କିର୍ତ୍ତି ଭୁଏ ସଶ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଏଥିରେ ଭଟଲି, ବରଗଡ଼, ଅମ୍ବାଭୋନା ସମେତ ପଡୋଶୀ ଛତିଶଗଡରୁ ଶହ ଶହ ଭକ୍ତ ସାମିଲ ହୋଇଥିଲେ। ସେହିପରି ସନ୍ଧ୍ୟାରେ ନଳିଚୁଆଁ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ନାଟକ ପରିବେଷଣ କରାଯାଇଥିଲା ।

ଅନୁରୂପ ଭାବେ ଭଟଲି ବ୍ଲକ ନୂଆଁଗଡ଼ ପଞ୍ଚାୟତ କୁଇଶିରା ନିକଟସ୍ଥ କୁଲିଆରା ନଦୀପଠା ଗଏଲମୁଣ୍ଡ ଡୁଙ୍ଗୁରାଠାରେ ଗିରିଗୋବର୍ଦ୍ଧନ ପୂଜା ହୋଇଛି । ଜମିଦାର ଫଗୁଲାଲ ସିଂ, କୈଳାସ ପଟେଲ, ଦୟାସାଗର ପଧାନ, ଲେଜରୁ ପଟେଲ, ମଙ୍ଗଲୁ ବନଛୋର ପ୍ରମୁଖ କର୍ତ୍ତା ଏବଂ ସରୋଜ ରଥ ପୂଜକ ଦାୟିତ୍ୱ ତୁଲାଇଥିଲେ । ଶକ୍ତି, ଶ୍ରମ ଏବଂ ଇଏସ୍‌ଆଇ ମନ୍ତ୍ରୀ ସୁଶାନ୍ତ ସିଂ ଓ ସାମାଜିକ କର୍ମୀ ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

ଅମ୍ବାଭୋନାରେ ଗିରି ଗୋବର୍ଦ୍ଧନ ପୂଜା

ଅମ୍ବାଭୋନା, ୮।୧୧ (ଡି.ଏନ.ଏ): ଅମ୍ବାଭୋନାର ଚୈତନ୍ୟ ବିହାର ସ୍ଥିତ ରାଧାମାଧବ ଆଶ୍ରମଠାରେ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଛି । ଏହି ଅବସରରେ ରାଧାକୃଷ୍ଣ ମନ୍ଦିରରେ ଛପନଭୋଗର ବ୍ୟଞ୍ଜନ କରାଯାଇଥିଲା । ରାଧାମାଧବ ଆଶ୍ରମ ପରିସରରେ ଉଭୟ ଛତିଶଗଡ ଓ ପଶ୍ଚିମ ଓଡିଶାର ସଂକୀର୍ତ୍ତନ ଦଳ ଯୋଗଦେଇ ଅଷ୍ଟପ୍ରହର ନାମ ଜପ କରିଥିଲେ । ମଠ ମହାଧୃଶ ନରସିଂହ ଚରଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହସ୍ରାଧିକ ଭକ୍ତଙ୍କୁ ଅନ୍ନକୋଟ ଦିଆଯାଇଥିଲା। ବେଶୁଧର ମହାପାତ୍ର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପୁରୋହିତ ଲୋକେଶ୍ୱର ପଣ୍ଡା ପୂଜାର୍ଚ୍ଚନା କରିଥିଲେ । ମହାଦେବ ବାଗ, ସଚ୍ଚିଦାନନ୍ଦ ପୁରୋହିତ, ଠାକୁରରାମ ପଧାନ, କରୁଣାକର ପାଣ୍ଡେ, ବିଶ୍ୱମ୍ଭର ପଟେଲ ପ୍ରମୁଖ ସହଯୋଗ କରିଥିଲେ। ସେହିପରି କୁମ୍ଭୋ ଶିହିନିଗଡ ଏବଂ କୁଶମୁଦା ସ୍ଥିତ ରାନାଟୁଆଁ ଠାରେ ଗିରିଗୋବର୍ଦ୍ଧନ ପୂଜା ଜାକଜମକରେ ପାଳିତ ହୋଇଛି। ରାଧାକୃଷ୍ଣ ମନ୍ଦିରରେ ସୁଶୀଲ ଦାଶ ପୂଜାର୍ଚ୍ଚନା କରିଥିଲେ ।

ଶିକ୍ଷାଜିଲା ସ୍ତରୀୟ ଲୋକନୃତ୍ୟ, କଳା ଉତ୍ସବ

ବରଗଡ଼ ଅଫିସ୍,୮।୧୧

ବରଗଡ଼ ଶିକ୍ଷାଜିଲାସ୍ତରୀୟ ଲୋକନୃତ୍ୟ ଓ କଳା ଉତ୍ସବ ସ୍ଥାନ ବିଜୁ ପଟ୍ଟନାୟକ ଟାଉନ ହଲରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କଲ୍ପନା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷକ ଅମୃତା ସାହୁ, ବରଗଡ଼ ସରକାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁ, ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ, ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ, ବ୍ୟଙ୍ଗକବି ମନୋରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଜିଲାସ୍ତରୀୟ ଲୋକନୃତ୍ୟ, ଏକକ ନୃତ୍ୟ, ଚିତ୍ରାଙ୍କନ, ଡ୍ରାମା, ବ୍ୟାଣ୍ଡ, ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇବା ପ୍ରତିଯୋଗିତା ହୋଇଥିଲା। ଲୋକନୃତ୍ୟ ପ୍ରତିଯୋଗିତାରେ ରାଣାପ୍ରତାପ ସ୍କୁଲର ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ କଳା ମହୋତ୍ସବରେ ଭାଗନେବା ପାଇଁ ମନୋନୀତ ହୋଇଥିଲେ । ଅନ୍ୟ ପ୍ରତିଯୋଗିତାରେ ଜିଲାସ୍ତରରେ କୃତିତ୍ୱ ଅର୍ଜନ ସହିତ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ଜୋନାଲ ସ୍ତରୀୟ କଳା ଉତ୍ସବରେ ଭାଗନେବେ ବୋଲି ସୂଚନା ଦିଆଯାଇଥିଲା । ନୂଆପଡ଼ା, ବଲାଙ୍ଗିର, ସୋନପୁର, ସମ୍ବଲପୁର, ବରଗଡ଼ ଜିଲାକୁ ନେଇ ଗଠିତ ଜୋନାଲ୍ ସ୍ତରୀୟ ପ୍ରତିଯୋଗିତା ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ହେବ । ଜିଲାସ୍ତରୀୟ ପ୍ରତିଯୋଗିତାର ଚିତ୍ରାଙ୍କନରେ ଧରଣୀଧର ବିଶ୍ୱାଳ, ଆଶୁତୋଷ ଛତର, ମନୋଜ ଜେନା, ନୃତ୍ୟରେ ଗୋପାଳ ଦାଶ, ଚୈତନ୍ୟ ପାଇକ, ନାଟକରେ ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ଦାଶ, ନାଟ୍ୟକାର ସୁଶୀଲ ମହାପାତ୍ର, ବାଦ୍ୟଯନ୍ତ୍ରରେ କଷ୍ଟଶିଳ୍ପୀ ଅକ୍ଷୟ କୁମାର ବେହେର, ଗୋପାଳ ମିଶ୍ର, ସୁଗ୍ରୀବ ବିଶି ପ୍ରମୁଖ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ । ଭାର୍ଗବ ନାଏକ, ବିରେନ୍ଦ୍ର ଦାଶ, ବିବେକାନନ୍ଦ ଅଦାବର, ଶିବଶଙ୍କର ଦାଶ, ସାଧନା ସାହୁ, ପଦ୍ମଜା ପତି, ଭାବନା ସାହୁ, ସଦନନ୍ଦ ଜାଲ, ଆଲୋକ ସାହୁ, ପରିତୋଷ ବେହେରା, ଗୋବିନ୍ଦ ସେଠ ପ୍ରମୁଖ ସହଯୋଗ କରିଥିଲେ । ଡଃ ତୋଲାମଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

ନିସାହା ଜୀବନ୍ ବିତଉଛନ୍ ସେରିଆ

ଅତାବିରା, ୮।୧୧ (ଡି.ଏନ.ଏ)

ଆପ୍‌ନେ ଆରପାରକେ ଚାଲିଯାଇଛନ୍। ଗୁଟେବଲି ଝିଟି ବିହାଚୁରା ହେଇ ଶାଶ୍‌ଘରେ ଖଟୁଛନ୍। ସଁପତି କହେଲେ ଭଂଗା ଦଦ୍‌ରା ଘରଖଁଡେକେ ଛାଡିଦେଲେ ଜମିବାଡି ବଲି କହିଛି ନାଁଇଁ। ସୁବିଧା ଅସୁବିଧା ବୁଝ୍‌ବାକେ ପାସେ କେହି ନାଁଇଁ। ଏନ୍‌ତାଥୁ ନିସାହା ବୁଢ଼ିଧା ଝନ୍‌କ ଭାଏଗ୍‌କେ ଆଦ୍‌ରି ଏକ୍‌ଲା ଜୀବନ୍ ବିତଉଛନ୍। ଇଏ ହେଉଛନ୍ ବରଗଡ ଜିଲା ଭେଡ଼େନ ବ୍ଲକ୍ ଦେଶଭଟିଲି ଗାଁର ନିସାହା ବିଧବା ବୁଢ଼ିଧା ସେରିଆ ଲୁହା(୭୦)। ସରକାରୀ ଯୋଜ୍‌ନାରେ ସେ ମାସିକ୍ ୩ଶହ ଟଁକା ଭତା ଆର୍ ରାଶନ କାର୍ଡରେ ୫ କେ.ଜି. ଚାଉଲ ପାଉଛନ୍। ହେଲେ ଆଏଜ୍‌କାଲିର ମହଂଗା ଯୁଗେ ଏତ୍‌କିରେ ଝନେ ମୁନୁଷ୍ ଚଲ୍‌ବାରଟା ସମ୍‌ଭବ ନୁହେ। ସେଥିରଲାଗି ସେ ସଖାଲ ପାଏଲେ ବାଡୁନ୍ ଗୁଁଥାରେ ଯୁଟି ଯାଉଛନ୍। ଗାଁରେ ଇତାର ଘରେ ତାର ଘରେ ବାଡୁନ୍ ଗୁଟାକ ୬ ଟଁକାରେ ବିକି ଯାହା ପାଉଛନ୍ ସେଥିରେ ତାକର ତେଲ୍‌ନୁନ୍ ଚଲୁଛେ। ମାସିକ୍ ପାଉଥିବାର ୫ କେ.ଜି. ଚାଉଲ୍‌ରେ ମାସେ ଚଲି ନାଇଁହେବାର, ନହଁଟ୍ ପଡୁଛେ। ସେଥିରଲାଗି ଘାଏ ଘାଏ ବଡା ଗୁଲ୍‌ଗୁଲା ହେବାକେ ପଡୁଛେ, ହେଲେ ପର୍‌ଶାସନ୍ ସେରିଆ ଲୁହା ବାଡୁନ୍ ତିଆରିବାକେ ସଜବାଜ କରୁଛନ୍।

ଯଦି ଅନ୍ତ୍ୟୋଦୟ କି ଅନ୍ନପୂର୍ଣ୍ଣା ଯୋଜ୍‌ନାରେ ମାସିକ୍ ୩୫ କେ.ଜି. ଚାଉଲ୍ ଯୁଗେଇ ଦେତା ମୋର ଦୁଖ୍ ଯାଏତା ବଲି ତାହାକୁ ପଚରାଲାରୁ କହିଥିଲେ। ପର୍‌ଶାସନ ନିସାହା ବିଧବା ସେରିଆ ଲୁହାକୁଁ ଦୁରୁଖ୍‌ଟି ଦେଇ ତାହାକୁ କେହେନ୍‌ସି ଗୁଟେ ଯୋଜ୍‌ନାରେ ସାମିଲକରି ୩୫ କେ.ଜି. ଚାଉଲ୍ ଯୁଗେଇ ଦେବାକେ ସଚେତନ ମହଲରେ ଦାବି ହେଉଛେ ।

ବ୍ଲକସ୍ତରୀୟ କରମସାନୀ ସମ୍ମିଳନୀ

ଭେଡ଼େନ, ୮।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅଁଲାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ତେନ୍ତୁଲିଟିକ୍ରାରେ ବ୍ଲକସ୍ତରୀୟ କରମସାନୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ କରମାଡ଼ାଳ ଧାରଣ କରିଥିବା କର୍ତ୍ତା ମଧୁସୁଦନ କରନଙ୍କ ଅଏଲାକଟାସ୍ଥିତ ବାସଭବନରୁ ଗାୟକ ବାୟକ ମାନେ ଏକ ଶୋଭାଯାତ୍ରାରେ ତେନ୍ତୁଲିଟିକ୍ରା ପୂଜାସ୍ଥଳକୁ ଆସିଥିଲେ । ସେଠାରେ କରମସାନୀଙ୍କ ପୂଜାର୍ଚ୍ଚନା ପରେ ରାଜେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବରଗଡ଼ ଆରଏମସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ, ମାର୍କେଟିଂ ଅଧିକ୍ଷ ବିଭୁଦତ୍ତ ପ୍ରଧାନ, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ଅଧିକ୍ଷ ଡ଼ୋଲାମଣି କ୍ଷେତି, ବିଡ଼ିଓ ମୁରଲୀଧର ନାୟକ, ବ୍ଲକ କଳାକାର ସଂଘ ସଭାପତି ସାଗର ମହାକୁର, ପୂର୍ବତନ ସରପଞ୍ଚ କୈଳାଶ ଦାଶ, ପଦ୍ମିନୀ ଗଡ଼ତିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରବଣ କୁମାର ସାହୁ ସ୍ୱାଗତ ଭାଷଣ ଓ ତୁଷବନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଧରିତ୍ରୀ ପ୍ରଭାବ: ବୁଢୁଧ୍ ଦମ୍ପତିକୁଁ ଭତା ମିଲ୍‌ଲା

ଅତାବିରା, ୮।୧୧ (ଡି.ଏନ.ଏ)

ବରଗଡ ଜିଲା ଭେଡ଼େନ ବ୍ଲକ୍ ଦେଶଭଟିଲି ପଁଚେତରବିଶିପାଲିଗାଁରବନମାଳିତାଣ୍ଡିଆ(୭୦)। ସେ ବୁଢ଼ୀବୁଢ଼ା ଭତା ପାଏବାର ଲାଗି ଫର୍ମ ପୂରନ୍ କରବାର ସଂଗେ ଭୋଟ୍ ପରିଚଏପତର, ଆଧାର କାର୍ଡ, ଫଟୋ ଆଦି କାଗଜ୍‌ପତର ୪ ଥର ହେଲା ଦାଖଲ କରିଆସୁଥିଲେ। ହେଲେ ଆଏଜ୍‌ତକ୍ ତାହାକୁ ଭତା ନାଇଁ ମିଳିଥାଇ। ଖବର କାଗଜ ବାଁଟ୍‌ବାକେ ଯାଇଥିଲାବେଳେ ଧରିତ୍ରୀ ପ୍ରତିନିଧି ଇ ବୁଢୁଧ୍ ଦମ୍ପତିକୁ ଭେଟିଥିଲେ। ସେମାନେ ଧରିତ୍ରୀ ପ୍ରତିନିଧିଙ୍କୁଁ ତାକର ଦୁଖ୍ ଗୁହାରିଥିଲେ। ଇ ବାବ୍‌ଦେ ଗଲା ଅକ୍ଟୋବର ୨୩ ତାରିଖ୍ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଭତା ଲାଗି ଆବେଦନ କରି ବୁଢୁଧ୍ ନିରାଶ' ଶିର୍‌ଷକ୍‌ରେ ଫଟୋ ସହିତ୍ ଖବର ପରକାଶ ପାଇଥିଲା। ଖବର ବାହାରଲା ଉତାରୁ ପର୍‌ଶାସନ ଆଏଁଖ୍ ଖୁଲିଥିଲା। ଦେଶଭଟିଲି ପଁଚେତର ଜିଆରଏସ ବାଳମୁକୁନ୍ଦ ସେଣ ଭତା ଆବେଦନ ଫର୍ମ ଆନି ବ୍ଲକ୍ ପର୍‌ଶାସନକେ ଦେଲାରୁ ବୁଢୁଧ୍ ଦମ୍ପତିକଁର ଭତା ମଂଜୁର ହେଇଥିଲା। ବନମାଳି ଆର୍ ତାକର ମାଏକିନା ସାବିତ୍ରୀକୁଁ ନଭେମ୍ବର ମାସେ ପହେଲାକରି ୩ଶହ ଟଁକା ଲେଖେଁ ଭତା ଦିଆଯାଇଛେ। ଭତା ପାଇ ବୁଢୁଧ୍ ଦମ୍ପତି ଖୁସ୍‌ଥିବାର ଦେଖବାକେ ମିଳିଥିଲା।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ: sbi.10027@sbi.co.in
ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ଅନୁଯାୟୀ ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ **"ଯାହା ଯେଉଁଠାରେ ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ନିମ୍ନରେ ପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ଇ-ନିଲାମ କରାଯିବ।

କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେଓ୍ୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା୦୭.୧୨.୨୦୧୮ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ

ଇ-ନିଲାମ ତାରିଖ ଏବଂ ସମୟ :
ତା୧୦.୧୨.୨୦୧୮ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୦୩.୩୦ଘଟିକା ମଧ୍ୟରେ

କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୂର୍ଯ୍ୟଜ୍ୟୋତି ପ୍ରଧାନ, ଇ-ମେଲ: suryajyoti.pradhan@sbi.co.in, ମୋ: ୮୫୯୦୦୨୭୦୩

କ୍ର. ନଂ.	ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା	ଜାମିନଦାରମାନଙ୍କ ନାମ ଏବଂ ଠିକଣା	ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ	ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ	ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ
୧.	**ବିଦ୍ୟାଧରପୁର ଏଡିବି /** **ଋଣଗ୍ରହୀତା: ଶ୍ରୀ ଅରୁଣ ସ୍ୱାଇଁ,** ପିତା: ହରିହର ସ୍ୱାଇଁ, ବିଜୁ ପଟ୍ଟନାୟକ ବ୍ଲକ, ଆର୍.ସି. ପଟ୍ଟନାୟକ ଲେନ୍, ତୁଳସୀପୁର, କଟକ-୭୫୩୦୦୮ / **ଆକାଉଣ୍ଟ ନଂ.: ୩୦୦୧୭୨୯୯୩୩୮**	**ଜାମିନ୍‌ଦାର: ଶ୍ରୀମତୀ ରୀତା ବିଶାଲ,** ସ୍ୱାମୀ: ✓ ଗୌର କୃଷ୍ଣ ବିଶାଲ, ଶିବଶ୍ରୀ ହାଉସ୍, ମହାନ୍ତି ପଡ଼ା, କାପୁ, ଚାନ୍ଦନୀ ଚୌକ, କଟକ-୭୫୩୦୦୨	**ଶ୍ରୀ ଅରୁଣ ସ୍ୱାଇଁ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କଟକ ସହର ୟୁନିଟ୍ ନଂ. ୮ ଦକ୍ଷିଣ ତୁଳସୀପୁର, ତହସିଲ: କଟକ ସଦର, ଥାନା: ବିଡାନାସୀ, ଜିଲ୍ଲା: କଟକ, ଖାତା ନଂ.: ୧୫, ଅନୁରୂପ ମ୍ୟୁଟେଟେଡ୍ ଖାତା ନଂ.: ୧୭/୮୦, ପ୍ଲଟ୍ ନଂ.: ୩୫୭(ଅଂଶ), ଅନୁରୂପ ମ୍ୟୁଟେଟେଡ୍ ପ୍ଲଟ୍ ନଂ.: ୩୫୭/୧୪୪୯, କ୍ଷେତ୍ର: ଏକର ୦.୦୫୬ଡିସିମିଲି (ଏକର୦.୦୮୦ଡିସିମିଲିରୁ), କିସମ: ଘରବାରି	ଟ.୧,୧୨,୭୯,୬୭୦/- + ୧୫.୦୨.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୫.୦୨.୨୦୧୮	ଟ.୮,୩୩,୦୦୦/- / ଟ.୮,୩୩,୩୦୦/- / ଟ.୧,୦୦,୦୦୦/-
୨.	**ନୂଆପାଟଣା ଶାଖା /** **ଋଣଗ୍ରହୀତା: ମେସର୍ସ ଧବଳେଶ୍ୱର ରାଇସ୍ ମିଲ୍, ସ୍ୱତ୍ୱାଧିକାରୀ: ଶ୍ରୀ ସତୀଶ କୁମାର ସାହୁ,** ପିତା: ଶ୍ରୀ ବିଜୟ କୃଷ୍ଣ ସାହୁ, ଗଡ଼ିଝରିଆ, ପୋ: ଭିରୁଡ଼ା, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.: ୩୨୪୬୦୩୭୧୪୨୮, ୩୨୪୫୮୪୦୯୨୩୨**	**ଜାମିନ୍‌ଦାର: ଶ୍ରୀ ବିଜୟ କୃଷ୍ଣ ସାହୁ,** ପିତା: ✓ ନିତ୍ୟାନନ୍ଦ ସାହୁ, ସା: ବଡ଼ହାଟ, ପୋ/ଜି ଲ୍ଲା: କେନ୍ଦ୍ରାପଡ଼ା	**କ) ଶ୍ରୀ ସତୀଶ କୁମାର ସାହୁ**ଙ୍କ ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବଜା ଯାହାର ମୌଜା: ଭିରୁଡ଼ା, ତହସିଲ: ତିଗିରିଆ, ଜିଲ୍ଲା: କଟକ, ଖାତା ନଂ.: ୧୨୮୯/୭୭୮, ପ୍ଲଟ୍ ନଂ.: ୬୭୭୬, କ୍ଷେତ୍ର: ଏକର୦.୩୨ଡିସିମିଲି, ପ୍ଲଟ୍ ନଂ.: ୬୭୭୭/୯୮୩୧, କ୍ଷେତ୍ର: ଏକର୦.୨୦ଡିସିମିଲି, କିସମ: ଘରବାରି **ଖ) ଶ୍ରୀ ସତୀଶ କୁମାର ସାହୁ**ଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା: ବରାଇଲୋ, ତହସିଲ: ଡେରାବିଶ, ଜିଲ୍ଲା: କେନ୍ଦ୍ରାପଡ଼ା, ଖାତା ନଂ.: ୧୦୧ (ନୂଆ ଖାତା ନଂ.: ୨୪୪/୯୧), ପ୍ଲଟ୍ ନଂ.: ୫୭୨, କ୍ଷେତ୍ର: ଏକର୦.୫୫୦ଡିସିମିଲି, ଖାତା ନଂ.: ୨୪ (ନୂଆ ଖାତା ନଂ.: ୨୪୪/୯୦), ପ୍ଲଟ୍ ନଂ.: ୫୭୩, କ୍ଷେତ୍ର: ଏକର୦.୬୪୦ଡିସିମିଲି, ଖାତା ନଂ.: ୩ (ନୂଆ ଖାତା ନଂ.: ୨୪୪/୮୨), ପ୍ଲଟ୍ ନଂ.: ୫୭୫, କ୍ଷେତ୍ର: ଏକର୦.୯୬୬ଡିସିମିଲି, କିସମ: ଘରବାରି	ଟ.୧,୧୮,୧୫,୦୬୦/- + ୨୫.୦୨.୨୦୧୫ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୨୫.୦୨.୨୦୧୫	କ) ଟ.୭୯,୧୦,୦୦୦/- / ଟ.୭,୯୧,୦୦୦/- / ଟ.୧,୦୦,୦୦୦/- ଖ) ଟ.୨୬,୬୩,୦୦୦/- / ଟ.୨,୬୬,୩୦୦/- / ଟ.୫୦,୦୦୦/-
୩.	**ବାଣିଜ୍ୟିକ ଶାଖା, କଟକ /** **ଋଣଗ୍ରହୀତା: ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ କୁମାର ସାହୁ, ନିର୍ଦ୍ଦେଶକମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀମତୀ ରଞ୍ଜିତା ସାହୁ,** ସମସ୍ତଙ୍କ ଠିକଣା- ସା/ପୋ: ସମପୁର, ଜିଲ୍ଲା: କଟକ, ପିନ୍- ୭୫୪୧୩୦ / **ଆକାଉଣ୍ଟ ନଂ.: ୩୦୭୦୯୯୬୬୪୨, ୩୦୭୧୬୭୦୦୪୩**	**ଜାମିନ୍‌ଦାରମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀ ସଞ୍ଜିତ କୁମାର ସାହୁ,** ଉଭୟଙ୍କ ଠିକଣା- ସା/ପୋ: ସମପୁର, ଜିଲ୍ଲା: କଟକ, ପିନ୍- ୭୫୪୧୩୦	**(କ) ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ଏହାକୁ ପ୍ରତିନିଧିତ୍ୱ କରୁଥିବା ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ କୁମାର ସାହୁ**ଙ୍କ ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବଜା ଯାହାର (୧) ମୌଜା: ଅରିଲୋ, ତହସିଲ: କିଶାନନଗର, ଥାନା: କେଶନଗର, ଜିଲ୍ଲା: କଟକ, (i) ଖାତା ନଂ.: ୫୨, ପ୍ଲଟ୍ ନଂ.: ୫୯୬, କ୍ଷେତ୍ର: ଏକର୦

ପିତାଙ୍କ ସବୁଠାରୁ ବଡ କର୍ତ୍ତବ୍ୟ ହେଉଛି ଯେ ପୁତ୍ରକୁ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବା ।

- ଚାଣକ୍ୟ

ସଂକ୍ଷେପରେ

ବୌଦ୍ଧରେ କାଳୀପୂଜା ସମ୍ପନ୍ନ

ବୌଦ୍ଧ,୮।୧୧(ସ୍ୱ.ପ୍ର): ଆଲୋକର ପର୍ବ ପବିତ୍ର ଦୀପାବଳି ଅବସରରେ ବୌଦ୍ଧର ଭୈରବୀ ବଜାର ଓ ଶିବାନୀ ବଜାରରେ କାଳୀପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଗତ ମଙ୍ଗଳବାରଠାରୁ ପାରମ୍ପରିକ ରୀତିନୀତି ଅନୁସାରେ ମହାନଦୀରୁ ଜଳପୂର୍ଣ୍ଣ କଳସ ଆଣି ପୂଜାପୀଠରେ ସ୍ଥାପନ କରାଯାଇଥିଲା । ଦୀପାବଳୀର ମଧ୍ୟରାତ୍ରୀରୁ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା । ଉଭୟ ବଜାରରେ ମୃଣ୍ମୟ ମୂର୍ତ୍ତି ନିର୍ମାଣ ସହିତ ସୁଦୃଶ୍ୟ ତୋରଣ ଓ ରଙ୍ଗିନ ଆଲୋକମାଳାରେ ଦୋକାନ ଗୁଡିକ ଝଲସି ଉଠୁଛି। ପୂଜା କମିଟିର କର୍ମକର୍ତ୍ତାମାନେ ନିଷ୍ଠାର ସହିତ ମା'ଙ୍କ ପୂଜାବିଧି ପାଳନ କରିଥିଲେ। ଶିବାନୀ ବଜାର ପୂଜା କମିଟି ପକ୍ଷରୁ ଏବର୍ଷ ପୂଜକ ଭାବେ ମନୋରଞ୍ଜନ ମିଶ୍ର ପୂଜା କରିଥିବା ବେଳେ ପ୍ରଫୁଲ୍ଲ ତ୍ରିପାଠୀ ଓ ପୁରୁଷୋତ୍ତମ ସାହୁ କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିଲେ । ସେହିପରି ଭୈରବୀ ବଜାର ପୂଜା କମିଟି ପକ୍ଷରୁ ସଞ୍ଜୀବ ପଣ୍ଡା ପୂଜା କରିଥିବା ବେଳେ ମନମୋହନ ଶତପଥି କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିଲେ । କମିଟି ପକ୍ଷରୁ ପୂଜାକୁ ଆକର୍ଷଣୀୟ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

ବରିଷ୍ଠ ନାଗରିକ ମଞ୍ଚର ବୈଠକ

ପଲଶାଗୋରା, ୮।୧୧(ଡି.ଏନ.ଏ): କଣ୍ଟାମାଳ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଦୃତିଆ ଚରଣ ସାହୁଙ୍କ ସଭାପତିତ୍ୱରେ ଗୁରୁବାର ସଂଘର ପଞ୍ଚମ ବୈଠକ କଣ୍ଟାମାଳ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମ୍ପାଦକ ଦେବୀ ପ୍ରସାଦ ନାଏକ ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ଜିଲା ମଞ୍ଚରେ ଗ୍ରହଣ କରାଯାଇଥିବା ପ୍ରସ୍ତାବଗୁଡିକ ଉପରେ ଆଲୋଚନା କରିଥିଲେ। କଣ୍ଟାମାଳରେ ରନ୍ଧନ ଗ୍ୟାସ୍ ବିତରଣ କେନ୍ଦ୍ର, ମେଗା ଜଳସେଚନ ପ୍ରକଳ୍ପଗୁଡିକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଓ କଣ୍ଟାମାଳ ସଦର ଡାକ୍ତରଖାନାରେ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କୁ ତୁରନ୍ତ ନିଯୁକ୍ତି ନିମନ୍ତେ ବିଭାଗୀୟ କର୍ମକର୍ତ୍ତାଙ୍କୁ ଜଣାଇବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା । କୋଷାଧକ୍ଷ ସୁରେଶ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ଅର୍ଜୁନ ସାହୁ, ଉପଦେଷ୍ଟା ନବୀନ କୁମାର ବିଶି, ବଂଶୀଧର ମାହାଣା, ବସନ୍ତ କୁମାର ସାହୁଙ୍କ ସମେତ ୨୨ଜଣ ସଦସ୍ୟ ଉପସ୍ଥିତ ଥିଲେ ।

ମହିଳା ଆତ୍ମ ସୁରକ୍ଷା ତାଲିମ

ପଲଶାଗୋରା, ୮।୧୧(ଡି.ଏନ.ଏ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସଦର ପଞ୍ଚାୟତ ଡିଗ୍ରୀ କଲେଜରେ ସୋମବାର ବାଳିକାମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଦିବସରେ କଲେଜ ପରିସରରେ ଏକ ସଚେତନତା ସଭା ହୋଇଥିଲା । ମହାବିଦ୍ୟାଳୟ ଅଧକ୍ଷ ସାଗର ବଗର୍ତ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଣ୍ଟାମାଳ ଅଗ୍ନିଶମ ବିଭାଗର ଅଧିକାରୀ ପ୍ରଦୀପ ଖାଡିଆ ମୁଖ୍ୟଅତିଥି, ମହାବିଦ୍ୟାଳୟର ରବିନ୍ଦ୍ର କୁମାର ପ୍ରଧାନ, କିଶୋର ଚନ୍ଦ୍ର ଜଗଦେବ, ଦେବଦାସ ମହାପାତ୍ର, ମାଷ୍ଟର ଟ୍ରେନର କଳ୍ପନା ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ପାଇଁ ଆତ୍ମ ସୁରକ୍ଷାର ଆବଶ୍ୟକତା ଉପରେ ମାର୍ଗଦର୍ଶନ କରିଥିଲେ। ଏହି ଶିବିରରେ ମୋଟ୍ ୩୦ଜଣ ଛାତ୍ରୀ ତାଲିମ ନେଇଥିଲେ । ଶେଷରେ ତାଲିମପ୍ରାପ୍ତ ସମସ୍ତ ଛାତ୍ରୀଙ୍କୁ ଦକ୍ଷତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଖେଳ ପ୍ରଶିକ୍ଷକ ପ୍ରଣବ କିଶୋର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

■ ଗିରିଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଘାଟିତ

ମନ ମୋହିଲେ ସିନେ କଳାକାର

ଭେଡ଼େନ,୮।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ପର୍ଯ୍ୟଟନ ପୀଠ ଦେକୁଳବା ସ୍ଥିତ ଗିରି ଗୋବର୍ଦ୍ଧନ ପୀଠରେ ପଞ୍ଚମ ଗିରି ଗୋବର୍ଦ୍ଧନ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି । ଦଳଗଞ୍ଜନ ଲୋକ ମଣ୍ଡପ ଠାରେ ମହୋତ୍ସବ ସମିତି ଅଧକ୍ଷା ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପୌରୋହିତ୍ୟରେ ଖଣି, ଇସ୍ପାତ ଏବଂ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ମୁଖ୍ୟଅତିଥି, ଆଦିବାସୀ ମନ୍ତ୍ରୀ ରମେଶ ମାଝୀ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ କିଶୋର ମହାନ୍ତି, ବରଗଡ଼ ଏମ୍‌ପି ପ୍ରଭାସ ସିଂ, ମାର୍କଫେଡ଼ ଅଧକ୍ଷ ବିଭୁଦତ୍ତ ପ୍ରଧାନ, ଭେଡେନ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ଅତାବିରା ବ୍ଲକ ଅଧକ୍ଷ ରୀତା ସାହୁ, ଅତାବିରା ଏନଏସି ଅଧକ୍ଷା ଦୀପାଞ୍ଜଳି ଭରାସାଗର, ଜିଲା ପରିଷଦ ସଭ୍ୟ ସୁବାସ ହୋତା ଏବଂ ସଭ୍ୟା ଜ୍ୟୋସ୍ନାମୟୀ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ କରିଥିବା ପ୍ରତିଭା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଧର୍ମରାଜ ପ୍ରଧାନ, ଖଞ୍ଜଣି ବାୟକ ତଥା ଗାୟକ ସାଧୁବାବା ସାଧୁ ମଲିକ, ବାନ୍ଧଶିଳ୍ପୀ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବୁଣାକାର ହରିଶଙ୍କର ମେହେର, ରାଷ୍ଟ୍ରୀୟ ଦୌଡ଼ ପ୍ରତିଯୋଗୀ ଅରୁନ୍ଧତି ମେହେର, ଛତୁ ଚାଷୀ ଜୟନ୍ତୀ ପଧାନ, ସେବା କ୍ଷେତ୍ରରେ ଲାୟନ୍ସ କ୍ଲବ, ମୃତ୍ତିକା କାରିଗର ଅଧ୍ୟପତି ରଣା, କୃଷ୍ଣଗୁରୁ କଳା ପରିଷଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାସହ ତାଲମେଣ୍ଡା ଗ୍ରାମପଞ୍ଚାୟତର ସ୍କୁଲ ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ନମ୍ବର ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ସହ ଭେଡ଼େନ ବ୍ଲକର ବିଭିନ୍ନ କଲେଜର କୃତୀ ଛାତ୍ରୀଛାତ୍ର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସିନେ ତାରକା ନାୟକ ସବ୍ୟସାଚୀ, ଟେଲି ସିରିଏଲର ନାୟିକା ଲିପ୍‌ସା ମିଶ୍ର, ହାସ୍ୟ ଅଭିନେତା ଗୁଡ୍ଡୁ ଉପସ୍ଥିତ ହଜାର ହଜାର ଦର୍ଶକଙ୍କ ମନ ମୋହି ନେଇଥିଲେ। ଏହାସହ ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଏବଂ ସାଥିଙ୍କ ନୃତ୍ୟ ପ୍ରଦର୍ଶନ, ନୂପୁର କଳାପରିଷଦ ଭୁବନେଶ୍ୱର, ସଙ୍ଗୀତ ସାଧନା ଲୋଇସିଂହାର ସମ୍ବଲପୁରୀ ନୃତ୍ୟ, ଭାରତୀ କଳାପରିଷଦ ମହୁଲପାଲିର ଘୁଡ଼କା ନୃତ୍ୟ ସମେତ ଅଞ୍ଚଳର ବହୁ ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ହରିଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଅତିଥିମାନେ ପ୍ରଦୀପ ଜାଳି ଗିରିଗୋବର୍ଦ୍ଧନ ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

■ ନାବାଳିକାଙ୍କୁ ବଳାତ୍କାର ମାମଲା

ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ

ବୌଦ୍ଧ,୮।୧୧(ସ୍ୱ.ପ୍ର)

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଗୌରିମାଳି ମହାରଣା ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାର କରି ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଦେଇଥିବା ବେଳେ ଅନ୍ୟ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସୂଚନା ଅନୁସାରେ, ଗତ ତା୧୪।୧।୧୪ ରିଖରେ କଣ୍ଟାମାଳ ଥାନା ଖମନମୁଣ୍ଡା ଗ୍ରାମର ଇଶ୍ୱର ନାଗ ସେହି ଗ୍ରାମର ଜଣେ ନାବାଳିକାକୁ ନିକଟସ୍ଥ ଜଙ୍ଗଲ ଲଙ୍କାଡୁଙ୍ଗୁରୀକୁ ଟେକି ନେଇ ବଳାତ୍କାର କରିଥିଲେ । କୁଳମଣି ଗହିର ଏସବୁ ଘଟଣାରେ ସହଯୋଗ କରିଥିବା ନେଇ ପିଡିତା ଜଣଙ୍କ ଉଭୟଙ୍କ ନାମରେ ଗତ ତା୨୭।୧।୧୮ରିଖରେ କଣ୍ଟାମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଘଟଣାରେ ପୋଲିସ ଏକ ମାମଲା (ନଂ. ୩/୧୪) ରୁଜୁ କରି ଇଶ୍ୱର ଓ କୁଳମଣିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରେ ଏହି ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ସ୍ପେଶାଲ ମାମଲା (ନଂ.୧୦/୧୪)ରେ ବିଚାର ହୋଇଥିଲା । ସରକାରଙ୍କ ପକ୍ଷରୁ ୧୧ ଜଣ ସାକ୍ଷୀ ଓ ଅଭିଯୁକ୍ତଙ୍କ ପକ୍ଷରୁ ୨ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ମହାରଣା ଗୁରୁବାର ଅଭିଯୁକ୍ତ ଇଶ୍ୱର ନାଗଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଥିବା ବେଳେ ଅଭିଯୁକ୍ତ କୁଳମଣି ଗହିରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ।

ମଣ୍ଡିରେ ପଡ଼ିଛି ୬୦ ହଜାରରୁ ଊର୍ଦ୍ଧ୍ୱ ଧାନବସ୍ତା

ଅତାବିରା, ୮।୧୧ (ଡି.ଏନ.ଏ)

ଅତାବିରା ଓ ଭେଡେନ ବ୍ଲକ ଅଞ୍ଚଳରେ ଖରିଫ ଧାନ ଅମଳ ଚାଲିଛି । ଗୁରୁବାର ମେଘୁଆ ପାଗ ଦେଖାଯିବାରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି । ଖରିଫ ଧାନ ଫସଲ ପ୍ରାୟତଃ ପାଚିଗଲାଣି । କେତେକ ଚାଷୀ ଧାନ ଅମଳ କରି ବିଭିନ୍ନ ମାର୍କେଟ ୟାର୍ଡଗୁଡିକୁ ବିକ୍ରି କରିବାକୁ ଆଣିଥିଲେ ମଧ୍ୟ ବିକ୍ରି ହୋଇ ନ ଥିବାରୁ ସେସବୁ ଖୋଲା ଆକାଶ ତଳେ ପଡିରହିଛି। ନଭେମ୍ବର ୫ ତାରିଖରୁ ମାର୍କେଟ ୟାର୍ଡ ଗୁଡିକ ଖୋଲିଥିଲେ ମଧ୍ୟ ଗୁରୁବାର ୪ଟା ସୁଦ୍ଧା ବସ୍ତାଟିଏ ଧାନ ବିକ୍ରି ହୋଇନାହିଁ। ଅତାବିରା ଆରଏମସି ଅଧୀନ ବିଭିନ୍ନ ମାର୍କେଟ ୟାର୍ଡ ଗୁଡିକରେ ୬୦ ହଜାରରୁ ଊର୍ଦ୍ଧ୍ୱ ଧାନବସ୍ତା ବିକ୍ରି ହୋଇ ନ ପାରି ପଡିରହିଥିବା ବେଳେ ଗୁରୁବାର ମେଘୁଆ ପାଗ ଯୋଗୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି ।

ବାର୍‌ହା ଖାଇଗଲେ ଧାନ ଫସଲ

ବରଗଡ଼ ଅଫିସ୍/ଭଟଲି,୮।୧୧

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କମଗାଁ ପଞ୍ଚାୟତ ଅଧୀନ ଜାମବାହାଲି ଅଞ୍ଚଳରେ ବାର୍‌ହା ଉପଦ୍ରବ ଦେଖାଯାଇଛି । ବୁଧବାର ରାତ୍ରିରେ ବାର୍‌ହାମାନେ ବାରପାହାଡ଼ ଜଙ୍ଗଲର ତଳି ଅଞ୍ଚଳରେ ଥିବା ଏହି ଗ୍ରାମର ମୁଗୁରୀ ମିର୍ଦ୍ଧା ଓ ଡୁଗୁରୀ ମିର୍ଦ୍ଧାଙ୍କ ଧାନ ଫସଲ ଖାଇଦେବା ସହିତ ଦଳିଚକଟି ନଷ୍ଟ କରି ଦେଇଛନ୍ତି । ଫଳରେ ଅଞ୍ଚଳରେ ପ୍ରାୟ ଅଢ଼େଇ ଏକ ଧାନ ଫସଲ ଧୂଳିସାତ୍ ହୋଇଯାଇଛି । ଖବର ପାଇ ଫରେଷ୍ଟର ଲୋକେଶ୍ୱର ଭୋଇ ଏବଂ ଫରେଷ୍ଟ ଗାର୍ଡ଼ କକୟା ବେସନ ଘଟଣାସ୍ଥଳକୁ ପହଞ୍ଚି କ୍ଷୟକ୍ଷତି ଅନୁଧାନ କରିଥିଲେ । ବାର୍‌ହା ଘଉଡ଼ାଇବାର ପ୍ରତିକାର କରା ନ ଗଲେ ଆଗକୁ ଆହୁରି ଫସଲକ୍ଷତି ହେବା ଆଶଙ୍କା ରହିଛି । ଏଥିପ୍ରତି ଦୃଷ୍ଟି ଦେଇ ବନ ବିଭାଗ ବିହିତ ପଦକ୍ଷେପ ନେବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି ।

ବନ କର୍ମଚାରୀମାନେ କ୍ଷତିଗ୍ରସ୍ତ ଫସଲ ବୁଲି ଦେଖୁଛନ୍ତି ।

ଭେଡେନରେ ଶହୀଦଙ୍କୁ ଦୀପଦାନ

ଭେଡ଼େନ, ୮।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଟେକ୍ନିଟିକ୍ରା ରାଷ୍ଟ୍ରୀୟ ସ୍ୱୟଂସେବକ ଶାଖା ତରଫରୁ ଦୀପାବଳି ପାଳିତ ହୋଇଛ । ଏହି ଦିନ ଭାରତର ବୀର ଶହୀଦମାନଙ୍କ ଫଟୋଚିତ୍ର ଆଗରେ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହାସହ ଭାରତ ମାନଚିତ୍ର ଆକାରରେ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଏଥିରେ ସୁଶେନ ଦେହେରୀ, ଅମିତାଭ ଦେହେରୀ, ଶଶି ଭୂଷଣ ପାଣିଗ୍ରାହୀ, ସୁରେନ୍ଦ୍ର ଦେହେରୀ, ଅମିତ ମହାପାତ୍ରଙ୍କ ସମେତ ବହୁ ସ୍ୱୟଂସେବୀ ଭାଗ ନେଇଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ନାବାଳିକା ବଳାତ୍କାର ମାମଲାରେ ୭ ବର୍ଷ କାରାଦଣ୍ଡାଦେଶ

ବୌଦ୍ଧ,୮।୧୧(ସ୍ୱ.ପ୍ର)

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଗୌରିମାଳି ମହାରଣା ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିବା ମାମଲାକୁ ବିଚାର କରି ଗୁରୁବା ଅଭିଯୁକ୍ତଙ୍କୁ ୭ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ସୂଚନା ଅନୁସାରେ, ବାଉଁଶୁଣୀ ଥାନା ଟିକିରାପଡା ଗ୍ରାମ ଲକ୍ଷ୍ମୀକାନ୍ତ ବେହେରା (୨୪) ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଗତ ୨୦୧୩ ଜୁଲାଇ ୧୪ ତାରିଖରେ ନେଇ ପଳାଇଥିଲେ ଏବଂ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ଅଲଗା ଜାତି ହୋଇଥିବାରୁ ଲକ୍ଷ୍ମୀକାନ୍ତ ପରିବାର ଲୋକେ ସେମାନଙ୍କ ବିବାହକୁ ବିରୋଧ କରିଆସୁଥିଲେ। ବାପା ମା'ଙ୍କ କଥାରେ ପଡି ଲକ୍ଷ୍ମୀକାନ୍ତ ବିବାହ ପାଇଁ ମନା କରି ଦନ୍ତାପାଲି ଠାରେ ନାବାଳିକାଙ୍କୁ ଛାଡି ପଳାଇଥିଲେ । ଏ ନେଇ ଗତ ତା୨୬।୧୧।୧୩ରିଖରେ ନାବାଳିକା ଜଣକ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଲକ୍ଷ୍ମୀକାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ବିଚାର ହୋଇଥିଲା। ସରକାରଙ୍କ ପକ୍ଷରୁ ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଗୌରିମାଳି ମହାରଣା ଗୁରୁବାର ଅଭିଯୁକ୍ତ ଲକ୍ଷ୍ମୀକାନ୍ତଙ୍କୁ ୭ ବର୍ଷ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି ।

କାଳୀପୂଜାରେ ବରପାଲି ଚଳଚଞ୍ଚଳ

ବରପାଲି, ୮।୧୧ (ଡି.ଏନ.ଏ)

ବରପାଲିଠାରେ ଚାଲିଥିବା କାଳୀପୂଜା ସୁବର୍ଣ୍ଣଜୟନ୍ତୀ ମହୋତ୍ସବର ଗୁରୁବାର ଥିଲା ତୃତୀୟ ଦିବସ । ଏହି ଉପଲକ୍ଷେ ସକାଳେ ପୂଜା ମଣ୍ଡପରେ ମାଁଙ୍କ ଚଣ୍ଡୀପାଠ ସହ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ରହିଥିଲା । ଏହି ଅବସରରେ ସନ୍ଧ୍ୟାରେ ସ୍ଥାନୀୟ ଗଙ୍ଗାଧର ବ୍ଲକ ପରିସରରେ ଆୟୋଜିତ ସାଂସ୍କୃତିକ ସମାରୋହରେ ବିଧାୟକ ପ୍ରଦୀପ ପୁରୋହିତ, ବିଧାୟିକା ରାଧାରାଣୀ ପଣ୍ଡା, ରାଜ୍ୟ ଭାଜପା ଉପସଭାପତି ଅଶ୍ୱିନୀ ଷଡଙ୍ଗୀ ଓ ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀ, ସୁଶାନ୍ତ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପୂଜା ମହୋତ୍ସବ ସଭାପତି ପରମାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ସାଂସ୍କୃତିକ ସମ୍ପାଦକ ବାଳକିଶୋର ଖାଡଙ୍ଗା ଏଥର ବିଶେଷ ଆକର୍ଷଣ ମାଁଙ୍କୁ ୫୬ ଭୋଗ ଅର୍ପଣ ଓ ମିନାବଜାର ବୋଲି ସୂଚନା ଦେଇଥିଲେ । ଅନ୍ୟପଟେ ଦର୍ଶକଙ୍କ ମନୋରଞ୍ଜନ ସକାଶେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ମେଲୋଡି ପରିବେଷଣ କରାଯାଇଥିଲା । ଏଥିକ୍ଷଣ ଶତ୍ରୁଘ୍ନ ଲୁହା, ଲିଲିମା ମହାନ୍ତି ଓ ସାଥିଙ୍କ ଗହଣରେ ପଦ୍ମିନୀ ଦୋରା ପ୍ରମୁଖ ଅତିଥି କଳାକାରଙ୍କ ନୃତ୍ୟଗୀତର ମାହୋଲ ଦର୍ଶକଙ୍କୁ ବିଭୋର କରିଥିଲା ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଳଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଉତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବା ବ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
ଜାଣିଲେ ନୁହେଁ ଦେଖାକଲେ ଜଷ୍ଟ ଦୂରଇବେ !
କାମ ନହେଲେ ପଇସା ଫେରନ୍ତ ! Time - 10 am to 6 pm
ମନଚାହାଁ ବିବାହ, ବ୍ୟବସାୟ, ସ୍ତ୍ରୀବଶ୍ୟ, ବିଦ୍ୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ଯୋଉଠରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ଦୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍

ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

ସଂକ୍ଷେପରେ

ଚୋରି ଅଭିଯୋଗ, ୨ ଗିରଫ

ପଦ୍ମପୁର, ୮।୧୧ (ଡି.ଏନ.ଏ): ମୋବାଇଲ ଓ ଟ୍ରାକ୍ଟର ବ୍ୟାଟେରି ଚୋରି ଅଭିଯୋଗରେ ପଦ୍ମପୁର ବ୍ଲକ ବୁଢେନ ଥାନା ପୋଲିସ ୨ଜଣଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଦର୍ଲିଗୁଡାର ସୁଦାମ ବରିହା ଓ ସୋନୁ ପ୍ରଧାନ। ଏମାନଙ୍କଠାରୁ ୧୮ଟି ମୋବାଇଲ ଓ ଗୋଟିଏ ଟ୍ରାକ୍ଟର ବ୍ୟାଟେରି ଉଦ୍ଧାର କରାଯାଇଛି । ସୂଚନାଯୋଗ୍ୟ, ଗତ ୨୯ତାରିଖ ରାତ୍ରିରେ ବୁଢେନ ଥାନା ଅନ୍ତର୍ଗତ ଦହିତା ଗ୍ରାମର ଗୋବିନ୍ଦ ମେହେରଙ୍କ ମୋବାଇଲ ଦୋକାନରୁ ପ୍ରାୟ ୫୦ଟି ମୋବାଇଲ ଫୋନ ଚୋରି ହୋଇଥିଲା। ସେହିପରି ଗତ ଅଗଷ୍ଟ ୧୩ରେ ଦର୍ଲିଗୁଡା ଗ୍ରାମରୁ ୩ଟି ଟ୍ରାକ୍ଟର ବ୍ୟାଟେରି ଚୋରି ହୋଇଥିବା ବୁଢେନ ଥାନାରେ ଅଭିଯୋଗ ହୋଇଥିଲା ।

ଗାଇସିଲେଟରେ ଲକ୍ଷ୍ମୀପୂଜା

ଗାଇସିଲେଟ,୮।୧୧(ଡି.ଏନ.ଏ): ଗାଇସିଲେଟ ଅଞ୍ଚଳରେ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି । ବସ୍‌ଷ୍ଟାଣ୍ଡ ମଣ୍ଡପରେ ସୁଜିତ କୁମାର ପୁରୋହିତ କର୍ତ୍ତା ଓ ପଣ୍ଡିତ ଲଳିତ କୁମାର ପଣ୍ଡା ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ । ଏଠାରେ ବୁଧବାର ବଲାଙ୍ଗୀର ଜିଲା କୁସମେଲ ଗ୍ରାମର ମହିଳା ଦଣ୍ଡନୃତ୍ୟ ପରିବେଷିତ ହୋଇଥିଲା । ଗୁରୁବାର ସମ୍ବଲପୁର ଭୁବନ ଅର୍କେଷ୍ଟ୍ରା ହୋଇଥିଲା। ସେହିପରି କଲଙ୍ଗାପାଲି ଶହୀଦ ଛକରେ ଝସକେତନ ସାହୁ କର୍ତ୍ତା ଓ ପଣ୍ଡିତ ସୁଦାମ ଚରଣ ପୁରୋହିତ ପୂଜକ ଥିଲେ। ବଲାଙ୍ଗୀର ଜିଲା ଲୋଇସିଂହାର ଓମ୍ ଶ୍ରୀ ଗଣନାଟ୍ୟ ପକ୍ଷରୁ ନାଟକ ପରିବେଷଣ କରାଯାଇଥିଲା । ବରଗଡ଼ ଜିଲା ବରପାଲି ବ୍ଲକର ବଡ଼ଗାଁର ମହିଳା ଦଣ୍ଡନୃତ୍ୟ ଅନୁଷ୍ଠିତ ହୋଇଥିଲା ।

ମୁଖ୍ୟ ଆକର୍ଷଣ କଂସ ଦରବାର

ଅତାବିରା, ୮।୧୧ (ଡି.ଏନ.ଏ): ଗିରି ଗୋବର୍ଦ୍ଧନ ପୂଜା ପାଇଁ ଅତାବିରା ବ୍ଲକ କାଦୋବାହାଲ ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି । ଏହା ଚଳିତବର୍ଷ ୮୬ତମ ବର୍ଷରେ ପଦାର୍ପଣ କରିଛି । ଏଥର ମୁଖ୍ୟ ଆକର୍ଷଣ ରହିଛି କଂସ ଦରବାର । କଳାକାର ହୃଷିକେଶ ଭୋଇ କାଦୋବାହାଲ ଗିରିଗୋବର୍ଦ୍ଧନ ପୂଜାରେ କଂସ ଭୂମିକାରେ ଅଭିନୟ କରୁଛନ୍ତି। ପରିଚାଳନା କମିଟି ସଭାପତି ସୁଶୀଲ ସିଂହାଣିଆ, ଉପସଭାପତି ଗୋପାଳ ଶର୍ମା, ସମ୍ପାଦକ ଟଙ୍କଧର ଶତପଥି, ଗିରିଧାରି ପ୍ରଧାନ, ସଞ୍ଜୀବ ମେହେର, ରଞ୍ଜନ ପାତ୍ର ପ୍ରମୁଖ ଗ୍ରାମବାସୀଙ୍କ ସହଯୋଗରେ ଏଠାରେ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଆସୁଛି । କୁଲିହାପଦର, ଗୁଡେଶିରା ଅପେରା, ଭଜନ, ସଂକୀର୍ତ୍ତନରେ କାଦୋବାହାଲ ଗାଁ ପ୍ରକମ୍ପିତ ହେଉଛି ।

ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ

ସୋହେଲା,୮।୧୧(ଡି.ଏନ.ଏ): ସୋହେଲା ବ୍ଲକ ଅଫିସରେ ଗୁରୁବାର ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପଞ୍ଚାୟତର ୮୮ଜଣ ବିଜୁ ପକ୍କାଘର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି । ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା । ବିଡିଓ ଅଶୋକ କୁମାର ଗଡତିଆ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅତୀଶ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

ପରମ୍ପରାଗତ କୃଷି ବିକାଶ ଯୋଜନାରେ ଅନିୟମିତତା ପ୍ରସଙ୍ଗ

ତଦନ୍ତ ପାଇଁ ଭିଜିଲାନ୍ସକୁ ଫେରାଦ

ବରଗଡ଼ ଅଫିସ୍,୮।୧୧

ଚାଷୀମାନେ ଭିଜିଲାନ୍ସ ଅଧିକାରୀଙ୍କୁ ଅଭିଯୋଗପତ୍ର ଦେଉଛନ୍ତି ।

ବରଗଡ଼ ଜିଲାରେ ପରମ୍ପରାଗତ କୃଷି ବିକାଶ ଯୋଜନା (ପିକେଭିୱାଇ) ବାଟବଣା ହୋଇ ପଡ଼ିଛି । ଏହି ଯୋଜନାରେ ଏଠାରେ ବ୍ୟାପକ ଅନିୟମିତତା ହୋଇଛି । ଜିଲାର ଚାଷୀମାନେ ଏଥିରେ ସାମିଲ ହୋଇଥିଲେ ମଧ୍ୟ ସେମାନଙ୍କ ପାଖକୁ ଆବଶ୍ୟକ ସୁବିଧା ସୁଯୋଗ ଅପହଞ୍ଚ ହୋଇ ପଡ଼ିଛି । ଫଳରେ ଏହି ଯୋଜନା ପାଇଁ ଜିଲାକୁ ଆସିଥିବା ସରକାରୀ ଅର୍ଥର ଦୁରୁପଯୋଗ କରାଯାଇଥିବା ଆଶଙ୍କା ସୃଷ୍ଟି ହୋଇଛି। ଗତ ସୋମବାର ବରଗଡ଼ ବ୍ଲକ ଅନ୍ତର୍ଗତ ବାରଗାଡ଼ ଗ୍ରାମର ୨ଟି କ୍ଲଷ୍ଟରର ଚାଷୀମାନେ ଏଭଳି ଅଭିଯୋଗ ନେଇ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀ ସେହି ଅଭିଯୋଗର ତଦନ୍ତ କରୁଥିବାବେଳେ ଏହି ଯୋଜନାରେ ସାମିଲ ହୋଇଥିବା ଜିଲାର ପଦ୍ମପୁର ଓ ପାଇକମାଳର ଅନ୍ୟ ୧୦ଟି କ୍ଲଷ୍ଟରର ଚାଷୀମାନେ ଗୁରୁବାର ଅନୁରୂପ ଅଭିଯୋଗ ଆଣି ଜିଲାପାଳ, କୃଷି ଉପନିର୍ଦ୍ଦେଶକ ଏବଂ ଭିଜିଲାନ୍ସ ଡିଏସ୍‌ପିଙ୍କୁ ଫେରାଦ ହୋଇଛନ୍ତି । ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ କୋଟି କୋଟି ଟଙ୍କାର ଯୋଜନାର ପରିଚାଳନା ଭାର ଏକ ଏନଜିଓ ହାତରେ ଲଦିଦେବା ଏବଂ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୃଷିବିଭାଗ ଚୂପ୍ ରହୁଥିବାରୁ ଏହି ଅନିୟମିତତାରେ ଉଭୟ ଏନ୍‌ଜିଓ ଏବଂ କେତେକ କୃଷି ଅଧିକାରୀଙ୍କ ଭୂମିକାକୁ ନେଇ ନାନା ସନ୍ଦେହ ଉପୁଜିଛି। ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଗାନ୍ଧୀଙ୍କୁ ପଚାରିବାରୁ ଉକ୍ତ ଯୋଜନା ପରିଚାଳନା ଦାୟିତ୍ୱ ଅଭ୍ୟୁଦୟ ନାମକ ଏକ ଏନଜିଓକୁ ଦିଆଯାଇଥିଲା । ସମ୍ପୃକ୍ତ ଏନଜିଓ ଠିକ୍ ଭାବେ କାମ କରୁନାହିଁ ବୋଲି ଚାଷୀ ଅସନ୍ତୋଷ ବଢୁଛି । ଫଳରେ ଉକ୍ତ ଯୋଜନାରୁ ସମ୍ପୃକ୍ତ ଏନଜିଓଙ୍କୁ ହଟାଇବା ପାଇଁ ସୁପାରିଶ କରି ସେ କୃଷି ନିର୍ଦ୍ଦେଶକଙ୍କୁ ଲେଖି ଜଣାଇବେ ଏବଂ ଗ୍ରାମ କମିଟି ଗଠନ କରି ସମ୍ପୃକ୍ତ ଗ୍ରାମ ଗୁଡ଼ିକରେ ପରମ୍ପରାଗତ କୃଷି ବିକାଶ ଯୋଜନା କାର୍ଯ୍ୟ ଜାରି ରହିବ ବୋଲି ଗାନ୍ଧୀ କହିଥିଲେ ।

କୃଷି ବିକାଶ ଯୋଜନାରେ ଗୋଟିଏ କ୍ଲଷ୍ଟରରେ ୫୦ଏକର ପର୍ଯ୍ୟନ୍ତ ଚାଷ କରାଯାଏ ଏବଂ ସେଥିରେ ସମ୍ପୃକ୍ତ ଜମିର ଚାଷୀମାନେ ସାମିଲ ହୁଅନ୍ତି । କ୍ରମାଗତ ୩ବର୍ଷ ସେହି ଯୋଜନାରେ ଚାଷ କରିବାର ପ୍ରାବଧାନ ରହିଥିବାବେଳେ ଚାଷୀଙ୍କ ପାଇଁ ଜିଆ ଟାଙ୍କି, କୃଷି ସାମଗ୍ରୀ, ପ୍ରଶିକ୍ଷଣ, ଏକ୍ସପୋଜର ଆଦି ପାଇଁ ସରକାରୀ ପ୍ରୋତ୍ସାହନ ବ୍ୟବସ୍ଥା ମଧ୍ୟ ରହିଛି । ତେବେ ଜିଲାର ଅନେକ ଚାଷୀ ଏଥିରେ ସାମିଲ ହୋଇଥିଲେ ସୁଦ୍ଧା ସେମାନଙ୍କୁ ସରକାରୀ ପ୍ରୋତ୍ସାହନରୁ ବଞ୍ଚିତ କରାଯାଇଛି । ଇତିମଧ୍ୟରେ ଏହି ଯୋଜନାରେ ଚାଷ କରିବାର ଦ୍ୱିତୀୟ ବର୍ଷ ବିତିଯାଇଥିଲେ ସୁଦ୍ଧା ସେମାନଙ୍କ ଆକାଉଣ୍ଟରେ ପ୍ରଥମ ବର୍ଷର ୩ହଜାର ଟଙ୍କା ଲେଖାଏଁ ଏଯାଏ ଜମା ହୋଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସେହିପରି ଜିଆ ଟାଙ୍କି, କୃଷି ଯନ୍ତ୍ରପାତି ପାଇଁ ଆସିଥିବା ଟଙ୍କା ମଧ୍ୟ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି । ଏହା ସହିତ କ୍ଲଷ୍ଟର ପିଛା ୩ଟି ଟ୍ରେନିଂକୁ କୃଷି ବିଭାଗ ୬୦ହଜାର ଟଙ୍କା ହିସାବରେ ସମ୍ପୃକ୍ତ ଏନଜିଓକୁ ଦେଇଥିବାବେଳେ ୧୫ରୁ ୨୦ହଜାର ଟଙ୍କା ଖର୍ଚ୍ଚ କରି ବଳକା ଟଙ୍କାରେ ଆଉ ଟ୍ରେନିଂ ଦିଆଯାଉ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଯେଉଁ ଏନଜିଓକୁ ଏହି ଯୋଜନାର ଦାୟିତ୍ୱ ଦିଆଯାଇଛି, ତାର ଅଫିସ୍ କେଉଁଠି ଅଛି, ସେ ସମ୍ପର୍କରେ ଏପର୍ଯ୍ୟନ୍ତ ଯୋଜନାରେ ସାମିଲ ଥିବା ଚାଷୀମାନେ ଜାଣି ପାରିନାହାନ୍ତି । ଏପରିକି ସେହି ଏନଜିଓ ନାମରେ ଏପର୍ଯ୍ୟନ୍ତ ଅଫିସ୍ ନ ଥିବା ଖୋଦ୍ ଜିଲା କୃଷି ଉପନିର୍ଦ୍ଦେଶକ ଗାନ୍ଧୀ କହିଛନ୍ତି। ଅନ୍ୟପଟେ ସମ୍ପୃକ୍ତ ଏନଜିଓ ରାଜିନାମା ପତ୍ରରେ ନିଜର ଯେଉଁ ଆକାଉଣ୍ଟ ନମ୍ବର ଦେଇଥିଲା, ସେଥିରେ ସମ୍ପୃକ୍ତ ଯୋଜନା ପାଇଁ ଉଦ୍ଦିଷ୍ଟ ଅର୍ଥ ଜମା ନ ହୋଇ ଅନ୍ୟ ଏକ ଆକାଉଣ୍ଟରେ ଜମା ହେଉଥିବା ନେଇ ଚର୍ଚ୍ଚା ଚାଲିଛି ଏବଂ ଏହା ଘଟଣାକୁ ଆହୁରି ରହସ୍ୟଜନକ କରି ପକାଇଛି। ଏଭଳି ଅଭିଯୋଗ ନେଇ ଅତିରିକ୍ତ ଜିଲାପାଳ ତପିରାମ ମାଝୀ ସେମାନଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରିବା ସହିତ ତଦନ୍ତ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଚାଷୀମାନେ ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଯାଇ ଡିଡିଏଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେବା ପରେ ସିଧାସଳଖ ବରଗଡ଼ ଦୁର୍ନୀତି ନିବାରଣ (ଭିଜିଲାନ୍ସ) ଅଫିସକୁ ଯାଇ ଅନିୟମିତତା ନେଇ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଡିଏସପି ବିରେନ୍ଦ୍ର କୁମାର ନାୟକଙ୍କ ଅନୁପସ୍ଥିତିରେ ଇନ୍ସପେକ୍ଟର ଅଭୟ କୁମାର ପ୍ରଧାନ ଅଭିଯୋଗପତ୍ର ଗ୍ରହଣ କରିଥିଲେ ।

ଜାଣ୍ଡୋଲ କାଳୀପୂଜା ଉତ୍ସବ

ମହିଷାସୁର ରାଜୁଡି ଆରମ୍ଭ

ଭେଡ଼େନ, ୮।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଜାଣ୍ଡୋଲ ଠାରେ ୪୩ ତମ କାଳୀପୂଜା ମହୋତ୍ସବ ଆରମ୍ଭ ହୋଇଛି। ଏହି ପୂଜାର ଅନ୍ୟତମ ଆକର୍ଷଣ ଗୁରୁବାର ସନ୍ଧ୍ୟାରେ ମହିଷାସୁର ରାଜଦରବାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବିଡ଼ିଓ ପୁରଲିଧର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମୁକ୍ତମଞ୍ଚ ଅଭିନୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଟିକାୟତ ଲାଲ ଭୋଇ, ଜୟନ୍ତ ଶତପଥି, ବିପିନ ମେହେର, ସଚିଦା ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏବେ ସମଗ୍ର ଜାଣ୍ଡୋଲ ଅଞ୍ଚଳ ପରିଣତ ହୋଇଛି ପୁରାଣ ବର୍ଣ୍ଣିତ ଜେନାବଳୀପୁରରେ । ଅନ୍ତର୍ଦ୍ଦାରେ ପ୍ରସିଦ୍ଧ ଅଭିନେତା ଗୋପାଳ ପଣ୍ଡା ମହିଷାସୁର ଭୂମିକାରେ ଅଭିନୟ କରୁଛନ୍ତି । ଗୁରବାର ନାଟ୍ୟାଭିନୟରେ ମହାରାଜ ପରୀକ୍ଷିତଙ୍କୁ ସର୍ପ ଦଂଶନ, ଶୁକମୁନିଙ୍କ ମାଁ ଦୁର୍ଗା ପ୍ରସଙ୍ଗ ବର୍ଣ୍ଣନା, ମେରୁ ପର୍ବତରେ ଦେବସଭା, ମହିଷାସୁର ଦ୍ୱାରା ମେରୁ ଗିରି ଭଗ୍ନ ଆଦି ଦୃଶ୍ୟ ଅଭିନୀତ ହୋଇଛି । ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଏହି ପୂଜା ଏବଂ ମହିଷାଦରବାର ଅନୁଷ୍ଠିତ ହେବ । ଏଥିରେ କର୍ତ୍ତା ଭାବେ ଥିବର ପାତ୍ର ଦାୟିତ୍ୱ ତୁଲାଉଥିବା ବେଳେ ପଣ୍ଡିତ ସମୀର ରଞ୍ଜନ ଶତପଥିଙ୍କ ନେତୃତ୍ୱରେ ପଣ୍ଡିତ ମଣ୍ଡଳୀ ଦେବୀ କାଳୀଙ୍କ ପୂଜାର୍ଚ୍ଚନା କରୁଛନ୍ତି । ଗତ ୬ ତାରିଖ ସନ୍ଧ୍ୟାରେ କଳସ ଆବାହନ ଓ ବିଲମ୍ବିତ ରାତ୍ରୀରେ ଦେବୀଙ୍କ ମୃଣ୍ମୟୀ ପ୍ରତିମାରେ ଜୀବନ୍ୟାସ ସହ ପୂଜାରମ୍ଭ ହୋଇ ପ୍ରତିଦିନ ଚଣ୍ଡୀପାଠ, ହୋମ, ଆଳତୀ ତଥା ପୁଷ୍ପାଞ୍ଜଳି ହେଉଛି। ଦୀପାବଳି ସନ୍ଧ୍ୟାରେ ପୁବାସିନୀ ମିଶ୍ରଙ୍କ ଦ୍ୱାରା ତୁଳସୀ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଥିଲା ।

ଅସହାୟ ବୃଦ୍ଧଙ୍କ ଶବସତ୍କାର କଲା ବିଜୁ ଯୁବ ବାହିନୀ

ସୋହେଲା,୮।୧୧(ଡି.ଏନ.ଏ)

ସୋହେଲା ବାଞ୍ଜିପଡାରେ ଜଣେ ଅସହାୟ ବୃଦ୍ଧ ମଙ୍ଗଲୁ ବର୍ଗେ(୭୫)ଙ୍କ ଶବକୁ ବିଜୁ ଯୁବ ବାହିନୀ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସତ୍କାର କରାଯାଇଛି। ମଙ୍ଗଲୁଙ୍କ ପରିବାର କହିଲେ ତାଙ୍କ ସ୍ତ୍ରୀ ମଲ୍ଲୀ ବର୍ଗେ । ତାଙ୍କର କେହି ପିଲା ଛୁଆ ନାହାନ୍ତି । ଜମିବାଡି କିଛି ନାହିଁ । ଖାଲି ଘର ଖଣ୍ଡିଏ ତାଙ୍କର ସାହାରା ଥିଲା। ସରକାରଙ୍କ ତରଫରୁ ଏକ ଇନ୍ଦିରା ଆବାସ ଘର ପାଇଥିଲେ। ତାହା ଏବେ ନିର୍ମାଣାଧୀନ ରହିଛି। ନିଜେ ପାଳନ କରିଥିବା ମେଣ୍ଢାକୁ ବିକ୍ରି କରି ମଲ୍ଲୀ ମଙ୍ଗଲୁଙ୍କ ଚିକିତ୍ସା କରିଥିଲେ। ହଠାତ ବୁଧବାର ସନ୍ଧ୍ୟାରେ ମଙ୍ଗଲୁଙ୍କ ଦେହାନ୍ତ ହୋଇଗଲା । ତାଙ୍କ ପରିବାର କେହି ନ ଥିବାରୁ ବିଜୁ ଯୁବ ବାହିନୀର କର୍ମକର୍ତ୍ତା ମଙ୍ଗଲୁଙ୍କ ଶବକୁ କାନ୍ଧ ଦେଇ ସାହୁଟିକିରା ସ୍ଥିତ ଚିପାଖାଲଠାରେ ସତ୍କାର କରିଥିଲେ। ସୋହେଲା ପଞ୍ଚାୟତର ବିଜୁ ଯୁବ ବାହିନୀ ସଭାପତି ହିରୋ ମାଝି, ସମ୍ପାଦକ ନିଲୁ ଝାଙ୍କରଙ୍କ ନେତୃତ୍ୱରେ ସୁଦେଶ ବାଗ, ଟିକୁ ବେହେରା, ସଂଜୟ ଝାଙ୍କର, ବୁଲୁ ନାଏକ, ଟିଙ୍କୁ ମାନେକ, ମନୋଜ ଗଡତିଆ, ବବୁନ ବେହେରା, ନିର୍ମଳ ରଣା, ବାବୁଲୁ ଝାଙ୍କର, ଦିନେଶ ପଟେଲ, ପପୁ ଭୋଇ, ଲବାରୁ ବେହେରା, ବାବୁଲୁ ସାହୁ, ସନ୍ତୋଷ ପୁନା ପ୍ରମୁଖ ଶବ ସତ୍କାର କରିଥିଲେ। ସରପଞ୍ଚ ଜୀତେନ ଭୋଇ, ଜୀବନ ଆଶା କ୍ଲବ ସଭାପତି କେଶବ ମାଝି ଓ ସମ୍ପାଦକ ଟିକୁ ବେହେରା ସହଯୋଗ କରିଥିଲେ ।

ବିଜୁ ଯୁବ ବାହିନୀ ସଦସ୍ୟମାନେ ବୃଦ୍ଧଙ୍କ ଶବକୁ କାନ୍ଧ ନେଇ ଶ୍ମଶାନକୁ ନେଉଛନ୍ତି ।

ରେଙ୍ଗାଲି କ୍ୟାମ୍ପରେ କାଳୀପୂଜା

ଜାମଟିକ୍ରା, ୮।୧୧ (ଡି.ଏନ.ଏ) ଅତାବିରା ବ୍ଲକ ଅନ୍ତର୍ଗତ ରେଙ୍ଗାଲିକ୍ୟାମ୍ପ କେନାଲ ଅଫିସ ପରିସରରେ ମାଁ କାଳୀଙ୍କ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ମଙ୍ଗଳବାର କଳସ ଶୋଭାଯାତ୍ରା ହୋଇଥିଲା । ନିକଟସ୍ଥ ବଡ କେନାଲରୁ ଗ୍ରାମର ମହିଳାମାନେ ପୂର୍ଣ୍ଣ ଜଳକଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଦୁଇ ଦିନ ପର୍ଯ୍ୟନ୍ତ ମାଁଙ୍କ ମଣ୍ଡପରେ ମହାଯଜ୍ଞ, ଚଣ୍ଡୀପାଠ, କୁଷ୍ମାଣ୍ଡ ବଳି ଆଦି ନୀତି ଅନୁସାରେ ପୂଜା ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ମାଁଙ୍କ ଦର୍ଶନ ପାଇଁ ରେଙ୍ଗାଲି କ୍ୟାମ୍ପ ସମେତ ବିଭିନ୍ନ ଅଞ୍ଚଳରୁ ଭକ୍ତଙ୍କ ସୁଅ ଛୁଟିଥିଲା । ପୂଜା କର୍ତ୍ତା ଭାବେ ରବିନ୍ଦ୍ର ସେଠୀ ଓ ନିର୍ମଳା ଦାୟିତ୍ୱ ତୁଲାଇଥିଲେ ।

ଗୋଡଭଗା କ୍ୟାମ୍ପରେ ଦୀପାବଳି ଉତ୍ସବ

ଅତାବିରା, ୮।୧୧ (ଡି.ଏନ.ଏ) ଅତାବିରା ବ୍ଲକ ଅଞ୍ଚଳରେ ବୁଧବାର ମହାସମାରୋହରେ ଆଲୋକର ପର୍ବ ଦୀପାବଳି ପାଳିତ ହୋଇଛି । ରାମ ମନ୍ଦିର ନିର୍ମାଣ କରିବା ପାଇଁ ଗୋଡଭଗା କ୍ୟାମ୍ପଠାରେ ଏକ ଦିୟା ରାମମନ୍ଦିର କେ ନାମ ଦୀପ ଜ୍ୱାଳି ଦୀପାବଳି ପାଳିତ ହୋଇଥିଲା । ଏହି ଅବସରରେ ମୁଖ୍ୟଅତିଥି ଭାବେ ଯଶୋବନ୍ତ ରଣବିଡା ଯୋଗ ଦେଇଥିଲେ । ଆୟୋଜକ ସୁଧୀର କୁମାର ବାରିକ, ସହଦେବ ରାଉତ, ବ୍ରିତେଶ ମିତ୍ତଲ, ସରୋଜ ପ୍ରଧାନ, ମୁନା ଗୁପ୍ତା, ବିଜୟ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ ।

ପ୍ରସିଦ୍ଧ ଜୁଗାର ଯାତ୍ରା ସମ୍ପନ୍ନ

ଘେଁସ,୮।୧୧(ଡି.ଏନ.ଏ)

ସୋହେଲା ବ୍ଲକ କୁଟିପାଲିଠାରେ ୩୪ତମ ଜୁଗାର ଯାତ୍ରା ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ଚଳିତ ବର୍ଷ ୭୦୦ରୁ ଊର୍ଦ୍ଧ୍ୱ ମାନସିକ ଜୁଗାର ସାମିଲ ହୋଇଥିଲା । ବହୁ ଦୂରଦୂରାନ୍ତରୁ ଆସି ଏକତ୍ରିତ ହୋଇଥିବା ଜୁଗାର ଗୁଡିକୁ ନେଇ ଅପରାହ୍ନରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ସନ୍ଧ୍ୟାରେ ମାଁଙ୍କ ଠାରେ ଅର୍ପଣ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଭଟଲି ବିଧାୟକ ତଥା ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ବିଧାୟକ ରଫିକ ମହମ୍ମଦ, ପୂର୍ବତନ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ପ୍ରଦତ୍ତ ମାନସିକ ଜୁଗାର ସ୍ଥାନ ପାଇଥିଲା । ଓଡିଶାର ବିଭିନ୍ନ ଜିଲା ସମେତ ପଡୋଶୀ ରାଜ୍ୟ ଛତିଶଗଡର ରାୟପୁର, ବାଙ୍ଗାଲୋର, ଦିଲ୍ଲୀ, ପୁଣେ, ବିଶାଖାପାଟଣା ଆଦି ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁଙ୍କ ଜୁଗାର ଶୋଭାଯାତ୍ରାରେ ସାମିଲ ହୋଇଥିଲା। ସେହିପରି ୨୧ଖଣ୍ଡି ଧାନର ଖଇରେ ପ୍ରସ୍ତୁତ ଭକ୍ତି ଯୁଗାର ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା। ଏହି ଶୋଭାଯାତ୍ରା ଗାଁରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ପାରମ୍ପରିକ କଳଙ୍ଗୀନାଚ, ନମଃଗୁରୁ, ଘଣ୍ଟବାଦ୍ୟ, ଦୁଲଦୁଲି, ଗୌରବାଡି ସମେତ ୨୮ଟି ଲୁପ୍ତପ୍ରାୟ ଲୋକନୃତ୍ୟ ଦଳ ଜୁଗାର ଯାତ୍ରାରେ ନିଜର କଳା ପ୍ରଦର୍ଶନ କରିଥିଲେ। ଶୋଭାଯାତ୍ରା ଆଗରେ ସ୍ୱର୍ଗତ ଶ୍ରୀବତ୍ସ ସାଙ୍କ ଘରୁ ବାହାରି ଥିବା ପାରମ୍ପରିକ ମୁଖ୍ୟ ଜୁଗାର ଶୋଭା ପାଇଥିଲା । ମହୋତ୍ସବରେ ବରଗଡ ଜିଲାପାଳ ଇନ୍ଦ୍ରମଣୀ ତ୍ରିପାଠୀ, ଭାଜପା ଯୁବନେତା ଶୁଶାନ୍ତ ମିଶ୍ର, ସୁବାଷ ଚୌହାନ ପ୍ରମୁଖ ଯୋଗ ଦେଇଥିଲେ ।

ପାରମ୍ପରିକ ମୁଖ୍ୟ ଭକ୍ତି ଜୁଗାରକୁ ଶୋଭାଯାତ୍ରାରେ ଅଣାଯାଉଛି ।

କାଳୀପୂଜାରେ ବିଜେପୁର ଉତ୍ସବ ମୁଖରିତ

ବିଜେପୁର, ୮।୧୧ (ଡି.ଏନ.ଏ)

ବରଗଡ଼ ଜିଲା ବିଜେପୁର ଏନଏସି ସଦର ମହକୁମା ସାର୍ବଜନୀନ ଶ୍ୟାମକାଳୀ ପୂଜା ମହୋତ୍ସବ ପାଇଁ ଉତ୍ସବ ମୁଖରିତ ହୋଇଉଠିଛି । ସୁଦୃଶ୍ୟ ତୋରଣ, ଚଣ୍ଡୀପାଠ,

ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ୍ୟ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ

ସଂକ୍ଷେପରେ

ବ୍ଲକସ୍ତରୀୟ ସଚେତନତା ଶିବିର

ସଂଘିଯୁବା, ୮।୧୧(ଡି.ଏନ୍.ଏ.): ସୁବର୍ଣପୁର ଜିଲା ବିନିକା ବ୍ଲକସ୍ତରୀୟ ସଚେତନତା ଏବଂ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ, ବ୍ଲକ ଅଧକ୍ଷ ଅଶୋକ ନନ୍ଦ, ତହସିଲଦାର ଅଲେଖ ଘୁଟା, ଏନ୍ଏସି ଉପଧକ୍ଷା ତପସ୍ୱିନୀ ମେହେର, ଗୋଷ୍ଠୀ ଚିକିତ୍ସା ଅଧିକାରୀ ପ୍ରକାଶ ପ୍ରଧାନ, ଅତିରିକ୍ତ ତହସିଲଦାର ରାକେଶ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଯୋଜନାଗୁଡିକର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ପ୍ରାୟ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ସମସ୍ତ ପଞ୍ଚାୟତର ଲୋକ ପ୍ରତିନିଧି ଉପସ୍ଥିତ ଥିଲେ । ସଭାରେ କୃଷି ବିଭାଗ, ମତ୍ସ୍ୟ ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗର ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଙ୍ଗିଳିତ ଜନପ୍ରତିନିଧିମାନଙ୍କୁ ସଚେତନ କରାଯାଇଥିଲା। ଏଥି ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଦ୍ୱାରା ହେଉଥିବା ବିଭିନ୍ନ ପ୍ରାମାଣିକ ପତ୍ର ଓ ତାହାର ସମୟ ଅବିଧିର ଯୋଜନା ସମ୍ପର୍କରେ ଅଧିକାରୀମାନେ ସୂଚନା ଦେଇଥିଲେ । ଏହି ସଭାରେ କୃଷି, ମତ୍ସ୍ୟ ଏବଂ ସ୍ୱାସ୍ଥ୍ୟ ବିଭାଗ ସୂଚାରୁ ରୂପେ ସରକାରୀ ଯୋଜନାଗୁଡିକର ସୂଚନା ରଖି ନ ପାରିବାରେ ତହସିଲଦାର ଏବଂ ବ୍ଲକ ଅଧକ୍ଷ ସମ୍ପୃକ୍ତ ବିଭାଗ ଅଧିକାରୀମାନଙ୍କୁ ତାଗିଦ୍ କରିଥିଲେ। ସଭାକୁ ଆସିବା ବେଳେ ସବିଶେଷ ବିବରଣୀ ଧରି ଆସିବା ପାଇଁ କହିଥିଲେ । ଶେଷରେ ବିନିକା ଅତିରିକ୍ତ ତହସିଲଦାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

ରକେଟ ନିଆଁରେ ଜଳିଗଲା ଘର

ବୀରମହାରାଜପୁର, ୮।୧୧ (ଡି.ଏନ.ଏ): ସୁରକ୍ଷିତ ଦୀପାବଳି ପାଳନ ପାଇଁ ପୋଲିସ ପ୍ରଶାସନର ସଚେତନତା କାର୍ଯ୍ୟକ୍ରମ ବିଶେଷ ପ୍ରଭାବ ପକାଇ ପାରିଲାନି । କଟଣା ଜାରି ସତ୍ତ୍ୱେ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ଉପଖଣ୍ଡ ବିଶେଷ କରି ଏହାର ସଦର ମହକୁମାରେ ମନଇଚ୍ଛା ବାଣ ଫୁଟିଲା। ତେବେ ସୌଭାଗ୍ୟବଶତଃ ଗୋଟିଏ ଘଟଣାକୁ ଛାଡି ଅନ୍ୟ କିଛି ଦୁର୍ଘଟଣା କିମ୍ବା ବଡ କ୍ଷୟକ୍ଷତିର ସୂଚନା ମିଳିନାହିଁ। ଯେଉଁ ଘଟଣାର ଖବର ଆସିଛି ତାହା ଘଟିଛି ବୀରମହାରାଜପୁର ଥାନାଠାରୁ ମାତ୍ର ୩ କିମି ଦୂର ଟିଠିପାଲି ଗାଁରେ। ବୁଧବାର ଅପରାହ୍ନରେ ପିଲାଏ ଗାଁ ଦାଣ୍ଡରେ ବାଣ ଫୁଟାଇ ମଜା ନେଇଥିବା ବେଳେ ନିଆଁ ଲାଗିଥିବା ଅବସ୍ଥାରେ ଏକ ରକେଟ ବାଣ ପାଖର ଏକ ନଡାଛପର ଘରେ ଲାଗି ଯାଇଥିଲା। ଚାହୁଁଚାହୁଁ ସେହି ଗ୍ରାମର ସୁରୁଧା ଅମାତ ନାମ୍ନି ବିଧବାଙ୍କ ସେହି ଘରଟି ଭସ୍ମୀଭୂତ ହୋଇଯାଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ଠିକଣା ସମୟରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ଫଳରେ ଭୟାବହ ଅଗ୍ନିକାଣ୍ଡ ମୁହଁରୁ ଗ୍ରାମବାସୀ ବର୍ତ୍ତିଯାଇଥିଲେ। କ୍ଷତିଗ୍ରସ୍ତ ପରିବାରକୁ ଆଶୁ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏଥର ଦୀପାବଳି ପାଳନ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପ୍ରଶାସନ ତରଫରୁ ଜନସଚେତନତା ସୃଷ୍ଟି ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଡାକବାଜି ଯନ୍ତ୍ର ସାହାଯ୍ୟରେ କଟକଣା ସମ୍ପର୍କରେ ପ୍ରଚାର ମଧ୍ୟ କରାଯାଇଥିଲା। କିନ୍ତୁ ଫେସ କାର୍ଯ୍ୟାନୁଷ୍ଠାନ ଅଭାବରୁ ରାସ୍ତାରେ ପିସିଆର ଭ୍ୟାନ ଘୁରୁଥିବା ସତ୍ତ୍ୱେ ସନ୍ଧ୍ୟାଠାରୁ ସକାଳ ପର୍ଯ୍ୟନ୍ତ ଅନବରତ ଉଚ୍ଚଶବ୍ଦକାରୀ ବାଣ ଫୋଟକା ଫୁଟି ଚାଲିଥିଲା।

ଛାତ୍ରୀଛାତ୍ରଙ୍କ ସୁରକ୍ଷା, ଜୀବନ କୌଶଳ ଶିକ୍ଷା ଉପରେ ଗୁରୁତ୍ୱ

ସୋନପୁର,୮।୧୧(ନି.ପ୍ର.)

ଆବାସିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନିରାପତ୍ତା, ସୁରକ୍ଷା ସମ୍ପର୍କିତ କର୍ମଶାଳାରେ ମଞ୍ଚାସୀନ ଅତିଥି ବୃନ୍ଦ ।

ସୁବର୍ଣ୍ଣପୁର ଜିଲାର ଆବାସିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନିରାପତ୍ତା, ସୁରକ୍ଷା ଓ ଜୀବନ କୌଶଳ ଶିକ୍ଷା ସମ୍ପର୍କିତ ଦିନିକିଆ କର୍ମଶାଳା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୟୁନାଇଟେଡ୍ ନ୍ୟାଶନାଲ ପପୁଲେଶନ ଫଣ୍ଡ ସହଯୋଗରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆୟୋଜନରେ ଏହି କର୍ମଶାଳା ହୋଇଥିଲା। ଏଥିରେ ଜିଲାର ୧୨ଟି ଆଶ୍ରମ ଓ ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶିକ୍ଷକ, ସହାୟିକା ଯୋଗଦେଇଥିଲେ। ଜିଲାପାଳ ମଧୁସୂଦନ ମିଶ୍ର କର୍ମଶାଳାରେ ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷକ ଓ ଛାତ୍ରାବାସ ପରିଚାଳକଙ୍କ ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। ଶିଶୁଙ୍କ ଯତ୍ନ ଠିକ୍ ଭାବେ ନେବା, ଖାଦ୍ୟର ମାନ ଠିକ୍ ରଖିବା, ମାଟ୍ରିକ୍ ଫରୀକ୍ଷା କରିବାକୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ସରକାରଙ୍କ ମୋ ସ୍କୁଲ ଅଭିଯାନକୁ ସଫଳ କରିବା ପାଇଁ ଚେଷ୍ଟା କରିବାକୁ କହିଥିଲେ। ଏପରିକି ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର କୋଚିଂ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସାଧନକର୍ମୀ ଡ. ଚୟନିକା ମିଶ୍ର ଯୋଗଦେଇ ସରକାରଙ୍କ ପ୍ରଦତ୍ତ ସୁରକ୍ଷା ଓ ନିରାପତ୍ତା ନିୟମାବଳୀ, ବିଦ୍ୟାଳୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ପ୍ରସ୍ତୁତ କରିବା ଓ ଛାତ୍ରୀମାନଙ୍କ ପ୍ରତି ହେଉଥିବା ଯୌନଶୋଷଣ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ପାଲାକା ରବିନ୍ଦ୍ରୋ, ସର୍ବଶିକ୍ଷା ଅଭିଯାନର ଡିପିସି ବେଣୁଧର ବେହେରା, ସମାଜ ମଙ୍ଗଳ ବିଭାଗର ପ୍ରୋଗ୍ରାମ ଅଫିସର ଅନିତା ଗୁରୁ ପ୍ରମୁଖ ଆବାସିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନିରାପତ୍ତା ଓ ସ୍ୱାସ୍ଥ୍ୟର ଯତ୍ନ ସମ୍ପର୍କରେ ବୁଝାଇଥିଲେ। ଜିଲା ମଙ୍ଗଳ ବିଭାଗର ସିତେଶ ପୂଜାହାରୀ, ଦିଲ୍ଲିପ ପାଣିଗ୍ରାହୀ, ବିଜୟ ପ୍ରଧାନ, ପ୍ରଦୀପ କୁମାର ଭୋଇ, ଭୁବନେଶ୍ୱର ସେଠ୍, ଭାଗିରଥି ମଲ୍ଲିକ ଓ ଯାଦବ ନାଗ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

ବେପରୁଆ ଡ୍ରାଇଭିଂ କାର୍ ଧକ୍କାରେ ଷଣ୍ଢ ମୃତ, ଦୋକାନ ଭାଙ୍ଗିଲା

ସୋନପୁର,୮।୧୧(ନି.ପ୍ର.)

ବେପରୁଆ ଡ୍ରାଇଭିଂ ପାଇଁ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ସହରର ନଳିନି ଛକଠାରେ ବୁଧବାର ରାତିରେ ଏଭଳି ବେପରୁଆ ଡ୍ରାଇଭିଂ ଯୋଗୁଁ ଏକ ଷଣ୍ଢର ମୃତ୍ୟୁ ହୋଇଛି । ମାରୁତି ସୁଇଫ୍ଟ ଡିଜାୟାର କାର ନଂ ଓଡି୧୫ଇ-୫୦୬୮ ନଳିନି ଛକ ରାସ୍ତା ପାର୍ଶ୍ୱରେ ଥିବା ଷଣ୍ଢକୁ ଧକ୍କା ଦେବା ପରେ ମ୍ୟୁନିସିପାଲିଟି ଷ୍ଟଲ ଆଡକୁ ମାଡି ଯାଇଥିଲା । ତେବେ ରାତିରେ ଦୋକାନ ବନ୍ଦ ଥିବାରୁ କାହାରି ଜୀବନହାନୀ ହୋଇନାହିଁ। କିନ୍ତୁ ୩ଟି ଦୋକାନର ବାହାରକୁ ଥିବା ଟିଣ ଘର ଭାଙ୍ଗି ଚୁରି ଯାଇଛି। ସୋନପୁର ପୋଲିସ କାର ଜବତ କରି ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ଡ୍ରାଇଭର ଫେରାର ଥିବା ତଦନ୍ତକାରୀ ଅଧିକାରୀ ଏକାଦୋଶିଆ ପଧାନ ସୂଚନା ଦେଇଛନ୍ତି।

ଗିରି ଗୋବର୍ଦ୍ଧନ ପୂଜା ମହୋତ୍ସବ ସମ୍ପନ୍ନ

ବୀରମହାରାଜପୁର, ୮।୧୧ (ଡି.ଏନ.ଏ)

ବିପୁଳ ଜନସମାଗମ ତଥା ଭକ୍ତିମୟ ପରିବେଶ ମଧ୍ୟରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବଡଖମାରସ୍ଥିତ ବରାହପଦର ମଠାରେ ଅଞ୍ଚଳର ପ୍ରସିଦ୍ଧ ଗିରିଗୋବର୍ଦ୍ଧନ ପୂଜା ମହୋତ୍ସବ ସମ୍ପନ୍ନ ହୋଇଯାଇଛି। ମନୋରମ ପ୍ରାକୃତିକ ପରିବେଶ ଭିତରେ ଅବସ୍ଥିତ ଏହି ମଠରେ ଦିବାନିଶି ନାମଯଜ୍ଞ ହୋଇ ଆସୁଥିବା ବେଳେ ଦୀପାବଳିର ପରଦିନ ଗିରିଗୋବର୍ଦ୍ଧନ ପୂଜାର ପରମ୍ପରା ରହି ଆସିଛି । ଏବର୍ଷ ଅନୁକୂଳ ପାଗ ସାଙ୍ଗକୁ ଯାତ୍ରା ପଡିଆରେ ମୀନାବଜାର ଏବଂ ଭଲିକି ଭଳି ଦୋକାନ ବଜାର ପସରା ମେଲିଥିବାରୁ ଲୋକ ଭିଡ ଖୁବ୍ ଜମିଥିଲା। ପିଲାଙ୍କଠାରୁ ବୁଢିବୁଢା ଯାଏଁ ସଭିଏଁ ଭକ୍ତ ଆଧ୍ୟାତ୍ମିକ ସମାରୋହରେ ମଜା ନେଇଥିବା ଦେଖିବାକୁ ମିଳିଥିଲା। ବଡଖମାର ଭଳି ବାଗବର, ସୁନାରୀବେର୍ଣ୍ଣ, ଚନ୍ଦଲି, ଟିଠିପାଲି ଓ ରଙ୍ଗାମୁଣ୍ଡା ସ୍ଥିତ ମଠମାନଙ୍କରେ ମଧ୍ୟ ଗିରିଗୋବର୍ଦ୍ଧନ ପୂଜନୋତ୍ସବ ଶାନ୍ତି ଶୃଙ୍ଖଳାର ସହିତ ପାଳିତ ହୋଇଥିବାର ଖବର ମିଳିଛି। ସବୁ ସ୍ଥାନରେ ଭକ୍ତ ତଥା ପର୍ଯ୍ୟଟକମାନଙ୍କ ସକାଶେ ସାମୂହିକ ଅନ୍ନପ୍ରସାଦସେବନର ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି ।

■ ମୌଳିକ ସୁବିଧାରୁ ବଞ୍ଚିତ ପହଣ୍ଡି ଗାଁ

ବିଡିଓଙ୍କୁ ଫେରାଦ ହେଲେ ଗ୍ରାମବାସୀ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବିଡିଓଙ୍କୁ ଫେରାଦ ହେବାକୁ ଆସିଥିବା ପହଣ୍ଡି ଗ୍ରାମବାସୀ।

ଡୁଙ୍ଗୁରିପାଲି, ୮।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ପଞ୍ଚାୟତ ଅନ୍ତର୍ଗତ ୫ୱାର୍ଡ ବିଶିଷ୍ଟ ପହଣ୍ଡି ଗ୍ରାମବାସୀ ଗୁରୁବାର ବିଭିନ୍ନ ସମସ୍ୟା ନେଇ ବିଡିଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସେମାନେ ଅଭିଯୋଗ କରିଥିଲେ ଯେ, ଗ୍ରାମର ୮୦ପ୍ରତିଶତ ଲୋକ ନଳକୂଅ ଉପରେ ନିର୍ଭର କରୁଥିବା ବେଳେ ଦୀର୍ଘ ୧୫ ଦିନ ହେଲା ତାହା ଅଚଳ ଅବସ୍ଥାରେ ରହିଛି । ଗ୍ରାମରେ ଉଠା ଜଳସେଚନ ମାଧ୍ୟମରେ ଜଳଯୋଗାଣ କରିବା ପାଇଁ ଜଣେ ଠିକାଦାରଙ୍କୁ ଦିଆଯାଇଥିବା ବେଳେ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ । ପହଣ୍ଡି ଗ୍ରାମରୁ ପଞ୍ଚାୟତ ଅଫିସର ଦୂରତା ୨ କିମି ଥିବା ବେଳେ ରାସ୍ତା ଶୋଚନୀୟ ହୋଇ ପଡିଥିବାରୁ ଲୋକେ ଦିଗସିରା ମୁଖ୍ୟ ରାସ୍ତାରେ ୪କିମି ବୁଲି କରି ଯିବାକୁ ପଡୁଛି। ଏଣୁ ପହଣ୍ଡି ଗ୍ରାମରେ ଖାଉଟି ସାମଗ୍ରୀ ଓ ଭତ୍ତା ପ୍ରଦାନ କରାଯାଉ। ଗ୍ରାମ ପୋଖରୀଗୁଡିକରୁ ବାର୍ଷିକ ଲକ୍ଷାଧିକ ଟଙ୍କା ନିଲାମରୁ ପଞ୍ଚାୟତକୁ ଆସୁଥିବା ବେଳେ ଉକ୍ତ ପୋଖରୀ ମରାମତି ପାଇଁ କୌଣସି ପଦକ୍ଷେପ ପଞ୍ଚାୟତ କର୍ତ୍ତୃପକ୍ଷ ନେଉ ନାହାନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା ହେଉଛି। ଏ ସବୁର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡିଓ ସହଦେବ ସମଧିଆଙ୍କୁ ସେମାନେ ଦାବିପତ୍ର ପ୍ରଦାନ କରିଛନ୍ତି । ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କରିବୁ ବୋଲି ୱାର୍ଡସଭ୍ୟ ସନୁ ପଧାନ, ବିଦ୍ୟା ତାଣ୍ଡି, ଲଳିତ ପଧାନଙ୍କ ସମେତ ପ୍ରେମାନନ୍ଦ ଡାଙ୍ଗ, ମିଲୁ ବାରିକ,ଶିବଶଙ୍କର ବାରିକ, ସିଂହାସନ କର୍ଣ୍ଣ, ଥବିର ସେଠି, ସୁଭାଗିନୀ ବାରିକ, ଗୋବିନ୍ଦ ପଧାନ, ଅଶୋକ ପଧାନ, ଡାକ୍ତର ପୁଟେଲ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି । ଏ ନେଇ ବିଡିଓ ସମାଧିଆଙ୍କୁ ପଚାରିବାରୁ ପହଣ୍ଡି ଗ୍ରାମବାସୀ ସେମାନଙ୍କର ମୌଳିକ ସୁବିଧା ଯେପରି ଶୀଘ୍ର ପାଇ ପାରିବେ ତାହାର ପ୍ରତ୍ୟକ୍ଷ ତଦନ୍ତ କରି ପଦକ୍ଷେପ ନେବି ବୋଲି କହିଥିଲେ ।

ଲକ୍ଷ୍ମୀନାରାୟଣ ଯୁବକ ସଂଘର ଦୀପାବଳି ମହୋତ୍ସବ

ସଂକୀର୍ତ୍ତନ ସମାରୋହରେ ଜମିଲା ଗ୍ରାମୀଣ ପରିବେଶ

ବୀରମହାରାଜପୁର, ୮।୧୧ (ଡି.ଏନ.ଏ.)

ବୈଠକରେ ମଞ୍ଚାସୀନ ଅତିଥି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥର ପଞ୍ଚାୟତ ଅଧିନ ନୂଆଁପାଲିସ୍ଥିତ ଭଳିଆପଦର ଲକ୍ଷ୍ମୀନାରାୟଣ ଯୁବକ ସଂଘ ଆନୁକୂଲ୍ୟରେ ବୁଧବାର ଏକାଦଶତମ ଦୀପାବଳି ମହୋତ୍ସବ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭିନ୍ନଭିନ୍ନ ପାରମ୍ପରିକ ସାଂସ୍କୃତିକ ବିଭବକୁ ନେଇ ଗ୍ରାମୀଣ ପରିବେଶକୁ ସରଗରମ କରି ଆସିଥିବା ଏହି ଯୁବକ ସଂଘ ଏଥର ଭେଟି ଦେଇଥିଲା ସଂକୀର୍ତ୍ତନ ବୈଠକ। ଏଥିରେ ପଧାନପାଲି, ମେଣ୍ଢାମାଳ, ହରିଣାପାଲି, ପୁଲେଶ୍ୱର, ଜୟପୁର, ଜମ୍ବାଲିପାଲି, କୁଞ୍ଜାପାଲି, ସାଗଜୁରୀ, ପୁଲେଶ୍ୱର(ଖ) ଏବଂ କୋଟସମଲାଇ ଆଦି ୧୦ଟି ଗ୍ରାମର ସଂକୀର୍ତ୍ତନ ବୈଠକୀ ଦଳ ଅଂଶଗ୍ରହଣ କରିଥିଲେ। କ୍ରମାନ୍ୱୟରେ ସବୁଦିନ ଦଳ ସନ୍ଧ୍ୟାଠାରୁ ପାହାନ୍ତ ପ୍ରହର ଯାଏଁ ନିଜ ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଏହି ଉପଲକ୍ଷେ ପ୍ରାରମ୍ଭରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଶିକ୍ଷାବିତ ଧ୍ରୁବଚରଣ ପ୍ରଧାନ ପୌରୋହିତ୍ୟ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଅକ୍ରୁର ହୋତା। ଏଥିରେ ପଶ୍ଚିମ ଓଡିଶା ସଂକୀର୍ତ୍ତନ୍ୟ ପରିଷଦ ସୁବର୍ଣ୍ଣପୁର ଜିଲା ଶାଖାର ଉପଦେଷ୍ଟା ରାଧେଶ୍ୟାମ ପଣ୍ଡା ମୁଖ୍ୟଅତିଥି ଏବଂ ପରିଷଦର ଉପସଭାପତି ପ୍ରମୋଦ ପୂର୍ଣ୍ଣାନନ୍ଦ ଦାସ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସେହିପରି ସାମାଜିକ କର୍ମୀ ଯୁଗଳ କିଶୋର ମିଶ୍ର, ପଶ୍ଚିମ ଓଡିଶା ସଂକୀର୍ତ୍ତନ୍ୟ ପରିଷଦର ସମ୍ପାଦକ ଦାଶରଥୀ ହୋତା ଓ ସଂଯୋଜକ ତୁଷାର ରଞ୍ଜନ ବାରିକ ଏବଂ ସପ୍ତଦୀପା ସାହିତ୍ୟ ସଂସଦର ସଭାପତି ଦ୍ୱିତାକୁଷ୍ଠ ପଣ୍ଡା ବିଶିଷ୍ଟ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ସମସ୍ତ ସଂକୀର୍ତ୍ତନ୍ୟ ମଣ୍ଡଳୀର ଗାୟକ ଓ ବାୟକମାନଙ୍କୁ ମାତପତ୍ର ଦେଇ ସମ୍ମାନୀତ କରାଯାଇଥିଲା ।

କୁନ୍ଦୁରୁ କୁଶଳଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀରେ ବକ୍ତାଙ୍କ ମତ

ଜିଲା ଗଠନରେ ଥିଲା ଗୁରୁତ୍ୱପୂର୍ଣ୍ଣ ଭୂମିକା

ସୋନପୁର,୮।୧୧(ନି.ପ୍ର.)

ଜନ୍ମମାଟିକୁ ଖୁବ୍ ଭଲ ପାଉଥିଲେ ପ୍ରାକ୍ତନ ବିଧାୟକ ସ୍ୱର୍ଗତ କୁନ୍ଦୁରୁ କୁଶଳ। ନୂତନ ଜିଲା ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସୋନପୁରକୁ ସୁବର୍ଣ୍ଣପୁର ଭାବେ ଗଢି ତୋଳିବା ତାଙ୍କର ସ୍ୱପ୍ନ ଥିଲା। ଗୁରୁବାର ସ୍ୱର୍ଗତ କୁଶଳଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ସକଳେ ନେତୃବୃନ୍ଦ ଓ ବିଶିଷ୍ଟ ବ୍ୟକ୍ତିମାନେ କୁଞ୍ଜ ଛକଠାରେ ଥିବା ପ୍ରାକ୍ତନ ବିଧାୟକ କୁଶଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍ୱର୍ଗତ କୁଶଳଙ୍କ ସାନଭାଇ ପ୍ରାକ୍ତନ ଓପିଡିସି ଅଧକ୍ଷ ଅଭିମନ୍ୟୁ କୁଶଳ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ନାଟ୍ୟଶ୍ରୀ ଗଦାଧର ବାରିକ୍, ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ, ନୀଳାମ୍ବର ଶତପଥୀ, ଲକ୍ଷ୍ମୀନାରାୟଣ ମେହେର, ଲଡୁକିଶୋର ମଲ୍ଲିକ, ମାନଭଞ୍ଜନ ବେଦ୍‌ବାକ, ହରିଶଙ୍କର ପଣ୍ଡା, ସନ୍ତୋଷ ମିଶ୍ର, ମନୋରଞ୍ଜନ ତ୍ରିପାଠୀ, ଚତୁରା ପୂଜାହାରୀ, ଦିଲ୍ଲିପ ପାତ୍ର ଓ ସଞ୍ଜୟ ସାହୁ ପ୍ରମୁଖ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଓ ଶିକ୍ଷାବିତ୍ ଉପସ୍ଥିତ ଥିଲେ।

କୁନ୍ଦୁରୁ କୁଶଳଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି ।

ଟାଉନ କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା

ସୋନପୁର,୮।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଛାତ୍ର କଂଗ୍ରେସ କମିଟିର ପ୍ରାକ୍ତନ ସଭାପତି ତଥା ଯୁବ ନେତା ସୁଧୀର କୁମାର ପଣ୍ଡାଙ୍କୁ ସୋନପୁର ଟାଉନ କଂଗ୍ରେସ କମିଟି ସଭାପତି ଭାବେ ନୂତନ ନିଯୁକ୍ତି ମିଳିଛି। ଏହି ପରିପ୍ରେକ୍ଷିରେ ସୁଧୀରଙ୍କୁ ସମ୍ବର୍ଦ୍ଧନା ସକାଶେ ଗୁରୁବାର ଟାଉନ ହଲଠାରେ ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକ୍ତନ ବିଧାୟକ ତଥା ପିସିସି ସାଧାରଣ ସମ୍ପାଦକ ବିନୋଦ ପାତ୍ର, ବରିଷ୍ଠ ନେତା ସର୍ବେଶ୍ୱର ପୁରୋହିତ ଓ ପିସିସି ସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ ଯୋଗଦେଇ ସୁଧୀରଙ୍କ ନେତୃତ୍ୱରେ ସହରରେ କଂଗ୍ରେସ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହେବ ବୋଲି ଆଶାପ୍ରକାଶ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ପଣ୍ଡା କହିଥିଲେ ଯେ, ପ୍ରତ୍ୟେକ ୱାର୍ଡରେ କଂଗ୍ରେସକୁ ଶକ୍ତିଶାଳୀ କରିବାକୁ ଉଦ୍ୟମ କରିବେ। ମ୍ୟୁନିସିପାଲିଟିର ସ୍ଥାଣୁତା ଓ ଅପାରଗତାକୁ ନେଇ ଖୁବଶୀଘ୍ର ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଘୋଷଣା କରିଥିଲେ। ଶ୍ୟାମା ଓଁ ପ୍ରସାଦ ମିଶ୍ର ସଭା ସଂଯୋଜନା କରିଥିଲେ। ରାଜେନ୍ଦ୍

"ଯେଉଁ ଲୋକ ଗୁଡ଼ାଏ କାମ ହାତକୁ ନିଏ, ସେ ଭଲଭାବରେ କୌଣସିଟିକୁ କରିପାରେ ନାହିଁ।
- ଆର. ଡବ୍ଲ୍ୟୁ. ଇମର୍‌ସନ

ବଲାଙ୍ଗୀର ବାଇପାସ୍‌କୁ କେନ୍ଦ୍ର ମଞ୍ଜୁରୀ ମିଳିବା ପ୍ରସଙ୍ଗ

ଆରମ୍ଭ ହେଲା ଶ୍ରେୟ ଲଢ଼େଇ

ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ (ବାମ)। ବଲାଙ୍ଗୀର ଆକ୍ସନ କମିଟି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମଳନୀ।

ବଲାଙ୍ଗୀର ଅଫିସ, ୮।୧୧

- ଆକ୍ସନ କମିଟି, ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ
- କଂଗ୍ରେସ, ବିଜେଡି ପକ୍ଷରୁ ସୋସିଆଲ ମିଡିଆରେ ପ୍ରଚାର

ବଲାଙ୍ଗୀର ସଦ୍ଭ ଭୀମଭୋଇ ମେଡିକାଲ କଲେଜ ଉଦ୍‌ଘାଟନ ହେବା ପରେ ତିନି ପ୍ରମୁଖ ରାଜନୈତିକ ଦଳ ଭିତରେ ଏହାର ଶ୍ରେୟ ନେବାକୁ ଏକ ପ୍ରକାର ତୀବ୍ର ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଏବେ ବଲାଙ୍ଗୀରର ବହୁପ୍ରତୀକ୍ଷିତ ବାଇପାସ୍ ରାସ୍ତାକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ମିଳିବା ପରେ ତିନି ପ୍ରମୁଖ ଦଳ ଓ ସ୍ୱେଚ୍ଛାସେବୀ ସଂଗଠନଙ୍କ ମଧ୍ୟରେ ପୁଣି ଥରେ ଶ୍ରେୟ ନେବାକୁ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି । ବାଇପାସ୍ ରାସ୍ତାକୁ ଅନୁମୋଦନ ମିଳିବା ପରେ ଗୁରୁବାର ବଲାଙ୍ଗୀର ଆକ୍ସନ କମିଟି ଓ ଭାଜପା ଦଳ ପକ୍ଷରୁ ପୃଥକ୍ ଖବରଦାତା ସମ୍ମିଳନୀ ଡକାଯାଇ ପ୍ରକଳ୍ପ ଅନୁମୋଦନରେ କିଭଳି ସେମାନଙ୍କ ଭୂମିକା ରହିଥିଲା ତାହା ବର୍ଣ୍ଣନା କରିଥିଲେ ।

ଗୁରୁବାର ସକାଳେ ଆକ୍ସନ କମିଟି ପକ୍ଷରୁ ଲାଲଟିକ୍ରାସ୍ଥିତ ଡାକବଙ୍ଗଳାରେ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିଲା । ଏଠାରେ ଆକ୍ସନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀ, ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀ, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ, ସାମାଜିକ କର୍ମୀ ବିକ୍ରମାନନ୍ଦ ବହିଦାର, ଆକ୍ସନ କମିଟି ସଦସ୍ୟ ସନ୍ତୋଷ ସାହୁ ଉପସ୍ଥିତ ଥିଲେ । ବଲାଙ୍ଗୀର ବାଇପାସ୍ ପାଇଁ ଦୀର୍ଘବର୍ଷ ଧରି ଆକ୍ସନ କମିଟି ଆନ୍ଦୋଳନ କରିଥିଲା ଓ ଶେଷରେ ଏହାର ସୁଫଳ ମିଳିଛି ବୋଲି କମିଟି ଆବାହକ ପାଣିଗ୍ରାହୀ ସୂଚନା ଦେଇଥିଲେ । ଗତ ଜୁନ୍ ମାସରେ ବଲାଙ୍ଗୀର ବାଇପାସ୍ ରାସ୍ତା ସଂକ୍ରାନ୍ତରେ ଭୁବନେଶ୍ୱରଠାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା ହୋଇଥିଲା ଓ ଉକ୍ତ ଆଲୋଚନାରେ ବାଇପାସ୍ ରାସ୍ତା ଯଥାଶୀଘ୍ର ଅନୁମୋଦନ ନେଇ ବିଭାଗୀୟ ମନ୍ତ୍ରୀ ନିତିନ ଗଡକରିଙ୍କୁ ଅନୁରୋଧ କରିବେ ବୋଲି କହିଥିଲେ । ଏଦିଗରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଉଦ୍ୟମ ଯୋଗୁଁ ଅନୁମୋଦନ ମିଳିଥିବାରୁ ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ, ସଡକ ପରିବହନ ମନ୍ତ୍ରୀ ଗଡକରିଙ୍କୁ କମିଟି ତରଫରୁ ଧନ୍ୟବାଦ ଜଣାଯାଇଥିଲା । ପୃଥ୍ୱୀରାଜ ହାଇସ୍କୁଲ ଠାରେ ତିଆରି ହେବାକୁ ଥିବା ଗେଲ୍ ଇଣ୍ଡିଆର ଷ୍ଟାଡିୟମ ପାଇଁ ଜମି ଯୋଗାଇ ଦିଆଯାଉ ନ ଥିବାରୁ କମିଟି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇ ସ୍ଥାନୀୟ ଏମପି ଓ ଏମ୍‌ଏଲଏଙ୍କୁ ଘୋର ସମାଲୋଚନା କରାଯାଇଥିଲା ।

ଅପରାହ୍ଣରେ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ବାଇପାସ୍ ରାସ୍ତା ଅନୁମୋଦନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ପ୍ରଧାନ, ସଡକ ପରିବହନ ମନ୍ତ୍ରୀ ଗଡକରି ଓ ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓଙ୍କୁ ଧନ୍ୟବାଦ ଜଣାଯାଇଥିଲା । ଏହି ବାଇପାସ୍ ରାସ୍ତାର ଶ୍ରେୟ କେବଳ ଭାଜପାର ବୋଲି ଦାବି କରାଯାଇ ଏଥିରେ ରାଜ୍ୟ ସରକାର ଓ ସ୍ଥାନୀୟ ଏମପି ଓ ବିଧାୟକଙ୍କର କୌଣସି ଭୂମିକା ନାହିଁ ବୋଲି କୁହାଯାଇଥିଲା । ଯଦି ଏମାନଙ୍କ କିଛିବି ଭୂମିକା ଥାଆନ୍ତା ତାହେଲେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓ ଗେଲ ଇଣ୍ଡିଆ ଅଧିକାରୀଙ୍କ ବାରମ୍ବାର ଉଦ୍ୟମ ସତ୍ତ୍ୱେ ପୃଥ୍ୱୀରାଜ ହାଇସ୍କୁଲରେ ନିର୍ମାଣ ହେବାକୁ ଥିବା ଷ୍ଟାଡିୟମ ପାଇଁ କାହିଁକି ଜମି ଯୋଗାଇ ଦିଆଯାଉନାହିଁ ବୋଲି ଭାଜପା ନେତାମାନେ ପ୍ରଶ୍ନ କରିଥିଲେ । ରାଜନୀତି କରିବା ପାଇଁ ସ୍ଥାନୀୟ ଏମପି, ବିଧାୟକ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ଓ ଏଥିଯୋଗୁଁ ବଲାଙ୍ଗୀରରେ ଏକ ବିକାଶମୂଳକ ପ୍ରକଳ୍ପ ଅଟକି ରହିଛି ବୋଲି ସେମାନେ ଅଭିଯୋଗ କରିଥିଲେ । ଏହି ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଭକ୍ତବନ୍ଧୁ ନାଏକ, ଜିଲା ପ୍ରବକ୍ତା ପ୍ରଭାସ ପାଣିଗ୍ରାହୀ, ବରିଷ୍ଠ ନେତା ଡା ବାସୁଦେବ ପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପଙ୍କଜିନୀ ପଣ୍ଡା, ଯୁବନେତା ଅନନ୍ତ ଦାଶ ଓ କାଉନସିଲର ପୀତାମ୍ବର ଖମାରୀ ଉପସ୍ଥିତ ଥିଲେ ।

ବଲାଙ୍ଗୀର ବାଇପାସ୍ ରାସ୍ତା ଅନୁମୋଦନ ପରେ କଂଗ୍ରେସ ଓ ବିଜେଡି ମଧ୍ୟ ସୋସିଆଲ ମିଡିଆରେ ତାଙ୍କର ପ୍ରଚାର ଅଭିଯାନ ଚଳାଇଛନ୍ତି। ବାଇପାସ ରାସ୍ତା ସଂକ୍ରାନ୍ତରେ ଅନେକ ଥର ବିଧାନସଭାରେ ଆଲୋଚନା କରିବା ପରେ ଗତ ଅଗଷ୍ଟ ୧୦ତାରିଖରେ ଏହି ପ୍ରସଙ୍ଗରେ ପବ୍ଲିକ୍ ଆକାଉଣ୍ଟସ୍ କମିଟି (ପିଏସି)ରେ ସ୍ଥାନୀୟ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଆଲୋଚନା କରିଥିଲେ । ସେଠାରେ ବିଭାଗୀୟ ଅଧିକାରୀମାନେ ବାଇପାସ୍ ରାସ୍ତା ଅନୁମୋଦନ ପାଇଁ ୬ ମାସ ସମୟ ମାଗିଥିଲେ । ଏହାପରେ ଏବେ ଅନୁମୋଦନ ମିଳିଥିବା ଉଲ୍ଲେଖ କରାଯାଇ କଂଗ୍ରେସ ଶ୍ରେୟ ନେବାକୁ ଚେଷ୍ଟା କରିଛି । ସେହିପରି ବିଜେଡିର ବଲାଙ୍ଗୀର ଏମପି କଲିକେଶ ନାରାୟଣ ସିଂଦେଓ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ଗଡକରିଙ୍କୁ ଭେଟି ସ୍ମାରକପତ୍ର ଦେଇଥିବା ଏକ ଫଟୋ ସହ କିଛି ଚିଠିର ନକଲ ଛାଡି ଶ୍ରେୟ ନେବାକୁ ଚେଷ୍ଟା କରିଛନ୍ତି । ଆଗକୁ ନିର୍ବାଚନ ଆସୁଥିବାରୁ ତିନି ପ୍ରମୁଖ ଦଳ ଏବେ ବିଭିନ୍ନ ପ୍ରକଳ୍ପକୁ ନେଇ ଶ୍ରେୟ ନେବାରେ ବ୍ୟସ୍ତ ହୋଇପଡିଥିବା ଦେଖାଯାଉଛି ।

ଖେକେର୍ଲି ଡୁଙ୍ଗରୀରେ ଗିରିଗୋବର୍ଦ୍ଧନ ପୂଜା

ଲୋଇସିଂହା, ୮।୧୧(ଡି.ଏନ.ଏ.)

ଲୋଇସିଂହା ବ୍ଲକ ଛେଲବାହଲ ଗ୍ରାମର ଖେକେର୍ଲି ଡୁଙ୍ଗରୀରେ ପ୍ରଥମ ବର୍ଷ ଗିରିଗୋବର୍ଦ୍ଧନ ପୂଜା ଗୁରୁବାର ଆରମ୍ଭ ହୋଇଛି । ପ୍ରଥମ ବର୍ଷ ପୂଜାକୁ ନେଇ ଅଞ୍ଚଳରେ ଉତ୍ସୁକତା ପରିଲକ୍ଷିତ ଦେଖିବାକୁ ମିଳିଛି। ଲୋଇସିଂହା ବ୍ଲକ ଛେଲବାହାଲ, ଆଗଲାପାଲି ଓ ପଡୋଶୀ ସୁବର୍ଣ୍ଣପୁର ଜିଲା କୁମୁଣ୍ଡେ ଗ୍ରାମର ମିଳିତ ଆନୁକୂଲ୍ୟରେ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହେଉଛି। ପୂଜା ଅବସରରେ ଅଷ୍ଟ ପ୍ରହର ନାମଯଜ୍ଞ ଓ ରାମାୟଣ ପାରାୟଣ ଅନୁଷ୍ଠିତ ହେଉଛି। ନାମଯଜ୍ଞରେ କୁନୁ ମିଶ୍ର ପୂଜାର୍ଚ୍ଚନା, ଘନ ମିଶ୍ର, ଦଳଗଞ୍ଜନ ଦାସ ଯପକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏଠାରେ ପରକାଶ ମହାକୁର ଓ ଭାଗ୍ୟସେନୀ ମହାକୁର ଯଜ୍ଞ କର୍ତ୍ତାକର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ରାଣା ନାୟକ ତୁଳସୀ ରାମାୟଣ ପାରାୟଣ କରୁଛନ୍ତି । ରାମାୟଣ ପାରାୟଣ ଓ ଗିରିଗୋବର୍ଦ୍ଧନ ଦର୍ଶନ ପାଇଁ ଶହଶହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଗିରିଗୋବର୍ଦ୍ଧନ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପୂଜାରେ ହେମସାଗର ନନ୍ଦ, ଅଶୋକ କୁମାର ପୂଜାରୀ, ହେମାଳ ମେଶ୍ରା ଅତିଥି ଭାବେ ଯୋଗଦେଇଥିଲେ। ପୂଜାକମିଟି ସଭାପତି କେଶବ ପଣ୍ଡା, ଉପସଭାପତି ସୁନା ବାରିକ, ରାଜେନ୍ଦ୍ର ଦୀପ, ସନ୍ତୋଷ ନନ୍ଦ, ଶଙ୍କର ନନ୍ଦ, ରାଜକିଶୋର ବାରିକ, ଜୟଲାଲ ପଧାନ, ଶତ୍ରୁଘ୍ନ ଧରୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।

କୋସଲ ସମନ୍ୱୟ ସମିତିର ବୈଠକ

ଲୋଇସିଂହା,୮।୧୧(ଡି.ଏନ.ଏ)

ବୈଠକରେ ଉପସ୍ଥିତ କୋସଲ ସମନ୍ୱୟ ସମିତି କର୍ମକର୍ତ୍ତା।

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଆଦିବାସୀ ଭବନଠାରେ କୋସଲ ସମନ୍ୱୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କୋସଲ ରାଜ୍ୟ ସଂଯୋଜକ ସବ୍ୟସାଚୀ ପୂଜାରୀ ଅଧ୍ୟକ୍ଷତା କରି ମିଶନ ୮୮ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠିତ ବୈଠକରେ ନେତ୍ରୀ ରଞ୍ଜୁ ରାୟମନ, ଡୋଲାମଣୀ ପଧାନ, ବୌଦ୍ଧର ନିତିନ ପ୍ରଧାନ, ଆଗଲପୁର କେୱାସିସି ସଭାପତି ସୂର୍ଯ୍ୟ ସ୍ୱାଇଁ, ଶ୍ୟାମସୁନ୍ଦର ଭୋଇ ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର କୋସଲ ରାଜ୍ୟ ଗଠନର ଅବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। କମିଟି ଗଠନ ସକାଶେ ଅବଶ୍ୟକ ସଂଖ୍ୟକ ସଦସ୍ୟ ଉପସ୍ଥିତ ନଥିବାରୁ କମିଟି ଗଠନ ହୋଇ ପାରି ନ ଥିଲା । ପରବର୍ତ୍ତୀ ବୈଠକ ପରିଚାଳନା ପାଇଁ ନିତ୍ୟାନନ୍ଦ ଜୁଏଡଙ୍କୁ ସଂଯୋଜକ ମନୋନୀତ କରାଯାଇଥିଲା । ବୈଠକ ଶେଷରେ ନନ୍ଥୁ ଖାନ ଧନ୍ୟବାଦ ଅର୍ପଣ କରିଥିଲେ ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା, ପ୍ଲଟ୍ ନଂ: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର
ଶାଖା ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୨୧, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩
ଶାଖା ଇ-ମେଲ : sbi.05174@sbi.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିଜ୍ଞପ୍ତି ରୁଲ୍ ୮ (୬) ଦ୍ରଷ୍ଟବ୍ୟ

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସିକ୍ୟୁରିଟି (ଏନ୍‌ଫୋର୍ସମେଣ୍ଟ) ରୁଲ ୨୦୦୨ର ସର୍ତ୍ତ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସର୍ବସାଧାରଣ, ରଣଗ୍ରହୀତା ଏବଂ ଜାମିନଦାରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ରଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ଦର୍ଶିତ ସମ୍ପତ୍ତିଗୁଡିକୁ "ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ଯାହା କିଛି ସେଠାରେ ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ତା୧୦.୧୨.୨୦୧୮ରିଖରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି । ଯାହାକି ନିମ୍ନରେ ପ୍ରଦତ୍ତ ।

କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୦୫.୧୨.୨୦୧୮ରିଖ ଅପରାହ୍ଣ ୪.୦୦ ଘଟିକା ପର୍ଯ୍ୟନ୍ତ

ଇ-ନିଲାମ ତାରିଖ ଏବଂ ସମୟ: ତା.୧୦.୧୨.୨୦୧୮ରିଖ ପୂର୍ବାହ୍ଣ ୧୧.୦୦ଘଟିକା ରୁ ଅପରାହ୍ଣ ୩.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୫ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

କ୍ର. ନଂ.	ରଣଗ୍ରହୀତାମାନଙ୍କ / ଜାମିନଦାରମାନଙ୍କ ନାମ ଏବଂ ଠିକଣା	ସମ୍ପତ୍ତି ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ	ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତି ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ	ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ
୧.	**ରଣଗ୍ରହୀତା: ଶ୍ରୀ ପ୍ରୟାସ କାନ୍ତି ସାମଲ,** ପିତା: ଶ୍ରୀ ପ୍ରଦୀପ ସାମଲ, ପ୍ଲଟ ନଂ.: ଏ/୬୦, ପଲାସପଲ୍ଲୀ ଡୁପ୍ଲେକ୍ସ, ପୋ.: ଏରୋଡ୍ରମ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୨୦, **ବିକଳ୍ପ ଠିକଣା:** ପ୍ଲଟ ନଂ.: ଏ/୫୬, ପଲାସପଲ୍ଲୀ ଡୁପ୍ଲେକ୍ସ, ପୋ.: ଏରୋଡ୍ରମ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୨୦ ।	**ଶ୍ରୀ ପ୍ରୟାସ କାନ୍ତି ସାମଲ,** ପିତା: ଶ୍ରୀ ପ୍ରଦୀପ ସାମଲଙ୍କ ନାମରେ ଥିବା ଏକ ୩ ବିଏଚ୍‌କେ ଫ୍ଲାଟର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଟିଆ, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ହାଲ୍ ଥାନା: ଚନ୍ଦ୍ରଶେଖରପୁର, ଥାନା ନଂ.: ୨୨, ଜିଲ୍ଲା ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୩୫, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଖାତା ନଂ.: ୬୬, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୧୦ ଡିସିମିଲି ଏବଂ ଖାତା ନଂ.: ୫୬, ପ୍ଲଟ ନଂ.: ୫୭୫, କ୍ଷେତ୍ର: ଏକର ୦.୦୫୬ଡିସିମିଲି (ଏକର୦.୦୮୬ଡିସିମିଲିରୁ), କିସମ: ଘରବାରି	୧୯.୧୧.୨୦୧୬ ସୁଦ୍ଧା ଟ.୪୭,୬୩,୭୩୭/- + ୨୦.୧୧.୨୦୧୬ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୧୯.୧୧.୨୦୧୬	ଟ.୪୧,୩୫,୦୦୦/- / ଟ.୪,୧୩,୫୦୦/- / ଟ.୧୦,୦୦୦/-
୨.	**ରଣଗ୍ରହୀତା: ଶ୍ରୀ ବ୍ରଜହରି ଦାସ ଏବଂ ଶ୍ରୀମତୀ ଆଲୋକ ରେଖା ଦାସ,** ଉଭୟଙ୍କ ଠିକଣା : ସା : ବି-୧୯୩/୧୧, ସେକ୍ଟୋର-୦୨, ନାଲକୋ ମାଇନ୍, ଦାମନଜୋଡି, କୋରାପୁଟ - ୭୬୩୦୦୮	**ଶ୍ରୀ ବ୍ରଜହରି ଦାସ ଏବଂ ଶ୍ରୀମତୀ ଆଲୋକ ରେଖା ଦାସଙ୍କ** ଜମି ଓ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଟିଆ, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ହାଲ୍ ଥାନା: ଚନ୍ଦ୍ରଶେଖରପୁର, ଥାନା ନଂ.: ୨୨, ଡିଏସଆରଓ : ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୬୬, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୧୦ ଡିସିମିଲି, ଖାତା ନଂ.: ୧୩୫, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଖାତା ନଂ.: ୫୬, ପ୍ଲଟ ନଂ.: ୫୭୫, କ୍ଷେତ୍ର: ଏକର ୦.୧୮୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୫୯୦ ଡିସିମିଲି,** କିସମ: ଘରବାଡି, ଯେଉଁଥିରୁ ଆନୁପାତିକ ଅବିଭକ୍ତ ଅବିଭାଜ୍ୟ ଜମିର ଅଂଶ ଏକର ୦.୦୦୧.୫୮ ଡିସିମିଲି ସହିତ ''ତ୍ରିଷା ଅରବିନ୍ଦ'' ପଟିଆରେ ଥିବା ଗୃହ ଯାହାର ଫ୍ଲାଟ୍ ନଂ.: ୨୧୦, ଟାଇପ୍-ଜେ, ଦ୍ୱିତୀୟ ମହଲା, ଶୀ ବିଏଚ୍‌କେ, ସୁପର ବିଲ୍ଟ ଅପ୍ ଏରିଆ: ୧୬୭୦ ବର୍ଗଫୁଟ ହସ୍ତାନ୍ତର କରାଯାଇଅଛି ।	୦୫.୦୬.୨୦୧୭ ସୁଦ୍ଧା ଟ.୩୭,୯୯,୭୧୯/- + ୦୬.୦୬.୨୦୧୭ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୦୬.୦୬.୨୦୧୭	ଟ.୪୧,୭୫,୦୦୦/- / ଟ.୪,୧୭,୫୦୦/- / ଟ.୧୦,୦୦୦/-
୩.	**ରଣଗ୍ରହୀତା: ମେସର୍ସ ଏସ୍.ଏସ୍. ଫୁଡ୍ସ, ସ୍ୱତ୍ୱାଧିକାରୀ : ଶ୍ରୀମତୀ ରଶ୍ମୀ ପ୍ରଧାନ,** ସ୍ୱାମୀ : ଶ୍ରୀ ସତ୍ୟ ଗୋପାଳ ଧିର୍‌ବିଶୋଇ, ସା : ନୂଆପାଟଣା, ବାରହରେକୃଷ୍ଣପୁର, ପୁରୀ, ଜିଲ୍ଲା : ପୁରୀ, **ବାସସ୍ଥାନ ଠିକଣା :** ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ପୁରୀ, ଜିଲ୍ଲା : ପୁରୀ / **ଜାମିନଦାରମାନେ : ୧) ଶ୍ରୀମତୀ ସନ୍ଧ୍ୟା ଧିର୍‌ବିଶୋଇ,** ସ୍ୱାମୀ : ଶ୍ୟାମଗୋପାଳ ଧିର୍‌ବିଶୋଇ, ସା : ସର୍ବୋଦୟ ନଗର, ପୁରୀ, ଓଡିଶା, **୨) ଶ୍ରୀ ରବିନାରାୟଣ ପ୍ରଧାନ**	**ଶ୍ରୀମତୀ ରଶ୍ମୀ ପ୍ରଧାନ ଏବଂ ଶ୍ରୀମତୀ ସନ୍ଧ୍ୟା ଧିର୍‌ବିଶୋଇଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବାଲୁଖଣ୍ଡ-୧୫୧, ତହସିଲ : ପୁରୀ, ଥାନା : ପୁରୀ ସଦର, ଜିଲ୍ଲା : ପୁରୀ, ମ୍ୟୁଟେଟେଡ୍ ଖାତା ନଂ.: ୫୨୧/୩୧୩୧, ମ୍ୟୁଟେଟେଡ୍ ପ୍ଲଟ୍ ନଂ.: ୯୭୨/୮୦୧୮, କ୍ଷେତ୍ର : ଏକର୦.୦୫୮ଡିସିମିଲି, କିସମ : ଘରବାରୀ	୧୩.୧୨.୨୦୧୭ ସୁଦ୍ଧା ଟ.୪୩,୨୯,୦୫୯/- + ୧୪.୧୨.୨୦୧୭ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୧୯.୧୨.୨୦୧୭	ଟ.୨୦,୩୮,୦୦୦/- / ଟ.୨,୦୩,୮୦୦/- / ଟ.୧୦,୦୦୦/-

ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ୦୩.୧୨.୨୦୧୮ ପୂର୍ବାହ୍ଣ ୧୧.୦୦ ଘଟିକା

ନିଲାମର ନିୟମ ଓ ସର୍ତ୍ତାବଳି ନିମନ୍ତେ ଭାରତୀୟ ଷ୍ଟେଟ ବ୍ୟାଙ୍କର **website i.e https://sbi.auctiontiger.net** ରେ ଦେଖିପାରିବେ ।

ତାରିଖ :୦୮.୧୧.୨୦୧୮
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ: sbi.10027@sbi.co.in

ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍

ଆମକୁ ପାପ କାର୍ଯ୍ୟ କରିବାରେ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।

- ଶଙ୍କରାଚାର୍ଯ୍ୟ

ସଂକ୍ଷେପରେ

ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ୍‌ର ଜନ ସଂକଳ୍ପ ଯାତ୍ରା

ଭବାନୀପାଟଣା/ଜୁନାଗଡ,୮।୧୧ (ଡି.ଏନ.ଏ./ସ୍ୱ.ପ୍ର.)
ନେତାଜୀ ସୁଭାସ ଚନ୍ଦ୍ର ବୋଷଙ୍କ ଦ୍ୱାରା ୨୧ ଅକ୍ଟୋବର ୧୯୪୩ରେ ଗଠିତ ଆଜାଦ ହିନ୍ଦ ସରକାର ଗଠନର ୭୫ ବର୍ଷ ପୂର୍ତ୍ତି ଅବସରରେ ସୁଭାସ ଚନ୍ଦ୍ର ବୋଷ ଦ୍ୱାରା ଗଠିତ ରାଜନୈତିକ ଦଳ ଫରୱାର୍ଡ ବ୍ଲକ ରାଜ୍ୟ ବ୍ୟାପୀ ଜନ ସଂକଳ୍ପ ଯାତ୍ରା ଆରମ୍ଭ କରିଛି। ଗତ ୨୧ ତାରିଖରୁ ଭୁବନେଶ୍ୱରରୁ ବାହାରି ଥିବା ଯାତ୍ରା ଗତ ମଙ୍ଗଳବାର ସନ୍ଧ୍ୟାରେ କଳାହାଣ୍ଡି ଜିଲାରେ ପହଞ୍ଚିଛି। ଜିଲାର କେସିଙ୍ଗା, ପାଣ୍ଡିକୁଡିଠାରେ ସଂକଳ୍ପ ଯାତ୍ରାର ବିଭିନ୍ନ ସଭା ସାରି ସନ୍ଧ୍ୟାରେ ଭବାନୀପାଟଣା ସହରରେ ପହଞ୍ଚିଥିଲା । ସହର କଲେଜ ଛକ, ମାଣିକେଶ୍ୱରୀ ଛକ, ନୂଆବସଷ୍ଟାଣ୍ଡଠାରେ ନେତାଜୀଙ୍କ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଉଦ୍‌ବୋଧନ ଦେଇଥିଲେ । ରାଜ୍ୟ କମିଟି ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ କୃଷକ ନେତା ଅନିରୁଦ୍ଧ ମଲ୍ଲିକ, ଯୁବନେତା ଭଗବାନ ସେଠୀ, ଭଗବନା କୁମାର, ନାରାୟଣ ଦାସ, ଧନଞ୍ଜୟ କୁମାର ପ୍ରମୁଖ ଉଦବୋଧନ ଦେଇ ନେତାଜୀଙ୍କ ଆଦର୍ଶ, ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଇଁ ବୈପ୍ଳବିକ ପ୍ରେରଣାର ଉତ୍ସ ଥିଲା ବୋଲି ଉଦବୋଧନ ଦେଇଥିଲେ । ଏହି ଯାତ୍ରା ବୁଧବାର ଜୁନାଗଡଠାରେ ପହଞ୍ଚିବା ପରେ ସହରରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାରା ବିଶ୍ୱକୁ ନେତୃତ୍ୱ ଦେଇ ପାରୁଥିବା ଓ ଦଳମତ ନିର୍ବିଶେଷରେ ସମସ୍ତଙ୍କ ନେତା ବୋଲି ନିଜକୁ ଗଢ଼ି ତୋଳିଥିବା ନେତାଜୀଙ୍କ ଜନ୍ମଭୂମିରେ ନେତାଜୀଙ୍କ ଆଦର୍ଶ ପ୍ରଚାର ପାଇଁ ଏକ ବିକଳ୍ପ ରାଜନୈତିକ ଦଳ ଗଢ଼ି ତୋଳିବା ପାଇଁ ଏହି ଅଭିଯାନ ବୋଲି ଯାତ୍ରାର ନେତୃତ୍ୱ ନେଇଥିବା ଫରୱାର୍ଡ ବ୍ଲକ ରାଜ୍ୟ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ନେତା ଭଗବାନ ସେଠୀ, ଚାଷୀ ନେତା ଅନିରୁଦ୍ଧ ମଲ୍ଲିକ, ନାରାୟଣ ଦାସ, ଭଗବାନ କମାର, ଜନର୍ଦ୍ଦନ୍ୟ ପଲାଇ ପ୍ରମୁଖ ଉଦବୋଧନ ଦେଇଥିଲେ । ଜୁନାଗଡର ଭିମା ମହାନ୍ତି, ଉପେନ୍ଦ୍ର କୁଣ୍ଡୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଯାତ୍ରା ବେଳେ ନଭେମ୍ବର ୨୦ ତାରିଖରେ ପୁରାଠାରେ ଉଦଯାପିତ ହେବ ।

ମାସ୍କଟ ଓଲିକୁ କୋକସରାଠାରେ ସ୍ୱାଗତ କରାଯାଉଛି।

ଜିଲାସ୍ତରୀୟ ହୋସଲା–୨୦୧୮ କାର୍ଯ୍ୟକ୍ରମ

ଭବାନୀପାଟଣା,୮।୧୧ (ଡି.ଏନ.ଏ.)
ଭବାନୀପାଟଣା ରିଜର୍ଭ ପୋଲିସ ପଡିଆଠାରେ କଳାହାଣ୍ଡି ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲାସ୍ତରୀୟ ହୋସଲା–୨୦୧୮ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ରାଜେଶ ନାୟକ, ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର ନିରଞ୍ଜନ ମିଶ୍ର, ସୁଧାଶୁ କୁମାର ନନ୍ଦ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ଜିଲାରେ ୧୨ଟି ଶିଶୁ ଯତ୍ନ ଅନୁଷ୍ଠାନ ଶତାଧିକ ଅନ୍ତେବାସୀ ଅଂଶ ଗ୍ରହଣ କରିଥିଲେ । ବାଳକ ବାଳିକାମାନଙ୍କ ମଧ୍ୟରେ ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ଫୁଟ୍‌ବଲ, ଚେସ୍, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବାଳକବାଳିକା ଆସନ୍ତା ୧୧ ଓ ୧୨ ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ହୋସଲା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

ରୁପେନ ଗାଁରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା

ଗାଁରେ ପହଞ୍ଚିଲା ସ୍ୱାସ୍ଥ୍ୟ ଟିମ୍

ଭବାନୀପାଟଣା,୮।୧୧ (ଡି.ଏନ.ଏ.)
କଳାହାଣ୍ଡି ଜିଲା ଥୁଆମୂଳରାମପୁର ବ୍ଲକ ରୁପେନ ଗାଁରେ ଝାଡାବାନ୍ତିରେ ଗତ ୧୦ ଦିନ ମଧ୍ୟରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ଗାଁରେ ନିର୍ବାଚିତ ପ୍ରତିନିଧି ଓ ସ୍ୱାସ୍ଥ୍ୟ ଟିମ ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି। ଗାଁରେ ଗୁରୁତର ଆକ୍ରାନ୍ତ ୪ ଜଣ ସୁର୍ଯ୍ୟ ମାଝି (୭), ମାନ୍ଦାରାଣୀ ମାଝି (୩୦), ତିଲଦେଇ ମାଝି (୬୫), ସାନଦେଇ ମାଝି(୨୭)ଙ୍କୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସିଲେଟ ପଞ୍ଚାୟତ ରୁପେନ ଗାଁ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଯାତୟାତ ପାଇଁ ପାଦରେ ଚାଲି ଯିବାକୁ ପଡୁଛି। ଗତବର୍ଷ ବନ୍ୟାରେ ଯୋଗାଯୋଗ ସମ୍ପୂର୍ଣ ଧୋଇଯାଇଛି । ଦୁଷିତ ପାଣି ବ୍ୟବହାର ତଥା ଅଖାଦ୍ୟ ଗ୍ରହଣ ଝାଡାବାନ୍ତି କାରଣ ବୋଲି ଡାକ୍ତରୀ ଟିମ କହୁଥିବା ବେଳେ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ପ୍ରଶାସନ ଲୋକଙ୍କ ନିକଟରେ ପହଞ୍ଚି ପାରୁ ନ ଥିବା ବେଳେ ସାଧାରଣ ଲୋକ ସ୍ୱାସ୍ଥ୍ୟ ସେବାରୁ ମଧ୍ୟ ବଞ୍ଚିତ ରହୁଛନ୍ତି। ଥୁଆମୂଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡ.ଅଭିନାଶ ରଥ ପ୍ରକାଶ କରିଛନ୍ତି ଯେ, ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଖବର ଠିକ୍ ସମୟରେ ପହଞ୍ଚିପାରୁ ନ ଥିବାରୁ ଚିକିତ୍ସା ସୁବିଧା ଯୋଗାଇବାରେ ବିଳମ୍ବ ହେଉଛି । ଖବର ପାଇବା ମାତ୍ରେ ଯେ କୌଣସି ପ୍ରକାରେ ପହଞ୍ଚି ଚିକିତ୍ସା ସୁବିଧା ଯୋଗାଇଛୁ। ଝାଡାବାନ୍ତିରେ ୩ ଜଣଙ୍କ ମୃତ୍ୟୁ ଖବର ପରେ ଗାଁକୁ ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝି ମଧ୍ୟ ପହଞ୍ଚିଛନ୍ତି। ପ୍ରଶାସନ ମଧ୍ୟ ତତ୍ପରତା ଦେଖାଇଛି । ପୁଣି ଥରେ ଗାଁକୁ ସଂଯୋଗ କରିବାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଗାଁକୁ ଆନ୍ତର୍ଭୁକ୍ତ କରାଯାଇଥିବା ବିଧାୟକ ସୂଚନା ଦେଇଛନ୍ତି । ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝି କହିଛନ୍ତି ଯେ, ସ୍ୱାଧୀନତା ଦୀର୍ଘ ବର୍ଷ ପରେ ବି ଉପାନ୍ତ ଅଞ୍ଚଳରେ ଝାଡାବାନ୍ତିରେ ୧୦ ଦିନ ମଧ୍ୟରେ ୩ ଜଣଙ୍କ ମୃତ୍ୟୁ ବିତନ୍ୟର ବିଷୟ ଏବଂ ତାଠାରୁ ଆଧିକ ଦୁଃଖଦ ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହେଲେ ଡାକ୍ତର ବଦଳରେ ଝଡାଫୁଙ୍କାକୁ ବିଶ୍ୱାସ କରୁଛନ୍ତି ।

ବିଧାୟକ ଆକ୍ରାନ୍ତଙ୍କ ସମ୍ପର୍କରେ ପଚାରି ବୁଝୁଛନ୍ତି।

ନୂଆପଡା-ବଲାଙ୍ଗୀର ଜିଲା ସୀମାନ୍ତ

ସମସ୍ୟାବହୁଳ ଗାଁ ଗନିଆପଡ଼ା

ନୂଆପଡା ଅଫିସ,୮।୧୧

- ଖମ୍ଭ ଅଛି, ବିଜୁଳୀ ନାହିଁ
- ଗମନାଗମନ ବ୍ୟବସ୍ଥା ବିପର୍ଯ୍ୟସ୍ତ

ସରକାର ସବୁବେଳେ ସାଧାରଣ ଲୋକଙ୍କୁ ପାନୀୟ ଜଳ, ବିଜୁଳୀ, ଗମନାଗମନ ଭଳି ମୌଳିକ ସୁବିଧା ଯୋଗାଇଦେବାକୁ ବଦ୍ଧ ପରିକର ବୋଲି କହୁଥିବା ବେଳେ ଜିଲା ତଥା ରାଜ୍ୟ ସୀମାନ୍ତରେ ଥିବା ଗାଁଗୁଡ଼ିକ ପ୍ରତି ପ୍ରଶାସନର ଉଦାସୀନତା ଏବଂ ଅବହେଳା ଯୋଗୁ ଏସବୁ ସମସ୍ୟା ଅସମାହିତ ହୋଇ ରହୁଛି । ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି । ଏଭଳି ଏକ ଗାଁ ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଗନିଆପଡା । ଏହା ନୂଆପଡା ଏବଂ ବଲାଙ୍ଗୀର ଜିଲା ସୀମାନ୍ତରେ ପାହାଡ ତଳି ଅଞ୍ଚଳରେ ଅବସ୍ଥିତ । ଏହି ଗାଁବାସୀ ପାନୀୟ ଜଳ ଏବଂ ବିଜୁଳୀ ସଂଯୋଗରୁ ବଞ୍ଚିତ ରହିଥିବାରୁ ଜନ ଅସନ୍ତୋଷ ବଢି ଚାଲିଛି। ଏଥିପ୍ରତି ପ୍ରଶାସନ ବେଳହୁଁ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଛନ୍ତି ।

ଗୋଟିଏ ୱାର୍ଡ ବିଶିଷ୍ଟ ଗନିଆପଡା ଗାଁ । ଏଠିକାର ଜନସଂଖ୍ୟା ୬ ଶହରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଶତ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ଆଦିବାସୀ ଅଧୁସିତ ଗାଁରେ ଶିକ୍ଷାର ମାନ ଅତି ନିମ୍ନରେ ରହିଛି। ବିଭିନ୍ନ ସମୟରେ ରୋଜଗାର ଅଭାବରୁ ଅର୍ଦ୍ଧାଧିକ ପରିବାର ଲୋକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି । ଏହି ଗାଁରେ ସ୍ଥାୟୀ ପାନୀୟ ଜଳର ସୁବିଧା ନାହିଁ । ଅନ୍ୟପକ୍ଷେ ଗାଧୋଇବା କି ଶୌଚ ପାଇଁ ପୋଖରୀ ନ ଥିବାରୁ ଲୋକେ ବାରମ୍ବାର ପ୍ରଶାସନକୁ ଦାବି କରି ମଧ୍ୟ ନିଷ୍ଫଳ ହେବା ପରେ ନିରାଶ ହୋଇପଡିଛନ୍ତି। ପଞ୍ଚାୟତକୁ ସଂଯୋଗ କରିବାକୁ ସ୍ଥାୟୀ ରାସ୍ତା ନାହିଁ । ରାସ୍ତା ମଝିରେ ଏକ ଘାଇ ରହିଥିବା ବେଳେ ପୋଲ ନ ଥିବାରୁ ବର୍ଷା ୪ ମାସ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଥାନ୍ତି । ସେହିଭଳି ବିଜୁଳୀ ସମସ୍ୟା ମଧ୍ୟ ସଙ୍ଗୀନ ହୋଇପଡିଛି । ଆଜକୁ ୨ ବର୍ଷ ହେବ ବିପିଏଲ ପରିବାରକୁ ବିଜୁଳୀ ସଂଯୋଗ ଦିଆଯିବ ବୋଲି ଖମ୍ଭ ଲଗାଯାଇଛି । ହେଲେ ଆଜିଯାଏଁ ବିଜୁଳୀ ସଂଯୋଗ ହୋଇନାହିଁ । ଏ ନେଇ ଗ୍ରାମବାସୀ ବାରମ୍ବାର ବିଜୁଳୀ ବିଭାଗକୁ ଜଣାଇଥିଲେ ମଧ୍ୟ କେହି ଶୁଣୁ ନ ଥିବାରୁ ଏଥିପ୍ରତି ଜିଲା କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଗ୍ରାମର ପ୍ରସନ୍ନ ରଣା, ପରଶୁ ଶବର, ଶ୍ୟାମ ସୁନ୍ଦର ବେମାଲ, ଗୋପି ପୋଢ ପ୍ରମୁଖ ଦାବି କରିଛନ୍ତି । ନିକଟରେ ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି ଏହି ଗାଁ ଗସ୍ତରେ ଯାଇଥିବା ବେଳେ ଗ୍ରାମବାସୀ ଏ ସବୁ ସମସ୍ୟା ବିଷୟରେ ତାଙ୍କୁ ଜଣାଇଥିଲେ । ସଭାପତି ମାଝି ଏହାକୁ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି । ଦରକାର ପଡିଲେ ସେ ଆନ୍ଦୋଳନ କରିବାକୁ ମଧ୍ୟ ପଛାଇ ବେନାହିଁ ବୋଲି କହିଥିଲେ । ଏହା ଉପରେ ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ହାତୀଙ୍କୁ ଯୋଗାଯୋଗ କରିବାରେ ଏହି ଗାଁ ସମେତ ପଞ୍ଚାୟତ ସମସ୍ତ ଗାଁର ସମସ୍ୟା ଉପରେ ସେ ଦୃଷ୍ଟି ରଖିଛନ୍ତି । ଏହାକୁ ନେଇ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇସାରିଥିବା କହିଛନ୍ତି ।

ଟ୍ରେଜେରି କର୍ମଚାରୀଙ୍କ ମନମୁଖି କାର୍ଯ୍ୟ

ଶିକ୍ଷକ ସଂଘର ଉଦ୍‌ବେଗ

ଦରମା, ପୂଜା ଅଗ୍ରୀମ ଟଙ୍କା ପାଇବାରୁ ବଞ୍ଚିତ

ଜୁନାଗଡ,୮।୧୧(ଡି.ଏନ.ଏ.)
ସରକାରୀ କର୍ମଚାରୀଙ୍କୁ ଠିକ ସମୟରେ ଦରମା ଓ ପୂଜା ଅଗ୍ରୀମ ଟଙ୍କା ପ୍ରଦାନ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜୁନାଗଡ ଟ୍ରେଜେରି କର୍ମଚାରୀଙ୍କ ଅବହେଳା ଯୋଗୁ ଠିକ ସମୟରେ ଶିକ୍ଷୟିତ୍ରୀଶିକ୍ଷକମାନେ ଦରମା ଓ ପୂଜା ଅଗ୍ରୀମ ଟଙ୍କା ପାଇ ନ ଥିବାରୁ ଶିକ୍ଷକ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଚଳିତ ଅକ୍ଟୋବରର ଦରମା ଓ ଦଶହରା ପୂଜା ଅଗ୍ରୀମ ଟଙ୍କା ଶିକ୍ଷୟିତ୍ରୀଶିକ୍ଷକମାନେ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ନୂତନ ଭାବେ ନିୟମିତ ହୋଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ଦରମା ବିଲ ଓ ପୂଜା ଅଗ୍ରୀମ ବିଲ ଟ୍ରେଜରୀ ଅଫିସରେ ଦାଖଲ ହେବା ସତ୍ତ୍ୱେ ମଧ୍ୟ ମଞ୍ଜୁର ହୋଇପାରିନାହିଁ । ଦଶହରା ଓ ଦୀପାବଳି ଭଳି ପର୍ବପର୍ବାଣୀରେ ଶିକ୍ଷୟିତ୍ରୀଶିକ୍ଷକମାନେ ତାଙ୍କର ପାଉଣା ପାଇବାରୁ ବଞ୍ଚିତ ହେବା ନେଇ ସେମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଟ୍ରେଜେରୀ ଅଫିସର କର୍ମଚାରୀ ଦୁର୍ବ୍ୟବହାର ଦେଖାଇବା ସହ ଲାଞ୍ଚ ନେବା ମନୋବୃତ୍ତି ରଖି ବିଭିନ୍ନ ଆଳ ଦେଖାଉଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଶିକ୍ଷା ବିଭାଗ ଓ ଟ୍ରେଜେରୀ କାର୍ଯ୍ୟାଳୟ କାହାର ଭୁଲ ତାହାର ଉପଯୁକ୍ତ ତଦନ୍ତ କରାଯାଉ ଓ ମନମୁଖୀ ଭାବେ ଟ୍ରେଜରୀ ଅଫିସ ଚଳାଉଥିବା କର୍ମଚାରୀଙ୍କୁ ବଦଳି କରାଯାଉ ବୋଲି ଶିକ୍ଷକମାନେ ଦାବି କରିଛନ୍ତି। ଆଗାମୀ ଦିନରେ ଏପରି ଘଟଣାର ପୁନରାବୃତ୍ତି ହେଲେ ଉପରିସ୍ତ ଅଧିକାରୀଙ୍କୁ ଜଣାଇ ତୀବ୍ର ବିରୋଧ କରାଯିବ ସହ ଦରକାର ପଡିଲେ ଆନ୍ଦୋଳନକୁ ମଧ୍ୟ ଓହ୍ଲାଇବୁ ବୋଲି (ହରିପୁର ରୋଡ କଟକ) ଜୁନାଗଡ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସରୋଜ କୁମାର ପଣ୍ଡା କହିଛନ୍ତି। ଏ ସମ୍ପର୍କରେ ଜୁନାଗଡ ଟ୍ରେଜେରୀର କିରାଣୀ ସମରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ବିଲ ଭାଉଚର ପେଠ କରିବାରେ ଶିକ୍ଷା ବିଭାଗ ବିଳମ୍ବ କରିଥିବାରୁ ଏପରି ହୋଇଛି ବୋଲି କହିଥିଲେ। କେବଳ ନୂତନ ନିୟମିତ ଶିକ୍ଷକମାନେ ଅକ୍ଟୋବରର ଦରମା ପାଇନାହାନ୍ତି, ଅବଶିଷ୍ଟ ଶିକ୍ଷକଙ୍କ ଗତ ୬ ତାରିଖରେ ଦରମା ହୋଇଯାଇଛି ବୋଲି କହିଥିଲେ।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ମାସ୍କଟ ଓଲିକୁ ସ୍ୱାଗତ

କୋକସରା,୮।୧୧(ଡି.ଏନ.ଏ.)
ନଭେମ୍ବର ୨୮ରୁ ଆରମ୍ଭ ହେବାକୁ ଥିବା ପୁରୁଷ ବିଶ୍ୱକପ୍ ହକି ପାଇଁ ସଚେତନତା ବାର୍ତ୍ତା ନେଇ ରାଜ୍ୟବ୍ୟାପୀ ମାସ୍କଟ ଓଲି ପରିକ୍ରମା କରୁଛି । ଏହି ମାସ୍କଟ ଓଲି ଦଳ ଭବାନୀପାଟଣାରୁ ବାହାରି କୋକସରାଠାରେ ପହଞ୍ଚିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି । କୋକସରା ବିଡିଓ ବସନ୍ତ କୁମାର ସେଠୀ, ଆମପାଣି ସମିତିସଭ୍ୟା ମାଧୁରୀ ନାଏକ, ଆମପାଣି ସରପଞ୍ଚ ଚିକିତ୍ରନ୍ଦ୍ର ଧଙ୍ଗଡାମାଝି, ବ୍ଲକ ହିସାବ ରକ୍ଷକ ଅଧିକାରୀ ଅଶୋକ ମାଝି, କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁଙ୍କ ସମେତ ବିଜୁ ଯୁବ ବାହିନୀର ଯୁବକ, ଅଙ୍ଗନୱାଡି କର୍ମୀ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ରହି ସ୍ୱାଗତ କରିଥିଲେ ।

ଅଖିଳେଶ ଯାଦବଙ୍କ ଗସ୍ତ ନେଇ ପ୍ରସ୍ତୁତି ବୈଠକ

ଜୁନାଗଡ,୮।୧୧(ସ୍ୱ.ପ୍ର.)
ଆଗାମୀ ଜାନୁୟାରୀ ୨୭ ଓ ୨୮ ତାରିଖ ଦୁଇ ଦିନ ଧରି କଳାହାଣ୍ଡି ଜିଲା ଯାଦବ ମହାସଭା ଜୁନାଗଡଠାରେ ଅନୁଷ୍ଠିତ ହେବ। ୨୦୧୯ ନିର୍ବାଚନ ବର୍ଷ ଥିବାରୁ ସମାଜବାଦୀ ପାର୍ଟି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଉତ୍ତର ପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ମହାସଭାରେ ଯୋଗଦେବା ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଜୁନାଗଡ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ଏନଏସି ସଭାପତି ପୂର୍ଣ୍ଣଚନ୍ଦ୍ର ଭାଟିଙ୍କ ସଭାପତିତ୍ୱରେ ଅଭ୍ୟର୍ଥନା କମିଟି ଅଧକ୍ଷ ହରିଶଙ୍କର ବାଗ, ଜିଲା ସମ୍ପାଦକ କିର୍ତ୍ତନ ନାୟକ, ବରିଷ୍ଠ ଯାଦବ ନେତା ଶିବ ହାତୀ, ଜୁନାଗଡ ବ୍ଲକ ସଭାପତି ପ୍ରେମାନନ୍ଦ ଘି, ଗୋଲାମୁଣ୍ଡା ନେତା ଗିରୀଧାରୀ ତେଜୀ, କଲମପୁରରୁ କୃଷ୍ଣ ସିଂ ଲହଜଲ, ଭବାନୀପାଟଣାରୁ କିର୍ତ୍ତି ଗୌଡ, କୋକସରାରୁ ଅଲେଖ ଗୋପାଳ, ଲାଞ୍ଜିଗଡରୁ ରଘୁବୀର ନାଗ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଖଗେଶ୍ୱର ଧଙ୍ଗଡାମାଝି, ମହିଳା ନେତ୍ରୀ ରୀନା ଭାଟି, ରଶ୍ମୀତା ବେମାଲ, ମନୋରମା କଟା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିବା ସହିତ ମହାସଭାକୁ ସଫଳ କରିବାକୁ ନିଷ୍ପତ୍ତି ନେଇଥିଲେ। ଜୁନାଗଡ ସହର କମିଟି ରାକେଶ ବେମାଲ, ପୂଣ୍ୟବ୍ରତ ନିଆଲ, ସନ୍ତୋଷ ବାଗ, ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଓଜମିତି ମଦ ଛାଡ଼ିବେ
ଆସନ୍ତୁ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ ଜଳିଙ୍ଗ, ଷ୍ଟେଶନ ଗୋଲେଇ। ବ୍ରହ୍ମକ: ୨ ଓ ୧୨, ହୋଟେଲ୍ ବ୍ୟୁଲାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ୍ ଜମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ୍ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ୍ ଟ୍ରାଉଡେଣ୍ଟ (ଲଜ୍) ବ୍ରହ୍ମେଶ୍ୱର ଜମପିଆଲ୍ କଲ୍ଲେକ୍ଟ, ୧୩୮, ଅଶୋକ ନଗର, ୟୁନିଟ୍–II। ପୁରୀ: ୬ ଓ ୨୦, ହୋଟେଲ୍ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ୍ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ୍ ସୁରାଜା, ଭି.ଏଚ୍.ପି. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ଝାଉରଜେଲା: ପ୍ରତିମାସ ୯ ଓ ୨୩, ହୋଟେଲ୍ ଶ୍ୟାମ, ବିପ୍ର ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋ

ସଂକ୍ଷେପରେ

ଜିଲାପାଳଙ୍କ ଅଚାନକ କାଞ୍ଜେଲ ଗ୍ରାମ ପରିଦର୍ଶନ

କେସିଙ୍ଗା,୮।୧୧(ଡି.ଏନ.ଏ.)
କଳାହାଣ୍ଡି ଜିଲାପାଳ ଡ. ପରାଗ ହର୍ଷଦ ଗଭାଲି ଅଚାନକ ଭାବେ କେସିଙ୍ଗା ବ୍ଲକ କାଞ୍ଜେଲ ଗ୍ରାମକୁ ଗୁରୁବାର ପରିଦର୍ଶନ କରଛନ୍ତି । କାଞ୍ଜେଲ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର, ପ୍ରାଇମେରି ସ୍କୁଲ, ଇନ୍ଦିରାଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ କେବିକେ ଯୋଜନାଗୁଡିକୁ ବୁଲି ଦେଖିଥିଲେ । ହିତାଧିକାରୀମାନଙ୍କୁ କବାଟ, ଝରକା, ପଲସ୍ତରା, ଶୀଘ୍ର ଗୃହ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କାଞ୍ଜେଲ ଗ୍ରାମସ୍ଥିତ ପାଣି ଟାଙ୍କି ମଧ୍ୟ ପରିଦର୍ଶନ କରିଥିଲେ । ଜିଲାପାଳଙ୍କ ପରିଦର୍ଶନରେ କେସିଙ୍ଗା ବିଡିଓ ଭୀମସେନ ଶବର, ସରପଞ୍ଚ ପଙ୍କଜ ଗଉଡ, କାଞ୍ଜେଲ ପିଇଓ ଉଗ୍ରେସନ ଗଉଡ, ଜିଆରଏସ ଉପେନ୍ଦ୍ର ଗଉଡ ପ୍ରମୁଖ ଉପସ୍ଥିତ ଥିଲେ । କାଞ୍ଜେଲ ଗ୍ରାମସ୍ଥିତ ଅଙ୍ଗନୱାଡି କେନ୍ଦ୍ର ନଂ.୧କୁ ପରିଦର୍ଶନ କରିଥିଲେ । ମେନୁ ଅନୁସାରେ ଖାଦ୍ୟ ରନ୍ଧନ ଖାଦ୍ୟ ବିଷୟରେ ଅଙ୍ଗନୱାଡି କର୍ମୀଙ୍କୁ ପଚାରିଥିଲେ ।

ଶ୍ୟାମାକାଳୀ ଜନ୍ମ ମହୋତ୍ସବ, ଚଣ୍ଡିଯଜ୍ଞ

ଭବାନୀପାଟଣା,୮।୧୧(ଡି.ଏନ.ଏ.)
ଭବାନୀପାଟଣାସ୍ଥିତ ଦକ୍ଷିଣକାଳୀ ମନ୍ଦିରରେ ମଙ୍ଗଳବାର କାର୍ତ୍ତିକ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ଶ୍ୟାମାକାଳୀ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ମନ୍ଦିର ଯଜ୍ଞ ମଣ୍ଡପରେ ଚଣ୍ଡି ମହାଯଜ୍ଞ ହୋଇଥିଲା । ନାରାୟଣ ମିଶ୍ର ଯଜ୍ଞ ଆଚାର୍ଯ୍ୟ ହୋଇଥିବା ବେଳେ ଭବାନୀଶଙ୍କର ଆଚାର୍ଯ୍ୟ ଚଣ୍ଡି ପାଠକ, ବିଭୁତି ଭୂଷଣ ମହାପାତ୍ର ସିଦ୍ଧବିନାୟକ, ବିଭୁତି ଭୂଷଣ ରଥ ବିଷ୍ଣୁସହସ୍ର ନାମ, ସତ୍ୟନାରାୟଣ ମହାପାତ୍ର ଶିବ ସହସ୍ରନାମ, ଆଦିତ୍ୟ ଖମାରୀ ଓ କୃପାସିନ୍ଧୁ ପଣ୍ଡା ସ୍ୱସ୍ତିବାଚକ ଦାୟିତ୍ୱ ନିର୍ବାହ କରିଥିଲେ । ମନ୍ଦିର ପୂଜାରି କ୍ଷେତ୍ର ମୋହନ ଯୋଷୀ ସପତ୍ନିକ ଯଜ୍ଞର କର୍ତ୍ତା ହୋଇଥିଲେ। ମନ୍ଦିର ଯଜ୍ଞ କମିଟି ଅଶୋକ ମହାପାତ୍ର, ସଞ୍ଜୀବ ଯୋଷୀ, ଶକ୍ତିଧର ଯୋଷୀ, ବାବୁ ପାଣିଗ୍ରାହୀ, ଜୟ ପଟ୍ଟନାୟକ ପ୍ରମୁଖ ଯଜ୍ଞ ଆୟୋଜନରେ ସହଯୋଗ କରିଥିଲେ । ସନ୍ଧ୍ୟା ୭ଟାରେ ଯଜ୍ଞର ପୂର୍ଣ୍ଣାହୂତି ହୋଇଥିଲା। ପୂର୍ଣ୍ଣାହୂତିରେ ସଦର ବିଧାୟକ ଅନାମ ନାଏକଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଦକ୍ଷିଣକାଳୀ ମନ୍ଦିରରେ ପ୍ରତିବର୍ଷ ଶ୍ୟାମାକାଳୀ ଜନ୍ମ ମହୋତ୍ସବ ନିମନ୍ତେ ତିନିଦିନ ବ୍ୟାପି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ଚଣ୍ଡି ମହାଯଜ୍ଞ ଆୟୋଜିତ ହୋଇଥାଏ । ପ୍ରତିଦିନ ରାତିରେ ମା'ଙ୍କ ସ୍ୱତନ୍ତ୍ର ତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥାଏ । ବୁଧବାର ଦୀପାବଳି ଉପଲକ୍ଷେ ଦକ୍ଷିଣକାଳୀ ମନ୍ଦିରରେ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଥିଲା । ଅଭିଶିକ୍ତ ପୂଜକ ପ୍ରଭାକର ତ୍ରିପାଠୀ ତନ୍ତ୍ର ପୂଜା ସମ୍ପାଦନ କରୁଥିବା ବେଳେ ମନ୍ଦିର ପୂଜାରି ସଞ୍ଜୀବ ଯୋଷୀ ଦେବୀଙ୍କ ଦୈନନ୍ଦିନ ପୂଜା ନୀତି ସମ୍ପାଦନ କରୁଛନ୍ତି ।

କୃଷକ କଲ୍ୟାଣ ମଞ୍ଚର ବିଭିନ୍ନ ଦାବି

ବ୍ଲକ, ତହସିଲ ଅଫିସ ଘେରାଉ

କର୍ଲାମୁଣ୍ଡା,୮।୧୧(ଡି.ଏନ.ଏ.)

ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବର୍ଷକ ଯାକ ପରିଶ୍ରମ କରି ଚାଷ କରିଥିବା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି ଚକଡା ଚଡକ ଓ ମରୁଡି। ଗୋଟିଏପଟେ କରଜ ଚିନ୍ତା ତ ଅନ୍ୟପଟେ ପ୍ରଶାସନିକ ଉଦାସୀନତା ମନୋଭାବ, ଏଭଳି ସ୍ଥିତିରେ ମନୋବଳ ହରାଇଥିବା ଚାଷୀ ଶେଷରେ କ୍ଷତି ପୂରଣ ପାଇବା ପାଇଁ ରାସ୍ତାକୁ ଓହ୍ଲାଇଛି। ଗୁରୁବାର କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଶତାଧିକ ଚାଷୀମାନେ ଶିଶୁ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ପ୍ରଥମେ ବ୍ଲକ ସମ୍ମୁଖରେ ବିଭିନ୍ନ ନାରାବାଜି ଦେବାସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପୃଥକ ଭାବେ କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ବିଡିଓ କିଶୋର କୁମାର ପଣ୍ଡା ଓ ତହସିଲ କାର୍ଯ୍ୟାଳୟଠାରେ ଭାରପ୍ରାପ୍ତ ତହସିଲଦାର ଶୁଭ୍ରାଂଶୁ ଶେଖର ପାଢୀଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡିକ ମଧ୍ୟରେ ଚକଡା ରୋଗ ପୋକ ଆକ୍ରାନ୍ତ ଚାଷ ଜମିର ଠିକ ଆକଳନ କରାଯାଇ ଇନପୁଟ ସବସିଡି ଦିଆଯିବା, କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ସହାୟତା ଯୋଗାଇ ଦିଆଯିବା, ଚଳିତବର୍ଷର ରାଜସ୍ୱ ଖଜଣା ଛାଡ କରାଯିବା, ସମସ୍ତ ପ୍ରକାର କୃଷି ଋଣ ଛାଡ କରାଯିବା, ଆଗାମୀ ରବି ଓ ଖରିଫ ଚାଷ ପାଇଁ ବିନା ସୁଧରେ ଋଣ ଯୋଗାଇ ଦିଆଯିବା, ମଣ୍ଡିରେ ଧାନ ବିକ୍ରୟ କରିଥିବା ଚାଷୀମାନଙ୍କୁ ବୋନସ ଦେବାର ବ୍ୟବସ୍ଥା କରାଯିବା, ମଣ୍ଡିରେ ଦଲାଲ ରାଜ ବନ୍ଦ କରି ଚାଷୀମାନଙ୍କୁ ଧାନ ବିକ୍ରୟ ପାଇଁ ଅଗ୍ରାଧିକାର ଦିଆଯିବା, ୨୦୧୭-୧୮ ବର୍ଷର ବକେୟା ଥିବା ଚାଷୀମାନଙ୍କୁ ଫସଲ ବୀମା ରାଶି ତୁରନ୍ତ ଦିଆଯିବା, ଉତେଇ ଜଳସେଚନ ପ୍ରକଳ୍ପରେ ଦେଖାଯାଉଥିବା ଜଳାଭାବକୁ ଦୂର କରିବା ପାଇଁ ରାହୁଲ ଉତେଇ ନଦୀ ସଂଯୋଗୀ କରଣ କରାଯିବା, ମରୁଡିର ସ୍ଥାୟୀ ପ୍ରତିକାର ପାଇଁ ତେଲନଦୀରେ ବୃହତ ଉଠା ଜଳସେଚନ ପ୍ରକଳ୍ପ (ମେଗା ପ୍ରୋଜେକ୍ଟ) ନିର୍ମାଣ କରାଯିବା ପ୍ରମୁଖ ଦାବି ରହିଥିଲା। ଏହି କାର୍ଯ୍ୟକ୍ରମରେ କୃଷକ କଲ୍ୟାଣ ମଞ୍ଚ ସଭାପତି ନରୋତ୍ତମ ସେଲମା, ଉପସଭାପତି ଗୋପିନାଥ ସାହୁ, ସହସମ୍ପାଦକ ମଧୁସୂଦନ ବାଗ, ସାଧାରଣ ସମ୍ପାଦକ, ସୁରେଶ ଚୌଧୁରୀ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ଭାଜପା ନେତା ଦୟାନିଧି ସାହୁ, ଗୋବିନ୍ଦ ସାହୁ, ଏସ.ସି ମୋର୍ଚ୍ଚା ବ୍ଲକ ସଭାପତି ପ୍ରୋମଦ ସୁନା, ସଭ୍ୟ ଯଶୋବନ୍ତ ସାହୁ, ମଦନ ସାହୁ, ହୁମେକାନ୍ତ ସାହୁ, ବିକ୍ରମ ସାହୁ, ବିଦେଶୀ ଘିଭେଲା, ଚାଷୀ ଅନିଲ କେଡିଆ, ନୀଳମଣି ବାଗ, ମାୟାଧର ଭୋଇ, ଓକିଲ ଦଣ୍ଡସେନା ସମେତ ଚାଷୀମାନେ ଉପସ୍ଥିତ ଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କର୍ଲାମୁଣ୍ଡା ଫାଣ୍ଡି ସବ୍‌ଇନ୍ସପେକ୍ଟର ଅଧିଶ୍ ଚନ୍ଦ୍ର ବିଶ୍ୱାସଙ୍କ ନେତୃତ୍ୱରେ ପୋଲିସ ଟିମ୍ ମୁତୟନ ଥିଲେ।

ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଭବାନୀପାଟଣା,୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ କର୍ଲାପଡା ପଞ୍ଚାୟତର ସ୍ଥାନୀୟ ପଞ୍ଚାୟତ ସମିତି ମହାବିଦ୍ୟାଳୟଠାରେ ବାଳିକାମାନଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଅଧ୍ୟକ୍ଷ ବିନୋଦ ବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କର୍ଲାପଡା ପଞ୍ଚାୟତ ସରପଞ୍ଚ ମଧୁସ୍ମିତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ଡ. ତପନ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଳିକାମାନଙ୍କୁ ସ୍ୱାଭିମାନୀ ଓ ସାହସୀ ହେବାକୁ ଆହ୍ୱାନ ଦେଇଥିଲେ । ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଗନ୍ଧାଗାର ରକ୍ଷକ କାଶ୍ୟପ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ ତାଲିମ କାର୍ଯ୍ୟକ୍ରମର ନିର୍ବାହୀ ଅଧିକାରୀ ଅଞ୍ଜନ କୁମାର ବାଗ ଉଦ୍ଦେଶ୍ୟ ସ୍ଥାପନ ଓ କ୍ରୀଡା ଶିକ୍ଷକ ବିଭୂତି ଭୂଷଣ ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ଭାବେ ଚିକିନା ରାଉତ ଓ ଶ୍ରଦ୍ଧାଞ୍ଜଳୀ ମାଝି ୮ରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୬୫ ଜଣ ବାଳିକାଙ୍କୁ ପ୍ରଶିକ୍ଷକ ଦେବେ ବୋଲି ମହାବିଦ୍ୟାଳୟ ତରଫରୁ ପ୍ରକାଶ କରାଯାଇଛି ।

ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ୍ ଦିଆଯାଉଛି।

ବିଶ୍ୱ ଜିକ୍ ବକ୍ସିଂ, କରାଟେ ଚାମ୍ପିୟନଶିପ୍

କାଂସ୍ୟ ପଦକ ବିଜେତାଙ୍କୁ ସ୍ୱାଗତ

ତୁଣ୍ଡଲା,୮।୧୧(ଡି.ଏନ.ଏ.)

ଗତ ଅକ୍ଟୋବର ୨୬ରୁ ୩୦ ତାରିଖରେ ଗ୍ରୀସରେ ବିଶ୍ୱ ଜିକ୍‌ବକ୍ସିଂ ଓ କରାଟେ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଥିଲା । ଏଥିରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସିର୍ଜାପାଲି ପଞ୍ଚାୟତ ଅଧୀନ ଦିଗସିରା ଗ୍ରାମର ସୁନାମ ଧନ୍ୟ ଖେଳାଳି ମାନସ ରଞ୍ଜନ ତାଣ୍ଡି ଉତ୍ତମ ଖେଳ ପ୍ରଦର୍ଶନ କରି ବିଶ୍ୱରେ ୭୦ କିଲୋ ବର୍ଗରେ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଛନ୍ତି । ନିଜ ଦେଶ ତଥା ଅଞ୍ଚଳରେ ସୁନାମ ଅର୍ଜନ କରିଥିବା ମାନସ ରଞ୍ଜନ ତାଣ୍ଡିଙ୍କୁ ପ୍ରତ୍ୟାବର୍ତ୍ତନ କରିବା ଅବସରରେ ତାଙ୍କୁ ଗ୍ରାମରେ ସ୍ୱାଗତ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ତଥା ଗ୍ରାମର ସମସ୍ତ ପୁରୁଷ ଓ ମହିଳା ଉପସ୍ଥିତ ରହି ତାଙ୍କ ମଙ୍ଗଳ କାମନା କରିଥିଲେ । ଆଗାମୀ ଦିନରେ କିଭଳି ଭାବରେ ଆହୁରି ଉତ୍ତମ ଖେଳ ପ୍ରଦର୍ଶନ କରିବେ ତାହା ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପଦେଶ ଦେଇଥିଲେ ।

କାଂସ୍ୟ ପଦକ ବିଜେତା ମାନସ ରଞ୍ଜନ ତାଣ୍ଡିଙ୍କୁ ସ୍ୱାଗତ କରାଯାଉଛି।

ଉନ୍ନୟନ କାମ ନିମ୍ନମାନର ଅଭିଯୋଗ

ତଦନ୍ତ କଲେ ଆର୍‌ଡି ବିଭାଗ ନିର୍ବାହୀ ଯନ୍ତ୍ରୀ

ଭବାନୀପାଟଣା,୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ବିଭିନ୍ନ ଉନ୍ନୟନ କାମ ନିମ୍ନମାନର ହେଉଥିବା ଅଭିଯୋଗ ହେବା ପରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି । ଏହାର ତଦନ୍ତ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ କେତନ ରାଉତରାୟ ଆସିଥିଲେ। ଗତ ଜିଲା ପରିଷଦ ବୈଠକରେ ଓଡିଶା ଆଦର୍ଶ ବିଦ୍ୟାଳୟର ଶୌଚାଳୟ ଏବଂ ସ୍କୁଲ, ତୋତରାଗୁଡା ରାସ୍ତା, ବଡକୁଟୁ-ପାଣିଗାଁ ରାସ୍ତା, କଲମପୁର-କସବାହି ରାସ୍ତା କାମ ନିମ୍ନମାନର ହେଉଥିବା ଜିଲା ପରିଷଦ ସଭ୍ୟ ବିଜୟଦେବ ସାହୁ ଏବଂ ସୁଶାନ୍ତ ରାଉତ ବାରମ୍ବାର ଅଭିଯୋଗ କରି ଆସୁଥିଲେ । ଉକ୍ତ ଅଭିଯୋଗ ତଦନ୍ତ ପାଇଁ ନିର୍ବାହ ଯନ୍ତ୍ରୀ ରାଉତରାୟଙ୍କ ସମେତ ଆରଡି ଜେଇ ନାଏକ, ପିଏଚ୍‌ଡି ଜେଇ ଆସି ସ୍କୁଲ ଏବଂ ରାସ୍ତାଗୁଡିକର ସ୍ଥିତି ଅନୁଧ୍ୟାନ କରିଥିଲେ । ଯେଉଁଠି ଯାହା ଆବଶ୍ୟକ ହେଉଛି ସେ ଉପରେ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଉକ୍ତ ଦୁଇ ଜିଲା ପରିଷଦ ସଭ୍ୟ ଏବଂ ଭାଜପା ବ୍ଲକ ସମ୍ପାଦକ ମଙ୍ଗେଲାଲ୍ ବାଗ ଉପସ୍ଥିତ ଥିଲେ ।

ଦୀପାବଳି ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା

ଜୁନାଗଡ,୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲାରେ ବୁଧବାର ଦୀପାବଳୀ ଉପଲକ୍ଷେ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲା ସମେତ ପଡୋଶୀ ବଲାଙ୍ଗୀର, ବରଗଡ ଓ ସମ୍ବଲପୁର ଆଦି ଜିଲାର ୩୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଭାବେ ଲଡୁଗାଁ ଷ୍ଟାଇଲିଷ୍ଟ ଡ୍ୟାନ୍ସ ଗ୍ରୁପ, ଦ୍ୱିତୀୟ ସ୍ଥାନ ବଲାଙ୍ଗୀର ଜିଲା ଟିଟିଲାଗଡ଼ର ଜେଏସଆର ଡ୍ୟାନ୍ସ ଗ୍ରୁପ, ତୃତୀୟ ସ୍ଥାନ କନ୍ଦାଖାଲର କିଲର ବଏଜ ଗ୍ରୁପ, ଚତୁର୍ଥ ସ୍ଥାନ ପଖନାଗୁଡାର ମିସ ବର୍ଷା ଓ ପଞ୍ଚମ ସ୍ଥାନ ସମ୍ବଲପୁରର ମିସ ଅର୍ପିତା ମନୋନୀତ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ମନୋରଞ୍ଜନ ସିଂହ, ସିରାଜ ଦାଶ, ମଞ୍ଜୁ ବେଣୁପାଣି, ରାମକୃଷ୍ଣ ବେମାଲ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଜିଲା ପଣ୍ଡରାମାଲି ଯୁବ ବାହିନୀର ସଭାପତି ତଥା ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ନାଏକ, ସମ୍ମାନିତ ଅତିଥି ଭାବେ ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ସାମାଜିକ କର୍ମୀ ସୁବ୍ରତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କେସିଙ୍ଗାର ମିସ୍ ସନ୍ତୋଷିନୀ ଓ ନୀଳକଣ୍ଠ ନାଏକ ଆଙ୍କରିଂ କରିଥିଲେ। ମହିଚଲା ଯୁବକ ସଂଘ ପକ୍ଷରୁ ଗତ ୪ବର୍ଷ ଧରି ଦୀପାବଳି ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଉଛି। ବିଶେଷକରି ଏହି ନୃତ୍ୟ ପ୍ରତିଯୋଗିତାରେ ସୁଜିତ, ସାନ୍ତନୁ, ପିଣ୍ଟୁ, ସାନନ୍ଦ, ବୀର, ମିଟ୍ଟୁ, ସୁନୀଲ, ହର୍ଷ, ଥୁଲୁ, ଟିଲୁ, ବିଶାଲ, ଟିଙ୍କା, ସୀତିକାନ୍ତ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

କୃତୀ ପ୍ରତିଯୋଗୀଙ୍କୁ ମହିଚଲା ସରପଞ୍ଚ ପୁରସ୍କୃତ କରୁଛନ୍ତି।

ସାହାଜଖୋଲ ଜଙ୍ଗଲ ଅଞ୍ଚଳ

ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା, ଜଙ୍ଗଲ ଜମି ଅଧିକାର ପାଇଁ ନିଷ୍ପତ୍ତି

କୋକସରା,୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଓ ବରାଡଙ୍ଗା ପଞ୍ଚାୟତ ଅଧୀନରେ ଥିବା ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ କିଛି ଆଦିବାସୀ ବହୁଳ ଗ୍ରାମ ରହିଛି । ସେଗୁଡ଼ିକ ହେଲା ନୁଆଗାଁ, ଝୁଲେନବର, ବିରିମୁହାଣ, କାଦୋମଲି, ଗାଇବନ୍ଧା, କନ୍ଦାଗଡ, ପାତ୍ରବସା, ସୁକୁଲିଭଟା । ଏହି ଗ୍ରାମରେ ମୁଖ୍ୟତଃ ଆଦିବାସୀ ସମ୍ପ୍ରଦାୟର ଜନଜାତିମାନେ ଦୀର୍ଘ ଦଶନ୍ଧି ହେବ ବାସ କରୁଛନ୍ତି । ଚଳିତବର୍ଷ ବର୍ଷା ଅଭାବରୁ ଦେଖାଦେଇଥିବା ମରୁଡି ଯୋଗୁ ଅଞ୍ଚଳରେ ଧାନଚାଷ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ଜଙ୍ଗଲ ଲଘୁଜାତ ଦ୍ରବ୍ୟ ଓ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ଏହି ୮ଟି ଗ୍ରାମର ଅଧିବାସୀ ଜଙ୍ଗଲ ଜମି ସୁରକ୍ଷା ଅଧିକାରରୁ ମଧ୍ୟ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି । ସରକାର ଏହି ଆଦିବାସୀ ପରିବାରଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଛନ୍ତି । ତେବେ ଦେଇଥିବା ଜମି ଆଜିଯାଏ ଚିହ୍ନଟ ହୋଇ ପାରିନାହିଁ କିମ୍ବା ମିଳିଥିବା ପଟ୍ଟାରେ କୋଣସି ସରକାରୀ ସୁବିଧା ମିଳୁନାହିଁ । ବ୍ୟାଙ୍କରୁ ଋଣ କିମ୍ବା ଜାତିଗତ କିମ୍ବା ବାସସ୍ଥାନ ପ୍ରମାଣପତ୍ର ମଧ୍ୟ ଏହି ପଟ୍ଟାରୁ ମିଳୁ ନ ଥିବା କନ୍ଦାଗଡ ଓ ନୁଆଗାଁ ଗ୍ରାମବାସୀ ପୂର୍ବରୁ ତହସିଲ ଅଫିସରେ ଅଭିଯୋଗ କରିଥିଲେ । ଏହା ସତ୍ତ୍ୱେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି । ଏହି ସବୁ ସମସ୍ୟାକୁ ନେଇ ଅସନ୍ତୋଷର ରୁପ ନେଇଥିବା ଦେଖିବାକୁ ମିଳିଛି । ଗତ ବୁଧବାର ଆମପାଣି ପଞ୍ଚାୟତ ନୁଆଗାଁଠାରେ ଆଦିବାସୀମାନଙ୍କ ଏକ ମେଳି ହୋଇଥିଲା । ନୁଆଗାଁ ୱାର୍ଡମେମ୍ବର ଚନ୍ଦ୍ରମଣି ମାଝିଙ୍କ ଅଧ୍ୟକ୍ଷତାରେ ଆଦିବାସୀ ଯୁବନେତା ରଘୁରାଜ ମାଝି, ଆମପାଣି ସରପଞ୍ଚ ଚିକିଚନ୍ଦ୍ର ଧଙ୍ଗଡାମାଝି, କୋକସରା ବ୍ଲକ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନୀ, ବିରିମୁହାଣ ଗ୍ରାମ ୱାର୍ଡମେମ୍ବର ସୁଧୀର ପୂଝାରୀ, ଡମ୍ବରୁ ମାଝି, ଗଜବଳ ମାଝି ଓ ରଷିମଣି ମାଝିଙ୍କ ଯୋଗଦେଇ ଆଦିବାସୀମାନଙ୍କ ହକ ପାଇଁ ଆଗାମୀ ଦିନରେ ସରକାରଙ୍କ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିସହ ଚଳିତବର୍ଷ ଚାଷ ନଷ୍ଟ ହୋଇଥିବା ଯୋଗୁ ଆମପାଣି ଓ ବରାଡୋଙ୍ଗା ଅଞ୍ଚଳକୁ ସମ୍ପୂର୍ଣ୍ଣ ରୂପେ ମରୁଡି ଘୋଷଣା ସହ ସମସ୍ତ ପ୍ରକାର ସରକାରୀ କୃଷି ଋଣ ଛାଡ ଦାବି କରିବା ସହ ଶୁକ୍ରବାର କୋକସରା ବ୍ଲକ ଚାଷୀ ସଙ୍ଗଠନର ଡାକରାକ୍ରମେ ଧର୍ମଗଡ ଉପଜିଲାପାଳ ଅଫିସ ଆଗରେ ପ୍ରତିବାଦ ସହ ଦାବିପତ୍ର କାର୍ଯ୍ୟକ୍ରମରେ ସାମିଲ ହେବାକୁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ୫୦୦ରୁ ଉର୍ଦ୍ଧ୍ୱ ଆଦିବାସୀ ଉପସ୍ଥିତ ଥିଲେ ।

ଧର୍ମଗଡ ଉପଜିଲାପାଳ ଅଫିସ ଆଗରେ ପ୍ରତିବାଦ ଆଜି

ଆମପାଣି ପଞ୍ଚାୟତ ନୁଆଗାଁଠାରେ ଆଦିବାସୀଙ୍କ ମେଳିରେ ଯୋଗଦେଇଥିବା ଆଦିବାସୀ

ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇବାବା

ସଂକ୍ଷେପରେ

ଚଲକିରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ଟିକ୍ରାପଡ଼ା, ୮।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଲକିଠାରେ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରମୋଦ କଲେତ ଏଥିରେ ଅଧ୍ୟକ୍ଷତା କରିଥିଲେ । ସ୍ଥାନୀୟ ସରପଞ୍ଚ ଦିବ୍ୟଲୋଚନ ବୁଡେକ ମୁଖ୍ୟ ଅତିଥି, ଶିକ୍ଷକ ସୁରେଶ ପ୍ରସାଦ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ନିମାନନ୍ଦ ଖମାରୀ ବିଚାରକ ରହିଥିଲେ । ଏହି ଅବସରରେ କିଶାନ ନାଗଙ୍କ ସଂଯୋଜନାରେ ଗୀତ, ନାଚ, ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସୁଶାନ୍ତ ଭୋଇ, ଝାଲି ମାଝି ଗୀତରେ ଓ ଉର୍ମିଲା ବାଗ, ଚଲକି ପ୍ରାଥମିକ ବିଦ୍ୟାଳୟ, ସସ୍ମିତା ଭୋଇ, ଅନିତା ହରପାଲ ନୃତ୍ୟରେ ପୁରସ୍କୃତ ହୋଇଥିଲେ । ବବୁଲୁ ବିଶି ଅତିଥି ପରିଚୟ ଓ ମାନୁ ବାଗ ଧନ୍ୟବାଦ ଅର୍ପଣ କରିଥିଲେ । କୃପା ଭୋଇ, ଖେଡୁ ବେହେରା, ଉତ୍ତରା ନାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଆମ୍ବେଡକର କୃଷକ ସଂଘ ଗଠିତ

ଟିକ୍ରାପଡା, ୮।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଲକି ପଞ୍ଚାୟତ କାର୍ଯ୍ୟାଳୟଠାରେ କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉପେନ୍ଦ୍ର ଭୋଇ ସଭାରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଡ. ଭୀମରାଓ ଆମ୍ବେଡକର କୃଷକ ସଂଘ ଗଠନ କରାଯାଇଥିଲା । ଏଥିରେ କୈଳାସ ପ୍ରଧାନୀ ସଭାପତି, ତିଲୁ ପଟ୍ଟନାୟକ ଉପସଭାପତି, କୃପା କୁମାର ସମ୍ପାଦକ, ନୃପମଣି ଭୋଇ ସହସମ୍ପାଦକ, ଦିବ୍ୟଲୋଚନ ବୁଡେକ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ ।

ବୁର୍ତ୍ତା ପ୍ୟାକ୍ସର ବାର୍ଷିକ ସାଧାରଣ ସଭା

ଲୋଇସିଂହା, ୮।୧୧(ଡି.ଏନ.ଏ.): ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ତ୍ତା ପ୍ୟାକ୍ସ ତଥା ପ୍ରାଥମିକ କୃଷି ସମବାୟ ସମିତିର ୨୦୧୭-୧୮ ଅର୍ଥିକ ବର୍ଷର ବାର୍ଷିକ ସାଧାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପ୍ୟାକ୍ସ ଅଧୀନ ଟେଭାଡୁଙ୍ଗରୀ ଗ୍ରାମର ଜଳବିଭାଜିକା ସଭାଗୃହଠାରେ ଅନୁଷ୍ଠିତ ସଭରେ ବୋର୍ଡ ସଭାପତି ଛନ୍ଦାଚରଣ ଖମାରୀ ସଭାପତିତ୍ୱ କରି ସ୍ୱାଗତ ଅଭିଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପରେ ସମ୍ପାଦକ ଦୟିତ୍ୱରେ ଥିବା ସୁଦାମ ସାହୁ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ପ୍ୟାକ୍ସର ୬କୋଟି ୭୨ଲକ୍ଷ ୨୬୯ ଟଙ୍କା ଆୟ ହୋଇଥିବାବେଳେ ସମନ ସଂଖ୍ୟକ ଟଙ୍କା ବ୍ୟୟ ହୋଇଥିବା ସମ୍ପାଦକ ସୂଚନା ଦେଇଥିଲେ । ଚଳିତ ବର୍ଷ ୮ହଜାର ୪୨୯.୪୨ କୁଇଣ୍ଟାଲ ଧାନ କିଣା ଯାଇଥିଲା ଯାହାର ମୂଲ୍ୟ ୧ କୋଟି ୩୦ ଲକ୍ଷ ୬୫ ହଜାର । ଏ ବାବଦକୁ ପ୍ୟାକ୍ସକୁ ମିଳିବାକୁ ଥିବା ୨ଲକ୍ଷ ୬୫ ହଜାର ଟଙ୍କା କମିଶନ ଅଦ୍ୟାବଧି ମିଳି ନ ଥିବା କହିଥିଲେ। ଚଳିତ ବର୍ଷ ୩୩୫ଜଣ ଚାଷୀଙ୍କୁ ୧କୋଟି ୮୪ ଲକ୍ଷ କୃଷିଋଣ ଓ ୫ ଲକ୍ଷ ୭୦ହଜାର ଜିଏଲଜି ଋଣ ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ । ପରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ପ୍ୟାକ୍ସରୁ କେତେକ ସୂଚନା ପାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ । ଚଳିତ ମରୁଡି ଓ ରୋଗପୋକ ଦାଉ ସାଧିଛି। ଧାନକିଣାବେଳେ କଟନା ବନ୍ଦ କରିବାକୁ ଚାଷୀମାନେ ସମ୍ପାଦକଙ୍କୁ ଅନୁରୋଧ କରିଥିଲେ ।

ଭୀମପାହାଡ଼ ମହୋତ୍ସବ ଉଦ୍‌ଘାଟିତ

ଗୁରୁବାର ଭୀମପାହାଡ଼ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ନେତ୍ରଭାନୁ ହାଇସ୍କୁଲର ଛାତ୍ରୀମାନେ ଦଶାବତାର ନୃତ୍ୟ ପରିବେଷଣ କରୁଛନ୍ତି।

ଦେଓଗାଁ, ୮।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମପାହାଡ ପାଦଦେଶରେ ଅନୁଷ୍ଠିତ ଗିରି ଗୋବର୍ଦ୍ଧନପୂଜା ଅବସରରେ ଗୁରୁବାର ୨୪ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଏଥି ସହ ୩ ଦିନ ଧରି ହେବାକୁ ଥିବା ୪ର୍ଥ ଭୀମପାହାଡ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସମ୍ପାଦକ ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାନସଭାରେ ବିରୋଧିଦଳ ନେତା ତଥା ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ମହୋତ୍ସବର ଶୁଭାରମ୍ଭ କରିଥିଲେ । ଏହି ପର୍ଯ୍ୟଟନସ୍ଥଳର ସାମଗ୍ରିକ ବିକାଶ ହେଲେ ଏଠାକାର ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ସମ୍ଭବ ବୋଲି ମିଶ୍ର ଗୁରୁତ୍ୱାରୋପ କରିଥିଲେ । ସମ୍ମାନୀତ ଅତିଥିଭାବେ ଜିଲା ବନଖଣ୍ଡ ଅଧିକାରୀ ସମୀର କୁମାର ଶତପଥୀ, ବ୍ଲକ ଅଧକ୍ଷା ରୀନା ମେହେର ପ୍ରମୁଖ ଯୋଗଦେଇ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ଏଭଳି ଏକ ଲୋକ ମହୋତ୍ସବର ଆୟୋଜନକୁ ପ୍ରଶଂସା କରିଥିଲେ। ନୂତନଭାବେ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଥିବା ଭୀମପାହାଡର ଉନ୍ନତି କରାଯାଇ ପାରିବ ସେ ଦିଗରେ ପଦକ୍ଷେପ ନିଆଯିବା ଉଚିତ ବୋଲି ଅତିଥିମାନେ କହିଥିଲେ। ମକୁନ୍ଦପୁର ସରପଞ୍ଚ ବାଳକ ପଧାନ, ଉପାଧକ୍ଷ ରାଜୁ ବାଗ, କମିଟି ସମ୍ପାଦକ ମୟ ପ୍ରଧାନୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। କମିଟି ଉପସଭାପତି ପ୍ରମୋଦ କୁମାର ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ମଧୁସୁଦନ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ କଂସ ଦରବାର ଅନୁଷ୍ଠିତ ହୋଇଥିଲା। ଏଥିରେ କଂସ ଭୂମିକାରେ ବିଶିଷ୍ଟ ନାଟ୍ୟ କଳାକାର ରବିନ୍ଦ୍ର କୁମାର ସାହୁ ଅଭିନୟ କରିଥିଲେ। କଂସଙ୍କ ଦରବାରରେ ପ୍ରଥମେ ଜରାସିଂହାର ଛାତ୍ରୀମାନଙ୍କ ଦ୍ୱାରା ଦଶାବତାର, ମଣିପୁରର ଡୋଳଚଳନ, ପଞ୍ଜାବର ଭାଙ୍ଗଡ଼ା, ଆସାମର ବୀହୁ, ଝାରଖଣ୍ଡର ପାଇକା ନୃତ୍ୟ, ତୁଷୁରାର ସାନବଡଙ୍କ ଦ୍ୱାରା ଘୁଡୁକା ନାଚ , ଭବାନୀପାଟଣା ପ୍ରତିଭା ଅନୁଷ୍ଠାନର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ମୟ ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଦିନ ଅପରାହ୍ନରେ ଭୀମଡୁଙ୍ଗୁରୀ, ଶୁଲିଆପୀଠ, ଉପରଝର ପାଟଖଣ୍ଡା ପୀଠ, ମହିମୁଣ୍ଡା କଙ୍କେନବୁଢ଼ି ଶକ୍ତିପୀଠ, ଆଟଗାଁ ଆଦି ସ୍ଥାନମାନଙ୍କରୁ ଶୋଭାଯାତ୍ରାରେ ମଶାଲ ଅଣାଯାଇ ମହୋତ୍ସବ ଶୁଭାରମ୍ଭ କରାଯାଇଥିଲା। ମଶାଲକୁ କମିଟି ସଭାପତି ମେହେର ତଥା ଅନ୍ୟମାନେ ସ୍ୱାଗତ କରିବା ସହ ମଞ୍ଚପୂଜା କରାଯାଇଥିଲା। ହଳଧର କୁଅଁର ପୂଜକ ଦାୟିତ୍ୱ ତୁଲାଇଥିଲେ। ଚଳିତବର୍ଷ ଏହି ମହୋତ୍ସବ ଆଡମ୍ବରପୂର୍ଣ୍ଣ ହେବା ସହ ରାଜ୍ୟ ବାହାରରୁ ୪ଟି ସାଂସ୍କୃତିକ ଦଳ, ରାଜ୍ୟର ବିଭିନ୍ନ ଜିଲାରୁ ୫ଟି ଦଳ ଓ ଜିଲାସ୍ତରୀୟ ୫ଟି ଦଳ ନିଜର ପାରମ୍ପରିକ କଳା ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ମୀନାବଜାର, ଆକାଶ ଦୋଳି, ବଲାଙ୍ଗୀରର ଓମ ପ୍ରକାଶ ସାହୁଙ୍କ ବାଲୁକା କଳା, ନାମଯଜ୍ଞ ଆଦି ଆକର୍ଷଣର କେନ୍ଦ୍ର ସାଜିଛି ।

ପର୍ଯ୍ୟଟନସ୍ଥଳର ବିକାଶ ହେଲେ ସାମାଜିକ ଅର୍ଥନୈତିକ ବିକାଶ ଘଟିବ

ବାଲୁକା କଳାରେ ଭୀମବାବାଙ୍କ ପ୍ରତିମୂର୍ତ୍ତି

ଦେଓଗାଁ, ୮।୧୧(ଡି.ଏନ.ଏ.)

ଭୀମପାହାଡ ପାଦଦେଶରେ ଅନୁଷ୍ଠିତ ଗିରିଗୋବର୍ଦ୍ଧନ ପୂଜା ଅବସରରେ ବାଲୁକା କଳାରେ ଭୀମବାବାଙ୍କ ପ୍ରତିମୂର୍ତ୍ତି ଆକର୍ଷଣର କେନ୍ଦ୍ର ପାଲଟିଛି। ବଲାଙ୍ଗୀର ରାଜୀବ ନଗରରେ ବାସ କରୁଥିବା ଓମ ପ୍ରକାଶ ସାହୁ ଏହି କଳାକୁ ନିଖୁଣଭାବେ ପ୍ରଦର୍ଶିତ କରିଛନ୍ତି। ଏହାକୁ ଦେଖିବା ପାଇଁ ଦର୍ଶକ ତଥା ଶ୍ରଦ୍ଧାଳୁଙ୍କ ଭିଡ ବୃଦ୍ଧିପାଇଛି। ବାଲୁକା ଶିଳ୍ପୀ ଓମପ୍ରକାଶଙ୍କୁ ତାଙ୍କୁ ଏହି କଳା କାରୁକାର୍ଯ୍ୟ ସମ୍ପର୍କରେ ପଚାରିବାରୁ ସେ ଏହାକୁ ମୋ ପେଶା ନୁହେଁ ବରଂ ଏହା ମୋ ନିଶା ବୋଲି ପ୍ରକାଶ କରିଛନ୍ତି । ଜୟପୁରସ୍ଥିତ ଶ୍ରୀ ବିକ୍ରମ ଦେବ ଆର୍ଟ କଲେଜରେ ୨ବର୍ଷ ଡିପ୍ଲୋମା କଲା ପରେ ଖଲ୍ଲିକୋଟସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ୨୦୦୪ ମସିହାରେ କୃତିତ୍ୱର ସହ ସେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବର୍ତ୍ତମାନ ସେ ବଲାଙ୍ଗୀର ସଦର ବ୍ଲକ ଶିକାଛିଡା ପ୍ରାଥମିକ ସ୍କୁଲରେ ଶିକ୍ଷକତା କରୁଛନ୍ତି। ଶିକ୍ଷକତାରୁ କିଛି ଅବସର ମିଳିଲେ ଏପରି ବାଲୁକା କଳା ପ୍ରଦର୍ଶନ କରିବାକୁ ହାତଛଡା କରି ନ ଥାନ୍ତି ଓମପ୍ରକାଶ। ନିଜ ପକେଟ ଖର୍ଚ୍ଚରୁ ସମସ୍ତ ସରଞ୍ଜାମ ଯୋଗାଡ କରି ବାଲୁକା ମୂର୍ତ୍ତିମାନ ଗଢ଼ିଥାନ୍ତି । ୧୯୯୯ରୁ ଅଦ୍ୟାବଧି ୯୦ରୁ ଉର୍ଦ୍ଧ୍ୱ ବାଲୁକା କଳା ପ୍ରଦର୍ଶିତ କରିଥିବା କହିଛନ୍ତି। ପ୍ରାୟତଃ ପଶ୍ଚିମ ଓଡିଶାର କଳା ସଂସ୍କୃତି ଓ ପରମ୍ପରା ଉପରେ ପର୍ଯ୍ୟବେଷିତ ବାଲୁକା କଳା ପ୍ରଦର୍ଶନକୁ ସେ ଗୁରୁତ୍ୱ ଦେଉଥିବା କହିଛନ୍ତି ।

ଓମ୍ ପ୍ରକାଶ ସାହୁ ବାଲୁକାରେ ଭୀମବାବାଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରୁଛନ୍ତି ।

ବେକରେ ରଶି ନେଇ ଯୁବକଙ୍କ ଆତ୍ମହତ୍ୟା

ବଲାଙ୍ଗୀର ଅଫିସ, ୮।୧୧

ବଲାଙ୍ଗୀର ସହର ଟିକ୍ରାପଡାରେ ବୁଧବାର ରାତିରେ ଜଣେ ଯୁବକ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣକ ହେଲେ ବିଜୟ ବାଗ (୨୫) । ଗୁରୁବାର ସକାଳେ କବାଟ ନ ଖୋଲିବାରୁ ଘର ଲୋକେ ସନ୍ଦେହ କରିଥିଲେ। କବାଟ ଭାଙ୍ଗି ଭିତରକୁ ପଶିବା ପରେ ତାଙ୍କ ମୃତଦେହ ପଙ୍ଖାରେ ଝୁଲୁଥିବା ଦେଖାଯାଇଥିଲା। ଏହାପରେ ଟାଉନ୍ ଥାନା ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବୁଧବାର ଦୀପାବଳୀ ଉତ୍ସବ ଚାଲିଥିବାବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜୁଆଡେ ବିଜୟ ବାଣ ଫଟ୍‌କା ଫୁଟାଉଥିଲେ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅବମାନନା କରୁଥିବା ଦର୍ଶାଇ ପୋଲିସ ପିସିଆର ଟିମ୍ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇ ଯାଇଥିଲେ। ଏହାପରେ ଜିଲାପାଳ କାର୍ଯ୍ୟାଳୟରେ ଡ୍ରାଇଭର ଭାବେ କାର୍ଯ୍ୟରତ ଥିବା ତାଙ୍କ ପିତା ସରୋଜ ବାଗ ଥାନାକୁ ଆସି ପୁଅକୁ ପୋଲିସ ପାଖରୁ ଘରକୁ ନେଇଥିଲେ । ତେବେ ସକାଳୁ ପୁଅର ଆତ୍ମହତ୍ୟା ଖବର ପ୍ରଚାର ହେବା ପରେ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିଲା ।

ଆଜି କ'ଣ କେଉଁଠି

ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତିର ବାର୍ଷିକ ଅଧିବେଶନ

ବଲାଙ୍ଗୀର ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତିର ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥି ।

ବଲାଙ୍ଗୀର ଅଫିସ, ୮।୧୧

ବଲାଙ୍ଗୀର ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତିର ଦୁଇଦିନିଆ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି । ବିକ୍ରମାନନ୍ଦ ବହିଦାରଙ୍କ ସଭାପତିତ୍ୱରେ ପ୍ରଥମେ ସମିତିର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ଏହାପରେ ଜିଲା ଶିଶୁ କଲ୍ୟାଣ ସମିତି ଅଧକ୍ଷ ଯୋଗେଶ୍ୱର ମହାନ୍ତି ଓ ବିରଞ୍ଚି ବହିଦାରଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ଶଙ୍ଖ ଫୁଙ୍କିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହାପରେ ସମିତିର ଆଗାମୀ ଦୁଇବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ଅସୀମ ପଟ୍ଟନାୟକ ସଭାପତି, ପ୍ରଦୀପ କୁମାର କୁଅଁର ସାଧାରଣ ସମ୍ପାଦକ, ଗୌରଚନ୍ଦ୍ର ପୃଷେଠ, ଅଶ୍ୱିନୀ କୁମାର ପଟ୍ଟନାୟକ ଓ ଜୟରାମ ପଟ୍ଟନାୟକ ଉପସଭାପତି, ଦିଲୀପ ପୃଷେଠ ଓ ସୁଷମା ଚୌଧୁରୀ ସହସମ୍ପାଦକ ଏବଂ ମାନସ ରଞ୍ଜନ ବହିଦାର କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ । ଅପରାହ୍ନରେ ମହିଳାମାନେ ଚିତ୍ରଗୁପ୍ତ ପୂଜା ପୂର୍ବରୁ କଳସ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ଦ୍ୱିତୀୟ ଅଧିବେଶନରେ ମହିଳାମାନଙ୍କ ହୁଳହୁଳି, ସ୍ମରଣଶକ୍ତି ପ୍ରତିଯୋଗିତା, ଶିଶୁମାନଙ୍କ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ମହିଳା ଶାଖା ବୈଠକରେ କବୟିତ୍ରୀ, ଗାୟିକା ସଞ୍ଜୁକ୍ତା ପରିଚ୍ଛା ଅତିଥି ଭାବେ ଯୋଗଦାନ କରିଥିଲେ । ଏହି ସଭାରେ ଭାଗବତ ପ୍ରବାଚିକା ଶିବାନୀ ମହାନ୍ତିଙ୍କୁ ସମାଜସେବୀ ପଦ୍ମିନୀ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ କାଜଲ, ବିଦ୍ୟାଧର ଓ ସାଥୀ, ବର୍ଷା, ଅମିକା ବହିଦାର ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ । ଆସନ୍ତା କାଲି ଉଦ୍‌ଯାପନୀ ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ବୌଦ୍ଧ ଡିଆରଡିଏ ପିଡି ରାଜେନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି, ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ସୁଖେନ୍ଦୁ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେବେ । ଏହି ଅବସରରେ ଧରିତ୍ରୀର ଯୁବ ଫଟୋ ସାମ୍ବାଦିକ ସୁନୀଲ କୁମାର ମହାନ୍ତିଙ୍କୁ ନବୀନ ପୃଷେଠ ସ୍ମୃତି ସମ୍ମାନ ପ୍ରଦାନ କରାଯିବ ।

ଯାଦବ ସମାଜ ପକ୍ଷରୁ ଗିରି ଗୋବର୍ଦ୍ଧନ ପୂଜା

ଗୁଡଭେଲା, ୮।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ଏନଏସିସ୍ଥିତ ଗିରିଗୋବର୍ଦ୍ଧନ ପାହାଡ ଉପରେ ଗୁରୁବାର ଗିରି ଗୋବର୍ଦ୍ଧନ ପୂଜା ପାଳିତ ହୋଇଯାଇଛି । ପ୍ରଥମେ ସ୍ଥାନୀୟ ରାଧାରାଣୀ ମନ୍ଦିରରୁ ଶ୍ରୀକୃଷ୍ଣ ଓ ରାଧା ଠାକୁରାଣୀଙ୍କ ଚଳନ୍ତିପ୍ରତିମାକୁ ଏକ ପାଳିଙ୍କିରେ ବିରାଜମାନ କରାଯାଇଥିଲା। ଏହାପରେ ବିଭିନ୍ନ ବାଦ୍ୟ ସହିତ ଏକ ଭବ୍ୟ ଶୋଭାଯାତ୍ରାରେ ସହରର ମୁଖ୍ୟ ରାସ୍ତା ଦେଇ ପାହାଡ଼କୁ ପାଛୋଟି ନେଇ ସେଠାରେ ଠାକୁରଙ୍କ ପୂଜା ଅର୍ଚ୍ଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ପଛୁଆ ବର୍ଗ ଉନ୍ନୟନ ପରିଷଦ ଅଧକ୍ଷ ବଳରାମ ସିଂ ଯାଦବ, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ତଥା ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା, ଟିଟିଲାଗଡର ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇ, ଶାନ୍ତନୁ ନାୟକ ପ୍ରମୁଖ ଯୋଗଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲା ।

ଗୋଡ଼ଭଙ୍ଗା-ମାଲପଡ଼ା ସେତୁ ଉଦ୍‌ଘାଟିତ

ଖପ୍ରାଖୋଲ/ବେଲପଡା, ୮।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଦର୍ଲାପାଲି ପଞ୍ଚାୟତ ଗୋଡଭଙ୍ଗା-ମାଲପଡା ରାସ୍ତା ସୁକତେଲ ନାଳ ଉପରେ ନବନିର୍ମିତ ସେତୁ ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ଗୁରୁବାର ଉଦଘାଟିତ ହୋଇଯାଇଛି । ଉଦଘାଟନି ଅବସରରେ ପ୍ରଥମେ ସ୍ଥାନୀୟ ଜନସାଧାରଣ ଭବ୍ୟ ଶୋଭାଯାତ୍ରାରେ ବିଧାୟକ ସେତୁ ନିକଟକୁ ଆଣିଥିବାବେଳେ ସେଠାରେ ନଡିଆ ଭାଙ୍ଗି ସେତୁର ଉଦଘାଟନ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ କୁନୁ ମୁଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥିଭାବେ ବିଧାୟକ ସିଂଦେଓ, ସମ୍ମାନିତ ଅତିଥି ରୁପେ ବେଲପଡା ବ୍ଲକ ଅଧ୍ୟକ୍ଷା ବୈଜୟନ୍ତି ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ସେଠ, ମାଧବ ବର୍ଗେ, ଦର୍ଲାପାଲି ସରପଞ୍ଚ ଡଗରଜିତ ମାଝୀ, କନ୍ଧଲଝୁଲା ସରପଞ୍ଚ ପୀତବାସ ନାଏକ, ଗମ୍ଭାରୀ ସରପଂଚ ବନ୍ଦିତା ମେହେର, ସମିତି ସଭ୍ୟ କଲ୍ୟାଣୀ ସାହୁ, ତୁଳସା ଧରୁଆ ପ୍ରମୁଖ ମଞ୍ଚାସୀନ ଥିଲେ । ବେଲପଡା ଖପ୍ରାଖୋଲ ବ୍ଲକ ସୀମାନ୍ତରେ ଥିବା ମାଲପଡା ଗାଁ ବର୍ଷା ଦିନେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡୁଥିଲା । ଏହି ଗାଁ ତଥା ଅଞ୍ଚଳବାସୀଙ୍କ ଦାବି ଅନୁସାରେ ଗମ୍ଭାରୀଠାରୁ ମାଲପଡା ଯାଏଁ ୧କୋଟି ୪୫ଲକ୍ଷ ଟଙ୍କା ବ୍ୟୟବରାଦରେ ପାଟଣାଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବର୍ଷେ ତଳେ ପ୍ରଧାନମନ୍ତ୍ରୀ ସଡକ ଯୋଜନା ଓ ବିଜୁ ସେତୁ ଯୋଜନାରେ ରାସ୍ତା ଏବଂ ସେତୁ କାମ ଆରମ୍ଭ ହୋଇଥିବାବେଳେ ଏବେ ରାସ୍ତା ଏବଂ ସେତୁ କାମ ଶେଷ ହୋଇଛି । ଏହା ଦ୍ୱାରା ଖପ୍ରାଖୋଲ ବ୍ଲକ ଓ ବେଲପଡା ବ୍ଲକ ଅଞ୍ଚଳକୁ ଯୋଗାଯୋଗ ହୋଇପାରିବା ସହ ମାଲପଡା ଲୋକେ ଉପକୃତ ହେବେ। ଉଦ୍‌ଘାଟନୀ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ନୀଳ ପାଣିଗ୍ରାହୀ, ପ

ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଣ୍ଟିନ

ସଂକ୍ଷେପରେ

ସୁନ୍ଦରଗଡ଼ରେ ଓଲି ରଥକୁ ସ୍ୱାଗତ, ରୋଡ୍ ଶୋ

ସୁନ୍ଦରଗଡ଼, ୮।୧୧ (ଡି.ଏନ୍.ଏ)- ଓଡିଶାରେ ଆୟୋଜିତ ହେବାକୁ ଥିବା ବିଶ୍ୱକପ୍ ହକି ଟୁର୍ଣ୍ଣାମେଣ୍ଟର ମାସ୍କଟ ଓଲିକୁ ସୁନ୍ଦରଗଡରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଓଲି ରଥ ସୁନ୍ଦରଗଡରେ ପହଞ୍ଚି ଭବାନୀପୁର କ୍ରୀଡା ଛାତ୍ରାବାସ ପରିସରରେ ରହିଥିଲା। ବୁଧବାର ସକାଳେ ଜିଲା ପ୍ରଶାସନ ଓ ଜନସାଧାରଣଙ୍କ ତରଫରୁ ଓଲିକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ହକିର ଏନ୍ତୁଡିଶାଳ ସୁନ୍ଦରଗଡ ଜିଲାର ୧୭ଟି ବ୍ଲକକୁ ଏହି ଓଲିରଥ ପରିକ୍ରମା କରି ହକିର ପ୍ରଚାରପ୍ରସାର ସହ ଖେଳାଳିଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ କାର୍ଯ୍ୟକ୍ରମ ରହିଛି। ରାଜ୍ୟ କ୍ରୀଡା ଛାତ୍ରାବାସ ଓ ସାଇକ୍ରୀଡା ଛାତ୍ରାବାସ ସମେତ ବିଜୁ ଯୁବ ବାହିନୀ ପକ୍ଷରୁ ଏହି ଅବସରରେ ବାହାରିଥିବା ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁଜ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ, ଜିଲା ବିଜୁ ଯୁବ ବାହିନୀର ପ୍ରକଳ୍ପ ଅଧିକାରୀ ପ୍ରବୀର ଦାଶ, ଜିଲା ସଂଯୋଜକ ଅଭିନବ କର, ଜଗନ୍ନାଥ ମିଶ୍ର, ଦୈତାରୀ ତାଜନ ପ୍ରମୁଖ ଉପସ୍ଥିତ ଥିଲେ।

ଏଜେଣ୍ଟ ଦ୍ୱାରା ଠକାମିର ଶିକାର ଯୁବତୀ ଫରିଦାବାଦରୁ ଉଦ୍ଧାର

ବଡଗାଁ, ୮।୧୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଏକମା, ମହାକୂଳପଡାର ଜଣେ ଯୁବତୀ କୁଡ଼ା ଥାନା ଅଧିନ ଜ୍ଞାନପାଲି ଗ୍ରାମର ଜଣେ ଯୁବତୀ ଚାଲାଣ ର୍ୟାକେଟର ଏଜେଣ୍ଟଙ୍କ ଦ୍ୱାରା ଠକାମୀର ଶିକାର ହୋଇଛନ୍ତି। ଭଲ ଚାକିରି ଆଶାରେ ହରିୟାଣାର ଫରିଦାବାଦକୁ ଯାଇଥିବା ସମ୍ପୃକ୍ତ ଯୁବତୀଙ୍କୁ ବଡଗାଁ ଥାନା ପୋଲିସ ଉଦ୍ଧାର କରିଆଣିଛି। ସୂଚନାନୁଯାଇ, ଏକମାର ସୁକେସିନି ଲାକ୍ରା ଓରଫ ଶ୍ୱେତା (୨୩)ଙ୍କ ଘରକୁ ଯାଇ ଜ୍ଞାନପାଲିର ଲାଲୁ ମାଝି ଭଲ ଚାକିରି ଯୋଗାଡ କରାଇଦେବେ କହି ନେଇଥିଲେ। ସେଠାରେ ରୋସନି ପ୍ଲେସମେଣ୍ଟ ଏଜେନ୍ସିର ମାଲିକ ବଜରଙ୍ଗିଙ୍କ ଜରିଆରେ ଦିଲ୍ଲୀ କେଣ୍ଟରେ ରହୁଥିବା ଆର୍ମୀ ଅଫିସର ପୁଷ୍ପା କୁମାରୀଙ୍କ ଘରେ କାମ କରୁଥିଲେ। ତାଙ୍କୁ ମାସିକ ୮ ହଜାର ଟଙ୍କା ଦେବାକୁ କୁହାଯାଇଥିଲା । ସେଠାରେ ସାଢ଼େ ୭ମାସ କାମ କଲା ପରେ ମୟୁରବିହାରର ଜଣେ ବ୍ୟକ୍ତିଙ୍କ ଘରେ ୨ଦିନ କାମ କରିଥିଲେ। ପରେ ତାଙ୍କୁ ଫରିଦାବାଦର ଅନ୍ୟଜଣେ ବ୍ୟକ୍ତିଙ୍କ ଘରେ କାମ କରିବାକୁ ଦିଆଯାଇଥିଲା। ତାଙ୍କ ଘରେ ସାଢ଼େ ୩ ମାସ କାମ କରିଥିଲେ। ଗୃହକର୍ତ୍ତା ସିମଲାରେ କୌଣସି ଏକ ଅପରାଧିକ ମାମଲାରେ ଜଡିତ ଥିବାରୁ ପୋଲିସ ଗିରଫ କରିନେଲା ପରେ ପ୍ଲେସମେଣ୍ଟ ଏଜେନ୍ସିର ମାଲିକ ତାଙ୍କୁ ଫରିଦାବାଦର କ୍ୱାଟର ନଂ. ୭୫ ସେକ୍ଟର- ୨୧ରେ ରହୁଥିବା ଜଣେ ଦମ୍ପତିଙ୍କ ଘରେ କାମ କରିବାକୁ ନିଯୁକ୍ତ କରିଥିଲେ।

ଏହିସବୁ ସ୍ଥାନରେ କାମ କରିବା ପାଇଁ ୮ରୁ ୯ ହଜାର ଟଙ୍କା ମାସିକ ଦେବାକୁ କୁହାଯାଇଥିଲେ ମଧ୍ୟ ଦିଆଯାଇ ନ ଥିଲା। ଏନେଇ ସେ ସେପ୍ଟେମ୍ବର ମାସରେ ତାଙ୍କ ଭାଇ ସୁବନ ଲାକ୍ରାଙ୍କୁ ଫୋନରେ ଜଣାଇଥିଲେ। ଘଟଣା ସମ୍ପର୍କରେ ତାଙ୍କ ଭାଇ ଥାନାରେ ଜଣାଇଥିଲେ। ବଡ଼ଗାଁ ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, କନଷ୍ଟେବଲ ରମେଶ ଚନ୍ଦ୍ର ପଟେଲ ଓ ଯୁବତୀଙ୍କ ଭାଇ ଫରିଦାବାଦ ଯାଇ ସଞ୍ଜୟ ସେଠ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ଉଦ୍ଧାର କରି ବୁଧବାର ସନ୍ଧ୍ୟାରେ ବଡଗାଁ ପହଞ୍ଚିଥିଲେ। ଗତବର୍ଷ ଜାନୁୟାରୀ ମାସରେ ଯୁବତୀଙ୍କୁ ଠକି ନିଆଯାଇଥିଲା। ଜ୍ଞାନପାଲିର ଏଜେଣ୍ଟ ଲାଲୁଙ୍କ ନାମରେ ମାମଲା ରୁଜୁ ହୋଇଥିବାବେଳେ ସେ ଫେରାର ଥିବା ପୋଲିସ କହିଛି। ଶ୍ୱେତା ସ୍ନାତକ କଲାପରେ ଘରେ ରହୁଥିଲେ। ଭଲ ଚାକିରି ପାଇବା ଆଶାରେ ଠକାମୀର ଶିକାର ହୋଇଥିବା ଶ୍ୱେତା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଜିଲାର ବିଭିନ୍ନ ଗ୍ରାମରୁ ପ୍ଲେସମେଣ୍ଟ ଏଜେନ୍ସିର ଏଜେଣ୍ଟ (ସ୍ଥାନୀୟ ଏଜେଣ୍ଟ)ମାନେ ଗରିବ ପରିବାରର ଯୁବତୀଙ୍କୁ ପ୍ରଲୋଭନ ଦେଇ ଦିଲ୍ଲୀ, ବମ୍ବେକୁ ନେଇଥାନ୍ତି ଓ ସେମାନଙ୍କ ଦରମାକୁ ହଡପ କରିବାର ଅନେକ ଦୃଷ୍ଟାନ୍ତ ରହିଛି।

ସାଇ ମନ୍ଦିରରେ ଦୀପଦାନ

ରାଉରକେଲା ଅଫିସ, ୮।୧୧

ଦୀପାବଳି ଉପଲକ୍ଷେ ବେଦବ୍ୟାସ ଟିଙ୍ଗିଆଇ ଶିରିଡ଼ି ସାଇ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ଏଥିରେ ସାମୂହିକ ଦୀପଦାନ କରାଯାଇ ବିଶ୍ୱର କଲ୍ୟାଣ କାମନା କରାଯାଇଥିଲା। ଗତ ବିଜୟା ଦଶମୀ ଓ କୁମାର ପୂର୍ଣ୍ଣିମୀ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ମାର୍ଗଦର୍ଶନରେ ନବନିର୍ମିତ ଦୀପମ ମନ୍ଦିର ଉଦ୍‌ଘାଟିତ ହୋଇଥିଲା, ଯେଉଁଠାରେ ଦୀପାବଳି ଅବସରରେ ଶ୍ରଦ୍ଧାଳୁମାନେ ଭକ୍ତିପୂତ ମନରେ ଦୀପ ପ୍ରଜ୍ୱଳନ କରିଥିଲେ। ଏଥିରେ ଶିରିଡ଼ି ସାଇ ସଂସ୍ଥାନ ପକ୍ଷରୁ ବି.ବି.ଜି. ଙ୍ଗି, ଅରୁଣ ପାଣି, ବିନୋଦ ଶର୍ମା ଓ ଅଶୋକ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

ଦୀପମ ମନ୍ଦିରରେ ପ୍ରବେଶ କରୁଛନ୍ତି ସାଇ ଉପାସକ ଚନ୍ଦ୍ରଭାନୁ ଶତପଥୀ ଓ ଅନ୍ୟମାନେ।

ସୁନ ଦରଗଡ଼ ଜିଲା ଫୁଟବଲ ଚାମ୍ପିୟନଶିପ୍

ଆକ୍ସନ କ୍ଲବ ଚାମ୍ପିୟନ, ଆଡକଠା ରନର୍ସ ଅପ୍

ସୁନ୍ଦରଗଡ, ୮।୧୧ (ଡି.ଏନ୍.ଏ)

ଜିଲା କ୍ରୀଡାସଂସଦ ଆନୁକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମଠାରେ ଚାଲିଥିବା ଜିଲା ଫୁଟବଲ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ସୁନ୍ଦରଗଡ ଆକ୍ସନ କ୍ଲବ ଏବଂ ଜୟହିନ୍ଦ ୟୁନିଟ୍ ଆଡକଠା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ଫାଇନାଲ ମ୍ୟାଚରେ ଆକ୍ସନ କ୍ଲବ ୪-୨ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିବା ବେଳେ ଆଡକଠା ଦଳ ରନର୍ସ ଅପ୍ ହୋଇଛି। ଆକ୍ସନ କ୍ଲବର ମହେଶ ପ୍ରଧାନ ୨ଗୋଲ୍, ପୌଲସ୍ତି ଡିଲା ଓ ଦୁଷ୍ମ ମାଝି ଗୋଟିଏ ଲେଖାଏଁ ଗୋଲ କରିଥିଲେ। ସେହିପରି ଜୟହିନ୍ଦ ୟୁନିଟ ଆଡକଠା ଦଳର କିଶୋର ଖଡିଆ ୨ଟି ଗୋଲ କରିବାରେ ସକ୍ଷମ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ସଦର ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ଏହି ଅବସରରେ ସୁନ୍ଦରଗଡ

ଅତିଥିଙ୍କ ସହ ଖେଳାଳିମାନେ।

ଜିଲାର ୪ଜଣ ଆନ୍ତର୍ଜାତୀୟ ମହିଳା ଫୁଟବଲ ଖେଳାଳି ସୁସ୍ମିତା ତନ୍ତୀ, ସରିତା ସୋରେଙ୍ଗ, ମଞ୍ଜୁ ଓ ମନୀଷା ନାଏକଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଜୟଦୁର୍ଗା କ୍ଲବ ରଂଗାଡିପାକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ପୁରସ୍କାର ,ପିୟୁଷ ମୁଣ୍ଡାଙ୍କୁ ଶ୍ରେଷ୍ଠ ଖେଳାଳି, ଦୁଷନ୍ତ ମାଝୀଙ୍କୁ ଉଦୀୟମାନ ଖେଳାଳୀ ଓ ମହେଶ ପ୍ରଧାନଙ୍କୁ ମ୍ୟାନ ଅପ୍ ଦ ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଖେଳକୁ ରେଫରୀ ସୁଶାନ୍ତ ଷଣ୍ଢ, ସୁଶୀଲ ପଟେଲ, ହେମନ୍ତ ଦାସ ଓ ପ୍ରସନ୍ନ ଭୋଇ ଖେଳ ପରିଚାଳନା କରିଥିଲେ। ଜାତୀୟ ରେଫରୀ ଦୁର୍ଗାମାଧବ ନାଏକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ଉଦଯାପନୀ ସଭାରେ ଜିଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ହସନ୍ ଇମାମ୍ ସଭାପତିତ୍ୱ କରିଥିଲେ । ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଫୁଟବଲ ସମ୍ପାଦକ ନିତ୍ୟ କୁମାର ବଳ ଧନ୍ୟବାଦ ଦେଇଥିଲେ । କ୍ରୀଡା ସଂସଦର ଉପସଭାପତି କାର୍ତ୍ତିକ ବରିହା, ରାଜେନ୍ଦ୍ର ମହାନ୍ତି, ଜୟଦେବ ପାତ୍ର, ପୌଷଚନ୍ଦ୍ର ପଟେଲ, ବିମଲ ବୋଷ, ବୀରମିତ୍ର କାଲୋ, ରବୀନ୍ଦ୍ର ରଣା, ଦିବ୍ୟସିଂ ନାଏକ, ପ୍ରଶାନ୍ତ ପଟେଲ, ଅକ୍ଷୟ ନାଏକ, ପ୍ରସାଦ ନାଏକ, ରୋମାଞ୍ଚ ଭୈଷୀଲଁ, ଅଜୟ ବହିଦାର, ଅନୀଲ ଜମିଦାର ପ୍ରମୁଖ ଉପସ୍ଥିତ ଥିଲେ ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଷ୍ଟେସଡ୍ ଆସେଟ୍‌ସ୍ ରିକଭରି ଶାଖା, ପ୍ଲଟ୍ ନଂ: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର
ଶାଖା ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୨୧, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୬୧୩
ଶାଖା ଇ-ମେଲ : sbi.05174@sbi.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିଜ୍ଞପ୍ତି ରୁଲ୍ ୮ (୬) ଦ୍ରଷ୍ଟବ୍ୟ

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସିକ୍ୟୁରିଟି (ଏନ୍‌ଫୋର୍ସମେଣ୍ଟ) ରୁଲ ୨୦୦୨ର ସର୍ତ୍ତ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସର୍ବସାଧାରଣ, ରଣଗ୍ରହୀତା ଏବଂ ଜାମିନଦାରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରା ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ଦର୍ଶିତ ସମ୍ପତ୍ତିଗୁଡିକୁ "ଯେଉଁଠାରେ ଯେପରି ଅଛି" ''ଯାହା ଯେପରି ଅଛି'' ଏବଂ ''ଯାହା କିଛି ସେଠାରେ ଅଛି'' ଭିତ୍ତିରେ ଇ-ନିଲାମ ମାଧ୍ୟମରେ ତା୧୦.୧୨.୨୦୧୮ରିଖରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି । ଯାହାକି ନିମ୍ନରେ ପ୍ରଦତ୍ତ ।

କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୦୫.୧୨.୨୦୧୮ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ

ଇ-ନିଲାମ ତାରିଖ ଏବଂ ସମୟ: ତା.୧୦.୧୨.୨୦୧୮ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୫ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

କ୍ର. ନଂ.	ରଣଗ୍ରହୀତାମାନଙ୍କ / ଜାମିନଦାରମାନଙ୍କ ନାମ ଏବଂ ଠିକଣା	ସମ୍ପତ୍ତି ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ	ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତି ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ	ସଂରକ୍ଷିତ ମୂଲ୍ୟ ଅମାନତ ଜମା ବିଡ୍ ବୃଦ୍ଧି ପରିମାଣ
୧.	**ରଣଗ୍ରହୀତା: ଶ୍ରୀ ପ୍ରୟାସ କାନ୍ତି ସାମଲ,** ପିତା: ଶ୍ରୀ ପ୍ରଦୀପ ସାମଲ, ପ୍ଲଟ ନଂ.: ଏ/୬୦, ପଲାସପଲ୍ଲୀ ଡୁପ୍ଲେକ୍ସ, ପୋ.: ଏରୋଡ୍ରମ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୨୦, **ବିକଳ୍ପ ଠିକଣା:** ପ୍ଲଟ ନଂ.: ଏ/୫୬, ପଲାସପଲ୍ଲୀ ଡୁପ୍ଲେକ୍ସ, ପୋ.: ଏରୋଡ୍ରମ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୨୦ ।	**ଶ୍ରୀ ପ୍ରୟାସ କାନ୍ତି ସାମଲ,** ପିତା: ଶ୍ରୀ ପ୍ରଦୀପ ସାମଲଙ୍କ ନାମରେ ଥିବା ଏକ ୩ ବିଏଚ୍‌କେ ଫ୍ଲାଟର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଟିଆ, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ହାଲ୍ ଥାନା: ଚନ୍ଦ୍ରଶେଖରପୁର, ଥାନା ନଂ.: ୨୨, ଜିଲ୍ଲା ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୩୫, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଖାତା ନଂ.: ୬୭, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୧୦ ଡିସିମିଲି ଏବଂ ଖାତା ନଂ.: ୫୬, ପ୍ଲଟ ନଂ.: ୫୭୫, କ୍ଷେତ୍ର: ଏକର ୦.୨୧୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୫୯୦ ଡିସିମିଲି,** କିସମ: ଘରବାଡି, ଯେଉଁଥିରୁ ଆନୁପାତିକ ଅବିଭକ୍ତ ଅବିଭାଜ୍ୟ ଜମିର ଅଂଶ ଏକର ୦.୦୦୧.୫୮ ଡିସିମିଲି ସହିତ ''ତ୍ରିଷା ଅରବିନ୍ଦ'' ପଟିଆରେ ଥିବା ଗୃହ ଯାହାର ଫ୍ଲାଟ୍ ନଂ.: ୨୧୦, ଟାଇପ୍-ଜେ, ଦ୍ୱିତୀୟ ମହଲା, ଶୀ ବିଏଚ୍‌କେ, ସୁପର ବିଲ୍ଟ ଅପ୍ ଏରିଆ: ୧୬୭୦ ବର୍ଗଫୁଟ ହସ୍ତାନ୍ତର କରାଯାଇଅଛି ।	୨୯.୧୧.୨୦୧୬ ସୁଦ୍ଧା ତ.୪୭,୬୩,୭୩୭/- + ୨୦.୧୧.୨୦୧୬ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୧୯.୧୧.୨୦୧୬	ତ.୪୧,୩୫,୦୦୦/- / ତ.୪,୧୩,୫୦୦/- / ତ.୧୦,୦୦୦/-
୨.	**ରଣଗ୍ରହୀତା: ଶ୍ରୀ ବ୍ରଜହରି ଦାସ ଏବଂ ଶ୍ରୀମତୀ ଆଲୋକ ରେଖା ଦାସ,** ଉଭୟଙ୍କ ଠିକଣା : ସା : ବି-୧୯୩/୧୧, ସେକ୍ଟୋର-୦୨, ନାଲକୋ ମାଇନ୍, ଦାମନଜୋଡି, କୋରାପୁଟ - ୭୬୩୦୦୮	**ଶ୍ରୀ ବ୍ରଜହରି ଦାସ ଏବଂ ଶ୍ରୀମତୀ ଆଲୋକ ରେଖା ଦାସଙ୍କ** ଜମି ଓ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଟିଆ, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ହାଲ୍ ଥାନା: ଚନ୍ଦ୍ରଶେଖରପୁର, ଥାନା ନଂ.: ୨୨, ଡିଏସଆରଓ : ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୬୭, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୧୦ ଡିସିମିଲି, ଖାତା ନଂ.: ୧୩୫, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୧୦ ଡିସିମିଲି, ଖାତା ନଂ.: ୫୬, ପ୍ଲଟ ନଂ.: ୫୭୫, କ୍ଷେତ୍ର: ଏକର ୦.୧୮୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୫୯୦ ଡିସିମିଲି,** କିସମ: ଘରବାଡି, ସ୍ଥିତି-ସ୍ଥିତିବାନ, ଯେଉଁଥିରୁ ଆନୁପାତିକ ଅବିଭକ୍ତ ଅବିଭାଜ୍ୟ ଜମିର ଅଂଶ ଏକର ୦.୦୦୨.୭୧ ଡିସିମିଲି ସହିତ ''ତ୍ରିଷା ଅରବିନ୍ଦ'' ପଟିଆରେ ଥିବା ଗୃହ ଯାହାର ଫ୍ଲାଟ୍ ନଂ.: ୨୧୦, ଟାଇପ୍-ଜେ, ପ୍ରଥମ ମହଲା, ୩ ବିଏଚ୍‌କେ, ସୁପର ବିଲ୍ଟ ଅପ୍ ଏରିଆ: ୧୬୭୦ ବର୍ଗଫୁଟ ସ୍ଥାନରେ ସୁପର ବିଲ୍ଟ ଅପ୍ ଏରିଆ: ୧୬୭୦ ବର୍ଗଫୁଟ ଘର ଏବଂ କାର ପାର୍କିଂ ନିମନ୍ତେ ଛାତ ତଳ ୧୪ ନମ୍ବର ସ୍ଥାନ ହସ୍ତାନ୍ତର କରାଯାଇଅଛି ।	୦୫.୦୬.୨୦୧୭ ସୁଦ୍ଧା ତ.୩୭,୯୯,୭୧୯/- + ୦୬.୦୬.୨୦୧୭ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୦୬.୦୬.୨୦୧୭	ତ.୪୧,୭୫,୦୦୦/- / ତ.୪,୧୭,୫୦୦/- / ତ.୧୦,୦୦୦/-
୩.	**ରଣଗ୍ରହୀତା: ମେସର୍ସ ଏସ୍.ଏସ୍. ଫୁଡ୍, ସ୍ୱତ୍ୱାଧିକାରୀ : ଶ୍ରୀମତୀ ରଶ୍ମୀ ପ୍ରଧାନ,** ସ୍ୱାମୀ : ଶ୍ରୀ ସତ୍ୟ ଗୋପାଳ ଧିରବିଶୋଇ, ସା : ନୂଆପାଟଣା, ବାରହରେକୃଷ୍ଣପୁର, ପୁରୀ, ଜିଲ୍ଲା : ପୁରୀ, **ବାସସ୍ଥାନ ଠିକଣା :** ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ପୁରୀ, ଜିଲ୍ଲା : ପୁରୀ / **ଜାମିନଦାରମାନେ : ୧) ଶ୍ରୀମତୀ ସନ୍ଧ୍ୟା ଧିରବିଶୋଇ,** ସ୍ୱାମୀ : ଶ୍ୟାମଗୋପାଳ ଧିରବିଶୋଇ, ସା : ସର୍ବୋଦୟ ନଗର, ପୁରୀ, ଓଡିଶା, **୨) ଶ୍ରୀ ରବିନାରାୟଣ ପ୍ରଧାନ**	**ଶ୍ରୀମତୀ ରଶ୍ମୀ ପ୍ରଧାନ ଏବଂ ଶ୍ରୀମତୀ ସନ୍ଧ୍ୟା ଧିରବିଶୋଇଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବାଲୁଖଣ୍ଡ-୧୫୧, ତହସିଲ : ପୁରୀ, ଥାନା : ପୁରୀ ସଦର, ଜିଲ୍ଲା : ପୁରୀ, ମ୍ୟୁଟେଟେଡ୍ ଖାତା ନଂ.: ୫୨୧/୩୧୩୧, ମ୍ୟୁଟେଟେଡ୍ ପ୍ଲଟ୍ ନଂ.: ୯୭୨/୮୦୧୮, କ୍ଷେତ୍ର : ଏକର୦.୦୫୮ ଡିସିମିଲି, କିସମ : ଘରବାରୀ	୧୩.୧୨.୨୦୧୭ ସୁଦ୍ଧା ତ.୪୩,୨୯,୦୫୯/- + ୧୪.୧୨.୨୦୧୭ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୧୯.୧୨.୨୦୧୭	ତ.୨୦,୩୮,୦୦୦/- / ତ.୨,୦୩,୮୦୦/- / ତ.୧୦,୦୦୦/-

ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ : ୦୩.୧୨.୨୦୧୮ ପୂର୍ବାହ୍ନ ୧୧.୦୦ ଘଟିକା

ନିଲାମର ନିୟମ ଓ ସର୍ତ୍ତାବଳି ନିମନ୍ତେ ଭାରତୀୟ ଷ୍ଟେଟ ବ୍ୟାଙ୍କର **website i.e https://sbi.auctiontiger.net** ରେ ଦେଖିପାରିବେ ।

ତାରିଖ :୦୮.୧୧.୨୦୧୮
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ: sbi.10027@sbi.co.in

ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନଷ୍ଟ

ପିତାଙ୍କ ସବୁଠାରୁ ବଡ କର୍ତ୍ତବ୍ୟ ହେଉଛି ଯେ ପୁତ୍ରକୁ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବା ।

- ଚାଣକ୍ୟ

ସଂକ୍ଷେପରେ

ବୌଦ୍ଧରେ କାଳୀପୂଜା ସମ୍ପନ୍ନ

ବୌଦ୍ଧ,୮।୧୧(ସ୍ୱ.ପ୍ର): ଆଲୋକର ପର୍ବ ପବିତ୍ର ଦୀପାବଳି ଅବସରରେ ବୌଦ୍ଧର ଭୈରବୀ ବଜାର ଓ ଶିବାନୀ ବଜାରରେ କାଳୀପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଗତ ମଙ୍ଗଳବାରଠାରୁ ପାରମ୍ପରିକ ରୀତିନୀତି ଅନୁସାରେ ମହାନଦୀରୁ ଜଳପୂର୍ଣ୍ଣ କଳସ ଆଣି ପୂଜାପୀଠରେ ସ୍ଥାପନ କରାଯାଇଥିଲା । ଦୀପାବଳୀର ମଧ୍ୟରାତ୍ରୀରୁ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା । ଉଭୟ ବଜାରରେ ମୃଣ୍ମୟ ମୂର୍ତ୍ତି ନିର୍ମାଣ ସହିତ ସୁଦୃଶ୍ୟ ତୋରଣ ଓ ରଙ୍ଗିନ ଆଲୋକମାଳାରେ ଦୋକାନ ଗୁଡିକ ଝଲସି ଉଠୁଛି। ପୂଜା କମିଟିର କର୍ମକର୍ତ୍ତାମାନେ ନିଷ୍ଠାର ସହିତ ମା'ଙ୍କ ପୂଜାବିଧି ପାଳନ କରିଥିଲେ। ଶିବାନୀ ବଜାର ପୂଜା କମିଟି ପକ୍ଷରୁ ଏବର୍ଷ ପୂଜକ ଭାବେ ମନୋରଞ୍ଜନ ମିଶ୍ର ପୂଜା କରିଥିବା ବେଳେ ପ୍ରଫୁଲ୍ଲ ତ୍ରିପାଠୀ ଓ ପୁରୁଷୋତ୍ତମ ସାହୁ କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିଲେ । ସେହିପରି ଭୈରବୀ ବଜାର ପୂଜା କମିଟି ପକ୍ଷରୁ ସଞ୍ଜୀବ ପଣ୍ଡା ପୂଜା କରିଥିବା ବେଳେ ମନମୋହନ ଶତପଥି କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିଲେ । କମିଟି ପକ୍ଷରୁ ପୂଜାକୁ ଆକର୍ଷଣୀୟ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

ବରିଷ୍ଠ ନାଗରିକ ମଞ୍ଚର ବୈଠକ

ପଲଶାଗୋରା,
୮।୧୧(ଡି.ଏନ.ଏ): କଣ୍ଟାମାଳ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଦୃତିଆ ଚରଣ ସାହୁଙ୍କ ସଭାପତିତ୍ୱରେ ଗୁରୁବାର ସଂଘର ପଞ୍ଚମ ବୈଠକ କଣ୍ଟାମାଳ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମ୍ପାଦକ ଦେବୀ ପ୍ରସାଦ ନାଏକ ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ଜିଲା ମଞ୍ଚରେ ଗ୍ରହଣ କରାଯାଇଥିବା ପ୍ରସ୍ତାବଗୁଡିକ ଉପରେ ଆଲୋଚନା କରିଥିଲେ। କଣ୍ଟାମାଳରେ ରନ୍ଧନ ଗ୍ୟାସ୍ ବିତରଣ କେନ୍ଦ୍ର, ମେଗା ଜଳସେଚନ ପ୍ରକଳ୍ପଗୁଡିକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଓ କଣ୍ଟାମାଳ ସଦର ଡାକ୍ତରଖାନାରେ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କୁ ତୁରନ୍ତ ନିଯୁକ୍ତି ନିମନ୍ତେ ବିଭାଗୀୟ କର୍ମକର୍ତ୍ତାଙ୍କୁ ଜଣାଇବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା । କୋଷାଧକ୍ଷ ସୁରେଶ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ଅର୍ଜୁନ ସାହୁ, ଉପଦେଷ୍ଟା ନବୀନ କୁମାର ବିଶି, ବଂଶୀଧର ମାହାଣା, ବସନ୍ତ କୁମାର ସାହୁଙ୍କ ସମେତ ୨୨ଜଣ ସଦସ୍ୟ ଉପସ୍ଥିତ ଥିଲେ ।

ମହିଳା ଆତ୍ମ ସୁରକ୍ଷା ତାଲିମ

ପଲଶାଗୋରା,
୮।୧୧(ଡି.ଏନ.ଏ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସଦର ପଞ୍ଚାୟତ ଡିଗ୍ରୀ କଲେଜରେ ସୋମବାର ବାଳିକାମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଦିବସରେ କଲେଜ ପରିସରରେ ଏକ ସଚେତନତା ସଭା ହୋଇଥିଲା । ମହାବିଦ୍ୟାଳୟ ଅଧକ୍ଷ ସାଗର ବଗର୍ତ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଣ୍ଟାମାଳ ଅଗ୍ନିଶମ ବିଭାଗର ଅଧିକାରୀ ପ୍ରଦୀପ ଖାଡିଆ ମୁଖ୍ୟଅତିଥି, ମହାବିଦ୍ୟାଳୟର ରବିନ୍ଦ୍ର କୁମାର ପ୍ରଧାନ, କିଶୋର ଚନ୍ଦ୍ର ଜଗଦେବ, ଦେବଦାସ ମହାପାତ୍ର, ମାଷ୍ଟର ଟ୍ରେନର କଳ୍ପନା ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ପାଇଁ ଆତ୍ମ ସୁରକ୍ଷାର ଆବଶ୍ୟକତା ଉପରେ ମାର୍ଗଦର୍ଶନ କରିଥିଲେ। ଏହି ଶିବିରରେ ମୋଟ୍ ୩୦ଜଣ ଛାତ୍ରୀ ତାଲିମ ନେଇଥିଲେ । ଶେଷରେ ତାଲିମପ୍ରାପ୍ତ ସମସ୍ତ ଛାତ୍ରୀଙ୍କୁ ଦକ୍ଷତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଖେଳ ପ୍ରଶିକ୍ଷକ ପ୍ରଣବ କିଶୋର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

■ ଗିରିଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଘାଟିତ

ମନ ମୋହିଲେ ସିନେ କଳାକାର

ଭେଡ଼େନ,୮।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ପର୍ଯ୍ୟଟନ ପୀଠ ଦେକୁଳବା ସ୍ଥିତ ଗିରି ଗୋବର୍ଦ୍ଧନ ପୀଠରେ ପଞ୍ଚମ ଗିରି ଗୋବର୍ଦ୍ଧନ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି । ଦଳଗଞ୍ଜନ ଲୋକ ମଣ୍ଡପ ଠାରେ ମହୋତ୍ସବ ସମିତି ଅଧକ୍ଷା ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପୌରୋହିତ୍ୟରେ ଖଣି, ଇସ୍ପାତ ଏବଂ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ମୁଖ୍ୟଅତିଥି, ଆଦିବାସୀ ମନ୍ତ୍ରୀ ରମେଶ ମାଝୀ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ କିଶୋର ମହାନ୍ତି, ବରଗଡ଼ ଏମ୍‌ପି ପ୍ରଭାସ ସିଂ, ମାର୍କଫେଡ଼ ଅଧକ୍ଷ ବିଭୁଦତ୍ତ ପ୍ରଧାନ, ଭେଡେନ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ଅତାବିରା ବ୍ଲକ ଅଧକ୍ଷ ରୀତା ସାହୁ, ଅତାବିରା ଏନଏସି ଅଧକ୍ଷା ଦୀପାଞ୍ଜଳି ଭରାସାଗର, ଜିଲା ପରିଷଦ ସଭ୍ୟ ସୁବାସ ହୋତା ଏବଂ ସଭ୍ୟା ଜ୍ୟୋସ୍ନାମୟୀ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ କରିଥିବା ପ୍ରତିଭା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଧର୍ମରାଜ ପ୍ରଧାନ, ଖଞ୍ଜଣି ବାୟକ ତଥା ଗାୟକ ସାଧୁବାବା ସାଧୁ ମଲିକ, ବାନ୍ଧଶିଳ୍ପୀ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବୁଣାକାର ହରିଶଙ୍କର ମେହେର, ରାଷ୍ଟ୍ରୀୟ ଦୌଡ଼ ପ୍ରତିଯୋଗୀ ଅରୁନ୍ଧତି ମେହେର, ଛତୁ ଚାଷୀ ଜୟନ୍ତୀ ପଧାନ, ସେବା କ୍ଷେତ୍ରରେ ଲାୟନ୍ସ କ୍ଲବ, ମୃତ୍ତିକା କାରିଗର ଅଧ୍ୟପତି ରଣା, କୃଷ୍ଣଗୁରୁ କଳା ପରିଷଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାସହ ତାଲମେଣ୍ଡା ଗ୍ରାମପଞ୍ଚାୟତର ସ୍କୁଲ ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ନମ୍ବର ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ସହ ଭେଡ଼େନ ବ୍ଲକର ବିଭିନ୍ନ କଲେଜର କୃତୀ ଛାତ୍ରୀଛାତ୍ର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସିନେ ତାରକା ନାୟକ ସବ୍ୟସାଚୀ, ଟେଲି ସିରିଏଲର ନାୟିକା ଲିପ୍‌ସା ମିଶ୍ର, ହାସ୍ୟ ଅଭିନେତା ଗୁଡ୍ଡୁ ଉପସ୍ଥିତ ହଜାର ହଜାର ଦର୍ଶକଙ୍କ ମନ ମୋହି ନେଇଥିଲେ। ଏହାସହ ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଏବଂ ସାଥିଙ୍କ ନୃତ୍ୟ ପ୍ରଦର୍ଶନ, ନୂପୁର କଳାପରିଷଦ ଭୁବନେଶ୍ୱର, ସଙ୍ଗୀତ ସାଧନା ଲୋଇସିଂହାର ସମ୍ବଲପୁରୀ ନୃତ୍ୟ, ଭାରତୀ କଳାପରିଷଦ ମହୁଲପାଲିର ଘୁଡ଼କା ନୃତ୍ୟ ସମେତ ଅଞ୍ଚଳର ବହୁ ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ହରିଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଅତିଥିମାନେ ପ୍ରଦୀପ ଜାଳି ଗିରିଗୋବର୍ଦ୍ଧନ ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

■ ନାବାଳିକାଙ୍କୁ ବଳାତ୍କାର ମାମଲା

ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ

ବୌଦ୍ଧ,୮।୧୧(ସ୍ୱ.ପ୍ର)

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଗୌରିମାଳି ମହାରଣା ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାର କରି ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଦେଇଥିବା ବେଳେ ଅନ୍ୟ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସୂଚନା ଅନୁସାରେ, ଗତ ତା୧୪।୧।୧୪ ରିଖରେ କଣ୍ଟାମାଳ ଥାନା ଖମନମୁଣ୍ଡା ଗ୍ରାମର ଇଶ୍ୱର ନାଗ ସେହି ଗ୍ରାମର ଜଣେ ନାବାଳିକାଙ୍କୁ ନିକଟସ୍ଥ ଜଙ୍ଗଲ ଲଙ୍କାଡୁଙ୍ଗୁରୀକୁ ଟେକି ନେଇ ବଳାତ୍କାର କରିଥିଲେ । କୁଳମଣି ଗହିର ଏସବୁ ଘଟଣାରେ ସହଯୋଗ କରିଥିବା ନେଇ ପିଡିତା ଜଣଙ୍କ ଉଭୟଙ୍କ ନାମରେ ଗତ ତା୨୭।୧।୧୮ରିଖରେ କଣ୍ଟାମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଘଟଣାରେ ପୋଲିସ ଏକ ମାମଲା (ନଂ. ୩/୧୪) ରୁଜୁ କରି ଇଶ୍ୱର ଓ କୁଳମଣିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରେ ଏହି ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ସ୍ପେଶାଲ ମାମଲା (ନଂ.୧୦/୧୪)ରେ ବିଚାର ହୋଇଥିଲା । ସରକାରଙ୍କ ପକ୍ଷରୁ ୧୧ ଜଣ ସାକ୍ଷୀ ଓ ଅଭିଯୁକ୍ତଙ୍କ ପକ୍ଷରୁ ୨ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ମହାରଣା ଗୁରୁବାର ଅଭିଯୁକ୍ତ ଇଶ୍ୱର ନାଗଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଥିବା ବେଳେ ଅଭିଯୁକ୍ତ କୁଳମଣି ଗହିରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ।

ମଣ୍ଡିରେ ପଡ଼ିଛି ୬୦ ହଜାରରୁ ଊର୍ଦ୍ଧ୍ୱ ଧାନବସ୍ତା

ଅତାବିରା, ୮।୧୧ (ଡି.ଏନ.ଏ)

ଅତାବିରା ଓ ଭେଡେନ ବ୍ଲକ ଅଞ୍ଚଳରେ ଖରିଫ ଧାନ ଅମଳ ଚାଲିଛି । ଗୁରୁବାର ମେଘୁଆ ପାଗ ଦେଖାଯିବାରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି । ଖରିଫ ଧାନ ଫସଲ ପ୍ରାୟତଃ ପାଚିଗଲାଣି । କେତେକ ଚାଷୀ ଧାନ ଅମଳ କରି ବିଭିନ୍ନ ମାର୍କେଟ ୟାର୍ଡଗୁଡିକୁ ବିକ୍ରି କରିବାକୁ ଆଣିଥିଲେ ମଧ୍ୟ ବିକ୍ରି ହୋଇ ନ ଥିବାରୁ ସେସବୁ ଖୋଲା ଆକାଶ ତଳେ ପଡିରହିଛି। ନଭେମ୍ବର ୫ ତାରିଖରୁ ମାର୍କେଟ ୟାର୍ଡ ଗୁଡିକ ଖୋଲିଥିଲେ ମଧ୍ୟ ଗୁରୁବାର ୪ଟା ସୁଦ୍ଧା ବସ୍ତାଟିଏ ଧାନ ବିକ୍ରି ହୋଇନାହିଁ। ଅତାବିରା ଆରଏମସି ଅଧୀନ ବିଭିନ୍ନ ମାର୍କେଟ ୟାର୍ଡ ଗୁଡିକରେ ୬୦ ହଜାରରୁ ଊର୍ଦ୍ଧ୍ୱ ଧାନବସ୍ତା ବିକ୍ରି ହୋଇ ନ ପାରି ପଡିରହିଥିବା ବେଳେ ଗୁରୁବାର ମେଘୁଆ ପାଗ ଯୋଗୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି ।

ବାର୍‌ହା ଖାଇଗଲେ ଧାନ ଫସଲ

ବରଗଡ଼ ଅଫିସ୍/ଭଟଲି,୮।୧୧

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କମଗାଁ ପଞ୍ଚାୟତ ଅଧୀନ ଜାମବାହାଲି ଅଞ୍ଚଳରେ ବାର୍‌ହା ଉପଦ୍ରବ ଦେଖାଯାଇଛି । ବୁଧବାର ରାତ୍ରିରେ ବାର୍‌ହାମାନେ ବାରପାହାଡ଼ ଜଙ୍ଗଲର ତଳି ଅଞ୍ଚଳରେ ଥିବା ଏହି ଗ୍ରାମର ମୁଗୁରୀ ମିର୍ଦ୍ଧା ଓ ଡୁଗୁରୀ ମିର୍ଦ୍ଧାଙ୍କ ଧାନ ଫସଲ ଖାଇଦେବା ସହିତ ଦଳିଚକଟି ନଷ୍ଟ କରି ଦେଇଛନ୍ତି । ଫଳରେ ଅଞ୍ଚଳରେ ପ୍ରାୟ ଅଢ଼େଇ ଏକ ଧାନ ଫସଲ ଧୂଳିସାତ୍ ହୋଇଯାଇଛି । ଖବର ପାଇ ଫରେଷ୍ଟର ଲୋକେଶ୍ୱର ଭୋଇ ଏବଂ ଫରେଷ୍ଟ ଗାର୍ଡ଼ କକୟା ବେସନ ଘଟଣାସ୍ଥଳକୁ ପହଞ୍ଚି କ୍ଷୟକ୍ଷତି ଅନୁଧାନ କରିଥିଲେ । ବାର୍‌ହା ଘଉଡ଼ାଇବାର ପ୍ରତିକାର କରା ନ ଗଲେ ଆଗକୁ ଆହୁରି ଫସଲକ୍ଷତି ହେବା ଆଶଙ୍କା ରହିଛି । ଏଥିପ୍ରତି ଦୃଷ୍ଟି ଦେଇ ବନ ବିଭାଗ ବିହିତ ପଦକ୍ଷେପ ନେବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି ।

ବନ କର୍ମଚାରୀମାନେ କ୍ଷତିଗ୍ରସ୍ତ ଫସଲ ବୁଲି ଦେଖୁଛନ୍ତି ।

ଭେଡେନରେ ଶହୀଦଙ୍କୁ ଦୀପଦାନ

ଭେଡ଼େନ, ୮।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଟେକ୍ନିଟିକ୍ରା ରାଷ୍ଟ୍ରୀୟ ସ୍ୱୟଂସେବକ ଶାଖା ତରଫରୁ ଦୀପାବଳି ପାଳିତ ହୋଇଛ । ଏହି ଦିନ ଭାରତର ବୀର ଶହୀଦମାନଙ୍କ ଫଟୋଚିତ୍ର ଆଗରେ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହାସହ ଭାରତ ମାନଚିତ୍ର ଆକାରରେ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଏଥିରେ ସୁଶେନ ଦେହେରୀ, ଅମିତାଭ ଦେହେରୀ, ଶଶି ଭୂଷଣ ପାଣିଗ୍ରାହୀ, ସୁରେନ୍ଦ୍ର ଦେହେରୀ, ଅମିତ ମହାପାତ୍ରଙ୍କ ସମେତ ବହୁ ସ୍ୱୟଂସେବୀ ଭାଗ ନେଇଥିଲେ ।

ନାବାଳିକା ବଳାତ୍କାର ମାମଲାରେ ୭ ବର୍ଷ କାରାଦଣ୍ଡାଦେଶ

ବୌଦ୍ଧ,୮।୧୧(ସ୍ୱ.ପ୍ର)

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଗୌରିମାଳି ମହାରଣା ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିବା ମାମଲାକୁ ବିଚାର କରି ଗୁରୁବା ଅଭିଯୁକ୍ତଙ୍କୁ ୭ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ସୂଚନା ଅନୁସାରେ, ବାଉଁଶୁଣୀ ଥାନା ଟିକିରାପଡା ଗ୍ରାମ ଲକ୍ଷ୍ମୀକାନ୍ତ ବେହେରା (୨୪) ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଗତ ୨୦୧୩ ଜୁଲାଇ ୧୪ ତାରିଖରେ ନେଇ ପଳାଇଥିଲେ ଏବଂ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ଅଲଗା ଜାତି ହୋଇଥିବାରୁ ଲକ୍ଷ୍ମୀକାନ୍ତ ପରିବାର ଲୋକେ ସେମାନଙ୍କ ବିବାହକୁ ବିରୋଧ କରିଆସୁଥିଲେ। ବାପା ମା'ଙ୍କ କଥାରେ ପଡି ଲକ୍ଷ୍ମୀକାନ୍ତ ବିବାହ ପାଇଁ ମନା କରି ଦନ୍ତାପାଲି ଠାରେ ନାବାଳିକାଙ୍କୁ ଛାଡି ପଳାଇଥିଲେ । ଏ ନେଇ ଗତ ତା୨୬।୧୧।୧୩ରିଖରେ ନାବାଳିକା ଜଣକ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଲକ୍ଷ୍ମୀକାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ବିଚାର ହୋଇଥିଲା। ସରକାରଙ୍କ ପକ୍ଷରୁ ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଗୌରିମାଳି ମହାରଣା ଗୁରୁବାର ଅଭିଯୁକ୍ତ ଲକ୍ଷ୍ମୀକାନ୍ତଙ୍କୁ ୭ ବର୍ଷ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି ।

କାଳୀପୂଜାରେ ବରପାଲି ଚଳଚଞ୍ଚଳ

ବରପାଲି, ୮।୧୧ (ଡି.ଏନ.ଏ)

ବରପାଲିଠାରେ ଚାଲିଥିବା କାଳୀପୂଜା ସୁବର୍ଣ୍ଣଜୟନ୍ତୀ ମହୋତ୍ସବର ଗୁରୁବାର ଥିଲା ତୃତୀୟ ଦିବସ । ଏହି ଉପଲକ୍ଷେ ସକାଳେ ପୂଜା ମଣ୍ଡପରେ ମାଁଙ୍କ ଚଣ୍ଡୀପାଠ ସହ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ରହିଥିଲା । ଏହି ଅବସରରେ ସନ୍ଧ୍ୟାରେ ସ୍ଥାନୀୟ ଗଙ୍ଗାଧର ବ୍ଲକ ପରିସରରେ ଆୟୋଜିତ ସାଂସ୍କୃତିକ ସମାରୋହରେ ବିଧାୟକ ପ୍ରଦୀପ ପୁରୋହିତ, ବିଧାୟିକା ରାଧାରାଣୀ ପଣ୍ଡା, ରାଜ୍ୟ ଭାଜପା ଉପସଭାପତି ଅଶ୍ୱିନୀ ଷଡଙ୍ଗୀ ଓ ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀ, ସୁଶାନ୍ତ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପୂଜା ମହୋତ୍ସବ ସଭାପତି ପରମାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ସାଂସ୍କୃତିକ ସମ୍ପାଦକ ବାଳକିଶୋର ଖାଡଙ୍ଗା ଏଥର ବିଶେଷ ଆକର୍ଷଣ ମାଁଙ୍କୁ ୫୬ ଭୋଗ ଅର୍ପଣ ଓ ମିନାବଜାର ବୋଲି ସୂଚନା ଦେଇଥିଲେ । ଅନ୍ୟପଟେ ଦର୍ଶକଙ୍କ ମନୋରଞ୍ଜନ ସକାଶେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ମେଲୋଡି ପରିବେଷଣ କରାଯାଇଥିଲା । ଏଥିକ୍ଷଣ ଶତ୍ରୁଘ୍ନ ଲୁହା, ଲିଲିମା ମହାନ୍ତି ଓ ସାଥିଙ୍କ ଗହଣରେ ପଦ୍ମିନୀ ଦୋରା ପ୍ରମୁଖ ଅତିଥି କଳାକାରଙ୍କ ନୃତ୍ୟଗୀତର ମାହୋଲ ଦର୍ଶକଙ୍କୁ ବିଭୋର କରିଥିଲା ।

CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି? ଅଳଇଣ୍ଡିଆ ଖୋଲା ଚାଲେଞ୍ଜ ୨ ଘଣ୍ଟାରେ ୧୦୦% ସମାଧାନ କାମ ନହେଲେ ଟଙ୍କା ଫେରସ୍ତ ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଉତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବା ବ୍ୟାରିୟରରେ ଅସଫଳତା।
ଯଦି ଜାହାର ସ୍ୱାମୀ, ପ୍ରେମିକା ଓ ଝିଅ ଜାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

ୀ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ? ଜାଣିଲେ ନୁହେଁ ଦେଖାଜଲେ ଜଷ୍ଟ ଦୂରଦେବ !
ଆମ ଉପରେ ଆପଣଙ୍କର ନାମଲର ପଇସା ଓ ଦିଆ ନମ୍ବରରେ ଫୋନ ଦେବେ
କାମ ନହେଲେ ପଇସା ଫେରନ୍ତ ! Time - 10 am to 6 pm
ମନବାଞ୍ଛୀ ବିବାହ, ବ୍ୟବସାୟ, ସ୍ତ୍ରୀବେଶ, ବିଭା କରାଯା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ଖୋଇରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ଦୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ ବଦାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିୟା ପୁଅ ବ

ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍

ସଂକ୍ଷେପରେ

କଣ୍ଟାଟିକ୍ରାରେ ଗିରି ଗୋବର୍ଦ୍ଧନ ପୂଜା

ଝାରସୁଗୁଡ଼ା ଅଫିସ,୮।୧୧:
ଝାରସୁଗୁଡ଼ା ସହର ନିକଟ ହିର୍ମା ପଞ୍ଚାୟତ କଣ୍ଟାଟିକ୍ରା ଗାଁରେ ଗୋପାଳ ସମାଜ ଆନୁକୂଲ୍ୟରେ ଗୁରୁବାର ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ବୁଧବାର କଳସ ଅଧିବାସ ହୋଇ ସନ୍ଧ୍ୟାରେ ସଞ୍ଚାର ପରିବେଷଣ ହୋଇଥିଲା। ଗୁରୁବାର ସକାଳେ ପୂଜାରମ୍ଭ, ପୂର୍ବାହ୍ନରେ ବୟୋବୃଦ୍ଧ ଗୋପାଳଙ୍କୁ ସମ୍ବର୍ଦ୍ଧନା, ଲଉଡ଼ିଖେଳ, ଗୋପୂଜନ, ପୁଷ୍ପାଞ୍ଜଳି ଓ ପ୍ରସାଦ ସେବନ ହୋଇଥିଲା। ଏଥିରେ ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲାର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲେ। ଆସନ୍ତା ବର୍ଷ ଏଠାରେ ମନ୍ଦିର ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ପୂଜା କମିଟି ସଭାପତି ବାସୁଦେବ ଭଇଁଷା, ସାଙ୍ଗଠନିକ ସଭାପତି ନନ୍ଦଲାଲ ଭଇଁଷା, କୋଷାଧ୍ୟକ୍ଷ ମଙ୍ଗଲୁ ପୂଝାରୀ, ସମ୍ପାଦକ ବିନୋଦ ରାଉତ, ଉପଦେଷ୍ଟା ଜପାମାଲି ଭଇଁଷା, ସଂସାର ପୂଝାରୀ, ମହାବୀର ସୁନାନୀ, ଗୋବିନ୍ଦ ଛଛାନ, ସରୋଜ ପୂଜାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଶାଖୁ ଡିଲା କର୍ତ୍ତା ରହିଥିବା ବେଳେ ପଣ୍ଡିତ ଅକ୍ଷୟ ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

ଗୋଣ୍ଡପଡ଼ାରେ କ୍ଲବ୍ ଉଦ୍‌ଘାଟିତ

ଝାରସୁଗୁଡ଼ା ଅଫିସ,୮।୧୧:
ବଡ଼ମାଲ ପଞ୍ଚାୟତ ସାପଡ଼ା ଗୋଣ୍ଡପଡ଼ାରେ ଗୁରୁବାର ଏକ କ୍ଲବ୍ ଘର ଉଦ୍‌ଘାଟିତ ହୋଇଛି। ବିଧାୟକଙ୍କ ପାଣ୍ଠିରୁ ୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କ୍ଲବକୁ ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରମୋଦ ତ୍ରିପାଠୀ, ମଦନ ଧୁରୁଆ, ରାଜାରାମ ସେନାପତି, ପବିତ୍ର ସାହୁ, ଟେକଚାନ୍ଦ ସାହୁ, ସଞ୍ଜୟ ପାଣିଗ୍ରାହୀ, ବିରଞ୍ଚି ବରିହା, ଦାମୋଦର ନାଥ ପ୍ରମୁଖ ଉପସ୍ଥିତ ଥିଲେ।

ଲଇକେରା ଜୁନିୟର କଲେଜରେ ଦୀପାବଳି

ଲଇକେରା,୮।୧୧(ଡି.ଏନ୍.ଏ.):
କୋଲାବିରା ଜୁନିୟର କଲେଜ ଅଧ୍ୟକ୍ଷ ଦିଲୀପ କୁମାର ପଟେଲଙ୍କ ନେତୃତ୍ୱରେ ଆଲୋକର ପର୍ବ ଦୀପାବଳି ନିଆରା ଢଙ୍ଗରେ ପାଳିତ ହୋଇଛି। ଛାତ୍ର, କର୍ମଚାରୀ ତଥା ପରିଚାଳନା କମିଟି କର୍ମକର୍ତ୍ତା ଟଙ୍କଧର ନାଏକ, ସୁରେନ୍ଦ୍ର ପଟେଲ, ଅଧ୍ୟାପକ ଅଶୋକ ପଟେଲ, ପ୍ରସନ୍ନ ଷଣ୍ଢ, ବୃନ୍ଦାକ୍ଷ ପ୍ରଧାନ, ଅଧ୍ୟାପିକା ସୁପ୍ରଭା ନାଏକ ପ୍ରମୁଖ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୧୫୧ଟି ଦୀପ ଜଳାଇଥିଲେ। ଦେଶମାତୃକାର ସେବାରେ ନିଜ ଜୀବନ ଉତ୍ସର୍ଗ କରିଥିବା ଯବାନଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ।

ସାପ କାମୁଡ଼ାରେ ମୃତ୍ୟୁ

ବେଦବ୍ୟାସ, ୮।୧୧ (ଡି.ଏନ.ଏ):
ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଗର୍ଜନ ଗ୍ରାମ ନିବାସୀ ଚହ୍ନିହା ମାହାଲି (୪୦)ଙ୍କ ବୁଧବାର ରାତ୍ର ପ୍ରାୟ ସାଢ଼େ ୧୧ଟାରେ ବିଷଧର ସାପ କାମୁଡାରେ ମୃତ୍ୟୁ ହୋଇଛି। ଥାନାରେ ଏନେଇ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଚହ୍ନିହା ମାହାଲି ଘର ନିକଟରେ ଥିବା ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ସେଠାରେ ବିଷଧର ସାପ କାମୁଡିବାରୁ ଗୁରୁତର ହୋଇ ଘରକୁ ଆସି ପରିବାର ସଦସ୍ୟମାନଙ୍କୁ ଜଣାଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆରଜିଏଚ ରାଉରକେଲାକୁ ନେଇ ଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଚଞ୍ଚକତା କରି ଜଳାଶୟ ହାତେଇଲା ଏସ୍‌ଏଚ୍‌ଜି

କୋଲାବିରା, ୮।୧୧ (ଡି.ଏନ୍.ଏ.)

ପାକେଲମୁଡ଼ା ବନ୍ଧ।

- ଗ୍ରାମବାସୀଙ୍କ ଅଭିଯୋଗ
- ତଦନ୍ତ ଦାବିକଲେ ସରପଞ୍ଚ

କୋଲାବିରା ବ୍ଲକ ଝିଲ୍ଲାପାଲି ପଞ୍ଚାୟତ ପାକେଲମୁଡ଼ା ବନ୍ଧ (ଜଳାଶୟ)କୁ ଝିଲ୍ଲାପାଲି ଗ୍ରାମର ରାଧାକୃଷ୍ଣ ସ୍ୱୟଂ ସହାୟକ ଗୋଷ୍ଠୀ ଚଞ୍ଚକତା କରି ନିଲାମ ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଉକ୍ତ ବନ୍ଧକୁ ପଞ୍ଚାୟତ ପକ୍ଷରୁ ମାଛଚାଷ ପାଇଁ ନିଲାମ ଦିଆଯାଉଥିଲା। ତେବେ ନିଲାମଧାରୀମାନେ ବନ୍ଧରେ ମାଛଙ୍କ ପାଇଁ ପଚା ଖାଦ୍ୟ, ଗୋବର ଆଦି ପ୍ରୟୋଗ କରିବାରୁ ଏହାର ପାଣି ବ୍ୟବହାର ଉପଯୋଗୀ ହେଉ ନ ଥିଲା। ଏହାକୁ ଦୃଷ୍ଟିରେ ରଖି ୨୦୧୭ ମେ ୨୬ ପଞ୍ଚାୟତ ବୈଠକରେ ବନ୍ଧକୁ ନିଲାମ ଦିଆ ନ ଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ଏହା ସତ୍ତ୍ୱେ ରାଧାକୃଷ୍ଣ ସ୍ୱୟଂ ସହାୟକ ଗୋଷ୍ଠୀ ଚଞ୍ଚକତା କରି ଚଳିତବର୍ଷ ଉକ୍ତ ବନ୍ଧକୁ ନିଲାମ ନେଇଛି। ଏହା ପ୍ରଘଟ ହେବା ପରେ ଗ୍ରାମବାସୀ ଏ ନେଇ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏ ନେଇ ତାଙ୍କ ନିକଟରେ କୌଣସି ସୂଚନା ନ ଥିବା ଝିଲ୍ଲାପାଲି ସରପଞ୍ଚ ଦୁବରାଜ ନାଏକ କହିଛନ୍ତି। ଏହି ଘଟଣାରେ ସରପଞ୍ଚ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି। ସରପଞ୍ଚ ନାଏକଙ୍କ କହିବା ଅନୁଯାୟୀ, ଏହି କାର୍ଯ୍ୟ ତତ୍କାଳୀନ ନିର୍ବାହୀ ଅଧିକାରୀ ଏବଂ ସମ୍ପ୍ରସାରଣ ଅଧିକାରୀଙ୍କ ମଧ୍ୟରେ ସୀମିତ ରହିଛି। ଏ ନେଇ ତାଙ୍କୁ ଅନ୍ଧାରରେ ରଖାଯାଇଥିବାରୁ ଏହାର ତଦନ୍ତ ପାଇଁ ଜିଲା ପ୍ରଶାସନକୁ ଜଣେଇବେ ବୋଲି ନାଏକ କହିଛନ୍ତି। ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ନାଏକ କହିଛନ୍ତି, ଏଥିରେ ମୋର କିଛି ଭୁଲ ନାହିଁ। ସମ୍ପ୍ରସାରଣ ଅଧିକାରୀ ଏବଂ ମତ୍ସ୍ୟ ବିଭାଗ ସହଭାଗିତାରେ ଏପରି ହୋଇଛି। ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ସେଠ କହିଛନ୍ତି, ସରକାରଙ୍କ ନିୟମ ଅନୁଯାୟୀ ନିଲାମ କରାଯାଇଛି। ଏଥିରେ କିଛି ତ୍ରୁଟି ନାହିଁ। ଏହାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

୧୮ କେଜି ଗଞ୍ଜେଇ ଜବତ, ୨ ଗିରଫ

ବେଲପାହାଡ଼, ୮।୧୧ (ଡି.ଏନ୍.ଏ.)

ଅନ୍ୟ ଜିଲାରୁ ଝାରସୁଗୁଡ଼ା ଜିଲାକୁ ଗଞ୍ଜେଇ ଚୋରା କାରବାର ଚେର ଲମ୍ବିଛି। ବୁଧବାର ଅପରାହ୍ନରେ ବେଲପାହାଡ଼ ଥାନା ପୋଲିସ ଅନ୍ୟ ଜିଲାରୁ ଏକ ସ୍କୁଟିରେ ଗଞ୍ଜେଇ ନେଇ ଆସୁଥିବା ଅଭିଯୋଗରେ ୨ ଯୁବକଙ୍କୁ ଗିରଫ କରଛି। ସେମାନେ ହେଲେ ଗୁମାଡେରାର କିଶନ ଶର୍ମା (୪୮) ଏବଂ ବେଲପାହାଡ଼ ଷ୍ଟେଶନପଡ଼ାର ପବନ କୁମାର ଝା (୩୫)। ପୋଲିସ ଏମାନଙ୍କଠାରୁ ୧୮ କେଜି ଗଞ୍ଜେଇ ଜବତ କରିଛି। ବୁଧବାର ଅପରାହ୍ନରେ କିଶନ ଓ ପବନ ଏକ ସ୍କୁଟି ଯୋଗେ ବେଲପାହାଡ଼ ଫାଟକ ପଟୁ ଗୁମାଡେରା ଆଡ଼କୁ ଯାଉଥିଲେ। ପବନ ସ୍କୁଟି ଚଳାଉଥିବା ବେଳେ କିଶନ ଏକ ଜରି ବସ୍ତା ଧରି ପଛରେ ବସିଥିଲେ। ଉଭୟଙ୍କ ହାବଭାବ ଦେଖି ଏସ୍‌ଆଇ ବିଜୟ କୁମାର ବେକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ସେ ଏଏସ୍‌ଆଇ କେ.ସି. ହୋତା ଓ ହାବିଲଦାର ନବୀନ ଚନ୍ଦ୍ର ଖଣ୍ଡାଙ୍କୁ ପାଟ୍ରୋଲିଂ ଗାଡ଼ିରେ ବସାଇ ସ୍କୁଟିର ପିଛା କରିଥିଲେ। ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ସ୍କୁଟି ଅଟକାଇ ଯାଞ୍ଚ କରିବାରୁ ଜରି ବସ୍ତାରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପୋଲିସ ପବନ ଓ କିଶନଙ୍କୁ ଥାନାକୁ ଆଣି ପଚରାଉଚୁରା କରିବାରୁ ସେମାନେ ବୌଦ୍ଧ ଜିଲାରୁ ଗଞ୍ଜେଇ ଆଣିଥିବା ସ୍ୱୀକାର କରିଥିଲେ। ଏ ସଂକ୍ରାନ୍ତରେ ବେଲପାହାଡ଼ ଥାନାରେ ଏକ ମାମଲା (ନଂ-୧୯୩) ରୁଜୁ କରି ଗୁରୁବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଟ୍ରେଲର ପଛରେ ପିଟିହୋଇ ବାଇକ୍ ଚାଳକ ମୃତ

ଲଖନପୁର,୮।୧୧(ଡି.ଏନ୍.ଏ.)

୪୯ନଂ ଜାତୀୟ ରାଜପଥର ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ବାଇଁସେନପାଲି ଛକ ନିକଟରେ ବୁଧବାର ରାତି ସାଢ଼େ ୯ଟାରେ ଏକ କୋଇଲା ବୋଝେଇ ଟ୍ରେଲର ପଛରେ ବାଇକ୍ ପିଟିହୋଇଥିଲା। ଏଥିରେ ବାଇକ୍ ଚାଳକ ଛତିଶଗଡ଼ ଚକ୍ରଧରନଗର ଥାନା ଲୁଇଙ୍ଗ୍ ଗ୍ରାମର ସହବାଜ ଖାନ (୩୦)ଙ୍କ ମୃତ୍ୟୁ ହୋଇଛି। ବାଇକ୍ ପଛରେ ବସିଥିବ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ପଦ୍ମଲୋଚନ ସତ୍‌ନାମୀ (୨୮) ଓ ତ୍ରିଲୋଚନ ଭଗତ (୨୫)। ଏମାନଙ୍କୁ ଝାରସୁଗୁଡ଼ା ଜିଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ସିଜି୧୩-ଏଏ୫୫୦୩ନଂ ବାଇକ୍ ଓ ସିଜି୧୩-ଏଲ୍‌ଏ୫୨୯୦ନଂ ୧୮ଚକିଆ ଟ୍ରେଲର ଜବତ କରିଛି। ଥାନାରେ ଏକ ମାମଲା (ନଂ-୧୪୪/୧୮) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ପରେ ଟ୍ରେଲର ଚାଳକ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, କୋଇଲା ବୋଝେଇ ଟ୍ରେଲର ରାୟଗଡ଼ରୁ ଝାରସୁଗୁଡ଼ା ଅଭିମୁଖେ ଯାଉଥିବା ବେଳେ କିଛି ସମୟ ପାଇଁ ବାଉଁଶେନପାଲି ଛାକରେ ଅଟକି ରହିଥିଲା। ଏହି ସମୟରେ ସହବାଜ, ପଦ୍ମଲୋଚନ ଓ ତ୍ରିଲୋଚନ ବାଇକ୍‌ରେ ଯାଉଥିବାବେଳେ ଟ୍ରେଲର ପଛରେ ପିଟି ହୋଇଯାଇଥିଲେ। ଫଳରେ ୩ଜଣ ଗୁରୁତର ହୋଇଥିଲେ। ପୋଲିସ ସେମାନଙ୍କୁ ଆମ୍ବୁଲାନ୍ସରେ ଝାରସୁଗୁଡ଼ା ମେଡିକାଲ ପଠାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସହବାଜଙ୍କ ମୃତ୍ୟୁ ହୋଇଥିଲା।



ଝାରସୁଗୁଡ଼ା ଜମେରାଠାରେ ଅନୁଷ୍ଠିତ ଆଞ୍ଚଳିକ କ୍ରିକେଟ ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ବିଧାୟକ ନବ କିଶୋର ଦାସ କ୍ରିକେଟ ଖେଳି ମ୍ୟାଚକୁ ଉଦ୍‌ଘାଟନ କରୁଛନ୍ତି।

ମିର୍ଦ୍ଧାଡେରାରେ ଗୋଷ୍ଠୀକେନ୍ଦ୍ର ପାଇଁ ଭୂମିପୂଜା

ବେଲପାହାଡ଼,୮।୧୧(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌର ପରିଷଦ ପକ୍ଷରୁ ୧୧ନଂ ୱାର୍ଡସ୍ଥିତ ମିର୍ଦ୍ଧାଡେରାଠାରେ ଗୋଷ୍ଠୀକେନ୍ଦ୍ର ନିର୍ମାଣ ପାଇଁ ଯୋଜନା କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଉନ୍ନୟନ ପାଣ୍ଠିରୁ ମିଳିଥିବା ୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଗୁରୁବାର ପୂର୍ବାହ୍ନରେ ପ୍ରସ୍ତାବିତ ଜମିରେ ଗୋଷ୍ଠୀକେନ୍ଦ୍ର ନିର୍ମାଣ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଥିଲା। ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଓ କାଉନସିଲର ସୀମା ମହାରଣା ନଡ଼ିଆ ବାଡ଼େଇ ଭୂମିପୂଜା କରିଥିଲେ। ପୌର ପରିଷଦ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ପଟେଲ ଓ ମିର୍ଦ୍ଧାଡେରା ଗ୍ରାମବାସୀ ଏଥିରେ ଉପସ୍ଥିତ ଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ବାଣରୁ ୩ ସ୍ଥାନରେ ଅଗ୍ନିକାଣ୍ଡ, ୨ ଆହତ

ବୈଷ୍ଣୋଦେବୀ ଅଟୋମୋବାଇଲରେ ଲାଗିଥିବା ନିଆଁ ଲିଭାଯାଉଛି।

ଝାରସୁଗୁଡ଼ା ଅଫିସ,୮।୧୧

ଦୀପାବଳିରେ ବାଣ ଫୁଟି ବୁଧବାର ଝାରସୁଗୁଡ଼ା ସହରର ୩ ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି ବାଣ ଫୁଟାଉଥିବା ବେଳେ ନିଆଁରେ ପୋଡ଼ି ହୋଇ ସହରାଞ୍ଚଳର ଦୁଇଜଣ ଆହତ ହୋଇ ଜିଲା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ସରପଞ୍ଚ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି। ସରପଞ୍ଚ ନାଏକଙ୍କ କହିବା ଅନୁଯାୟୀ, ଏହି କାର୍ଯ୍ୟ ତତ୍କାଳୀନ ନିର୍ବାହୀ ଅଧିକାରୀ ଏବଂ ସମ୍ପ୍ରସାରଣ ଅଧିକାରୀଙ୍କ ମଧ୍ୟରେ ସୀମିତ ରହିଛି। ଏ ନେଇ ତାଙ୍କୁ ଅନ୍ଧାରରେ ରଖାଯାଇଥିବାରୁ ଏହାର ତଦନ୍ତ ପାଇଁ ଜିଲା ପ୍ରଶାସନକୁ ଜଣେଇବେ ବୋଲି ନାଏକ କହିଛନ୍ତି। ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ନାଏକ କହିଛନ୍ତି, ଏଥିରେ ମୋର କିଛି ଭୁଲ ନାହିଁ। ସମ୍ପ୍ରସାରଣ ଅଧିକାରୀ ଏବଂ ମତ୍ସ୍ୟ ବିଭାଗ ସହଭାଗିତାରେ ଏପରି ହୋଇଛି। ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ସେଠ କହିଛନ୍ତି, ସରକାରଙ୍କ ନିୟମ ଅନୁଯାୟୀ ନିଲାମ କରାଯାଇଛି। ଏଥିରେ କିଛି ତ୍ରୁଟି ନାହିଁ। ଏହାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ବିଷୟ ହେଲା ୨ ଘଣ୍ଟିଆ ବାଣଫୁଟା ଗାଇଡ୍‌ଲାଇନ୍‌କୁ ସହରରେ ଉଲ୍ଲଂଘନ କରାଯାଇଛି। ଦୀପାବଳି ଉପଲକ୍ଷେ ବୁଧବାର ସନ୍ଧ୍ୟାରୁ ସହରରେ ଆରମ୍ଭ ହୋଇଥିଲା ବାଣଫୁଟା। ରାତି ପ୍ରାୟ ୮ଟାରେ ସରବାହାଲ ରୋଡ୍ ମନମୋହନ ସ୍କୁଲ ସମ୍ମୁଖରେ ଥିବା ବିନୋଦ ସାହୁଙ୍କ ବୈଷ୍ଣୋଦେବୀ ଅଟୋମୋବାଇଲରେ ଅଚାନକ ନିଆଁ ଲାଗିଥିଲା। ଏଥିରେ ପ୍ରାୟ ୫ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ସଂସ୍ଥାର ମାଲିକ କହିଛନ୍ତି। ଏହାପରେ ଝଣ୍ଟାଛକ ନିକଟରେ ଥିବା ଏକ ବୃଦ୍ଧି ଗୋଦାମରେ ନିଆଁ ଲାଗିଥିଲା। ହେଲେ କ୍ଷୟକ୍ଷତି ହେବା ପୂର୍ବରୁ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିନେଇଥିଲା। ସେହିପରି ବେହେରାମାଲ ଆଇଟି ଛକ ନିକଟରେ ମଧ୍ୟ ଛୋଟ ଧରଣର ଅଗ୍ନିକାଣ୍ଡ ଘଟିଥିଲା। ବାଣ ଫୁଟାଇବା ବେଳେ ରାତି ପ୍ରାୟ ୯ଟାରେ ସହରାଞ୍ଚଳ ସରବାହାଲର ନିରଜ ଶର୍ମା (୨୫) ଆହତ ହୋଇଛନ୍ତି। ତାଙ୍କ ଶରୀରର ୬୦% ପୋଡ଼ିଯାଇଛି। ସେହିପରି ସାରସମାଲର ପ୍ରିନ୍ସ ସତନାମୀ (୮) ମଧ୍ୟ ଆହତ ହୋଇଛନ୍ତି। ଉଭୟଙ୍କୁ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ବେଲପାହାଡ଼ରେ କାଳୀପୂଜା ସମ୍ପନ୍ନ

ବେଲପାହାଡ଼,୮।୧୧(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରର ବିଭିନ୍ନ ମନ୍ଦିର ତଥା ପୂଜା ଅନୁଷ୍ଠାନ ପକ୍ଷରୁ ଶାନ୍ତିଶୃଙ୍ଖଳାରେ କାଳୀପୂଜା ଅନୁଷ୍ଠିତ ହୋଇଛି। ଗୁମାଡେରା ବାଟମଙ୍ଗଳା ମନ୍ଦିର ଓ ଜାମକାନି କାଳୀ ମନ୍ଦିରରେ ମଙ୍ଗଳବାର ରାତିରେ ମା'ଙ୍କ ପୂଜା ଆରମ୍ଭ ହୋଇ ବିଳମ୍ବିତ ରାତିରେ ସମ୍ପନ୍ନ ହୋଇଥିଲା। ବାଟମଙ୍ଗଳା ମନ୍ଦିରରେ ପଣ୍ଡିତ ପ୍ରଦୀପ ମିଶ୍ର ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ମନ୍ଦିର କମିଟି ସଂଯୋଜକ ବୁଲୁ ପଣ୍ଡା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଜାମକାନି କଳୀ ମନ୍ଦିରରେ ପଣ୍ଡିତ ସୁଶିଲ ଦୀକ୍ଷିତ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ଉମେଶ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜା ଅବସରରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂଜା କମିଟି ସଭାପତି ଅଶୋକ ପ୍ରଧାନ, ଉପସଭାପତି କରୁଣାକର ପ୍ରଧାନ ଓ କୋଷାଧ୍ୟକ୍ଷ ଡୋଲାମଣି ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବଙ୍ଗାଳି ସମାଜ ପକ୍ଷରୁ ଗୁମାଡେରା ଜଳାଶୟ ନିକଟରେ ନିର୍ମିତ କାଳୀ ମନ୍ଦିର ସହ ବିଭିନ୍ନ ପୂଜା ଅନୁଷ୍ଠାନ ପକ୍ଷରୁ ଗୁମାଡେରା ବଜାର, ଫାଟକ ଓ ଷ୍ଟେଶନଠାରେ ମୂର୍ତ୍ତି ସ୍ଥାପନ କରାଯାଇ କାଳୀପୂଜା କରାଯାଇଥିଲା।

ଝାରସୁଗୁଡ଼ାରେ ଦୀପାବଳି ପାଳିଲେ ବେଦାନ୍ତ ଅଧ୍ୟକ୍ଷ

ଝାରସୁଗୁଡ଼ା ଅଫିସ,୮।୧୧

ବେଦାନ୍ତ ରିସୋର୍ସେସ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ପ୍ରତିଷ୍ଠିତ ଶିଳ୍ପପତି ଅନୀଲ ଅଗ୍ରୱାଲ ବୁଧବାର ଝାରସୁଗୁଡ଼ା ଗସ୍ତରେ ଆସିଥିଲେ। ସନ୍ଧ୍ୟାରେ ଅଗ୍ରୱାଲ ସ୍ଥାନୀୟ ବେଦାନ୍ତ ଲିମିଟେଡ୍‌ରେ ପହଞ୍ଚିଥିଲେ। ଦୀପାବଳି ଉପଲକ୍ଷେ ବେଦାନ୍ତ ଟାଉନଶିପ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କର୍ମଚାରୀ ଏବଂ ତାଙ୍କ ପରିବାରକୁ ଦୀପାବଳି ଶୁଭେଚ୍ଛା ଜଣାଇଥିଲେ। ଏକାଠି ହୋଇ ଉତ୍ସବ ପାଳନ କରିବା ଓଡ଼ିଶାର ସଂସ୍କୃତିର ବଳିଷ୍ଠ ପ୍ରମାଣ। ସେଥିପାଇଁ ଏହି ରାଜ୍ୟର ସଂସ୍କୃତି ଚାରିଆଡ଼େ ପ୍ରଶଂସିତ ବୋଲି ସେ କହିଥିଲେ। ଉଚ୍ଚକୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଶିଶୁ ଏବଂ କିଶୋରମାନଙ୍କୁ ପ୍ରଶଂସା କରିବା ସହ ସେମାନଙ୍କ ନିକଟରେ ଯେକୌଣସି ପ୍ରତିଯୋଗିତାରେ ପ୍ରଦର୍ଶନ କରିବା ଭଳି ଦକ୍ଷତା ରହିଥିବା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା କରି ଗ

ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗୀଦାର ହୋଇଥାଏ।

- ମେରି ଆଣ୍ଟିନ

ସଂକ୍ଷେପରେ

ଜନଜାତି ଉପଯୋଜନାରେ ଛତୁ ଚାଷ ତାଲିମ ଶିବିର

ସୁନ୍ଦରଗଡ଼,୮।୧୧(ଡି.ଏନ.ଏ.)- ଛତୁ ଗବେଷଣା ନିର୍ଦ୍ଦେଶାଳୟ ତମ୍ବାଘାଟ ସୋଲାନର ସହାୟତାରେ ଭାରତୀୟ ସମନ୍ୱିତ ଛତୁ ଗବେଷଣା ପ୍ରକଳ୍ପ ଦ୍ୱାରା କରେଇ କୃଷି ବିଜ୍ଞାନ କେନ୍ଦ୍ରଠାରେ ଜନଜାତି ଉପଯୋଜନାରେ ଛତୁ ଚାଷ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ଜଣ ଜନଜାତି ସଦସ୍ୟଙ୍କୁ ଦୁଇ ଦିନ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ପାଳ ଛତୁ, ଧୂଙ୍ଗିରି ଛତୁ ଚାଷ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଗ୍ରୀଷ୍ମ ମଣ୍ଡଳୀୟ ଭୁବନେଶ୍ୱର ଛତୁ ଗବେଷଣା କେନ୍ଦ୍ର ଡ. ନିରଞ୍ଜନ ଚିକାରା, ଜିଲାପରିଷଦ ସଭ୍ୟ ଶୁକ୍ଲଲାଲ ମୁଣ୍ଡା. ସହାୟକ ନିଦେଶକ ଉଦ୍ୟାନ ଦୟାନିଧ ରାଉତ, ନାବାର୍ଡ ପ୍ରବନ୍ଧକ ଶକ୍ତି ପ୍ରସନ୍ନ ମହାପାତ୍ର, କୃଷି ସହାୟକ ଅଧିକାରୀ ନାରାୟନ ଚାନ୍ଦ, ଉଦ୍ୟାନ ସାହାୟକ ଅଧିକାରୀ ଗିତା କୃଷ୍ଣ ନାୟକ, କରେଇ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର ମୁଖ୍ୟ ଡ.ସଞ୍ଜୀବ ବିଶ୍ୱାସୀ, ବରିଷ୍ଠ ବୈଜ୍ଞାନିକ ଡ଼. ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ସହ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଉପସ୍ଥିତ ଥିଲେ। ଏହି ଅବସରରେ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ଛତୁ ମଞ୍ଜି, ନଡା କଟା ଯନ୍ତ୍ର, ଛତୁ ଚାଷ ସମ୍ବନ୍ଧୀୟ ପୁସ୍ତିକା ପ୍ରଦାନ କରାଯାଇଥିଲା।

ବିଜେଡି ଯୁବ-ଛାତ୍ର ସଂଗଠନର ବିକ୍ଷୋଭ

କେନ୍ଦ୍ର ଭାଜପା ସରକାରଙ୍କ ଆଭିମୁଖ୍ୟ ନିନ୍ଦନୀୟ

ରାଉରକେଲା ଅଫିସ, ୮।୧୧

ବେକାର ଯୁବତୀଯୁବକଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା ନେଇ ବିଜେଡି ଯୁବ-ଛାତ୍ର ସଂଗଠନ ପକ୍ଷରୁ ବିର୍ସା ଛକରେ ଧାରଣା ଦିଆଯାଇଛି।

ରଘୁନାଥପାଲି ଓ ରାଉରକେଲା ନିର୍ବାଚନ ମଣ୍ଡଳୀ ଯୁବ-ଛାତ୍ର ବିଜେଡି ପକ୍ଷରୁ ଗୁରୁବାର ବିର୍ସା ଛକରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ନେଇ ଧାରଣା, ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ରାଜ୍ୟ ଯୁବ ସଂଗଠନ ସଂଯୋଜକ କୁନବିହାରୀ ଦାସ ଅଧ୍ୟକ୍ଷତା କରିଥିଲେ। ବିଜେଡି ସୁନ୍ଦରଗଡ଼ ଜିଲା କାର୍ଯ୍ୟକାରୀ ସଭାପତି ସାରଦା ନାୟକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ରାଜ୍ୟ ସମ୍ପାଦକ ଆନନ୍ଦ ମହାନ୍ତି, ବିଜୁ ଶ୍ରମିକ ସାଂସ୍କୃଖ୍ୟ ରାଜ୍ୟ ଉପସଭାପତି ବି.ଏନ୍. ଦାସ ପ୍ରମୁଖ ବକ୍ତବ୍ୟ ରଖି ଯୁବ-ଛାତ୍ର ସମାଜ ପ୍ରତି କେନ୍ଦ୍ର ମୋଦି ସରକାରଙ୍କ ଅଭିମୁଖ୍ୟ ନେଇ କଡ଼ା ସମାଲୋଚନା କରିଥିଲେ। ଗତ ସାଧାରଣ ନିର୍ବାଚନରେ ଭାଜପା ନେତା କହିଥିଲେ, ଦଳ କ୍ଷମତାସୀନ ହେଲେ ୫ ବର୍ଷ ଭିତରେ ୧୦କୋଟି ବେକାରଙ୍କୁ ନିଯୁକ୍ତି ଦିଆଯିବ। ପରବର୍ତ୍ତୀ ସମୟରେ ଏହା ପ୍ରହସନ ପାଲଟିଛି। ଯାହା ନିନ୍ଦନୀୟ ବୋଲି ବିଜେଡି ନେତୃମଣ୍ଡଳୀ କହିଥିଲେ। ରାଜ୍ୟରେ ୩୦ରୁ ଊର୍ଦ୍ଧ୍ୱ କେନ୍ଦ୍ରୀୟ ପବ୍ଲିକ ସେକ୍ଟର ୟୁନିଟ (ପିଏସ୍ୟୁ) ରହିଥିବା ବେଳେ ଏଥିରେ ଓଡ଼ିଶାର ଶିକ୍ଷିତ ଯୁବତୀ ଯବକଙ୍କୁ ନିଯୁକ୍ତି ମିଳୁନି। ରାଜ୍ୟ ବାହାର ଲୋକଙ୍କୁ ଅନୁକମ୍ପା ଭିତ୍ତିରେ ନିଯୁକ୍ତି ଦିଆଯାଉଛି। ସ୍ଥାନୀୟ ଯୁବକଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ୨୦୧୭-୧୮ରେ ନାଲକୋ କମ୍ପାନୀ ତା'ର ରାଜସ୍ୱ ଦୁଇଗୁଣ ବୃଦ୍ଧି କରି ୧୩୪୨ କୋଟି ଏବଂ ଆଇଓସିଏଲ୍ ୮୨୪୫ କୋଟି ଟଙ୍କା ଲାଭ କରିଥିବାବେଳେ ଏଥିରେ ଓଡ଼ିଆ ଝିଅପୁଅଙ୍କ ନିମନ୍ତେ ଚାକିରି ନାହିଁ। ଏହି ଅବସରରେ ଏଠାରେ ଉପସ୍ଥିତ ଯୁବ-ଛାତ୍ର ନେତା କେନ୍ଦ୍ର ସରକାରଙ୍କ ମିଛ ପ୍ରତିଶ୍ରୁତିର ତୀବ୍ର ସମାଲୋଚନା କରିଥିଲେ। ଓଡ଼ିଶାର କେନ୍ଦ୍ରୀୟ ପ୍ରକଳ୍ପରେ ଏଠାକାର ବେରୋଜଗାରଙ୍କୁ ସୁଯୋଗ ନ ମିଳିବା ପଛରେ ଷଡ଼ଯନ୍ତ୍ର ରହିଛି ବୋଲି ଅଭିଯୋଗ କରାଯାଇଥିଲା। ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ଏଭଳି ମନୋଭାବ ବିରୋଧରେ ବ୍ୟାପକ ଜନମତ ସୃଷ୍ଟି କରାଯିବ ବୋଲି କହିଥିଲେ ଉପସ୍ଥିତ ଯୁବ ଓ ଛାତ୍ର ନେତା। କାର୍ଯ୍ୟକ୍ରମ ଶେଷରେ ରାଉରକେଲା ଯୁବ ବିଜେଡି ସଭାପତି ସୁବାସ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ମାଝି, ଛାତ୍ର ସଭାପତି ରାଣା ପ୍ରତାପ ସିଂ, ରଘୁନାଥପାଲି ଯୁବ ସଭାପତି ସତ୍ୟବ୍ରତ ପ୍ରଧାନ, ରଘୁନାଥପାଲି ଛାତ୍ର ସଭାପତି ମନୋଜ ବେହେରା, ରାଉରକେଲା ଛାତ୍ର ସଭାପତି ଡି. ଅଭିକ, ରାଜ୍ୟ ଯୁବ ସମ୍ପାଦକ ବିଭୂତି ପୁହାଣ ଏବଂ ଉପସଭାପତି ଦୁଷ୍ମନ୍ତ ରାଉତରାୟ, ଜିଲା ସମ୍ପାଦକ ଶଙ୍କର ଦାସ. ରାଜ୍ୟ ସଂଖ୍ୟାଲଘୁ ସେଲ୍ ଉପସଭାପତି ଯଶବିନ୍ଦର ସିଂ, ଜିଲା ଛାତ୍ର ସଂଗଠନ ସାଧାରଣ ସମ୍ପାଦକ ରାଜଲକ୍ଷ୍ମୀ ଦାସ, ବାବୁ ଖାନ, ରାଉରକେଲା ବିଜେଡି ପର୍ଯ୍ୟବେକ୍ଷକ ମାନସ ମହାନ୍ତି, ଶ୍ରୀଚରଣ ମହାନ୍ତି, ଗଗନ ପଣ୍ଡା, ରାଜ୍ୟ ଶ୍ରମିକ ସାଂସ୍କୃଖ୍ୟ ସମ୍ପାଦକ ପ୍ରଶାନ୍ତ ସେଠୀ, ଚୌଧୁରୀ ବିଜୟ ପଟ୍ଟନାୟକ, ଜ୍ଞାନ ଜେନା, ନାରାୟଣ ପ୍ରଧାନ ଓ ସୁଦାମ ଦାସ ପ୍ରମୁଖ ବିକ୍ଷୋଭରେ ଭାଗନେଇ କେନ୍ଦ୍ର ସରକାରଙ୍କ ଅବହେଳା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ।

ଦୁମାଙ୍ଗଦିରିରେ ବେଆଇନ ପଥର ଚାଲାଣ ବୃଦ୍ଧି

କୁଆଁରମୁଣ୍ଡା, ୮।୧୧(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ତହସିଲ ଅନ୍ତର୍ଗତ ଦୁମାଙ୍ଗଦିରି ଓ ଏହାର ଆଖପାଖ ଅଞ୍ଚଳରେ ଦିନକୁଦିନ ବେଆଇନ ପଥର ଖାଦାନ ବୃଦ୍ଧି ପାଉଛି। ସ୍ୱଷ୍ଟ ଦିବାଲୋକରେ ବେଆଇନ ଖାଦାନରୁ ଏକାଧିକ ଟ୍ରକ ପଥର ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ହେଲେ ଏଗୁଡିକୁ ଧରିବା ପାଇଁ ରାଜସ୍ୱ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ପଥର ଚୋରାଚାଲାଣ ବଢିବାରେ ଲାଗିଛି। ଫଳରେ ବିପୁଳ ପରିମାଣର ସରକାରୀ ରାଜସ୍ୱ ହାନି ଘଟୁଥିବା ବେଳେ ଚାଲାଣକାରୀମାନେ କୋଟିପତି ହେଉଛନ୍ତି। ଅନ୍ୟପକ୍ଷରେ ରାଜସ୍ୱ ବିଭାଗ କର୍ମଚାରୀମାନଙ୍କ ସହ ଭିତିରି ସମ୍ପର୍କ ରଖି ସେମାନେ ପଥର ଚୋରା ଚାଲାଣ କରୁଥିବା ନେଇ ଅଭିଯୋଗ ହେଉଛି। କେବଳ ଦୁମାଙ୍ଗଦିରି ନୁହେଁ, ଏହାର ଆଖପାଖ ଅଞ୍ଚଳ ବିଶେଷକରି ଦୁମକିସିହିରିଆ, ଲୁଚାବାହାଲ ଆଦି ଅଞ୍ଚଳରେ ଗଢି ଉଠିଥିବା ବେଆଇନ ପଥରଖାଦାନରୁ ଲକ୍ଷାଧିକ ଟଙ୍କାର ପଥର ଚାଲାଣ ହେଉଛି। ଏଥିପ୍ରତି ରାଜସ୍ୱ ବିଭାଗର ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅଚାନକ ଚଢାଉ କଲେ ପଥର ଚୋରା ଚାଲାଣରେ ରୋକ ଲାଗିପାରନ୍ତା ବୋଲି ସାଧାରଣରେ ଦୃଢ ଦାବି ହେଉଛି।

ଗାୟତ୍ରୀ ପ୍ରଜ୍ଞାପୀଠରେ ଦୀପଯଜ୍ଞ

ନିଜ ଭିତରେ ଆତ୍ମାର ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳିତ ହେବା ଆବଶ୍ୟକ

ରାଉରକେଲା ଅଫିସ, ୮।୧୧

ସେକ୍ଟର-୨୨ ଗାୟତ୍ରୀ ପ୍ରଜ୍ଞାପୀଠରେ ଆୟୋଜିତ ଦୀପଯଜ୍ଞ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ।

ନଭେମ୍ବର ୬ରେ ସେକ୍ଟର-୨୨ ଗାୟତ୍ରୀ ପ୍ରଜ୍ଞାପୀଠରେ ଦୀପାବଳି ପୂର୍ବ ସନ୍ଧ୍ୟା କାର୍ଯ୍ୟକ୍ରମ ଅନ୍ତର୍ଗତ ଦୀପଯଜ୍ଞ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରେ ଗାୟତ୍ରୀ ଉପାସକ ଡାକ୍ତର ରାହାସବିହାରୀ ମହାପାତ୍ର ଉପସ୍ଥିତ ଅନୁଗାମୀଙ୍କୁ ବକ୍ତବ୍ୟ ଦେଇ କହିଥିଲେ କ୍ଷଣସ୍ଥାୟୀ ଓ ପରିବେଶ ପ୍ରଦୂଷିତ କରୁଥିବା ବିଷାକ୍ତ ଆତସବାଜିଠାରୁ ଦୂରେଇ ନିଜ ଭିତରେ ଆତ୍ମାର ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳନ ନିମନ୍ତେ ଆମେ ସମସ୍ତେ ପ୍ରୟାସ କରିବା ଆବଶ୍ୟକ। ଏକ ସୁସ୍ଥ, ସୁରକ୍ଷିତ ଓ ମଙ୍ଗଳମୟ ଦୀପାବଳି ପାଳନ ନେଇ ମହାପାତ୍ର ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ବିପ୍ରନନ୍ଦ ଦାସ ଓ ମହାବୀର ପଣ୍ଡିତ ସଞ୍ଚାଳନ କରିଥିଲେ। ଏଥିରେ ଅରୁଣ ପରିଡ଼ା, ଗୌରାଙ୍ଗ ଦାସ, ଦେବେନ୍ଦ୍ର ସାହୁ, ସମାଇ ସୋରେନ, ଧନେଶ୍ୱର ସାହୁ ଓ ରାଜେଶ ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଗାୟତ୍ରୀ ପରିବାର ସଦସ୍ୟ ଚରଣ କର, ଏସ୍.କେ. ସିଂ, ଉପେନ୍ଦ୍ର ରାଉତ, ମନ୍ଦରଧର ପୁହାଣଙ୍କ ସମେତ ଶଶୀରେଖା ଦାସ, ଶଶୀରେଖା ସିଂ, ରିଙ୍କି ଶ୍ରୀବାସ୍ତବ, ଉମା ପଣ୍ଡିତ ଓ ରାନୁ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ବେଦବ୍ୟାସ, ୮।୧୧ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଗର୍ଜନ ଗ୍ରାମ ନିବାସୀ ଚହ୍ନିହା ମାହାଲି (୪୦)ଙ୍କ ବୁଧବାର ରାତ୍ର ପ୍ରାୟ ସାଢ଼େ ୧୧ଟାରେ ବିଷଧର ସାପ କାମୁଡାରେ ମୃତ୍ୟୁ ହୋଇଛି। ଥାନାରେ ଏନେଇ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଚହ୍ନିହା ମାହାଲି ଘର ନିକଟରେ ଥିବା ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ସେଠାରେ ବିଷଧର ସାପ କାମୁଡିବାରୁ ଗୁରୁତର ହୋଇ ଘରକୁ ଆସି ପରିବାର ସଦସ୍ୟମାନଙ୍କୁ ଜଣାଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆରଜିଏଚ ରାଉରକେଲାକୁ ନେଇ ଯାଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ରାତ୍ର ୧୨ଟାରେ ମୃତ୍ୟୁ ହୋଇଯାଇଥିଲା । ଗୁରୁବାର ମୃତଦେହ ବ୍ୟବଚ୍ଛେଦ କଲା ପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

୧୧ରୁ ଶ୍ରୀ ଅରବିନ୍ଦ ଯୋଗ ମନ୍ଦିର ସୁବର୍ଣ୍ଣ ଜୟନ୍ତୀ

ରାଉରକେ ଲା ଅଫିସ,୮।୧୧

ସେକ୍ଟର-୫ସ୍ଥିତ ଶ୍ରୀ ଅରବିନ୍ଦ ଯୋଗ ମନ୍ଦିର ପକ୍ଷରୁ ୩ଦିନିଆ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବ। ଏନେଇ ଗୁରୁବାର ଅନୁଷ୍ଠାନ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଥିଲା ଯେ ଏହି ସମାରୋହ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ବିଭିନ୍ନ ସ୍ଥାନରୁ ୪ଶହ ଆମନ୍ତ୍ରିତ ଅନୁଗାମୀ ଯୋଗଦେବେ। ଏହି ଅବସରରେ ଆଧ୍ୟାତ୍ମିକ ତତ୍ତ୍ୱ ଦର୍ଶନ, ଆଲୋଚନାଚକ୍ର, କର୍ମଶାଳା ଓ ସାଂସ୍କତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିରେ ସ୍ମରଣିକା ସୁବର୍ଣ୍ଣ ଆହ୍ୱାନକୁ ଉନ୍ମୋଚନ କରାଯିବ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କଥାକାର ମନୋଜ ଦାସ, ପଣ୍ଡିଚେରୀ ଆଶ୍ରମର ଡା. ଆଲୋକ ପାଣ୍ଡେ, ଯୋଗେଶ ମୋହନ, ଏସ୍ସିବି ମେଡିକାଲ କଲେଜ ପ୍ରଫେସର ବିରଞ୍ଚି ନାରାୟଣ ମହାପାତ୍ର, ପାଠଚକ୍ର ସଂଗଠନର ଓଡ଼ିଶା ପ୍ରମୁଖ ଅନାଦି ସ୍ୱାଇଁ, ଶ୍ରୀଅରବିନ୍ଦ ଯୋଗ ଦର୍ଶନ ପ୍ରବକ୍ତା ଭାଗୀରଥି ମହାପାତ୍ର, ଶେଖ ଅବଦୁଲ କାଶିମ, ଉର୍ମିଳା ରାଉତ, ରମେଶ ସାହୁ, ଡା. ଦେବୀଦତ୍ତ କର ଓ ପ୍ରଭାତ ନାୟକ ପ୍ରମୁଖ ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଆଲୋଚନାରେ ବକ୍ତବ୍ୟ ରଖିବେ। ୧୯୬୮ରୁ ସ୍ଥାୟୀ ଭାବେ ରାଉରକେଲା ଯୋଗ ମନ୍ଦିର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ କାର୍ଯ୍ୟକ୍ରମ ଜାରି ରଖିଛି। ସମାବେଶକୁ ନେଇ ବିଭିନ୍ନ ବର୍ଗଙ୍କ ମଧ୍ୟରେ ବେଶ୍ ଉତ୍ସାହ ରହିଛି। କାରଣ ଏହା ପୂର୍ବରୁ ରାଉରକେଲାରେ ପ୍ରତିଷ୍ଠିତ ସାଧକଙ୍କୁ ନେଇଏଭଳି ସମାବେଶ କେବେ କରାଯାଇ ନାହିଁ। ଏଣୁ ଏହା ନିଶ୍ଚିତ ସଫଳ ହେବ ବୋଲି କହିଥିଲେ ଅନୁଷ୍ଠାନ କର୍ମକର୍ତ୍ତା। ଖବରଦାତା ସମ୍ମିଳନୀରେ ଅଧ୍ୟାପକ ଭବେଶ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସମ୍ପାଦକ ଡା. ପ୍ରଶାନ୍ତ ପାତ୍ର, ଡା, କିଶାରୀ ଦାସ ଓ ପ୍ରତାପ ରଥ ମଞ୍ଚାସୀନ ଥିଲେ।

ସୁବର୍ଣ୍ଣ ଜୟନ୍ତୀ ସମାରୋହ ନେଇ ସେକ୍ଟର-୫ ଯୋଗ ମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ବାଣରୁ ନିଆଁ, ଏକାଧିକ ସ୍ଥାନରେ ଅଗ୍ନିକାଣ୍ଡ

ରାଉରକେଲା ଅଫିସ,୮।୧୧

ସହରବାସୀ ଆନନ୍ଦ ଉଲ୍ଲାସରେ ଦୀପାବଳି ପାଳନ କରୁଥିବା ବେଳେ ବୁଧବାର ରାତିରେ ସହରର କେତେକ ସ୍ଥାନରେ ଅଗ୍ନିକାଣ୍ଡ ଘଟିଥିଲା। ବନ୍ଧମୁଣ୍ଡା, ପୁରୁଣା ଷ୍ଟେଶନ ରୋଡ୍ ନେତାଜୀ ଗଳି ଓ ରଘୁନାଥପାଲି ଅଞ୍ଚଳରେ ଅଗ୍ନିକାଣ୍ଡ ଘଟିଥିଲା। ଏହାକୁ ରାଉରକେଲା ଅଗ୍ନିଶମ କର୍ମଚାରୀ ଆୟତ୍ତ କରିଥିଲେ। ବନ୍ଧମୁଣ୍ଡା ଡିଜେଲ କଲୋନୀରେ ଘଟିଥିବା ଅଗ୍ନିକାଣ୍ଡ ଯୋଗୁ ଚନ୍ଦନ ସା, ଏସ୍. ମୁନୀଙ୍କ ଦୋକାନ ଓ ପ୍ରଭାବତୀ ଦେବୀଙ୍କ ଘର ନଷ୍ଟ ହୋଇଛି। ସେହିଭଳି ପୁରୁଣା ଷ୍ଟେଶନ ରୋଡ୍ ଅଞ୍ଚଳରେ ଘଟିଥିବା ଅଗ୍ନିକାଣ୍ଡରେ ଗୋଟିଏ ଘର ଓ ହୋଟେଲ କ୍ଷତିଗ୍ରସ୍ତ ହୋଇଛି। କେତେକ ସ୍ଥାନରେ ସୁପ୍ରିମକୋର୍ଟଙ୍କ ଗାଇଡ୍ ଲାଇନ୍ ଉଲ୍ଲଂଘନ କରାଯାଇ ରାତି ୧୨ଟା ପର୍ଯ୍ୟନ୍ତ ବାଣ ଫୁଟାଯାଇଥିବା ଦେଖିବାକୁ ମିଳିଥିଲା।

ଯୁବତୀଙ୍କ ଆତ୍ମହତ୍ୟା

ବିଶ୍ରା, ୮।୧୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ଏର୍ଲା ଗ୍ରାମର ବୈଶାଖୁ କୁୟାରଙ୍କ ଝିଅ ରଜନନ୍ତି (୧୮) କୌଣସି ବିଷାକ୍ତ ଜିନିଷ ଖାଇ ଗୁରୁବାର ଆତ୍ମହତ୍ୟା କରିଛନ୍ତି। ବିଶ୍ରା ପୋଲିସ ମୃତଦେହ ଜବତ କରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ବୈଶାଖୁ କୁୟାରଙ୍କ କହିବାନୁସାରେ ତାଙ୍କ ଝିଅ ରଜନନ୍ତି ଘରେ ଥିଲେ। ସେମାନେ ଗୋରୁ ଚରାଇବା ପାଇଁ ସମସ୍ତେ ଯାଇଥିଲେ। ଘରେ ଆସି ଦେଖିବାବେଳେ ଝିଅ ଶୋଇଛି। ଏଣୁ କେହି ଉଠେଇଲେ ନାହିଁ। ବହୁ ସମୟ ନ ଉଠିବାରୁ ସନ୍ଦେହ ହେଲା। ଉଠାଇବାରେ ଅଚେତ ଜଣାପଡିଲା। ଘର ଲୋକେ ସଙ୍ଗେ ସଙ୍ଗେ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସନ୍ଧ୍ୟା ୫ଟାରେ ଆଣିଥିଲେ। ଡାକ୍ତର ମୃତ୍ୟୁ ଘୋଷଣା କରି ବିଶ୍ରା ପୋଲିସକୁ ସୂଚନା ଦେଇଥିଲେ। ବିଶ୍ରା ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି।

୧୪୩ନଂ ଜାତୀୟ ରାଜପଥ ସମ୍ପ୍ରସାରଣ ପ୍ରସଙ୍ଗ

ବିସ୍ଥାପନ ଆଶଙ୍କାରେ ଜଲଦା ବସ୍ତିବାସୀ

ରାଉରକେଲା ଅଫିସ,୮।୧୧

ଖୁବଶୀଘ୍ର ୧୪୩ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଫଳରେ ବିସ୍ଥାପନ ଆଶଙ୍କାରେ ସହସ୍ରାଧିକ ରାସ୍ତାପାର୍ଶ୍ୱ ବାସିନ୍ଦା ଭୟଭୀତ ହୋଇପଡ଼ିଛନ୍ତି। ଏନେଇ ଗୁରୁବାର ଜଲଦା ପୁନର୍ବସତି କଲୋନୀର ୩ ବ୍ଲକ, ରଙ୍ଗୋଲି ଛକ ଓ ହାତୀବନ୍ଧା ପଞ୍ଚାୟତ ଅନ୍ତର୍ଗତ କାଟିନ ଅଞ୍ଚଳ ବାସିନ୍ଦା ରାଉରକେଲା ଅତିରିକ୍ତ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ ଜାତୀୟ ରାଜପଥ ସମ୍ପ୍ରସାରଣ ଦ୍ୱାରା ଏହି ଅଞ୍ଚଳର ପ୍ରାୟ ୫ଶହ ଗୃହ, ମାର୍କେଟ ସମେତ ୪ ହଜାର ଲୋକ ପ୍ରଭାବିତ ହେବେ। ମାତ୍ର ୧୦ ଦିନ ମଧ୍ୟରେ ଜାଗା ଖାଲି କରିବାକୁ ନୋଟିସ ଜାରି କରାଯାଇଥିବା ବେଳେ ଏହାର ଅବଧି ବୃଦ୍ଧି କରିବାକୁ ନିବେଦନ କରିଛନ୍ତି ଜଲଦା ଅଞ୍ଚଳବାସୀ। ଜାତୀୟ ରାଜପଥ ସମ୍ପ୍ରସାରଣ ଯୋଗୁ ଯେଉଁମାନେ ପ୍ରଭାବିତ ହେବେ ସେମାନଙ୍କୁ ବିକଳ୍ପ ଜାଗା ପ୍ରଦାନ ସହ କ୍ଷତିପୂରଣ ଦେବାକୁ ଆବେଦନରେ କୁହାଯାଇଛି। ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଏହି ଲୋକଙ୍କ ମଧ୍ୟରୁ ଅନେକ ଦିନମଜୁରିଆ ଓ କ୍ଷୁଦ୍ର ବ୍ୟବସାୟୀ ହୋଇଥିବା ବେଳେ ବିସ୍ଥାପନ ଦ୍ୱାରା ଏମାନଙ୍କ ଜୀବନ ଜୀବିକା ଦୁର୍ବିସହ ହେବ। ହଠାତ୍ ଘର ଭାଙ୍ଗି ଅନ୍ୟତ୍ର ଥଇଥାନ ହେବା କଷ୍ଟକର ବ୍ୟାପାର ବୋଲି ଦରଖାସ୍ତରେ କୁହାଯାଇଛି। ଏପରି ଅବସ୍ଥାରେ ରାଜ୍ୟ ସରକାରଙ୍କ ନୀତି ଅନୁଯାୟୀ ସେମାନଙ୍କୁ ଘର ନିର୍ମାଣ ପାଇଁ ଜାଗା ଉପଲବ୍ଧ କରାଇବାକୁ ନିବେଦନ କରିଛନ୍ତି ବସ୍ତିବାସିନ୍ଦା। ଅପରପକ୍ଷେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନେଇ ବାଲୁଘାଟ ରୂପଟୋଲା ଅଞ୍ଚଳର କେତେକ ବସ୍ତିବାସିନ୍ଦାଙ୍କୁ ଘର ଭାଙ୍ଗି ଅନ୍ୟତ୍ର ଚାଲିଯିବାକୁ ନୋଟିସ କରାଯାଇଛି। ଏମାନଙ୍କ ମଧ୍ୟରେ ବହୁ ଗରିବ ଲୋକେ ରହିଥିବାବେଳେ ବିସ୍ଥାପନ ଆଶଙ୍କାରେ ଚିନ୍ତାରେ ପଡ଼ିଛନ୍ତି। ଗତ ମଙ୍ଗଳବାର ଏହି ବସ୍ତିର କିଛି ଲୋକ ରାଉରକେଲା ଏଡିଏମ୍ ବାନାର୍ଜୀଙ୍କୁ ଭେଟି ନିଜ ସମସ୍ୟା ଜଣାଇବା ସହ ଥଇଥାନ ପାଇଁ ନିବେଦନ କରିଛନ୍ତି। ସାଧାରଣ ନିର୍ବାଚନକୁ ଆଉ କିଛିମାସ ବାକି ଥିବା ବେଳେ ବସ୍ତିବାସିନ୍ଦାଙ୍କ ବିସ୍ଥାପନ

ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ

ମା' କାଳୀ, ଧନଲକ୍ଷ୍ମୀ ପୂଜାରେ ଝଲସୁଛି ସହର



ସୁନ୍ଦରଗଡ଼ ସହର କଲେଜ ରୋଡ଼ଠାରେ କାଳୀପୂଜା, ଡେଙ୍ଗିଭାଡି ପୂଜା କମିଟିର କାଳୀପୂଜା ଓ ମନ୍ଦିର ସଦୃଶ ତୋରଣ।

ସୁନ ରଗଡ଼

- ଡେଙ୍ଗିଭାଡି କାଳୀପୂଜା ମଣ୍ଡପର ଭଜନ ସନ୍ଧ୍ୟା
- ମହେଶଡିହି ଲକ୍ଷ୍ମୀପୂଜାର ଜୀବନ୍ତ ପ୍ରତିମୂର୍ତ୍ତି

ସୁନ୍ଦରଗଡ଼, ୮।୧୧ (ଡି.ଏନ.ଏ.)

ସୁନ୍ଦରଗଡ଼ ସହର ଡେଙ୍ଗିଭାଡି ପୂଜା କମିଟି ଆୟୋଜିତ କାଳୀପୂଜାରେ ଗୁରୁବାର ସନ୍ଧ୍ୟାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ସୁଦୃଶ୍ୟ ମନ୍ଦିର ସଦୃଶ ମଣ୍ଡପର ତୋରଣ ସବୁଠୁ ବେଶ୍ ଆକର୍ଷଣୀୟ ହୋଇଛି। ଛୋଟ ଶଙ୍ଖ, କାଚ ଓ ବିଭିନ୍ନ ମୂର୍ତ୍ତିର ସୂକ୍ଷ୍ମ କାରୁକାର୍ଯ୍ୟରେ ଏହି ତୋରଣ ନିର୍ମିତ ହୋଇଛି। ପୂଜା ମଣ୍ଡପ ନିକଟରେ କଟକରୁ ଆଗତ ସ୍ୱନାମଧନ୍ୟ କଳାକାରଙ୍କ ଦ୍ୱାରା ପରିବେଷିତ ଭଜନସନ୍ଧ୍ୟା ଦର୍ଶକଙ୍କୁ ବେଶ୍ ବାନ୍ଧି ରଖିଥିଲା। ସେହିପରି ମହେଶଡିହି ନୟାପଡା ପୂଜା କମିଟି ପକ୍ଷରୁ ଧନଲକ୍ଷ୍ମୀ ପୂଜା ବହୁ ଆଡମ୍ବର ସହକାରେ ଆୟୋଜିତ ହୋଇଛି। ସୁଦୃଶ୍ୟ ଗଣେଶ, ସରସ୍ୱତୀ ମା' ଲକ୍ଷ୍ମୀଙ୍କ ପ୍ରତିମା ପୂଜାର୍ଚ୍ଚନା ଚାଲିଥିବାବେଳେ ବରଗଡ କୁମ୍ଭାରୀ ଗ୍ରାମରୁ ଆଗତ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ଦେବାଦେବୀଙ୍କ ଜୀବନ୍ତ ପ୍ରତିମା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ବେଶ ସମାଗମ ହୋଇଛି। ଦୀପାବଳୀ ପୂର୍ବରାତି ଓ ମଙ୍ଗଳବାର ମଧ୍ୟ ରାତ୍ରିରୁ ସୁନ୍ଦରଗଡରେ ଆରମ୍ଭ ହୋଇଛି ପ୍ରସିଦ୍ଧ ମା'କାଳୀ ଓ ଲକ୍ଷ୍ମୀପୂଜା। ଏହି ପୂଜା ସକାଶେ ସୁନ୍ଦରଗଡ ସହର ଚଳଚଞ୍ଚଳ ହୋଇଉଠିଛି। ଡେଙ୍ଗିଭାଡି, କଲେଜ ରୋଡର ସୁସଜ୍ଜିତ ପୂଜା ମଣ୍ଡପରେ ମା'କାଳୀଙ୍କ ପୂଜା, ସୁପର ମାର୍କେଟ ଓ ମହେଶଡିହିର ୨ଟି ସ୍ଥାନରେ ମା' ଲକ୍ଷ୍ମୀଙ୍କର ପୂଜା ଆରମ୍ଭ ହୋଇଛି। ଡେଙ୍ଗିଭାଡି କାଳୀପୂଜା କମିଟି ପକ୍ଷରୁ ଆୟୋଜିତ ହୋଇଆସୁଥିବା ପ୍ରସିଦ୍ଧ କାଳୀପୂଜା ଚଳିତବର୍ଷ ୩୮ବର୍ଷରେ ପଦାର୍ପଣ କରିଛି। ଏହି ପୂଜା କମିଟିର ତୋରଣ ସାଜସଜ୍ଜା ପ୍ରତିବର୍ଷ ଏକ ସ୍ୱତନ୍ତ୍ରତା ବଜାୟ ରଖିଆସୁଥିବାବେଳେ ଚଳିତବର୍ଷ ମଧ୍ୟ ନିର୍ମିତ ତୋରଣ ଓ ଆଭ୍ୟନ୍ତରୀଣ ସାଜସଜ୍ଜା ଏକ ମନ୍ଦିର ସଦୃଶ ହୋଇ ବେଶ ଆକର୍ଷଣୀୟ ହୋଇଛି। ପୂଜା ମଣ୍ଡପ ଓ ଆଖପାଖ ରଙ୍ଗୀନ ଆଲୋକମାଳାରେ ଝଲସି ଉଠୁଥିବା ସହ ସହର ଉତ୍ସବ ମୁଖର ହୋଇପଡିଛି। ପ୍ରତ୍ୟେହ ସନ୍ଧ୍ୟାରେ ମଣ୍ଡପରେ ସନ୍ଧ୍ୟା ଆଳତୀ ଓ ମା'ଙ୍କ ଦର୍ଶନ ନିମନ୍ତେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଏଥିସହ ପ୍ରତ୍ୟେହ ସନ୍ଧ୍ୟାରେ ଖ୍ୟାତି ସମ୍ପନ୍ନ କଳାକାରଙ୍କ ଦ୍ୱାରା ଭଜନସନ୍ଧ୍ୟା ଓ ଭକ୍ତଙ୍କ ସକାଶେ ପ୍ରସାଦବଣ୍ଟନର ବ୍ୟବସ୍ଥା ହୋଇଛି। ଗୁରୁବାର ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ, ଅନ୍ନଭୋଗ ସହ ସନ୍ଧ୍ୟାରେ ଆଲୋକ କୁଣ୍ଡୁ, ପ୍ରଭୁ ପ୍ରସାଦ, ଅନ୍ତର୍ଯ୍ୟାମୀ, ଲିପ୍ସାମିଶ୍ର, ରାଧାକାନ୍ତ ନନ୍ଦ, ମାନସ ଦାଶ ପ୍ରମୁଖ କଳାକାର ଭଜନସନ୍ଧ୍ୟାରେ ଭଜନ ପରିବେଷଣ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଅନୀଲ ବାବରା ଓ ସାଧୀମାନଙ୍କ ଦ୍ୱାରା ଭଜନସନ୍ଧ୍ୟା ଅନୁଷ୍ଠିତ ହେବ। ଶନିବାର ସନ୍ଧ୍ୟାରେ ସମ୍ବଲପୁରର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ରବିବାର ମା' କାଳୀଙ୍କ ପ୍ରତିମା ବିସର୍ଜନ ହେବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି।



ମହେଶଡିହି ନୟାପଡା ଧନଲକ୍ଷ୍ମୀ ପୂଜା କମିଟିର ଜୀବନ୍ତ ପ୍ରତିମୂର୍ତ୍ତି ଲୋକେ ଦେଖୁଛନ୍ତି।

ସଂକ୍ଷେପରେ

୧୦୮ ଆମ୍ବୁଲାନ୍ସ ଫାର୍ମାସିଷ୍ଟଙ୍କ ମୃତ୍ୟୁ

ବଡ଼ଗାଁ, ୮।୧୧ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ବଡ଼ଗାଁର ୧୦୮ ଆମ୍ବୁଲାନ୍ସର ଫାର୍ମାସିଷ୍ଟ ଅମରେଶ ମାଝୀ (୩୨)ଙ୍କ ହୃଦଘାତରେ ମୃତ୍ୟୁ ହୋଇଛି। ତାଙ୍କ ଘର ଅନୁଗୋଳ ଜିଲା ଛେଣ୍ଡିପଦା ନିକଟ କଣଲୋଇ ଗ୍ରାମରେ। ବୁଧବାର ସକାଳେ ସେ ବଡଗାଁ ବସଷ୍ଟାଣ୍ଡକୁ ଯାଇ ସେଲୁନରେ ଖୁଅର ହୋଇ ସରକାରୀ କ୍ୱାର୍ଟର୍ସକୁ ଫେରିଥିଲେ। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସର ପ୍ରଥମେ ବଡଗାଁ ଡାକ୍ତରଖାନା ଓ ପରେ ସୁନ୍ଦରଗଡ ମେଡିକାଲ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିଛିଦିନ ହେଲା ତାଙ୍କ ଛାତି ଓ ପେଟରେ ବ୍ୟଥା ହେଉଥିଲା। ସେ ଗ୍ୟାସଟିକ୍ ଯୋଗୁ ହେଉଥିବା ଆଶଙ୍କା କରି ଔଷଧ ଖାଉଥିଲେ।

ବଡ଼ଗାଁ ଅଞ୍ଚଳର ୨ ଢାବା ମାଲିକ ରାଏପୁରରେ ଅଟକ

ବଡ଼ଗାଁ, ୮।୧୧ (ଡି.ଏନ.ଏ.)– ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ଗାଁ ନିକଟ ଏସ୍ଏଚ–୧୦ ପାର୍ଶ୍ୱ ଢାବା ହୋଟେଲର ମାଲିକ ମନୋଜ ରାଏକଡିଆ ଓ ଝାରମୁଣ୍ଡା ଗାଁ ନିକଟ ଢାବା ହୋଟେଲ ମାଲିକ ତୁଳେଶ୍ୱର ଖର୍ସେଲଙ୍କୁ ୩ ତାରିଖ ବିଳମ୍ବିତ ରାତିରେ କେତେକ ବ୍ୟକ୍ତି ଉଠାଇ ନେଇଥିଲେ। ଏମାନଙ୍କୁ ମାଓବାଦୀ ଉଠାଇ ନେଇଥିବା ଆଶଙ୍କା କରି ତାଙ୍କ ସମ୍ପର୍କୀୟମାନେ ବଡଗାଁ ଓ ଧରୁଆଡିହି ଥାନାକୁ ସୂଚନା ଦେଇଥିଲେ। ପୋଲିସ ପିଛାକରି ଅଟକାଇବା ପରେ ସିବିଆଇ ଟିମ କୌଣସି ମାମଲାରେ ଉଠାଇଥିବା କହିଥିଲେ। ସୂଚନାନୁଯାଇ, ଇଣ୍ଡିଏନ୍ ଅଏଲ କମ୍ପାନୀ ପକ୍ଷରୁ ଛତିଶଗଡ ରାଜ୍ୟର ସଧେଇପାଲି ଥାନାରେ ବହୁ ପରିମାଣର ଡିଜେଲ ଚୋରି ସମ୍ପର୍କିତ ରିପୋର୍ଟ କରିଥିଲେ ମଧ୍ୟ ପୋଲିସ ଅପରାଧିଙ୍କୁ ଧରିବାରେ ସଫଳ ହୋଇପାରି ନ ଥିଲା। ଏହା ପରେ କମ୍ପାନୀ ପକ୍ଷରୁ ରାଏପୁର କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଏହା ପରେ ପାରାଦ୍ୱୀପରୁ ଯାଇଥିବା ଡିଜେଲ ପାଇପ ଲାଇନରୁ ଡିଜେଲ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ଘଟଣାରେ ସମ୍ପୃକ୍ତ ଛତିଶଗଡ ରାଜ୍ୟର କେତେକ ବ୍ୟକ୍ତି ଓ ଓଡିଶାର କେତେକ ବ୍ୟକ୍ତିଙ୍କୁ ଜେରାବେଳେ ଢାବା ମାଲିକ ଚୋରାରେ ଡିଜେଲ କିଣିଥିବା ଜାଣିପାରିଥିଲେ । ଏହାପରେ ଯୋଜନାବଦ୍ଧ ଭାବେ ଚଢ଼ାଉ କରି ଗିରଫ କରି ନେଇଥିଲେ।

ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ

ଲେଫ୍ରିପଡା, ୮।୧୧ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ସାତଯୋରିଆ ବିଚ୍ଛୁଟୁଙ୍ଗୁରୀଠାରେ ଯାଦବ ଝରିଆ ଗଉଡ ବିକାଶ ସଂଘ ପକ୍ଷରୁ ଗୁରୁବାର ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଭୂମିପୂଜା, ଗିରିଗୋବର୍ଦ୍ଧନ ପୂଜା କରାଯାଇ ପୂର୍ଣାହୂତି କରାଯାଇଥିଲା। ଏଥିରେ ଗିରିଙ୍ଗକେଲା, ସାତଯୋରିଆ, ଲେଫ୍ରିପଡା, ମଶାବିରା, ସରପଗଡ, ଡୁମାବାହାଲ, ମାଲିପଡା, ବିଚ୍ଛୁଆଁବାହାଲ, ଚକ୍ରଧରପୁର ଗ୍ରାମର ଯାଦବ ଝରିଆ ଗଉଡ ସମାଜ ସମେତ ଅଞ୍ଚଳର ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ। ପୂଜାରେ ଅଞ୍ଚଳର ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦାନ କରି ସଂକୀର୍ତ୍ତନ୍ୟ କରିଥିଲେ। ପୂଜକ ଭାବେ ଟେକ୍ଚାନ୍ଦ ଦାଶ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଶ୍ରୀବନ୍ତ ଡିଲା ଏବଂ ତାଙ୍କର ସ୍ତ୍ରୀ ଯଜମାନ ଭାବେ ରହିଥିଲେ। କାର୍ଯ୍ୟକ୍ରମକୁ ଯାଦବ ଝରିଆ ଗଉଡ ବିକାଶ ସଂଘର ଗୌତମ ବାଘ, ଚୈତନ୍ୟ ଭୈଷାଲ, ଲୋକନାଥ ଖର୍ସେଲ, ମଧୁସୂଦନ ଛଛାନ, ନେତ୍ରାନନ୍ଦ କଛରିଆ, ହେମନ୍ତ ଡିଲା, ଜନ୍ମଜୟ ଖିଲେଇ ପ୍ରମୁଖ ସମାଜର କର୍ମକର୍ତ୍ତା ଗଣ ଆୟୋଜନ କରିଥିଲେ।

ସାତଯୋରିଆ ବିଚ୍ଛୁଟୁଙ୍ଗୁରୀରେ ଗିରିଗୋବର୍ଦ୍ଧନ ପୂଜା ଚାଲିଛି।

ମହାମନ୍ତ୍ର ଗାୟତ୍ରୀ ପୁସ୍ତକ ଉନ୍ମୋଚିତ

ବେଦବ୍ୟାସ, ୮।୧୧ (ଡି.ଏନ.ଏ)

ପଶ୍ଚିମ ଓଡିଶାର ପ୍ରସିଦ୍ଧ ଶୈବ ପୀଠ ତଥା ବ୍ୟାସପୀଠ ସ୍ଥିତ ଗୁରୁକୂଳ ବୈଦିକ ଆଶ୍ରମ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ପ୍ରେକ୍ଷାଳୟ ସ୍ଥିତ ବୁଧବାର ୧୧ଟାରେ ମହର୍ଷି ଦୟାନନ୍ଦ ନିର୍ବାଣ ଦିବସ ପାଳିତ ହୋଇଯାଇଛି। ଏହା ସହ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଦ୍ୱାରା ରଚିତ ମହାମନ୍ତ୍ର ଗାୟତ୍ରୀ ପୁସ୍ତକ ଉନ୍ମୋଚିତ ହୋଇଛି। ଏହି ଅବସରରେ ଆଚାର୍ଯ୍ୟ ଡ. ଦେବବ୍ରତଙ୍କ ଅଧ୍ୟକ୍ଷତାରେ ଏକ ବୈଠକର ଆୟୋଜିତ ହୋଇଥିଲା। ପରିବ୍ରାଜକ ସ୍ୱାମୀ ପ୍ରତାବାନନ୍ଦ ସରସ୍ୱତୀ ମହାମନ୍ତ୍ର ଗାୟତ୍ରୀ ପୁସ୍ତକ ଉନ୍ମୋଚିତ କରିବା ସହ ତାଙ୍କ ବକ୍ତବ୍ୟରେ ସକଳ ଜଗତର ପ୍ରେରକ, ଉତ୍ପାଦକ ଏବଂ ପ୍ରକାଶମୟ ହେଉଛନ୍ତି ଗାୟତ୍ରୀ। ତାଙ୍କର ସେହି ବିଜ୍ଞାନମୟ ସ୍ୱରୂପକୁ ଆରାଧନା କରିବା ଅର୍ଥ ମୋକ୍ଷର ମାର୍ଗରେ ପ୍ରେରିତ ହେବା ବୋଲି କହିଥିଲେ। ଏହି ଅବସରରେ ସମ୍ମାନିତ ବକ୍ତଭାବେ ପ୍ରାଧାପକ ଜେକେ ରାଓ, ଗୁରୁକୂଳ ବୈଦିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀନିବାସ ପାଠିଶର୍ମା, ଉତ୍କଳ ସମ୍ମିଳନୀ ରାଉରକେଲା ଶାଖାର ସଭାପତି ତଥା ବରିଷ୍ଠ ଆଇନଜୀବି ସୁଦାମ ଦାଶ, ରାଉରକେଲା ଭାଜପା ମୁଖପାତ୍ର ତଥା ବରିଷ୍ଠ ଆଇନଜୀବି ରମେଶ ଚନ୍ଦ୍ର ବଳ, ପିତବାସ ମିଶ୍ର, ବିରଞ୍ଚି ମିଶ୍ର, ପଣ୍ଡିତ ଦେଶବନ୍ଧୁ ବିଦ୍ୟା ବାଚସ୍ପତି, ଆର୍ଯ୍ୟ ସମାଜର ସଭାପତି ଅକ୍ଷେଶ୍ୱର ଧରୁଆ, ନୃସିଂହଚରଣ ସାମଲ, ରାମଚନ୍ଦ୍ର ସାହୁ, ପଠ ଧନେଶ୍ୱର ବେହେରା, ବିଶିଷ୍ଟ ସମାଜସେବୀ ରମେଶ ଚନ୍ଦ୍ର ଜେନା ପ୍ରମୁଖ ବକ୍ତମାନେ ଯୋଗଦେଇଥିଲେ। ପଣ୍ଡିତ ଧନେଶ୍ୱର ବେହେରା ପ୍ରାରମ୍ଭରେ ଆଲୋଚନାଚକ୍ର ଭିତ୍ତିପ୍ରବନ୍ଧ ପାଠ କରିଥିବା ବେଳେ ଇତିହାସ ବିଭାଗର ଅଧ୍ୟାପକ ଡ, ଉମାକାନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ସଭା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱାମୀ ଜଗଦାନନ୍ଦ ସରସ୍ୱତୀ, ସର୍ବେଶ୍ୱର ଦାସ, ସ୍ୱାମୀ ପ୍ରତାବ ନନ୍ଦ, ସୁବାଷ ସାହୁ ତଥା ଆଶ୍ରମର ସମସ୍ତ ଅନ୍ତେବାସୀଙ୍କ ସହ ଦେଦବ୍ୟାସ ଓ ରାଉରକେଲାର ଶତାଧିକ ବୁଦ୍ଧିଜୀବି ଯୋଗଦେଇଥିଲେ। ଶେଷରେ ବିଦ୍ୟାନ ନକୁଳ ଦେବଶାସ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

ବନ୍ଧବାହାଲ ଜୟତରାମ ଚାମ୍ପିୟନ ଟ୍ରଫି ଫୁଟବଲ ଉଦ୍‌ଯାପିତ

ଝାରସୁଗୁଡ଼ା ଆଦିବାସୀ କ୍ଲବ ଚାମ୍ପିୟନ

ବାଲିଶଙ୍କରା, ୮।୧୧ (ଡି.ଏନ.ଏ)

ବାଲିଶଙ୍କରା ବ୍ଲକ ବନ୍ଧବାହାଲ ପଞ୍ଚାୟତ ବନ୍ଧବାହାଲ ଫୁଟବଲ ଖେଳପଡିଆରେ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଚାଲିଥିବା ବନ୍ଧବାହାଲ ଜୟତରାମ ୟୁଥ କ୍ଲବ ଆନୁକୂଲ୍ୟରେ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଭାରତର ପୂର୍ବତନ ହକି କ୍ୟାପଟେନ ପ୍ରବୋଧ ଟିର୍କୀ ଯୋଗଦେଇ ତାଙ୍କ ଅଭିଭାଷଣରେ କହିଥିଲେ କି. ମୁଁ ମଧ୍ୟ ଦିନେ ଏମିତି ଗାଁ ଗହଳିରେ ହକି ଖେଳି ଖେଳି କଠିନ ପରିଶ୍ରମ କରି ଭାରତର ଅଧିନାୟକ ହୋଇପାରିଥିଲି। ଆପଣମାନେ ମଧ୍ୟ ଭଲ ଖେଳି ଖେଳି ରାଜ୍ୟ ଓ ଦେଶ ପାଇଁ ସୁନାମ ଅର୍ଜନ କରିପାରିବେ। ସମ୍ମାନିତ ଅତିଥି ଭାବେ ଶ୍ୟାମସୁନ୍ଦର ଏଣ୍ଟରପ୍ରାଇଜେସ ମାଲିକ ବିବେକ ପଟେଲ, କିଞ୍ଜିରକେଲା ଥାନା ଅଧିକାରୀ ବିଦେଶୀ ବାଘ, ଗୁରୁଚରଣ ତନ୍ତି, ନିଳାମ୍ବ୍ରୀ ରାଉତ, ଡିଲେଶ୍ୱର ଦାଶ, କୈଳାସ ତନ୍ତି, ସନ୍ତୋଷ କୁମାର କାଲୋ, ପ୍ରଦୀପ କୁମାର ରାମ, ଚକ୍ରାନ୍ତ ବେହେରା, ରାଜେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସର୍ବମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଝାରସୁଗୁଡା ଆଦିବାସୀ କ୍ଲବ ଓ ରାଉରକେଲା ମଧ୍ୟରେ ହୋଇଥିଲା।

ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୧ଗୋଲରେ ଝାରସୁଗୁଡା ଆଦିବାସୀ କ୍ଲବ ଚାମ୍ପିୟନ ରୂପେ ୨୧ ହଜାର ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ମଧ୍ୟ ୧୫ ହଜାର ସହ ଟ୍ରଫି ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କ୍ଷେତ୍ର ପରିଚାଳନା କ୍ଷେତ୍ରମଣି ଦେହେରୀ, ହେମନ୍ତ କୁମାର ଦାସ, କୁମରମଣି ଛତ୍ରିଆ, ସୁଶାନ୍ତ ଶେଖର ଷଣ୍ଢ । ଏହି ଜୟତରାମ ୟୁଥ କ୍ଲବର କମିଟି ରଞ୍ଜନ ପ୍ରସାଦ ସାହୁ, ଦୁଷ୍ମନ୍ତ ରାଉତ, କୁନାଲ କାଲୋ, ଶତିଶ କୁମାର କାଲୋ, ପପୁ ଭୋଇ, ରକି କଳସେର, ଅଲେଖ ତନ୍ତି, ତପନ କାଲୋ, ବୁଲୁ ସାହୁ, ରିଙ୍କୁ ଭିତ୍ତିଆ, ପ୍ରଦୀପ କୁମାର ରାଉତ ପ୍ରମୁଖ ସକ୍ରିୟ ଭାବେ ଟୁର୍ନାମେଣ୍ଟ ପରିଚାଳନା ଦାୟୀତ୍ୱଭାର ତୁଲାଇଥିଲେ। ଚିୟର ଗାର୍ଲଙ୍କ ନାଚ ଗୀତରେ ଦର୍ଶକମାନେ ବିମୋହିତ ହୋଇଥିଲେ ।

ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଗୋଲମାଲ ଥ୍ରୀ ଖଲବନ୍ଧକୁ ହରାଇ ପ୍ରିନ୍ସ ଇଲେଭେନ ଚାମ୍ପିୟନ

ଟେନ୍‌ସା, ୮।୧୧ (ଡି.ଏନ.ଏ)

ଗତ ୩ଦିନ ହେଲା ବଣାଇଁ ଉପଖଣ୍ଡର କୋଇଡା ବ୍ଲକର ଗଣୁଆଠାରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଫାଇନାଲ ଫୁଟବଲ ମ୍ୟାଚକୁ ତହସିଲଦାର ଦୁର୍ଯ୍ୟୋଧନ ଭୋଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେ ଏହି ଅବସରରେ କହିଲେ ଯେ, ଗଣୁଆ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଏଭଳି ଟୁର୍ନାମେଣ୍ଟର ଆୟୋଜନ କରିବା ସ୍ୱାଗତର ବିଷୟ। ସେ ଆୟୋଜକମାନଙ୍କୁ ସାଧୁବାଦ ଜଣାଇବା ସହ ପଡିଆରେ ଗ୍ୟାଲେରି ନିର୍ମାଣ ଓ ପଡିଆ ଉନ୍ନତିକରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମାଲଦା ସରପଞ୍ଚ ଦିବାକର ନାୟକ, ପୂର୍ବତନ ସରପଞ୍ଚ ଭଗିଆ ନାକ, ଆରଏନ ମାଇନ୍ସ ମ୍ୟାନେଜର ଏମଜି ମହାନ୍ତି, ତ୍ରିବେଣୀ ଆର୍ଥମୁଭରର୍ସ ମୁଖ୍ୟ ମୋନି ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ ପ୍ରିନ୍ସ ଇଲେଭେନ ଗଣୁଆ ସୁନ୍ଦରଗଡ ଓ ଗୋଲମାଲ ଥ୍ରୀ ଖଲବନ୍ଧ କେନ୍ଦୁଝର ମଧ୍ୟରେ ଖେଳାଯାଇଥିଲା। ୧–୦ ଗୋଲରେ ପ୍ରିନ୍ସ ଇଲେଭେନ ଗୋଲାମାଲ ଥ୍ରୀ ଖଲବନ୍ଧ କେନ୍ଦୁଝରକୁ ହରାଇ ବିଜୟୀ ହୋଇଥିଲେ। ଏହି ଦଳର ସୁପ୍ରତିଭାବାନ ଖେଳାଳି ବିମଲ କୁମାର ଗୋଟିଏ ଗୋଲ ଦେଇ ଦଳକୁ ବିଜୟପଥ ଆଡକୁ ଅଗ୍ରସର କରାଇଥିଲେ। ପ୍ରକାଶ ଥାଉକି, ବିମଲ କୁମାର ଭାରତୀୟ ଟିମ (୧୯ ବର୍ଷରୁ କମ୍) ଓ ସନ୍ତୋଷ ଟ୍ରଫି ଖେଳି ସାରିଛନ୍ତି । ଫାଇନାଲ ମ୍ୟାଚ ୯ଜଣିଆ ଖେଳାଳିଙ୍କୁ ଖେଳାଯାଇଥିଲା । ଏହି ଟୁର୍ନାମେଣ୍ଟରେ ବିଜୟୀ ଦଳକୁ ୬୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ୪୦ ହଜାର ଟଙ୍କା ଓ ଗୋଲକିପରଙ୍କୁ ସାଇକଲ ପ୍ରଦାନ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା । ସେହିପରି ବାଳିକା ବର୍ଗର ଫୁଟବଲ ମ୍ୟାଚ ୪ଟି ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତ୍ରିବେଣୀ ଏକାଡେମୀ ଗୋୱାଲି କେନ୍ଦୁଝର ଓ ମନୋହରପୁର ଏଫସି ଝାଡଖଣ୍ଡ ମଧ୍ୟରେ ମ୍ୟାଚ ଖେଳାଯାଇଥିବା ବେଳେ ତ୍ରୀବେଣୀ ଏକାଡେମୀ ବିଜୟୀ ଘୋଷିତ ହୋଇଥିଲା।

ଖେଳାଳିଙ୍କ ସହ ଅତିଥିମାନେ।